
ହୀରକ ଜୟନ୍ତୀ

ସ୍ମରଣିକା



Our strength lies in our roots

BHUBAN HIGH SCHOOL
75 years
1948 - 2023
PLATINUM JUBILEE

Bhuban High School Old Students Association

୭୫ ବର୍ଷରେ ଆମ ସ୍କୁଲ







ହୀରକ ଜୟନ୍ତୀ

ସ୍ମରଣାଞ୍ଜଳୀ

ଢେଙ୍କାନାଳର ଐତିହାସିକ ପ୍ରଜାମଣ୍ଡଳ ଆନ୍ଦୋଳନରେ ବ୍ରିଟିଶ ଶାସନର ବାହୁଛାୟା ତଳେ
ଏକଚ୍ଛତ୍ରବାଦୀ ରାଜାନୁଗତ ପୋଲିସ ଫୋର୍ସର ଅମାନୁଷିକ ଗୁଳିକାଣ୍ଡରେ ନିହତ ଦେଶର
ସର୍ବକନିଷ୍ଠ ବାରବର୍ଷର ସଂଗ୍ରାମୀ ବୀର ତଥା ଆମ ମାଟିର ବିସ୍ମୟ ବାଳକ



ଶହୀଦ ବାଜି ରାଉତଙ୍କୁ

ଭୁବନ ହାଇସ୍କୁଲ ପୁରାତନ ଛାତ୍ରସଂଘର ବିନମ୍ର ଶ୍ରଦ୍ଧାଞ୍ଜଳି

ଜନ୍ମ ଦିବସ :
୫ ଅକ୍ଟୋବର ୧୯୨୬


ବଳିଦାନ ଦିବସ :
୧୧ ଅକ୍ଟୋବର ୧୯୩୮

ନୀଳକଣ୍ଠପୁର (ଭୁବନ), ଢେଙ୍କାନାଳ

''ଏଡ଼ିକି ସେ ଅମାନିଆ ପିଲା, ଫଉଜର ଗୁଳିଗୁଳା, ରଜା, ଝଡ଼ କିଛି ନମାନିଲା
ଧୂଳିଖେଳ ଛାଡ଼ି, ଗୁଳି ଆଗେ ଜୀବନକୁ ହସିହସି ଦେଲା ସିନା ବାଢ଼ି।

ପଛୁ କିଏ ଡାକୁଚି ତୁହାଇ
ରହ ରହ ଆରେ ଶିଶୁ ଛିଡ଼ା ହୁଅ ବାରେ ଯାଆ ନାହିଁ...
ଅଛି ଝଡ଼, ଅଛି ରଜା, ଅଛି ପୁଣି ରଜାର ସଇନ
ଗରଜୁଛି କଳାମେଘ ଝଡ଼ରାତି ହେଇନାହିଁ ଦିନ,
ଛୋଟ କିନ୍ତୁ ଏଡ଼େ ସେ ବିରାଟ, ଜୀବନ ପାରିଲା ନାହିଁ ରଖି ତାକୁ
ମୃତ୍ୟୁ ତା'ରେ ଛାଡ଼ିଦେଲା ବାଟ।''

-ଡକ୍ଟର ଶଚ୍ଚିଦାନନ୍ଦ ରାଉତରାୟ



କୃତଜ୍ଞତା

ଭୁବନ ହାଇସ୍କୁଲର ୭୫ତମ ପୂର୍ତ୍ତି ଅବସରରେ ପୁରାତନ ଛାତ୍ରସଂଘ ଆନୁକୂଲ୍ୟରେ ଆୟୋଜିତ ହୀରକ ଜୟନ୍ତୀ (ପ୍ଲାଟିନମ୍ ଜୁବୁଲୀ) ପାଳନ ଉପଲକ୍ଷେ ପ୍ରକାଶ ପାଉଛି **'ସ୍ମରଣିକା'**– ସ୍ମୃତି ଓ ଅନୁଭୂତିର କଥା ଓ ଗାଥା ।

ଭୁବନର ଗୌରବାବହ ଇତିହାସ, ସଂସ୍କୃତି, ସାହିତ୍ୟ, କଳାନୈପୁଣ୍ୟ ଓ ଆଧ୍ୟାତ୍ମିକ ଜାଗରଣକୁ ସ୍ମରଣ କରିବା ଓ ଆଗାମୀ ପିଢିକୁ ସନ୍ଦେଶ ଦେବା ଲକ୍ଷ୍ୟ ନେଇ ଏହି ସମାବେଶର ଆୟୋଜନ ।

ଯେଉଁ ମହାନୁଭବମାନେ ଶୁଭେଚ୍ଛା ବାର୍ତ୍ତା ଦେଇ ଆମକୁ ଉତ୍ସାହିତ କରିଛନ୍ତି, ସେମାନଙ୍କ ନିକଟରେ ଆମେ ଋଣୀ । ସ୍ମରଣିକାକୁ ଲେଖାଦେଇ ସମୃଦ୍ଧ କରିଥିବା ଲେଖକମାନଙ୍କୁ ଆମର ସଶ୍ରଦ୍ଧ ଅଭିନନ୍ଦନ ଓ ଧନ୍ୟବାଦ ।

ବିଶେଷକରି ସମସ୍ତ ବିଜ୍ଞାପନଦାତା, ଅନୁଷ୍ଠାନ ଓ ବ୍ୟକ୍ତିବିଶେଷଙ୍କୁ ମଧ୍ୟ ସେମାନଙ୍କ ସହଯୋଗ ନିମନ୍ତେ ଧନ୍ୟବାଦ ଜଣାଉଛୁ ।

ସ୍ୱଳ୍প ସମୟ ଅବଧି ମଧ୍ୟରେ ପୁରାତନ ଛାତ୍ରସଂଘର ସ୍ମରଣିକା ପ୍ରକାଶନର ଭାର ଆମ ଉପରେ ବିଶ୍ୱାସ ଓ ଭରସାର ସହ ନ୍ୟସ୍ତ କରିଥିବାରୁ ଛାତ୍ରସଂଘର ସଭାପତି ଶ୍ରୀ ଧନେଶ୍ୱର ସାହୁ, ଉପସଭାପତି ଶ୍ରୀ ଦୁର୍ଯ୍ୟୋଧନ ସାହୁ, ସାଧାରଣ ସଂପାଦକ ଶ୍ରୀ ନିଶାକର ସାହୁ ତଥା ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଉଅଛୁ ।

ପ୍ରିଣ୍ଟ୍-ଟେକ୍ ଅଫ୍‌ସେଟ୍ ପ୍ରେସ୍‌ର ସ୍ୱତ୍ୱାଧିକାରୀ ଶ୍ରୀ ବୃନ୍ଦାବନ ବେହେରା ଓ ପ୍ରଚ୍ଛଦପଟ ପ୍ରସ୍ତୁତ କରିଥିବା କ୍ରିଏଟିଭ୍ ଡାଇରେକ୍ଟର ଶ୍ରୀ ସୁଧାଂଶୁ ସାମନ୍ତରାୟ ଏହି ସର୍ଜ୍ଜନଶୀଳ କାର୍ଯ୍ୟରେ ସହଯୋଗ ଦେଇଥିବାରୁ ବହୁତ ବହୁତ ଧନ୍ୟବାଦ ଜଣାଉଛୁ ।

ସ୍ମରଣିକା ପ୍ରକାଶନରେ କୌଣସି ତ୍ରୁଟି ନିମନ୍ତେ କ୍ଷମା ଚାହୁଁଛୁ ।

ଆଜିର ମହାର୍ଘ୍ୟ ମିଳନରେ ଆମର ସ୍ମରଣିକା ସମସ୍ତଙ୍କର ସ୍ମରଣରେ ରହୁ ଏତିକି ଆମର ବିନମ୍ର ନିବେଦନ ।

– ନମସ୍କାରାନ୍ତେ –

ଡକ୍ଟର କୃଷ୍ଣଚନ୍ଦ୍ର ଆଇଚ୍ **ଅଧ୍ୟାପକ ଧନେଶ୍ୱର ସାହୁ**

ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁ

ସମ୍ପାଦନା ମଣ୍ଡଳୀ

ରଘୁବର ଦାସ
ରାଜ୍ୟପାଳ, ଓଡ଼ିଶା
रघुवर दास
राज्यपाल, ओड़िशा
Raghubar Das
Governor, Odisha

सत्यमेव जयते

ରାଜଭବନ
ଭୁବନେଶ୍ୱର - ୭୫୧୦୦୮
राज भवन
भुबनेश्वर - ७५१००८
RAJ BHAVAN
BHUBANESWAR - 751008



ତା. ୨୨.୧୧.୨୦୨୩

ବାର୍ତ୍ତା

ଭୁବନ ଉଚ୍ଚ ବିଦ୍ୟାଳୟ ପୁରାତନ ଛାତ୍ର ସଂଘ, ଢେଙ୍କାନାଳ ପକ୍ଷରୁ ବିଦ୍ୟାଳୟର ପ୍ଲାଟିନମ୍ ଜୟନ୍ତୀ ଅବସରରେ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ଖୁସି ହେଲି।

ଏହି ବିଦ୍ୟାଳୟର ଅନେକ ବିଦ୍ୟାର୍ଥୀ ନିଜର କୃତି ଓ କୀର୍ତ୍ତି ମାଧ୍ୟମରେ ବିଦ୍ୟାଳୟକୁ ଗୌରବାନ୍ୱିତ କରିଛନ୍ତି। ଉତ୍କର୍ଷର ଏହି ପରମ୍ପରା ଆଗକୁ ଆହୁରି ପରିପୁଷ୍ଟ ଓ ପରିବ୍ୟାପ୍ତ ହେବ ବୋଲି ମୋର ଆଶା ଓ ବିଶ୍ୱାସ। ବିଦ୍ୟାଳୟ ପ୍ରତି ପୁରାତନ ବିଦ୍ୟାର୍ଥୀମାନଙ୍କ ଆବେଗ ଓ ଆନ୍ତରିକତା ବେଶ୍ ପ୍ରେରଣାଦାୟୀ। ଏହାର ବାସ୍ତବାୟନ କାମନା କରୁଛି।

ପ୍ଲାଟିନମ୍ ଜୟନ୍ତୀ ଅବସରରେ ବିଦ୍ୟାଳୟ ସହ ସମ୍ପୃକ୍ତ ସମସ୍ତ ପୁରାତନ ବିଦ୍ୟାର୍ଥୀ ତଥା ବ୍ୟକ୍ତିବିଶେଷଙ୍କୁ ଶୁଭେଚ୍ଛା ଜଣାଉଛି।

(ରଘୁବର ଦାସ)

Tel: 91-674-2536111 / 2536222, Fax: 91-674-2536582, E-mail:govodisha@nic.in, Website: www.rajbhavanodisha.gov.in

ନବୀନ ପଟ୍ଟନାୟକ
ମୁଖ୍ୟମନ୍ତ୍ରୀ, ଓଡ଼ିଶା



ଲୋକସେବା ଭବନ
ଭୁବନେଶ୍ୱର



ନଂ. ୬୮୯ / ୨.୧୨.୨୦୨୩

ବାର୍ତ୍ତା

ଢେଙ୍କାନାଳ ଜିଲ୍ଲା ଭୁବନ ଉଚ୍ଚ ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ସମାରୋହ ୨୦୨୩ ଡିସେମ୍ବର ୯ ଓ ୧୦ ତାରିଖରେ ପାଳନ କରାଯାଉଥିବା ଏବଂ ଏହି ଅବସରରେ ବିଦ୍ୟାଳୟର ପୁରାତନ ଛାତ୍ର ସଂଘ ପକ୍ଷରୁ ଏକ ସ୍ମରଣିକା ପ୍ରକାଶ ପାଉଥିବା ଜାଣି ମୁଁ ଆନନ୍ଦିତ।

ଗୁଣାତ୍ମକ ଶିକ୍ଷାର ଭିତ୍ତି ଉପରେ ହିଁ ଏକ ସୁସ୍ଥ, ସଶକ୍ତ ସମାଜ ଗଢ଼ିଉଠେ। ଦୀର୍ଘ ବର୍ଷ ଧରି ଏହି ଉଚ୍ଚ ବିଦ୍ୟାଳୟଟି ଅଞ୍ଚଳ ପାଇଁ ସାଜିଛି ଜ୍ଞାନର ଆଲୋକବର୍ତ୍ତିକା। ଇତି ମଧ୍ୟରେ ଏହି ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ବହୁ ବିଦ୍ୟାର୍ଥୀ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ରାଜ୍ୟର ସୁନାମ ବୃଦ୍ଧି କରିଛନ୍ତି।

ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' କାର୍ଯ୍ୟକ୍ରମ ପୁରାତନ ଛାତ୍ରଛାତ୍ରୀମାନଙ୍କ ପାଇଁ ବିଦ୍ୟାଳୟର ବିକାଶରେ ଯୋଗଦାନ ପାଇଁ ସୁଯୋଗ ସୃଷ୍ଟି କରିଛି। ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲି ଅବସରରେ ପୁରାତନ ବିଦ୍ୟାର୍ଥୀମାନେ ଉତ୍ସାହର ସହ ଯୋଗଦାନ କରୁଥିବା ଖୁସିର କଥା।

ପ୍ଲାଟିନମ୍ ଜୁବୁଲି ଅବସରରେ ବିଦ୍ୟାଳୟର ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ପୁରାତନ ବିଦ୍ୟାର୍ଥୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଇବା ସହ ଉତ୍ସବର ସଫଳତା କାମନା କରୁଛି।

ନବୀନ ପଟ୍ଟନାୟକ

(ନବୀନ ପଟ୍ଟନାୟକ)

ଦୂରଭାଷ: କାର୍ଯ୍ୟାଳୟ: 0674-2531100, 2531500, 2535100 (ଫାକ୍ସ) | ବାସଭବନ: 0674-2591099, 2590299, 2590833 (ଫାକ୍ସ)
e-mail: cmo@nic.in | twitter: twitter.com/CMO_Odisha | Facebook: facebook.com/CMO.Odisha

धर्मेन्द्र प्रधान
ଧର୍ମେନ୍ଦ୍ର ପ୍ରଧାନ
Dharmendra Pradhan

सत्यमेव जयते

मंत्री
शिक्षा; कौशल विकाश
और उद्यमशीलता
भारत सरकार
Minister
Education; Skill Development
& Entrepreneurship
Government of India



ବାର୍ତ୍ତା

ଢେଙ୍କାନାଳ ଜିଲ୍ଲା ଭୁବନ ହାଇସ୍କୁଲ ପ୍ଲାଟିନମ୍ ଜୁବୁଲି ପାଳନ କରିବା ଓ ଏହି ଅବସରରେ ଏକ ସ୍ମରଣିକା ପ୍ରକାଶନ ହେବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଢେଙ୍କାନାଳ ଜିଲ୍ଲାର ପୁରାତନ ହାଇସ୍କୁଲ ମଧ୍ୟରୁ ଅନ୍ୟତମ ଏହି ଶିକ୍ଷାନୁଷ୍ଠାନ ଶିକ୍ଷା ପ୍ରଦାନ କରିବା ଦିଗରେ ଏକ ପ୍ରତିଷ୍ଠିତ ଅନୁଷ୍ଠାନ । ଆଗାମୀ ଦିନରେ ଏହି ସ୍କୁଲର ପରିବେଶ ଛାତ୍ରଛାତ୍ରୀମାନଙ୍କର ବୌଦ୍ଧିକ ବିକାଶ କରିବା ସହିତ ସେମାନଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ କରି ସୁନାଗରିକ ହିସାବରେ ଦେଶ-ମାତୃକା ଲାଗି ସମର୍ପିତ ହେବା ପାଇଁ ନିଶ୍ଚିତ ଭାବରେ ପ୍ରେରଣା ଦେବ, ଏହା ନିଃସନ୍ଦେହ ।

ହାଇସ୍କୁଲର ପ୍ଲାଟିନମ ଜୁବୁଲି ଅବସରରେ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ, କର୍ମଚାରୀ, ପୁରାତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇବା ସହ ସ୍ମରଣିକାର ସର୍ବସଫଳତା କାମନା କରୁଛି ।

(ଧର୍ମେନ୍ଦ୍ର ପ୍ରଧାନ)

MOE - Room No. 3, 'C' Wing, 3rd Floor, Shastri Bhawan, New Delhi-110001, Phone : +91-11-23782387, Fax : +91-11-23382365
MSDE - Room No. 516, 5th Floor, Shram Shakti Bhawan, Rafi Marg, New Delhi-110001, Phone : +91-11-23465810, Fax : 011-23465825
E-mail : minister.sm@gov.in, minister-msde@gov.in

ପ୍ରଫୁଲ୍ଲ କୁମାର ମଲ୍ଲିକ
ମନ୍ତ୍ରୀ
ଇସ୍ପାତ ଓ ଖଣି, ପୂର୍ତ୍ତ
ଓଡ଼ିଶା

ଦୂରଭାଷ
କାର୍ଯ୍ୟାଳୟ : ୦୬୭୪-୨୫୩୬୮୬୦
ପି.ଏ.ବି.ଏକ୍ସ. : ୨୧୭୭
ଆବାସିକ : ୦୬୭୪-୨୫୩୨୨୩୭

ଭୁବନେଶ୍ୱର
ତାରିଖ ୫.୧୨.୨୦୨୩



ବାର୍ତ୍ତା

ଢେଙ୍କାନାଳ ଜିଲ୍ଲା ଭୁବନ ହାଇସ୍କୁଲର ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ବିଦ୍ୟାଳୟ ପ୍ଲାଟିନମ୍ ଜୁବୁଲି ଉତ୍ସବ – ୨୦୨୩ ଚଳିତ ଡିସେମ୍ବର ୯ ଓ ୧୦ ତାରିଖ ଦୁଇଦିନ ଧରି ପାଳିତ ହେବ ଏବଂ ଏହି ଅବସରରେ ଏକ ସ୍ମରଣିକା ଲୋକାର୍ପିତ ହେଉଥିବା ଜାଣି ମୁଁ ଅତ୍ୟନ୍ତ ଆନନ୍ଦିତ ।

ଶିକ୍ଷା ବିକାଶ ଦିଗରେ ବିଦ୍ୟାଳୟର ଭୂମିକା ଗୁରୁତ୍ୱପୂର୍ଣ୍ଣ । ବିଦ୍ୟାଳୟରୁ ଶିକ୍ଷାଲାଭ କରିବା ପରେ ବିଦ୍ୟାର୍ଥୀମାନେ ସମାଜର ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠିତ ହୋଇ ସାମାଜିକ, ସାଂସ୍କୃତିକ ଓ ଅର୍ଥନୈତିକ କ୍ଷେତ୍ରରେ ସାମିଲ ହେଲେ ମଧ୍ୟ ଶିକ୍ଷାୟତନର ସ୍ମୃତି ସେମାନଙ୍କ ନିକଟରେ ଅମୂଲ୍ୟ ସମ୍ପଦ ହୋଇ ରହିଥାଏ । ପ୍ଲାଟିନମ୍ ଜୁବୁଲି ଉତ୍ସବ ପୁରାତନ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ସଂପ୍ରୀତି, ସହଯୋଗ ଓ ସଦ୍‌ଭାବର ବାତାବରଣ ସୃଷ୍ଟି କରିବା ସହିତ ଅତୀତର ସ୍ମୃତିକୁ ଅଧିକ ରୋମନ୍ଥନ କରିବ ବୋଲି ମୋର ଆଶା ଓ ବିଶ୍ୱାସ ।

ମୁଁ ବିଦ୍ୟାଳୟର ସମସ୍ତ ପୁରାତନ ଓ ବର୍ତ୍ତମାନର ବିଦ୍ୟାର୍ଥୀ, ଶିକ୍ଷକ ଶିକ୍ଷୟିତ୍ରୀ, ଅଭିଭାବକ ଓ ବିଦ୍ୟାଳୟର ସମ୍ପୃକ୍ତ କର୍ମକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ ଏବଂ ସ୍ମରଣିକା ପ୍ରକାଶନର ସର୍ବସଫଳତା କାମନା କରୁଛି ।

(ପ୍ରଫୁଲ୍ଲ କୁମାର ମଲ୍ଲିକ)

ସା ବିଦ୍ୟା ଯା ବିମୁକ୍ତୟେ







ଭୁବନ ହାଇସ୍କୁଲର ହୀରକ ଜୟନ୍ତୀ ପାଳନ ଅବସରରେ ସ୍କୁଲର ପ୍ରତିଷ୍ଠାତା

ସ୍ୱର୍ଗତ ଭାଗବତ ମିଶ୍ର

ଓ

ସ୍ୱର୍ଗତ ଶ୍ରୀଧର ରାଉତ

ତଥା ପ୍ରଧାନ ଶିକ୍ଷକ

ସ୍ୱର୍ଗତ ଉମେଶ ଚନ୍ଦ୍ର ମିଶ୍ରଙ୍କ

ଅମାପ ଅବଦାନ ସ୍ମରଣକରି ସମସ୍ତ ଛାତ୍ରଛାତ୍ରୀମାନେ

ସଶ୍ରଦ୍ଧ କୃତଜ୍ଞତା ଓ ସପ୍ରେମ ଶ୍ରଦ୍ଧାଞ୍ଜଳି

ଅର୍ପଣ କରୁଛୁ।

ଭୁବନ ହାଇସ୍କୁଲ ପୁରାତନ ଛାତ୍ର ସଂଘ





ଭୁବନ ହାଇସ୍କୁଲର ପ୍ରତିଷ୍ଠା ବର୍ଷ ୧୯୪୮ ଠାରୁ ୨୦୨୩ (୭୫ ବର୍ଷ) ମଧ୍ୟରେ ଆମର ପ୍ରିୟ ସମ୍ମାନନୀୟ ଦିବଙ୍ଗତ ଶିକ୍ଷକମାନଙ୍କ ଉଦ୍ଦେଶ୍ୟରେ ତଥା ପୁରାତନ ଛାତ୍ରମାନଙ୍କ ସ୍ମରଣରେ ସପ୍ରେମ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛୁ।

ସୂ ଚୀ ପ ତ୍ର

କ୍ର.ନଂ.	ବିଷୟ	ଲେଖକ / ଲେଖିକା	ପୃଷ୍ଠା
୦୧.	ଭୁବନ, ମୁଁ ଓ ମୋ ସ୍କୁଲ	ଶୁଭେନ୍ଦୁ କୁମାର ସାହୁ	୦୩
୦୨.	ମୋ ଗାଁ, ମୋ ଅସ୍ମିତା	ଅଧ୍ୟାପକ ଧନେଶ୍ୱର ସାହୁ	୦୪
୦୩.	ମୋ ଅନୁଭୂତିରେ ଭୁବନ	ଦୁର୍ଯ୍ୟୋଧନ ସାହୁ	୦୯
୦୪.	ଏଇ ଆମ ଭୁବନ	ନବ କିଶୋର ଗୁରୁ	୧୧
୦୫.	ଇତିହାସର ଆଇନାରେ ମୋ ଗାଁ ଭୁବନ	ବିନୋଦ ମହାରଣା	୧୩
୦୬.	ଭୁବନ ଦଶହରାରେ ବଳଦ ଯାତ୍ରାର ନିଆରା ପରମ୍ପରା	ବ୍ରହ୍ମାନନ୍ଦ ସାହୁ	୧୫
୦୭.	ବଳଦ ଯାତ୍ରା ଓ ଦୁର୍ଗା ପୂଜାରେ କାଚରା ପାଟକର ଭୂମିକା	ସୁକାନ୍ତ କୁମାର ବେହେରା	୧୮
୦୮.	ଭୁବନର ପ୍ରସିଦ୍ଧ ଶକ୍ତିପୀଠ ମା' ହିଙ୍ଗୁଳା	ଦେବାନନ୍ଦ ସାହୁ	୨୦
୦୯.	ସ୍ମୃତିର ପ୍ରତିବିମ୍ବ : ଭୁବନ ହାଇସ୍କୁଲ	ରବିନ୍ଦ୍ର କୁମାର ଦାଶ	୨୨
୧୦.	ଏକ ଅଜ୍ଞାତ ଅଧ୍ୟାୟ : ଭୁବନ ଉଚ୍ଚବିଦ୍ୟାଳୟର	ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁ	୨୫
୧୧.	ସ୍ମୃତିର ଗବାକ୍ଷରୁ ମୋ ସ୍କୁଲ	ଅଧ୍ୟାପକ ଡମ୍ବରୁଧର ବେହେରା	୨୮
୧୨.	ଆମ ସମୟର ପଢ଼ା	ଡକ୍ଟର ପ୍ରସନ୍ନ କୁମାର	୩୦
୧୩.	ଚେନାଏ ସ୍ମୃତି, ଆଞ୍ଜୁଳାଏ ଅନୁଭୂତି	ଡ. ରମଣ ଅଗ୍ରୱାଲା	୩୨
୧୪.	ସ୍ମୃତିରୁ କିଛି	ଦୁର୍ଯ୍ୟୋଧନ ମହାଳିକ	୩୪
୧୫.	କିଛି ମଧୁର ସ୍ମୃତି ଓ ଅନୁଭୂତି	ଇଂ ଅକ୍ଷୟ କୁମାର ମିଶ୍ର	୩୬
୧୬.	ମଣିଷ ତିଆରି କାରଖାନା	ଗଣେଶ୍ୱର ଦାସ	୩୮
୧୭.	କିଛି ସ୍ମୃତି କିଛି ଅନୁଭୂତି	ଗଣେଶ୍ୱର ସାହୁ	୪୧
୧୮.	ସୁସ୍ଥ ସୁନ୍ଦର ଭୁବନ	ଡାକ୍ତର ଦୀପକ କୁମାର ସାଥୁଆ ମହାପାତ୍ର	୪୪
୧୯.	ଓଡ଼ିଶାର ନାଟକ ଜଗତକୁ ଭୁବନର ନାଟ୍ୟକାରଙ୍କର ଅବଦାନ	ତୁଷାରକାନ୍ତି ମିଶ୍ର	୪୬
୨୦.	ଭୁବନରେ ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା	ଶ୍ରୀକାନ୍ତ କୁମାର ସାହୁ	୪୮
୨୧.	ଭୁବନର ଅନନ୍ୟ କାଠଶିଳ୍ପୀ	ଡକ୍ଟର ସୁବାଷ ନାୟକ	୪୯

କ୍ର.ନଂ.	ବିଷୟ	ଲେଖକ / ଲେଖିକା	ପୃଷ୍ଠା
୨୨.	ଗଡଜାତର ସୂର୍ଯ୍ୟ	ପ୍ରେମାନନ୍ଦ ପାଣିଗ୍ରାହୀ	୫୧
୨୩.	ସାରଙ୍ଗଧର ଦାସ ଓ ଫ୍ରିଡା ହାଉସ୍‌ରିଥ୍‌ଙ୍କ ସଂଘର୍ଷମୟ କାହାଣୀ	ଇଂ. ରମେଶ ଚନ୍ଦ୍ର ସାହୁ	୫୪
୨୪.	ଭୁବନ ଉଚ୍ଚ ବିଦ୍ୟାଳୟ- ଅନ୍ତରଙ୍ଗ ଅନୁଭୂତିରୁ କେତେ ଖିଅ	ଇଂ. ଶୁଭ୍ରାଂଶୁ ଶେଖର ମିଶ୍ର	୬୧
୨୫.	ମୋ ସ୍ମୃତିରେ ଭୁବନ ଉଚ୍ଚ ବିଦ୍ୟାଳୟ	ଜୟଦେବ ଗୁରୁ	୬୩
୨୬.	ଭୁବନ ହାଇସ୍କୁଲ - ଏକ ଅଭୁଲା ସ୍ମୃତି	ଗନ୍ଧର୍ବ ବେହେରା	୬୫
୨୭.	ସ୍ମୃତି ଆଇନାରେ ମୋ ବିଦ୍ୟାଳୟ	ଖିରୋଦ ଚନ୍ଦ୍ର ନାୟକ	୬୭
୨୮.	ଅଭୁଲା ସ୍ମୃତି	ନିରାକାର ସାହୁ	୬୯
୨୯.	ଅରିକ୍ଷିତକୁ ଦଇବ ସାହା	ସୁରେନ୍ଦ୍ର କୁମାର ପୃଷ୍ଟି	୭୧
୩୦.	ଆଲୁଚପ୍	ପ୍ରମୋଦ ଗୁରୁ	୭୩
୩୧.	ମୋ ସ୍ମୃତିରେ ଭୁବନ ଉଚ୍ଚ ବିଦ୍ୟାଳୟ	କୈଳାଶ ଚନ୍ଦ୍ର ବେହେରା	୭୪
୩୨.	ହୀରକ ଜୟନ୍ତୀରେ ମୋ ଅନୁଭୂତିରୁ କିଛି...	ତୁଳସୀ ରାଣୀ ବେହେରା	୭୫
୩୩.	ଅନୁଭବର ଅନୁଭୂତି	ଶୈଳେଶ ନନ୍ଦିନୀ ମିଶ୍ର	୭୬
୩୪.	ପ୍ରଲମ୍ବିତ ପଥ... କେତେ କଥା କେତେ ବ୍ୟଥା	ଡ଼କ୍ଟର କୃଷ୍ଣଚନ୍ଦ୍ର ଆଇଚ୍	୭୭
୩୫.	ଓଡ଼ିଶାର ପ୍ରଥମ ଜଣେ ଢେଙ୍କାନାଳିଆ	ସଂଗୃହୀତ	୮୦

ENGLISH SECTION

୩୬.	President Speaks	Dhaneswar Sahoo	୮୧
୩୭.	Bhuban Dussehra: An Alluring Tint of Indian Culture and Tradition	Dr. Manas Nayak	୮୨
୩୮.	The Indelible Imprints of my High School Days	Er. Dambaru Dhar Patra	୮୩
୩୯.	From My Memory Lane	Er. Kamal Lochan Sahoo	୮୭
୪୦.	My Alma Mater and its Achievements	Dr. Purushottam Sen	୮୯
୪୧.	A Few Words on Bira Sir From Memory	Kailash Chandra Sahoo	୯୧
୪୨.	Ode to my Alma Mater	Dr. Benudhar Sahoo	୯୩
୪୩.	Memories Towards Excellence	Dr. Ashok Kumar Sahoo	୯୪
୪୪.	Pens Down, Hearts Up	Sudeep Sudarshan Rana	୯୬
୪୫.	ଶେଷ କଥା	ନିଶାକର ସାହୁ	୯୮

ଭୁବନ, ମୁଁ ଓ ମୋ ସ୍କୁଲ

ଶୁଭେନ୍ଦୁ କୁମାର ସାହୁ

"ଭୁବନ"! ଓଡ଼ିଆ ଅଭିଧାନ ଅନୁଯାୟୀ ଭୁବନର ଅର୍ଥ ବିଶ୍ୱବ୍ରହ୍ମାଣ୍ଡ। ସୁତରାଂ, ମୁଁ କେବଳ ଗୋଟିଏ କଥା କହିବି, ମୋ ଭୁବନ, ଆମ ଭୁବନ, ଆମ ସମସ୍ତଙ୍କ ଭୁବନ, ଆମ ପାଇଁ ଆମ ବିଶ୍ୱବ୍ରହ୍ମାଣ୍ଡ। ବିଶେଷଜ୍ଞମାନଙ୍କ ମତରେ ସର୍ବପ୍ରଥମେ ବିଭିନ୍ନ ନଦୀ କୂଳରେ ଆମ ପୁରାତନ ସଭ୍ୟତା ଓ ଜନବସତି ଗଢ଼ି ଉଠିଥିଲା। ସେମାନଙ୍କ ମତକୁ ଆମେ ଯଦି ସ୍ୱୀକାର କରିବା ଏବଂ ଭୁବନର ଜନବସତିକୁ ଅନୁଧ୍ୟାନ କରିବା, ତାହେଲେ ଆମେ ସ୍ପଷ୍ଟ ଅନୁମାନ କରିପାରିବା ଯେ, ଓଡ଼ିଶାର କେତୋଟି ପ୍ରମୁଖ ନଦୀମାନଙ୍କ ମଧ୍ୟରୁ ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ଆମ ଭୁବନ ଏବେର ଭୁବନ ନୁହେଁ, କେଉଁ ଏକ ଆବାହମାନ କାଳରୁ ବିଦ୍ୟମାନ। ଭାରତବର୍ଷର ସର୍ବପୁରାତନ ଜନବସତିମାନଙ୍କ ମଧ୍ୟରୁ ଆମ ଭୁବନ ବି ଗୋଟିଏ ହେଇଥିବ ବୋଲି, ଆମେ ଦୃଢ଼ତାର ସହ କହିପାରିବା ଏବଂ ଏଥିପାଇଁ ଆମେ ଗର୍ବ ଅନୁଭବ କରିବା ଯେ, ମାନବ ସଭ୍ୟତାର କ୍ରମବିକାଶରେ ଭୁବନର ଭୂମିକା ମଧ୍ୟ ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ଆମେ ସ୍ୱୀକାର କରୁଛୁ, ଆମ ଓଡ଼ିଶାର କଟକ ଏକ ଭାଇଚାରାର ସହର, ଯଦିଓ ସେଠି ଏବେବି ଗ୍ରାମୀଣ ପରମ୍ପରା, ସଂସ୍କାର, ସଂସ୍କୃତି ଓ ଜୀବନଯାପନ ଶୈଳୀ ପରିଲକ୍ଷିତ ହୁଏ, ଠିକ୍ ସେଇଭଳି ଏ କଥା ବି ଅକାଟ୍ୟ ସତ୍ୟ, ଭୁବନ ସାରା ଭାରତରେ ଏକ ଭାଇଚାରା ପରିପୂର୍ଣ ସର୍ବ ବୃହତ ଗାଁ, ଯଦିଓ ଏହା ସହରୀକରଣ ହୋଇସାରିଛି ତଥାପି ରହିଛି ଏଠି ସେଇ ପୁରୁଣା ଗ୍ରାମୀଣ ପରମ୍ପରା, ସଂସ୍କାର, ସଂସ୍କୃତି ଓ ଜୀବନଚର୍ଯ୍ୟା। ଆମେ ଭୁବନକୁ ସହର ଅପେକ୍ଷା ଗାଁ କହିବାରେ ଅଧିକ ଆନନ୍ଦ ପାଉ ଏବଂ ଏହା ପରମ୍ପରା ଅନୁଯାୟୀ ସବୁଦିନେ ଗାଁ ହୋଇଥାଉ। ଯେଉଁଠି ଥିବ ଗୁରୁଜନ ତଥା ମୁରବୀମାନଙ୍କ ପାଇଁ ଭକ୍ତି ଓ ସମ୍ମାନ, ସାନମାନଙ୍କ ପାଇଁ ସ୍ନେହ ଓ ଶ୍ରଦ୍ଧା, ସାଇପଡ଼ିଶା ସଭାବନା, ବିଭିନ୍ନ ଜାତି, ବର୍ଣ୍ଣ, ଧର୍ମର ବ୍ୟକ୍ତି ବିଶେଷଙ୍କ ମଧ୍ୟରେ ଭାଇଚାରା ବର୍ଷ ବର୍ଷ ନୁହେଁ, ବରଂ ଯୁଗ ଯୁଗ ପାଇଁ ବଳବତର ରହୁ। ଆମ ଭୁବନର ଐତିହାସିକ ପୃଷ୍ଠଭୂମି ମଧ୍ୟ ଖୁବ୍ ସୁଦୃଢ଼। ଆମ ବୁଦ୍ଧେଶ୍ୱର ମନ୍ଦିର, ଆମ ଜଗନ୍ନାଥ ମନ୍ଦିର ତଥା ମା ହିଙ୍ଗୁଳା ମନ୍ଦିର ଆମ ଧର୍ମୀୟ ଭାବନା ଓ ଧର୍ମୀୟ ସଂସ୍କୃତିର ଗାଥା ଗାଏ। ଆମ ଭୁବନ ମାଟିର ସନ୍ତାନ ତଥା ଭାରତ ବର୍ଷର ସର୍ବ କନିଷ୍ଠ ସ୍ୱାଧୀନତା ସଂଗ୍ରାମୀ **ବୀର ଶହୀଦ୍ ବାଜିରାଉତ** ଆମ ଜନ୍ମମାଟିର ମହାନତାକୁ ଦେଶ ବିଦେଶରେ ପ୍ରତିପାଦିତ କଲେ। ଆମ ମାଟିର ସନ୍ତାନ ବୀର ବାଜିରାଉତଙ୍କ ନାମ ଶୁଣିଲେ ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀ, ତଥା ରାଷ୍ଟ୍ରପତିଙ୍କ ମଥା ନଇଁ ଯାଏ ସମ୍ମାନ ଓ ଭକ୍ତି ଭାବନାରେ।

ଆମ ବଳଦ ଯାତ୍ରା ସାରା ବିଶ୍ୱରେ ବିରଳ। ଆମ କାରୁକାର୍ଯ୍ୟଭରା କଂସାବାସନର ରହିଛି ସାରା ଦୁନିଆରେ ଏକ ନିଆରା ଆଦର। ମୁଁ ଜନ୍ମହେଲି ସେଇ ମାଟିରେ। ଜଣେ ସୈନିକଙ୍କ ପରିବାରରେ। ଭଗବାନଙ୍କୁ ନିଇତି ପ୍ରାର୍ଥନା କରୁଛି ଏହି ଦୁର୍ଲ୍ଲଭ ମାଟିରେ ସିଏ ମୋତେ ଜନ୍ମ ଦିଅନ୍ତୁ ଜନ୍ମ ଜନ୍ମାନ୍ତର। ଭୁବନ ମାଟିରେ ଜନ୍ମ ହେଲି। ଭୁବନ ଗାଁ ଦାଣ୍ଡରେ ଧୂଳିଧୂସର ହୋଇ ବଢ଼ି ଚାଲିଲି। ଏଇଠି ପଢ଼ିଲି, ଏଇଠି ପୁଣି ସଂଘର୍ଷ କରି ନିଜକୁ ଠିଆ କରାଇଲି। ଏଇ ମାଟି, ପାଣି ଆଉ ପବନ ହେଉଛି ମୋର ହୃଦସ୍ପନ୍ଦନ। ଆଜି ମୁଁ ସଳଖି ଠିଆ ହୋଇପାରିଛି, ଠିଆ ହେବାକୁ ମୋତେ ଯିଏ ସାହାରା ଯୋଗାଇଦେଲା ସିଏ ହିଁ ତ ମୋର ଏଇ ସ୍କୁଲ। ମୋ' ସ୍କୁଲର ଶିକ୍ଷକମାନେ। ମୋ ସ୍କୁଲର ସହପାଠୀମାନେ। ସେହିମାନଙ୍କ ପାଇଁ ତ ମୁଁ, ମୋର ଅବସ୍ଥିତି ଆଉ ପରିଚୟ। ସେମାନଙ୍କ ବିନା ମୁଁ କିଛି ନୁହେଁ। ସେମାନଙ୍କ ବିନା ମୋ ଜୀବନ ଜୀବନ ନୁହେଁ। ସେଇ ସ୍କୁଲ ପ୍ରତିଷ୍ଠା ହେଲା ୧୯୪୮ମସିହାରେ।

ମୋର ସେଇ ସ୍କୁଲ ପ୍ରତିଷ୍ଠା ପାଇଁ ଭୁବନ ଓ ଭୁବନ ବାହାରର ଯେଉଁ ବରପୁତ୍ରମାନେ ନିଜର ଅର୍ଥ, ଶ୍ରମ ଓ ସମୟ ଦାନ କଲେ, ସେମାନଙ୍କ ପାଖରେ ଆଜି ମୋ ମଥା ଆପେ ଆପେ ନଇଁ ଯାଉଛି ଭକ୍ତି ଭାବନାରେ। ଆଜି ଆମେ ଆମ ସ୍କୁଲର ପ୍ଲାଟିନମ୍ ଜୁବୁଲି ଉତ୍ସବ ପାଳନ କରୁଛେ। ଆମେ ଯେଉଁମାନେ ଏଇ ସ୍କୁଲରୁ ପାଠ ପଢ଼ି ଆଗକୁ ବଢ଼ିଛେ ସମସ୍ତଙ୍କ ମନରେ ଭରି ରହିଛି ଅଜସ୍ର ଆନନ୍ଦ ଓ ଉଲ୍ଲାସ। ଏଇ ସ୍କୁଲ ହେଉଛି ଏମିତି ଏକ ମଣିଷ ତିଆରି କାରଖାନା, ଯେଉଁ କାରଖାନାରୁ ତିଆରି ହୋଇଥିବା ଅନେକ ମଣିଷ ଦେଶ, ବିଦେଶରେ ବିଭିନ୍ନ କ୍ଷେତ୍ରରେ ଅର୍ଜନ କରିପାରିଛନ୍ତି ନିଜର ଗୋଟିଏ ଗୋଟିଏ ସ୍ୱତନ୍ତ୍ର ପରିଚୟ। ଆହୁରି ଅନେକ ନିଜ ଜନ୍ମମାଟିରେ ରହି ସାଜିଛନ୍ତି ଜନ୍ମମାଟିର ସେବକ। ଆଜି ଆମେ ପ୍ରାୟ ସମସ୍ତେ ଏକାଠି ହୋଇଛେ। ଆଜିର ଏ ମହାର୍ଘ ଦିନରେ ଆସନ୍ତୁ ସମସ୍ତେ ଏକାଠି ହେବା, ସଂକଳ୍ପ କରିବା, ଆମ ସ୍କୁଲ ଏବଂ ଆମ ମାଟି ମାଆ ଭୁବନକୁ ଆଉ ପାଦେ ଆଗକୁ ଆଗେଇ ନେବାରେ ନିଜର ସହଯୋଗ ସମର୍ପି ଦେବା। ❁

ଅଧକ୍ଷ
ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ,
ଭୁବନ, ଫୋନ୍:୯୪୩୭୩୭୮୨୮୯
ବ୍ୟାଚ୍-୧୯୯୧

ମୋ ଗାଁ, ମୋ ଅସ୍ମିତା

ଅଧ୍ୟାପକ ଧନେଶ୍ୱର ସାହୁ

କେଡେ ବିଶାଳ ଆମ ପୃଥିବୀ। ତା' ଭିତରେ ଆମ ଦେଶ ଭାରତବର୍ଷ। ଭାରତ ଭିତରେ ଓଡ଼ିଶା। ଓଡ଼ିଶାର ଏକ ବୃହତ୍ତମ ଗ୍ରାମ ହେଉଛି ଭୁବନ। ଭୁବନ ଏକଦା ଭାରତର ସବୁଠାରୁ ବଡ଼ ଗାଁ ଭାବେ ଓଡ଼ିଶାରେ ପରିଚିତ ଥିଲା। ଭୁବନ ଗ୍ରାମଟି ଦୁଇଟି ପଞ୍ଚାୟତ ଥିଲା। ପରେ ୧୯୭୧ରେ ହୋଇଥିବା ଜନଗଣନା ଅନୁଯାୟୀ ଭୁବନର ଲୋକସଂଖ୍ୟା ଦଶହଜାରରୁ ଅଧିକ ଜଣାପଡିବାରୁ ବିଜ୍ଞାପିତ ଅଞ୍ଚଳ ବା ଏନ୍‌ଏସି ଭାବେ ସରକାରଙ୍କ ଦ୍ୱାରା ଏହା ଘୋଷିତ ହେଲା। ତେବେ ଗ୍ରାମୀଣ ଜୀବନ କହିଲେ ଯେଉଁ ଚିତ୍ରଟି ମନ ଭିତରକୁ ଆସେ ତାହାର ପ୍ରାୟ ସମସ୍ତ ଲକ୍ଷଣ ଆମ ଗ୍ରାମରେ ରହିଥିଲା। ଏନଏସି ହେବା ଏହା ଭିତରେ ଅର୍ଦ୍ଧ ଶତାବ୍ଦୀ ବିତିଯାଇଛି। ଏହି ପଚାଶ ବର୍ଷ ଭିତରେ ଆମ ଗ୍ରାମରେ ଅନେକ ପରିବର୍ତ୍ତନ ହୋଇଛି। ପରିବର୍ତ୍ତନ ତ ଏକ ସ୍ୱାଭାବିକ ପ୍ରକ୍ରିୟା ଓ ସେହି ଧାରାରେ ଭୁବନ ଗାଁ ଏକ କ୍ଷୁଦ୍ର ସହରରେ ରୂପାନ୍ତରିତ ହୋଇଯାଇଛି। ତେବେ ମୋ' ପରି ଯେଉଁମାନେ ଦେଶ ସ୍ୱାଧୀନ ହେବାର ସାମାନ୍ୟ ପରେ ଜନ୍ମ ହୋଇଛନ୍ତି ଓ ଭୁବନର ଚିତ୍ର ସେତେବେଳେ ଦେଖିଛନ୍ତି ସେମାନେ ଆଜିର ବିକାଶ, ପରିବର୍ତ୍ତନ ଓ ସ୍ଥିତି ଦେଖି କିଛି ସନ୍ତୋଷ ଲାଭ କରୁଥିବେ। ତେବେ ଗାଁ କେବଳ ଏକ ଭୌଗୋଳିକ ସ୍ଥାନର ସାମାନ୍ୟ ସୂଚନା ଦିଏ ନାହିଁ, ଏହା ସହ ସଂଯୁକ୍ତ ହୋଇରହିଛି କେତେ ସ୍ମୃତି, ଅନୁଭୂତି, ଆବେଗ ଓ ସ୍ୱପ୍ନ। ଜୀବନରେ ଯେତେ ଆଗକୁ ଗଲେ ବି ଓ ପରିବର୍ତ୍ତିତ ପରିସ୍ଥିତିରେ ଯେଉଁଠି ରହିଲେ ବି ଗ୍ରାମର ସ୍ମୃତିକୁ ମନ ଭିତରୁ ଦୂରେଇ ଦେବା ସମ୍ଭବ ନୁହେଁ। ଅବଶ୍ୟ ବୟସ ବୃଦ୍ଧି ସହ ମାନସିକ ଦୁର୍ବଳତା ବା ଦୌର୍ବଲ୍ୟ କାରଣରୁ କେତେ ସ୍ମୃତି ପାଶୋର ହୋଇଗଲାଣି। ତଥାପି ଗ୍ରାମ ସହିତ ଯେଉଁ ଆବେଗ ରହିଛି ଓ ଯେଉଁ ସ୍ମୃତିଗୁଡ଼ିକ ମନରେ ଅମଳିନ ରହିଛି ସେଥିରୁ କିଛି ଉଲ୍ଲେଖ କରିବା ପାଇଁ ଏହି ଆଲେଖ୍ୟଟିରେ ଲକ୍ଷ୍ୟ ରଖିଛି। ଏକ ସମୟରେ ଭୁବନ ସହିତ ନିଜର ପରିଚୟଟି ନିବିଡ ରହିଥିଲା ଓ ତାହା ଥିଲା ଏକ ବଡ ଅସ୍ମିତାର ପ୍ରତୀକ। ସେହି ଅସ୍ମିତା ଏବେ ବି ରହିଛି, ଯଦିବା ବୟସ ବୃଦ୍ଧି ସହ ନିଜ ସହିତ ଆଉ କିଛି ଅସ୍ମିତା ସଂଯୁକ୍ତ ହୋଇଯାଇଛି।

ଦେଶର ସ୍ୱାଧୀନତା ପୂର୍ବରୁ ଭୁବନ ଗାଁ ଓଡ଼ିଶାରେ ଅନ୍ତତଃ ଚାରିଟି କାରଣରୁ ପରିଚିତ ହୋଇ ରହିଥିଲା। ଏହା ଥିଲା ଓଡ଼ିଶାର ସବୁଠାରୁ ବଡ଼ ଗାଁ ଓ ଏହା ଥିଲା ଏହାର ବଡ଼ ପରିଚୟ। ଦ୍ୱିତୀୟରେ ଭୁବନର କଂସାବାସନ ଶିଳ୍ପ ଓଡ଼ିଶାର ବହୁ ସ୍ଥାନରେ ପରିଚିତ ଥିଲା ଓ ଭୁବନ ଗ୍ରାମର ବ୍ୟବସାୟୀମାନେ ଏହି କଂସାବାସନ ନେଇ ସାରା ଓଡ଼ିଶାରେ ବିକ୍ରି କରୁଥିବାର ଭୁବନ ନାମଟି ଓଡ଼ିଶାରେ ବେଶ୍ ଜଣାଶୁଣା ଥିଲା। ତେବେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା ଦେଶର ଗଡଜାତ ଆନ୍ଦୋଳନରେ ଭୁବନ ସ୍ୱତନ୍ତ୍ର ସ୍ଥାନ ନେଇଥିଲା। ବାଜି ରାଉତ ଓ ଅନ୍ୟ ଯେଉଁମାନେ ସହିଦ୍ ହୋଇଥିଲେ ତାହା ସେହି ସମୟରେ ସାରା ଓଡ଼ିଶା ପାଇଁ ବଡ଼ ସମ୍ବାଦ ଥିଲା। ସହିଦ୍ ହୋଇଥିବା ଏହି କିଶୋର ଭୁବନର ବୋଲି ସମସ୍ତେ ଜାଣିଥିଲେ। ତେବେ ଚତୁର୍ଥ କାରଣଟି ଏକ ନକାରାତ୍ମକ ଘଟଣାକୁ ନେଇ ଓଡ଼ିଶାରେ ଭୁବନ ପରିଚିତ ଥିଲା। ଭୁବନରେ ସବୁ ଘର ଚାଳଘର ଥିଲା ଓ ଅଧିକାଂଶ ବର୍ଷ ଘରପୋଡି ହେଉଥିଲା। ଘରପୋଡି କେତେ ବଡ଼ ବିପଦ ଏହା ସମସ୍ତଙ୍କର ଅନୁମାନର ବିଷୟ ଥିଲା। ଏହିସବୁ କାରଣରୁ ଭୁବନ ସାରା ଓଡ଼ିଶାରେ ଏକ ଜଣାଶୁଣା ଗାଁ ଭାବେ ପରିଚିତ ଥିଲା।

ଚଳିତ ବର୍ଷ ଭୁବନ ହାଇସ୍କୁଲ ପଞ୍ଚସ୍ତରୀତମ ବର୍ଷରେ ପ୍ଲାଟିନମ ଜୁବୁଲି ବା ହୀରକ ଜୟନ୍ତୀ ପାଳନ କରୁଥିବା ଆମ ସମସ୍ତଙ୍କ ପାଇଁ ଆନନ୍ଦର ବିଷୟ। ମୁଁ ମଧ୍ୟ ଏବେ ପଞ୍ଚସ୍ତରୀ ବର୍ଷରେ ଜୀବନ ନିର୍ବାହ କରୁଛି। ଆମ ପିଲାବେଳେ ବିଜୁଳି ଆଲୋକ ଆମେ ଦେଖି ନ ଥିଲୁ। ଯେତେ ଦୂର ମନେ ପଡୁଛି ମୁଁ ସପ୍ତମ ଶ୍ରେଣୀରେ ପଢୁଥିବା ବେଳେ ଆମ ଗାଁକୁ ପ୍ରଥମେ ଇଲେକ୍ଟ୍ରିକ ଲାଇଟ ଆସିଲା। ତେବେ ସେତେବେଳେ ଥାନା, ବ୍ଲକ, ଡାକ୍ତରଖାନା ଇତ୍ୟାଦି ସରକାରୀ ଅନୁଷ୍ଠାନରେ ଆଲୋକର ବ୍ୟବସ୍ଥା ହେଲା। ଗାଁ ଭିତରକୁ ବିଜୁଳି ଆଲୋକ ଯିବା ପାଇଁ ବହୁ ବର୍ଷ ଲାଗିଲା। ଆମ ସାହିକୁ ମୁଁ ଏମ.ଏ ପଢୁଥିବାବେଳେ ବିଜୁଳି ତାର ଗଲା। ମୁଁ ଏମ.ଏ. ପଢ଼ିବା ପର୍ଯ୍ୟନ୍ତ ଘରେ ରାତିରେ ଲଣ୍ଠନ ଲଗାଇ ପଢୁଥିଲି। ସେହିପରି ଆମ ଗାଁରୁ ଆଖପାଖ କୌଣସି ସ୍ଥାନକୁ ବସ୍ ସେବା ନଥିଲା। ସବୁ ସ୍ଥାନକୁ ଲୋକମାନେ ଚାଲିକରି, ଶଗଡ ଗାଡିରେ ବା ନଦୀରେ ଡଙ୍ଗାରେ ଯାଉଥିଲେ। ମୁଁ ଯେତେବେଳେ ତୃତୀୟ ଶ୍ରେଣୀରେ

କାମାଖ୍ୟାନଗରରେ ବୃତ୍ତି ପରୀକ୍ଷା ଦେବାକୁ ମୋ ହେଡ଼ମାଷ୍ଟର ଯୁଧିଷ୍ଠିର ମିଶ୍ରଙ୍କ ସହିତ ଯାଇଥିଲି, ଆମେ ଶଗଡ ଗାଡିରେ ବସି ଯାଇଥିଲୁ ଓ ପରୀକ୍ଷା ଦେଇ ମୁଁ ତାଙ୍କ ସହ ଚାଲି ଚାଲି କାମାଖ୍ୟାନଗରରୁ ଭୁବନ ଫେରିଥିଲି। ଏହା ଥିଲା ୧୯୫୯ ମସିହାର ଘଟଣା। ସେହିପରି ପଚାଶ ବର୍ଷ ତଳେ ଭୁବନରେ କାହା ଘରେ ଶୌଚାଳୟ ନଥିଲା। ନିଜର ନିତ୍ୟକର୍ମ କରିବାକୁ ସବୁ ଲୋକ ପୋଖରୀ, ପଡ଼ିଆ, ବିଲବାଡ଼ିକୁ ଯାଉଥିଲେ। ଏହି ସବୁ ଘଟଣାରୁ ଗ୍ରାମର ଜୀବନ କିପରି ଥିଲା ତାହା ସହଜରେ ଅନୁମେୟ। କେବଳ ଭୁବନ ନୁହେଁ ସାରା ଓଡ଼ିଶାରେ ଗ୍ରାମୀଣ ଜୀବନ ଚାରି ପାଞ୍ଚ ଦଶନ୍ଧି ତଳେ ଏହି ସ୍ଥିତିରେ ରହିଥିଲା।

ସମଗ୍ର ଦେଶରେ ଗ୍ରାମୀଣ ଜୀବନଧାରାର ଅର୍ଥନୀତି ମୁଖ୍ୟତଃ କୃଷିଭିତ୍ତିକ ଥିଲା। ଭୁବନ ବି ଏହାର ବ୍ୟତିକ୍ରମ ନଥିଲା। ତେବେ ଏହା ଏକ ବଡ଼ ଗାଁ ହୋଇଥିବାରୁ ଓ ବିଭିନ୍ନ ଜାତିର ଲୋକ ଏଠାରେ ରହୁଥିବାରୁ କୃଷି ଓ କୌଳିକ ବୃତ୍ତି ଲୋକଙ୍କ ଜୀବନ ଧାରଣର ମୁଖ୍ୟ ଆଧାର ଥିଲା। ଯେତେ ଦୂର ମନେପଡୁଛି ମୁଁ ପଞ୍ଚମ / ଷଷ୍ଠ ଶ୍ରେଣୀରେ ପଢୁଥିବା ବେଳେ ସେ ବର୍ଷ ବର୍ଷା ଭଲ ହେଲା ନାହିଁ। ସେ ବର୍ଷ ମରୁଡି ଜନିତ କାରଣରୁ ଏକ ଦୁର୍ଭିକ୍ଷ ଭଳି ପରିସ୍ଥିତି ସୃଷ୍ଟି ହେଲା। ସେ ସମୟରେ ଗ୍ରାମୀଣ ଜୀବନରେ ଯେଉଁ ଦାରିଦ୍ର୍ୟ ରହିଥିଲା ଓ କିଛି ଲୋକ ଅନାହାର ଅର୍ଦ୍ଧାହାର ମଧ୍ୟରେ ରହୁଥିଲେ ତାହା ଆଜିର ସମୟରେ କଳ୍ପନାତୀତ। ଯେଉଁ ବର୍ଷ ଚାଷ ବିଗିଡି ଯାଉଥିଲା ଓ ଉତ୍ପାଦନ ହେଉନଥିଲା ଲୋକଙ୍କର ଦୁଃଖଦୁର୍ଦ୍ଦଶା ବହୁଗୁଣିତ ହୋଇଯାଉଥିଲା। ମରୁଡି ଯୋଗୁ ୧୯୬୧ / ୬୨ ବେଳକୁ ଭୁବନକୁ ପ୍ରଥମେ ଅଟା ଆସିଲା ଓ ସରକାର କଣ୍ଟ୍ରୋଲ ଦୋକାନ କିଛି ଖୋଲିଲେ। ଏବେ ବି ସ୍ମୃତି ଭିତରେ ରହିଛି ଯେ ଅଟାରୁ ରୁଟି, ପରଟା, ପୁରି ଇତ୍ୟାଦି ତିଆରି କିପରି ହୁଏ ଲୋକ ଜାଣିନଥିଲେ ଓ ଅଟା ଏକ ନିମ୍ନମାନର ଖାଦ୍ୟ ବୋଲି ମାନସିକତା ରହିଥିଲା। ପ୍ରଥମେ ପ୍ରଥମେ ଅଟାରେ ଗୁଡ ବା ଚିନି ମିଶାଇ ଚକୁଳିକରି ଖାଇବା ସେତେବେଳର ପରିସ୍ଥିତି ଥିଲା। ସେହି ସମୟରେ ଗ୍ରାମରେ ବିଭିନ୍ନ ଦଳିତ ବସ୍ତିରେ ରହୁଥିବା ଲୋକମାନେ ଅତ୍ୟନ୍ତ ଦାରିଦ୍ର୍ୟ ଅବସ୍ଥାରେ ଥିଲେ ଓ ନିରକ୍ଷରତା ବ୍ୟାପକ ଭାବେ ସମାଜରେ ବ୍ୟାପ୍ତ ରହିଥିଲା। ଆମ ପିଲାବେଳେ ଗ୍ରାମୀଣ ଜୀବନଧାରାରେ ଜାତିପ୍ରଥା ଉତ୍କଟ ହୋଇ ରହିଥିଲା ଓ ଅସ୍ପୃଶ୍ୟତା ସମାଜରେ ସାଧାରଣ ଘଟଣା ଥିଲା। ଗ୍ରାମୀଣ ଜୀବନରେ ପାରସ୍ପରିକ ନିର୍ଭରଶୀଳତା ଅବଶ୍ୟ ରହିଥିଲା। ଅଧିକାଂଶ ଲୋକ କୃଷକ ଭାବେ, କୃଷି ଶ୍ରମିକ ଭାବେ ବା ଜମିର ମାଲିକ ଭାବେ ଉପାର୍ଜନ କରୁଥିଲେ। ହଳ, ଲଙ୍ଗଳ, ଶଗଡ ଇତ୍ୟାଦି ପାଇଁ କାଠମିସ୍ତ୍ରୀ ବା ବଢେଇମାନଙ୍କ ଉପରେ ଲୋକମାନେ ନିର୍ଭର କରୁଥିଲେ ଓ ଲୁହାର ଜିନିଷ ପାଇଁ ଲୌହକାର ବା କମାରମାନେ ଲୋକଙ୍କର ଆବଶ୍ୟକତା ପୂରଣ କରୁଥିଲେ। ବୁଣାକାରମାନେ ଲୋକମାନଙ୍କୁ ଲୁଗାପଟା ଯୋଗାଉଥିଲେ। ପରସ୍ପର ଉପରେ ନିର୍ଭରଶୀଳ ରହି କୌଳିକ ବୃତ୍ତି ଭିତରେ ଲୋକମାନେ ଜୀବନ ଧାରଣ କରୁଥିଲେ। ଏହା ସହିତ ଗ୍ରାମୀଣ ଜୀବନ ଜାତିଭିତ୍ତିକ ଥିଲା। ପରିବାରର ବିବାହ, ମୃତ୍ୟୁ ଇତ୍ୟାଦି ଭୋଜିଭାତ କେବଳ ନିଜ ଜାତିର ଲୋକମାନଙ୍କ ଭିତରେ ସୀମିତ ରହିଥିଲା। ଜାତିରେ ଥିବା ଧନୀ ଲୋକମାନେ ପ୍ରଭାବଶାଳୀ ଥିଲେ। "ଧନୀ"ମାନେ ସେମାନେ ତୁଳନାତ୍ମକ ଭାବେ ଜାତି ଭିତରେ ସାମାନ୍ୟ ସ୍ୱଚ୍ଛଳ ଥିଲେ। ସେ ସମୟର ମାନସିକତାରେ ସେମାନଙ୍କୁ ମାମଲତକାର କୁହାଯାଉଥିଲା। ଗ୍ରାମର ସାଧାରଣ ବୈଠକ ବା ଦେଶ ସଭାରେ ବିଭିନ୍ନ ଜାତିର ମୁରବି / ମାମଲତକାର ମାନେ ବସି ନିଷ୍ପତ୍ତି କରୁଥିଲେ। ଗ୍ରାମର ଯାନିଯାତ୍ରା, ବିଭିନ୍ନ ପ୍ରକାରର ମନୋରଞ୍ଜନ କାର୍ଯ୍ୟକ୍ରମ ବା ନ୍ୟାୟ ନିଷ୍ପତ୍ତିରେ ଏହି ମାମଲତକାର ମାନଙ୍କର ନିଷ୍ପତ୍ତିକୁ ସମସ୍ତେ ଗ୍ରହଣ କରୁଥିଲେ।

ସାଂପ୍ରତିକ ସମୟ ସହ ତୁଳନା କଲେ ସେ ସମୟର ଭୁବନ ଓ ଆଜିର ଭୁବନ ଭିତରେ ଅନେକ ପାର୍ଥକ୍ୟ ଦୃଷ୍ଟିଗୋଚର ହୁଏ। ପରିବର୍ତ୍ତନ, ବିକାଶ ଓ ପ୍ରଗତି ସଂସାରର ନୀତି। ମାତ୍ର ଦୁଇ ତିନି ଦଶନ୍ଧି ତଳେ ମାଟି କାନ୍ଥ ଓ ଚାଳଘର ଗାଁରେ ରହିଥିଲା, ଏବେ ଏସବୁ ଗାଁରେ ନାହିଁ। ବର୍ଷାଦିନେ ପାଣି କାଦୁଅ ଗାଁ ଦାଣ୍ଡର ପରିସ୍ଥିତି ଥିଲା। ରାତିରେ ଗାଁର ଦାଣ୍ଡରେ ଓ ରାସ୍ତାରେ ବିଜୁଳି ଆଲୋକ ନ ଥିଲା। ଏବେ ଚାରିଆଡେ ଡ୍ରେନ, ପିଚୁ ରାସ୍ତା ଓ ବିଜୁଳି ଆଲୁଅ ସବୁ ରାସ୍ତାରେ ଦେଖିବାକୁ ମିଳୁଛି। ଆଗେ ଗାଁରେ ପାଲା, ନାଚ ଇତ୍ୟାଦି ହେଉଥିଲା। ତେବେ ପେଟ୍ରୋମାକ୍ସ ଲାଇଟରେ ତାହା ହେଉଥିଲା। ଗାଁରେ ଦଶହରା, ରଜ, ଦୋଳପୂର୍ଣ୍ଣିମା, କାର୍ତ୍ତିକ ପୂର୍ଣ୍ଣିମା, ଝାମୁ ଯାତ୍ରା ଇତ୍ୟାଦି ବିଭିନ୍ନ ପର୍ବପର୍ବାଣି ବର୍ଷର ନିର୍ଦ୍ଧାରିତ ସମୟରେ ପାଳିତ ହେଉଥିଲା। ଦଶହରା ଥିଲା ଗ୍ରାମର ଏକ ଗଣ ପର୍ବ। ଦଶହରା ବଳଦର ପରଂପରା କେଉଁଠି ସମ୍ଭବତଃ ନାହିଁ। ପର୍ବପର୍ବାଣି, ଯାନି ଯାତ୍ରା ସମୟରେ ଢୋଲ, ମହୁରି ବାଦ୍ୟଯନ୍ତ୍ର ବ୍ୟବହୃତ ହେଉଥିଲା। ମାଇକ, ଡିଜେ, ଉଦ୍‌ଭଟ ନାଚଗୀତ ସେ ସମୟରେ ନଥିଲା, ଗାଁର ପରିବେଶ ଶବ୍ଦ ପ୍ରଦୂଷଣରୁ ମୁକ୍ତ ରହିଥିଲା। କେବଳ ଶିକ୍ଷାନୁଷ୍ଠାନ ଛାଡିଦେଲେ ଗାଁରେ ଗଣେଶ ପୂଜା କେଉଁଠି ନଥିଲା, ଏବେ ଗାଁରେ ଗଣେଶ ପୂଜା, ଦୁର୍ଗା ପୂଜା, ଲକ୍ଷ୍ମୀ ପୂଜା ଅନେକ ସ୍ଥାନରେ ହେଉଛି। ମୂର୍ତ୍ତିମାନଙ୍କୁ ପୋଖରୀ ମାନଙ୍କରେ ବିସର୍ଜନ

ଯୋଗୁ ପାଣିରେ ରାସାୟନିକ ରଙ୍ଗ ମିଶି ଜଳ ପ୍ରଦୂଷଣ ସାଧାରଣ ସମସ୍ୟା ହେଲାଣି। ପ୍ରଦୂଷଣର କୁପ୍ରଭାବ ନେଇ ଯୁବକମାନେ ସଚେତନ ନ ହେବା ଏକ ବିଡମ୍ବନାର ବିଷୟ।

ଗାଁର ପର୍ବପର୍ବାଣି ଲୋକମାନଙ୍କ ଭିତରେ ଆତ୍ମିକ ବନ୍ଧନକୁ ସୁଦୃଢ଼ କରିବା ସହ ମନୋରଞ୍ଜନର ପରିବେଶ ସୃଷ୍ଟି କରୁଥିଲା। ରଜ ପର୍ବ ସମୟରେ ଗାଁରେ ହେଉଥିବା ବାଗୁଡି ଖେଳ ସମସ୍ତଙ୍କ ପାଇଁ ଉପଭୋଗ୍ୟ ହେଉଥିଲା। ଗାଁର ବଲୁଆ ଲୋକମାନେ ବାଗୁଡି ଖେଳି ସେମାନଙ୍କର ଏକ ପରିଚୟ ସୃଷ୍ଟି କରିଥିଲେ। ପ୍ରତିବର୍ଷ ଏପ୍ରିଲ-ମେ ମାସରେ ଗାଁରେ ଦୁଇ ସ୍ଥାନରେ ବାଦୀପାଲା ହେଉଥିଲା, ଓଡ଼ିଶାର ଅତି ସୁନାମଧନ୍ୟ ଗାୟକମାନଙ୍କୁ ଭୁବନକୁ ଅଣାଯାଉଥିଲା। ପାଲା ପରିବେଷଣ ମାଧ୍ୟମରେ ସାହିତ୍ୟ ଚର୍ଚ୍ଚା ଓ ଏକ ବୌଦ୍ଧିକ ବାତାବରଣ ଗ୍ରାମର ଜୀବନରେ ପ୍ରସାରିତ ହେଉଥିଲା। ମୁଁ ହାଇସ୍କୁଲରେ ଛାତ୍ରଥିବା ସମୟରେ ଆମେମାନେ ରାତିସାରା ଅନିଦ୍ରା ହୋଇ ପାଲା ଦେଖୁଥିଲୁ ଓ ଦିନ ବେଳେ ଶୋଉଥିଲୁ। ପାଲା ମାଧ୍ୟମରେ ଯେଉଁ ବିତର୍କ ହେଉଥିଲା ତାହା ଏକ ବୌଦ୍ଧିକ ଭାବମଣ୍ଡଳ ସୃଷ୍ଟି କରୁଥିଲା। ଏହା ସହ ବର୍ଷ ସାରା ବିଭିନ୍ନ ସାହିରେ ପୁରାଣ ପାଠ ହେଉଥିଲା। ରାମାୟଣ, ମହାଭାରତ, ନୃସିଂହପୁରାଣ ଇତ୍ୟାଦି ପୁରାଣମାନ ଗାଁରେ ରାତ୍ରି ସମୟରେ ସାହିରେ ପାଠକରା ଯାଉଥିଲା। ପିଣ୍ଡାରେ ବସି ଜଣେ ସ୍ୱର ଦେଇ ପଢୁଥିଲେ ଓ ତାଙ୍କ ଚତୁର୍ପାର୍ଶ୍ୱରେ ଅନ୍ୟମାନେ ବସି ଶୁଣୁଥିଲେ। ସାଧାରଣ ଅପାଢୁଆ ଲୋକମାନେ ପୁରାଣର କାହାଣୀମାନଙ୍କ ବିଷୟରେ ସ୍ପଷ୍ଟ ଧାରଣା ରଖିଥିଲେ ଓ ଏହାର ନୀତିବୋଧ ସେମାନଙ୍କ ଜୀବନଧାରାରେ ଗଭୀର ପ୍ରଭାବ ପକାଉଥିଲା। ଭଲ-ମନ୍ଦ, ନ୍ୟାୟ-ଅନ୍ୟାୟ, ନୀତି-ଅନୀତି ବିଷୟରେ ଲୋକମାନେ ଉତ୍ତମ ଧାରଣା ପୋଷଣ କରୁଥିଲେ। ସମୟର ପରିବର୍ତ୍ତନ ସହ ସେ ପ୍ରଥା, ପରଂପରା ଆଉ ଗ୍ରାମୀଣ ଜୀବନରେ ନାହିଁ। ଆଜି ତ ଘରେ ଘରେ ଟିଭି ଓ ଏହା ସମ୍ବାଦ ପାଇବାର ଓ ମନୋରଞ୍ଜନର ମୁଖ୍ୟ ଆୟୁଧ। ତେବେ ଲୋକ ଚରିତ୍ର ନିର୍ମାଣ ପାଇଁ ପୁରାଣ ପାଠର ଯେଉଁ ଉପଯୋଗିତା ଥିଲା ତାହା ଟିଭିରେ ନାହିଁ। ବରଂ ଟିଭି, ମୋବାଇଲ ସାମାଜିକ ଜୀବନରେ ବିଶୃଙ୍ଖଳା ସୃଷ୍ଟିର ଏକ ଅନ୍ୟତମ କାରଣ ମନେହୁଏ।

ସେ ସମୟରେ ଗାଁର ମୁଷ୍ଟିମେୟ ଲୋକଙ୍କ ଘରେ ସାଇକେଲ ରହିଥିଲା। ଯେଉଁ ପରିବାରରେ ଶଗଡ ଓ ହଳ ଥିଲା ତାହା ଗ୍ରାମୀଣ ମାନଦଣ୍ଡରେ ସ୍ୱଚ୍ଛଳ ପରିବାର ଭାବେ ଗଣ୍ୟ ହେଉଥିଲା। ଏବେ ତ ଅଧିକାଂଶ ପରିବାରରେ ସ୍କୁଟର, ମଟର ସାଇକେଲ ରହିଛି। ସଂପ୍ରତି କା'ର ଥିବା ପରିବାର ଏକ ସ୍ୱଚ୍ଛଳ ପରିବାର, ସେତେବେଳେ ଶଗଡ ଥିବା ପରିବାର ଥିଲା ସ୍ୱଚ୍ଛଳ ପରିବାର। ସେତେବେଳେ ବିବାହ, ଯାନିଯାତ୍ରାରେ ଏକ ନିର୍ଦ୍ଦିଷ୍ଟ ଜାତିର ଲୋକମାନେ ବର, କନ୍ୟା ଓ ଦିଅଁମାନଙ୍କୁ କାନ୍ଧେଇକରି ନେଉଥିଲେ। ବର, କନ୍ୟା, ପାଲିଙ୍କି ଓ ସବାରିମାନଙ୍କରେ ବସି ଲୋକଙ୍କ କାନ୍ଧରେ ଅନ୍ୟ ସ୍ଥାନକୁ ଯାଉଥିଲେ, ଏବେ ମଟର ଗାଡ଼ିର ପ୍ରଚଳନ ପରଠାରୁ ଏହା ବନ୍ଦ ହୋଇଗଲାଣି। ମେଢରେ ଦିଅଁମାନଙ୍କୁ ବିସର୍ଜନ ପାଇଁ ଲୋକମାନେ କାନ୍ଧେଇକରି ନେଉନାହାନ୍ତି, ଏସବୁ ପାଇଁ ଗାଡି ମଟର ସହଜରେ ଉପଲବ୍ଧ ହୋଇପାରୁଛି। ପରିବର୍ତ୍ତନ ପ୍ରକ୍ରିୟାରେ ଅନେକ କିଛି ଏହି ଛ'ସାତ ଦଶନ୍ଧି ଭିତରେ ଗାଁର ଚିତ୍ର ବଦଳିଛି। ଶଗଡ ଗାଡି, ବଦଳ, ହଳ, ଲଙ୍ଗଳ, ଚାଳଘର, ପାରଂପରିକ ରାସ୍ତା ଇତ୍ୟାଦି ଗାଁର ଅନେକ କିଛି ବଦଳି ଗଲାଣି। କିନ୍ତୁ ସବୁ ପରିବର୍ତ୍ତନ ଭିତରେ ଲୋକଚରିତ୍ର କେତେ ବଦଳିଛି ତାହା ଏକ ବିବାଦୀୟ ପ୍ରଶ୍ନ। ଆଗେ କେହି ତାଡ଼ି, ମଦ ପିଇଲେ ତାଙ୍କ ପ୍ରତି ସାମାଜିକ କଟାକ୍ଷ ବା ଘୃଣା ପ୍ରକାଶ ପାଉଥିଲା, ସେସବୁ ବି ହାତ ପାହାନ୍ତାରେ ମିଳୁ ନଥିଲା। ଏବେ କିନ୍ତୁ ଗାଁରେ ମଦ ଦୋକାନ ଖୋଲା ହେଲାଣି ଓ ଯାନିଯାତ୍ରା, ବିବାହ ଭୋଜିରେ ମଦର ପ୍ରାବଲ୍ୟ ପ୍ରକାଶ ପାଉଛି। ଗାନ୍ଧୀ ଯୁଗର ନିଶା ନିବାରଣ ମୂଲ୍ୟବୋଧ ସମାଜରୁ ଦୂର ହୋଇଗଲାଣି। ମଦ, ଡ୍ରଗ ଇତ୍ୟାଦି ସେବନଦ୍ୱାରା ପାରିବାରିକ ଅଶାନ୍ତି ଓ ସାମାଜିକ ବିଶୃଙ୍ଖଳା ସମାଜରେ ବଢ଼ି ଚାଲିଛି। ନିଶାର ପ୍ରସାର ଗାଁ ଗହଳକୁ ବ୍ୟାପିବା ସାମାଜିକ ଅବକ୍ଷୟର ସୂଚନା ଦିଏ।

ସ୍ୱାଧୀନତା ପ୍ରାପ୍ତିର ଦୁଇ ଦଶନ୍ଧି ପର୍ଯ୍ୟନ୍ତ ଗାଁରେ ନାରୀ ଶିକ୍ଷାର ପରିବେଶ ସୃଷ୍ଟି ହୋଇନଥିଲା। ଝିଅମାନେ ଅତି ବେଶୀରେ ସପ୍ତମ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପଢ଼ି ବିବାହ କରିଯାଉଥିଲେ। ଗ୍ରାମୀଣ ପରିବେଶରେ ଅନେକ ରକ୍ଷଣଶୀଳତା ରହିଥିଲା, ନାରୀ ସ୍ୱାଧୀନତା ବା ସଶକ୍ତୀକରଣର ଭାବଧାରା ଗାଁକୁ ପ୍ରବେଶ କରିନଥିଲା। ଯେତେ ଦୂର ମନେପଡୁଛି ୧୯୬୭ରେ ଭୁବନର ଜଣେ ଝିଅ ପ୍ରଥମେ ମାଟ୍ରିକ ପାସ କରିଥିଲେ। ତେବେ ଏ ଭିତରେ ଅନେକ କିଛି ପରିବର୍ତ୍ତନ ନାରୀ ଶିକ୍ଷା କ୍ଷେତ୍ରରେ ହେଲାଣି। ଭୁବନରେ ମହିଳା କଲେଜ କେବେଠାରୁ ହେଲାଣି ଓ ଏବେ ପ୍ରାୟତଃ ଝିଅମାନେ ପାଠ ପଢ଼ିବାରେ ପ୍ରତିବନ୍ଧକ ନାହିଁ, ଲୋକମାନଙ୍କର ମାନସିକତାରେ ଅନେକ କିଛି ପରିବର୍ତ୍ତନ ହେଲାଣି। ଆମ ପିଲାବେଳେ ଗାଁରେ ହଇଜା, ବସନ୍ତ ରୋଗ (ଯାହା ମହାମାରୀ) ହେଲେ କିଛି ଲୋକ ସେଥିରେ ଶିକାର ହେଉଥିଲେ। ସେତେବେଳେ ଅଜ୍ଞତା ଯୋଗୁ ଲୋକମାନେ ଏହାକୁ "ଠାକୁରାଣୀ" ବୋଲି କହୁଥିଲେ ଓ ଦେବୀଙ୍କର ପ୍ରକୋପରୁ ଏହା ହୁଏ ବୋଲି ମାନସିକତା ରହିଥିଲା। ଗାଁରେ ପ୍ରାକୃତିକ ବିପର୍ଯ୍ୟୟ ନହେବା ପାଇଁ କେତେକ ଜାଗାରେ

ଅଷ୍ଟପ୍ରହରୀ ଓ ଚବିଶପ୍ରହରୀ ହେଉଥିଲା। ଏହି ସବୁ କାର୍ଯ୍ୟକ୍ରମରେ ହରି / ଈଶ୍ୱରଙ୍କ ନାମରେ ଦିବସ ବ୍ୟାପୀ କୀର୍ତ୍ତନ କରାଯାଉଥିଲା ଓ ଏକ ଆଧ୍ୟାତ୍ମିକ ଭାବାବେଗ ସୃଷ୍ଟି ହେଉଥିଲା। ତେବେ ଆଧୁନିକ ଚିକିତ୍ସା ଯେବେ ଠାରୁ ଉପଲବଧ୍ ହେଲାଣି, ଗାଁରେ ହଇଜା ଆଉ ନାହିଁ। ସେହିପରି ଗାଁରେ ଅଷ୍ଟପ୍ରହରୀ ଇତ୍ୟାଦି ମଧ୍ୟ ବନ୍ଦ ହୋଇଗଲାଣି। ସମୟ ସ୍ରୋତରେ ଗାଁରେ ଅନେକ କିଛି ବଦଳିଗଲାଣି, ହେଲେ ଗ୍ରାମୀଣ ସଂସ୍କୃତିର କିଛି ଉପାଦାନ ଏବେବି ଆମ ଗାଁରେ ଜୀବନ୍ତ ରହିଛି। ବିଶିଷ୍ଟ ଲେଖକ ଆର.କେ.ନାରାୟଣଙ୍କ "ମାଲଗୁଡି ଡେଜ୍" ଏକ କାଳ୍ପନିକ କାହାଣୀ ହେଲେ ମଧ୍ୟ ସତେ ଯେପରି ସେ ଭୁବନ ଗାଁରେ ଥାଇ ତାଙ୍କର ଏହି ଅନବଦ୍ୟ ସୃଷ୍ଟି ଲେଖିଥିବା ମୋର କଳ୍ପନାକୁ ଆସୁଛି।

ଭୁବନ ଗାଁର ଅନେକ କଥାକୁ ବିସ୍ତୃତ ଭାବେ ଲେଖିଲେ ଏକ ଗ୍ରନ୍ଥ ହୋଇଯିବ। ତେବେ ଏହାକୁ ଆଉ ଅଧିକ ବିସ୍ତୃତ କରିବା ମୁଁ ଚାହୁଁ ନାହିଁ। କେବଳ ଯେଉଁ ବିଦ୍ୟାଳୟର ହୀରକ ଜୟନ୍ତୀ ହେଉଛି ଓ ଯେଉଁଠି ଆମେମାନେ ଛାତ୍ର ଥିଲେ, ସେ ବିଷୟରେ ସ୍ମୃତିରୁ ସାମାନ୍ୟ କିଛି କଥା ଲେଖି ଏହାକୁ ସମାପ୍ତ କରିବାକୁ ଚାହୁଁଛି। ମୁଁ ଅଷ୍ଟମ ଶ୍ରେଣୀରେ ୧୯୬୩ରେ ନାମ ଲେଖାଇଲି। ଆମ ସମୟରେ ମାଟ୍ରିକ ବାର ବର୍ଷ ଥିଲା, ପ୍ରାଥମିକ ଚାରିବର୍ଷ, ମାଇନର ଚାରିବର୍ଷ ଓ ହାଇସ୍କୁଲ ଚାରିବର୍ଷ। ଆମ ପୂର୍ବ ପର୍ଯ୍ୟନ୍ତ ସ୍କୁଲରେ ସବୁ ଶ୍ରେଣୀରେ ଗୋଟିଏ ଲେଖା ସେକ୍ସନ ଥିଲା, ଆମ ସମୟରେ ଅଷ୍ଟମରେ ଦୁଇଟି ସେକ୍ସନ ହେଲା ଓ ଏହା ଧୀରେ ଧୀରେ ବୃଦ୍ଧି ପାଇଲା। ଶ୍ରେଣୀ ସଂଖ୍ୟା ବୃଦ୍ଧି ପାଇବା ସହ ସ୍କୁଲରେ ନୂଆ ନୂଆ ଶିକ୍ଷକ ଯୋଗ ଦେଲେ। ଭୁବନରେ ସ୍ୱାଧୀନତା ପରେ ହାଇସ୍କୁଲ ଆରମ୍ଭ ହେଲା। ଏଥିରେ ଭାଗବତ ମିଶ୍ରଙ୍କର ଅଧିକ ଅବଦାନ ଥିଲା। ତେବେ ହାଇସ୍କୁଲର ପରିଚାଳନା ଓ ସରକାରୀ ହେବାରେ ଯାହାଙ୍କର ବହୁ ଅବଦାନ ଥିଲା ସେ ହେଲେ ନୂଆହାଟ ପାଖର ଏକତାଳି ଗ୍ରାମର ଶ୍ରୀଧର ରାଉତ। ସେ ଜଣେ ଚାଷୀ ହୋଇ ଶିକ୍ଷାର ପ୍ରସାର କ୍ଷେତ୍ରରେ ଗଭୀର ଶ୍ରଦ୍ଧା ରଖିଥିଲେ ଓ ୧୯୬୨ରେ ସ୍କୁଲ ସରକାରୀ ହେବାପାଇଁ ନିଜର ଧାନ ବିକ୍ରି କରି ସେ କେତେ ହଜାର ଟଙ୍କା ଦେଇଥିଲେ। ସେ ସମୟରେ ଏହି ଟଙ୍କାର ମୂଲ୍ୟ କିଛି କମ୍ ନଥିଲା। ଭୁବନ ହାଇସ୍କୁଲର ପ୍ରଧାନ ଶିକ୍ଷକ ଜଣେ କେବଳ ଉଚ୍ଚକୋଟିର ଶିକ୍ଷକ ନଥିଲେ ସେ ମଧ୍ୟ ଜଣେ ଆଦର୍ଶବାନ ଓ ସମ୍ମାନଜନକ ବ୍ୟକ୍ତି ଥିଲେ। ଦୀର୍ଘ ବର୍ଷ ଧରି ଭୁବନରେ ପ୍ରଧାନ ଶିକ୍ଷକ ରହିବା ଫଳରେ ସେ ଭୁବନରେ ସର୍ବମାନ୍ୟ ବ୍ୟକ୍ତିଭାବେ ସମସ୍ତଙ୍କର ସମ୍ମାନର ଅଧିକାରୀ ହୋଇଥିଲେ। ଅବସର ପରେ ସେ ଭୁବନର ସ୍ଥାୟୀ ବାସିନ୍ଦା ହେଲେ ଓ ଗ୍ରାମର ବୌଦ୍ଧିକ ଓ ସାଂସ୍କୃତିକ ପରିବେଶର କେନ୍ଦ୍ରବିନ୍ଦୁ ହେଲେ। ମୋ ସମୟର ଅନେକ ଶିକ୍ଷକ ସ୍ମୃତିରେ ଅମଳିନ ରହିଛନ୍ତି ଓ ସେମାନଙ୍କ ସହ ମୋର ସଂପର୍କ ବହୁଦିନ ପର୍ଯ୍ୟନ୍ତ ଅତୁଟ ରହିଥିଲା। ତେବେ ହାଇସ୍କୁଲରେ ଛାତ୍ର ଥିବା ବେଳେ ଅନେକ ଘଟଣା ମଧ୍ୟରୁ ତିନିଟି ଘଟଣା ମୋ ସ୍ମୃତିରୁ ଉଲ୍ଲେଖ କରୁଛି। ୧୯୬୪ରେ ମୁଁ ନବମ ଶ୍ରେଣୀରେ ଛାତ୍ରଥିବା ବେଳେ ବିଶିଷ୍ଟ ଗାନ୍ଧୀବାଦୀ ଓ ଭୂଦାନ ଆନ୍ଦୋଳନର ସ୍ରଷ୍ଟା ବିନୋବାଜୀ ଭୂଦାନ ପଦଯାତ୍ରାରେ ଭୁବନରେ ପାଦ ପକାଇ ଏକ ରାତ୍ରି ହାଇସ୍କୁଲ ପରିସରରେ ରହିଥିଲେ। ତାଙ୍କ ସହିତ ଓଡ଼ିଶାର ବହୁ ବିଶିଷ୍ଟ ଗାନ୍ଧୀବାଦୀ, ସମାଜସେବୀ ଓ ଜନନେତା ଯୋଗ ଦେଇଥିଲେ। ବିଶେଷକରି ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଆଚାର୍ଯ୍ୟ ହରିହରଙ୍କ ପରି ଅନେକ ସ୍ୱାଧୀନତା ସଂଗ୍ରାମୀ ଭୁବନକୁ ଆସିବା ସ୍ମୃତିରେ ରହିଛି। ବିନୋବାଜୀଙ୍କ ହିନ୍ଦୀ ଭାଷଣକୁ ନବବାବୁ ଓଡ଼ିଆ କରି କହିବା ମନେ ପଡୁଛି। ଏହି ଭାଷଣର ପ୍ରଭାବ ପରବର୍ତ୍ତୀ ସମୟରେ ସର୍ବୋଦୟ ବିଚାରଧାରାକୁ ଗ୍ରହଣ କରିବାରେ ମୋତେ ପ୍ରଭାବିତ କରିଥିଲା। ଏକ ସମତାଭିତ୍ତିକ ଅହିଂସ ସମାଜ ପ୍ରତିଷ୍ଠାର ଯେଉଁ ସ୍ୱପ୍ନ ଭୂଦାନ ଆନ୍ଦୋଳନ ଓ ସର୍ବୋଦୟ ବିଚାରରେ ରହିଛି ତାହା ଏବେ ବି ଏକ ଶ୍ରେଷ୍ଠ ସମାଜ ଦର୍ଶନ ବୋଲି ମୁଁ ଭାବିଆସିଛି। ବିନୋବାଙ୍କ ଉଦ୍ଦେଶ୍ୟରେ ଗାଁରେ ବୁଲି ବୁଲି ଭୂଦାନ ସଂଗୀତ ଗାଇ, ଚାଉଳ, ଟଙ୍କା ସଂଗ୍ରହ କରିବା ଥିଲା କିଶୋର ବୟସର ଭାବ ପ୍ରବଣତା। ସେହି ଗୀତ ଏବେ ବି ସ୍ମୃତିରେ କିଛି ରହିଛି -

ଆମ୍ଭକସି ବଉଳ ଲୋ ଚାଲିଆ ତୁ ସଅଳ
ବିନୋବା ଆସିଛି ଫାଟି ପଡେ ଗାଁ ଗହଳ
ଗାଁ ମାଟି ଗାଁ ପାଣି ସବୁ ହେବ ଗାଁର
ଗ୍ରାମେ ଗ୍ରାମେ ଶୁଭିଲାଣି ଆସି ଏହି ଚହଳ।

ଦଶମ ଶ୍ରେଣୀରେ ପଢୁଥିବା ସମୟରେ ଭୁବନରେ ଏକ ଦୁଇ / ତିନି ଦିନିଆ କ୍ୟାରିଅର କନ୍‌ଫେରେନ୍ସ ବା ବୃତ୍ତିଗତ ଜୀବନ ବିଷୟରେ ଏକ ସମ୍ମିଳନୀ ହୋଇଥିଲା। ପିଲାମାନେ ମାଟ୍ରିକ ପରୀକ୍ଷା ପରେ କ'ଣ କ'ଣ ବିଷୟ ପଢିପାରିବେ ଓ କ'ଣ ପଢ଼ିଲେ କେଉଁ ପ୍ରକାର ବୃତ୍ତିକରି ସ୍ୱାବଲମ୍ବୀ ହେବେ ସେଥିପାଇଁ ବହୁ କ୍ଷେତ୍ରର ଅଧିକାରୀମାନେ ଆମକୁ ସଚେତନ କରାଇଥିଲେ। ଅନେକ ବ୍ୟକ୍ତିଙ୍କର ଭାଷଣ ଶୁଣିବାର ସୁଯୋଗ ମିଳିଥିଲା। ଏହି ଉପଲକ୍ଷେ ପିଲାମାନେ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ ଶିକ୍ଷକମାନଙ୍କର ତତ୍ତ୍ୱାବଧାନରେ ଶିକ୍ଷା କରିଥିଲେ। ନାଚ, ଗୀତ, ଏକାଙ୍କିକା ଇତ୍ୟାଦି ପିଲାମାନେ ପରିବେଷଣ କରିଥିଲେ ଓ ମୁଁ ଏକ ଏକାଙ୍କିକାରେ ଅଂଶଗ୍ରହଣ କରିବା ମୋର ମନେପଡୁଛି। ସେହି ସମୟରେ

ବିଦ୍ୟାଳୟର ପରିସର ପରିଷ୍କାର ପରିଚ୍ଛନ୍ନ ହେବା ସହ ଆଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ ବିଦ୍ୟାଳୟ ଜୀବନକୁ ବେଶ୍ ଚଳଚଞ୍ଚଳ କରିପାରିଥିଲା। ତୃତୀୟ ଘଟଣାଟି ହେଉଛି ଜିଲ୍ଲାର ପ୍ରଧାନ ଶିକ୍ଷକମାନଙ୍କର ସମ୍ମିଳନୀ। ଜିଲ୍ଲା ସାରା ପ୍ରଧାନ ଶିକ୍ଷକମାନେ ଭୁବନ ହାଇସ୍କୁଲରେ ସମବେତ ହୋଇ ଶିକ୍ଷାର ଉନ୍ନତି ସମସ୍ୟା ଇତ୍ୟାଦି ବିଷୟରେ ଦୁଇ ଦିନ ଧରି ଆଲୋଚନା କରିଥିଲେ। ଅତିଥି ପ୍ରଧାନ ଶିକ୍ଷକମାନଙ୍କର ସୁବିଧା, ଅସୁବିଧା ବୁଝିବା ପାଇଁ ଛାତ୍ରମାନଙ୍କୁ ସ୍ୱେଚ୍ଛାସେବୀ କରାଯାଇଥିଲା। ସେହି ଅବସରରେ ମୁଁ ତିନି ଚାରିଜଣ ପ୍ରଧାନ ଶିକ୍ଷକଙ୍କୁ ଜାଣିବାର ସୁଯୋଗ ପାଇଥିଲି। ଜଣେ ଶିକ୍ଷକର ବୃତ୍ତିଗତ ଜୀବନର ମହନୀୟତା ବିଷୟରେ ମୁଁ ସେହି କଅଁଳ ବୟସରେ ଯାହା ଜାଣିବାର ସୁଯୋଗ ପାଇଥିଲି ତାହା ମୋତେ ଭବିଷ୍ୟତରେ ବହୁ ପ୍ରେରଣା ଯୋଗାଇଥିଲା। ସରଳ ଓ ନିଷ୍ଠାପର ଜୀବନ ସହ କର୍ତ୍ତବ୍ୟବୋଧ, ଛାତ୍ର-ଛାତ୍ରୀମାନଙ୍କୁ ପ୍ରଭାବିତ କରିବା ପାଇଁ ଜୀବନରେ ଶୃଙ୍ଖଳା ଇତ୍ୟାଦି ଯେ ଆବଶ୍ୟକ ଏହି ଭାବନା ମୋ ଭିତରେ ବିଦ୍ୟାଳୟ ଜୀବନରୁ ସୃଷ୍ଟି ହୋଇଥିଲା। ଏହା ସହିତ ଭଲ ଭଲ ପୁସ୍ତକ ପଢ଼ିବାର ଆଗ୍ରହ ସ୍କୁଲ ଜୀବନରୁ ସାର୍‌ମାନେ ଆମ ଭିତରେ ସୃଷ୍ଟି କରିଥିଲେ। ସେହି ଆଗ୍ରହ ଆଜି ମଧ୍ୟ ମନ ଭିତରେ ଅଙ୍କୁରିତ ହୋଇ ରହିଛି। ଆଜିର ଟିଭି, ମୋବାଇଲ, ଇଣ୍ଟରନେଟ୍ ଯୁଗରେ ବହି ପଢ଼ିବାର ମନୋଭାବ ହ୍ରାସ ପାଇବାରେ ଲାଗିଛି। ହେଲେ ମୋର ବିଶ୍ୱାସ କିଛି ଲେଖିବାକୁ ହେଲେ ବହୁତ କିଛି ପଢ଼ିବାକୁ ହେବ।

ଏବେ ବାର୍ଦ୍ଧକ୍ୟର ଦ୍ୱାରଦେଶରେ ପହଞ୍ଚିବା ଯୋଗୁ ଭୁବନକୁ ବିଶେଷ ଯିବା ସମ୍ଭବ ହେଉନାହିଁ। ତଥାପି ଗାଁର ମାଟି, ପାଣି ପବନକୁ କେବେ ଭୁଲିବା ସମ୍ଭବ ନୁହେଁ। ଚାକିରି ଜୀବନର ଆରମ୍ଭରେ ଦୁଇ ଦଶନ୍ଧିରୁ ଊର୍ଦ୍ଧ୍ୱ ସମୟ ଧରି ପ୍ରତ୍ୟେକ ଛୁଟିରେ ଗାଁକୁ ଯିବା ସାଧାରଣ ବ୍ୟାପାର ଥିଲା। ଗ୍ରାମର ବୌଦ୍ଧିକ, ସାଂସ୍କୃତିକ ଓ ସାମାଜିକ ପରିବେଶର ଉନ୍ନତି ପାଇଁ ନିଜର ଅନେକ ସଂପୃକ୍ତି ରହିଥିଲା। ଭୁବନକୁ ଓଡ଼ିଶାର ବିଶିଷ୍ଟ ଗାନ୍ଧୀବାଦୀ ଲୋକଙ୍କୁ ଡାକି ମହାତ୍ମା ଗାନ୍ଧୀଙ୍କ ଉପରେ ଆଲୋଚନା କରିବା, ଶ୍ରୀଅରବିନ୍ଦଙ୍କ ଦର୍ଶନର ମହତ୍ତ୍ୱ ବୁଝିବା ପାଇଁ ସମ୍ମିଳନୀର ଆୟୋଜନ କରିବା, ଓଡ଼ିଶାର ହେତୁବାଦୀମାନଙ୍କୁ ଏକତ୍ର କରି କର୍ମଶାଳା କରିବା, ଗାଁର ଲୋକମାନଙ୍କ ମଧ୍ୟରୁ ଜାତିଆଣ ଭେଦଭାବ ଦୂରକରିବା ପାଇଁ ଦଳିତ ବସ୍ତିରେ ସମବେତ ପଂକ୍ତିଭୋଜନ କରିବା ପରି କିଛି କାର୍ଯ୍ୟକ୍ରମ କରିବାରେ ମୁଁ ଅଗ୍ରଣୀ ଭୂମିକା ନେଉଥିଲି।

ମୋଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମକୁ ଭୁବନର ଅନେକ ସାଥୀ ସମର୍ଥନ ଦେଉଥିଲେ ଓ ମୋ ସହ ଅନାୟାସରେ ଯୋଗ ଦେଉଥିଲେ। ଆମ ଗାଁରୁ କୁସଂସ୍କାରର ବିଲୋପ ହେଉ, ଲୋକମାନଙ୍କ ମଧ୍ୟରେ ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ଓ ମାନବବାଦୀ ଜୀବନବୋଧର ପ୍ରସାର ଘଟୁ, ଗାଁର ଛାତ୍ରଛାତ୍ରୀମାନେ ରାଜ୍ୟ ସ୍ତରରେ ଓ ଦେଶରେ ପ୍ରତିଷ୍ଠା ଲାଭ କରନ୍ତୁ ଏହା ମୋ'ପରି ବହୁ ସାଥୀଙ୍କର ସ୍ୱପ୍ନ ଓ ବିଚାର ଥିଲା। ଏବେ ଆମମାନଙ୍କର ଗାଁର ବିକାଶ ପାଇଁ କିଛି ସଂପୃକ୍ତି ରହୁନଥିଲେ ମଧ୍ୟ ଆମ ଗାଁର ସୁସମ୍ବାଦ ପାଇଲେ ମନ ଆନନ୍ଦରେ ଭରିଉଠେ। ଯେଉଁଠି ରହିଲେ ବି ଗାଁ ସହିତ ଅନେକ ଆବେଗିକ ସମ୍ବନ୍ଧ ରହିଛି, ସେଥିରୁ କେବେ ମୁକ୍ତ ହେବା ସମ୍ଭବ ନୁହେଁ। ମୋ ଗାଁ ଯେ ମୋ ଅସ୍ମିତାର ପରିଚୟ ବହନ କରେ ଏହି ଆବେଗ ଜୀବନର ଶେଷ ପର୍ଯ୍ୟନ୍ତ ମନରେ ରହିବା ଅବଶ୍ୟମ୍ଭାବୀ ମନେହୁଏ।

ଉପସଂହାରରେ, ଯେଉଁଠି ମୋର ଜନ୍ମ, ଯେଉଁଠି ମୋର ପିତା, ପିତାମହ, ପ୍ରପିତାମହମାନେ ଥିଲେ ସେ ସ୍ଥାନ ମୋ ପାଇଁ କେବଳ ଏକ ଭୌଗୋଳିକ ସୀମା ବିଶିଷ୍ଟ ଗ୍ରାମ ନୁହେଁ, ତାହା ସହ ରହିଛି କେତେ ଆବେଗ, ଅନୁରାଗ ଓ ଆତ୍ମୀୟତା। ସେହି ମାଟି ମୋ ପାଇଁ ପବିତ୍ରତାର ସ୍ୱାକ୍ଷର ବହନ କରେ। ଭୁବନର ଭର୍ତ୍ତି ପାହାଡ, ବ୍ରାହ୍ମଣୀ ନଦୀ, ବୁଦ୍ଧେଶ୍ୱର ମନ୍ଦିର, ଆମ୍ବତୋଟା ଓ ବିଲବାଡି ମୋ ପୂର୍ବପୁରୁଷଙ୍କଠାରୁ ମୋ ପର୍ଯ୍ୟନ୍ତ ଆମ ସ୍ମୃତିର ପବିତ୍ର ପୀଠ। ସେହିପରି ଯେଉଁ ବିଦ୍ୟାଳୟରେ ପାଠ ପଢ଼ି ମୁଁ ସମାଜରେ କ୍ଷୁଦ୍ର ସ୍ଥାନଟିଏ ନେଇଛି ତାହା ମଧ୍ୟ ମୋ ପାଇଁ ଏକ ପବିତ୍ର ସ୍ମୃତିପୀଠ। ଏହି ଅବସରରେ ସେହି ପୀଠର ସ୍ମୃତି ବିଷୟରେ ଦୁଇ ପଦ ଲେଖିଲା ବେଳେ କେତେ କଥା ଅନ୍ତରାତ୍ମାକୁ ସ୍ପର୍ଶ କରୁଛି। ସେହି ସ୍ପର୍ଶ ଭିତରେ ରହିଛି ଏକ ନୈସର୍ଗିକ ଆନନ୍ଦ ବୋଲି ମୁଁ ମନେ କରେ। ❁

ବ୍ୟାଚ: ୧୯୬୭
ଫୋନ୍ : ୯୪୩୮୫୪୭୮୯୫

ସା ବିଦ୍ୟା ଯା ବିମୁକ୍ତୟେ
Sa Bidya Ja Bimuktaye

ମୋ ଅନୁଭୂତିରେ ଭୁବନ

ଦୁର୍ଯ୍ୟୋଧନ ସାହୁ

ମୋ ଅନୁଭୂତିରେ ଭୁବନ ପ୍ରକୃତ ଅନୁଭବ ହେଲା ମୋର ଉଚ୍ଚ ଶିକ୍ଷା ଲାଭକଲା ପରେ। ଭୁବନ ମୋ ଗାଁ। ଭୁବନର ବିଭିନ୍ନ ଅଭାବ / ସମସ୍ୟାରେ ମୁଁ କିଭଳି ସଂପୃକ୍ତ ଥିଲି ଏଥିରେ ମୋର ବିଚାର ପ୍ରତିକ୍ରିୟା, ଭାବନା କିଭଳି ସଂଯୁକ୍ତ ହୋଇଥିଲା , ସେସବୁକୁ ମୁଁ ଏଠାରେ କିଛିଟା ପ୍ରକାଶ କରିବାକୁ ଚେଷ୍ଟା କରୁଛି।

ପାଠପଢା ସମୟରେ ଭୁବନରେ କ୍ଲବ, ପାଠାଗାର ଓ ଖେଳ ସଂଗଠନ ସହ ମୁଁ ସମ୍ବନ୍ଧିତ ହୋଇପଡ଼ିଥିଲି। କିଶୋର କ୍ଲବ, ଜ୍ୟୋତି ପ୍ରକାଶ ପାଠାଗାର ଓ ପ୍ରଗତି ଆଥ୍‌ଲେଟିକ ଆସୋସିଏସନ୍ ଗୋଟିଏ ଗୋଟିଏ ଉଦାହରଣ। ଉଭୟ କ୍ଲବ ଓ ପାଠାଗାର କିଛି ବର୍ଷ ସୁରୁଖୁରୁରେ ଚଲିଲା ପରେ ଉତ୍ତମ ପରିଚାଳନା ଅଭାବରୁ ବନ୍ଦ ହୋଇଗଲା। ପ୍ରଗତି ଆଥ୍‌ଲେଟିକ୍ ଆସୋସିଏସନ୍ ମାଧ୍ୟମରେ ଭୁବନ ହାଇସ୍କୁଲ ପଡ଼ିଆରେ ବହୁଥର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଥିଲା। ଖେଳାଳିମାନଙ୍କ ମଧ୍ୟରେ ନାନା ପ୍ରକାର ଦ୍ୱନ୍ଦ୍ୱ କାରଣରୁ ଏହ ମଧ୍ୟ ବନ୍ଦ ହୋଇଗଲା। ଅବଶ୍ୟ ଆମ ଉଦ୍ୟମ ଯୋଗୁଁ ଭଲ ଖେଳାଳି ସୃଷ୍ଟି ହେବା ସଂଗେ ସଂଗେ ଖେଳରେ ପ୍ରତିଯୋଗିତାର ଆବଶ୍ୟକତା ଉପଲବ୍ଧ ହେଲା। ଏହା ବହୁ ବର୍ଷ ତଳର କଥା। ପୁରାତନ ଛାତ୍ର ସଂଘ କାର୍ଯ୍ୟାଳୟ ପାଇଁ ବର୍ତ୍ତମାନର ବାଳିକା ବିଦ୍ୟାଳୟ ପାର୍ଶ୍ୱରେ ଜାଗା ନିଆଯାଇଥିଲା। କିନ୍ତୁ ବାଳିକା ବିଦ୍ୟାଳୟର ସ୍ୱାର୍ଥକୁ ବିଚାରକୁ ନେଇ ଆମେ ସେ ଜାଗା ଛାଡ଼ି ଦେଇଥିଲୁ।

ଏଠାରେ ଗତ ୨୫ ବର୍ଷ ତଳେ ଅନୁଷ୍ଠିତ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ ବିଷୟରେ ପଦେ କହିଲେ ଦ୍ୱିରୁକ୍ତି ହେବ ନାହିଁ। ଏହି ସୁବର୍ଣ୍ଣ ଜୟନ୍ତୀ ବହୁ କାର୍ଯ୍ୟକ୍ରମ ସହ ଅନୁଷ୍ଠିତ ହୋଇଥିଲା। ଏହା ଜୟନ୍ତୀ ନୁହେଁ - ଏକ ମହୋତ୍ସବ ଥିଲା। ମନେପଡ଼େ ଅଧ୍ୟାପକ ଶ୍ରଦ୍ଧେୟ କୈଳାସ ଚନ୍ଦ୍ର ଗୁରୁଙ୍କ ପ୍ରାଣମୂର୍ଚ୍ଛା ଉଦ୍ୟମ। ସେ ଆଜି ରଖିଯାଇଛନ୍ତି ଏକ ଚିହ୍ନ। ବିଦ୍ୟାଳୟ ପ୍ରାଙ୍ଗଣରେ ଏକ କକ୍ଷ, ଯାହା କମ୍ପ୍ୟୁଟର ଶିକ୍ଷା ପାଇଁ ଅଭିପ୍ରେତ।

ଭୁବନ ଉଚ୍ଚବିଦ୍ୟାଳୟ ପରିସରରେ ବଡ଼ ଭାଇ ବିଜ୍ଞାନ ଶିକ୍ଷକ ଶ୍ରୀ ରାଧାଶ୍ୟାମ ସାହୁ ଓ ପୂଜନୀୟ ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାଧାନରେ ଅନେକ ବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ଶ୍ରୀ ଅରବିନ୍ଦ ଯୋଗ ନିକେତନ ଆନୁକୂଲ୍ୟରେ ଏହିସବୁ ବିଜ୍ଞାନ ଓ କଳା ପ୍ରଦର୍ଶନୀ ଅନେକବାର ଭୁବନ ହାଇସ୍କୁଲରେ ଅନୁଷ୍ଠିତ ହୋଇଯାଇଛି।

ଭୁବନର ବିଭିନ୍ନ ଶ୍ରୀ ଅରବିନ୍ଦ ପାଠଚକ୍ରମାନଙ୍କୁ ମିଶାଇ ଶ୍ରଦ୍ଧେୟ ଅଧ୍ୟାପକ ଧନେଶ୍ୱରଙ୍କ ଉଦ୍ୟମରେ ଶ୍ରୀ ଅରବିନ୍ଦ ଯୋଗ ନିକେତନ ଗଠନ କରାଯାଇ ଭୁବନରେ ଏକ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ର ଖୋଲାଯିବାର ପ୍ରାଥମିକ ଉଦ୍ୟମ ହୋଇଥିଲା। ଏହି ଉଦ୍ୟମର ସୁଫଳ ଏବେ ମଧ୍ୟ ମିଳୁଛି ଏକ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିଚାଳନାରୁ। ଏଥିପାଇଁ କେତେକ ଶ୍ରୀମା-ଶ୍ରୀଅରବିନ୍ଦ ପ୍ରେମୀ ସାଥୀମାନଙ୍କ ଉଦ୍ୟମ ପ୍ରଶଂସନୀୟ।

ପ୍ରତିବର୍ଷ ବାସି ଦଶହରା ଦିନ ଆମେ କେତେ ଜଣ ଭୁବନ ହାଇସ୍କୁଲରେ ଏକାଠି ହୋଇ ପୁରାତନ ଛାତ୍ରସଂଘର ସ୍ମୃତି ଚାରଣ କରୁ। ହାଇସ୍କୁଲ ପ୍ରାଙ୍ଗଣରେ ଅନେକ ସେମିନାର ଓ ଶିକ୍ଷାମୂଳକ ଆଲୋଚନା ଚକ୍ର ଇତ୍ୟାଦି ଅନୁଷ୍ଠିତ ହୋଇଯାଇଛି ଯାହାର ଆଜି ମଧ୍ୟ ଆମେ ସ୍ମୃତିଚାରଣ କରୁଛୁ।

ଭୁବନ ଅଞ୍ଚଳରେ ଉଚ୍ଚଶିକ୍ଷା ଓ ଗମନାଗମନ ସମସ୍ୟା ବିଷୟରେ ଏଠାରେ ଉଲ୍ଲେଖ କରାଯାଇପାରେ। ବହୁ ବିଳମ୍ବରେ ହେଲେ ମଧ୍ୟ ବିଜୁବାବୁଙ୍କର ଏକ ସଭା-ଭୁବନ ବଡ଼ ହାଟରେ ହୋଇଥିଲା। ଏହି ସଭାରେ ବହୁ ଲୋକ ଯୋଗଦେଇଥିଲେ। ବିଜୁବାବୁ କହିଲେ- ଭୁବନ ଏକ ବଡ଼ ଗ୍ରାମ। ଏଠାରେ ବହୁ ଲୋକ ବାସ କରୁଛନ୍ତି। ତେଣୁ ଏକ ବିଜ୍ଞାନ ମହାବିଦ୍ୟାଳୟ ପ୍ରତିଷ୍ଠା ହେବ। ପ୍ରତି ଲୋକ ୧ ଟଙ୍କା ଲେଖାଏଁ ଦେଲେ ଏଠାରେ ବିଜ୍ଞାନ ମହାବିଦ୍ୟାଳୟ ହୋଇପାରିବ। ଏହା ଥିଲା ତାଙ୍କର ଘୋଷଣା। ସେତେବେଳକୁ ମୁଁ କଲେଜ ପଢିବାକୁ ଯାଇସାରିଲିଣି। ଠିକ୍ ସମୟରେ କଲେଜ ପାଇଁ ଏକ ସାଇନ ବୋର୍ଡ଼ ଲାଗିଗଲା। କଲେଜ ପାଇଁ ଜାଗା ସ୍ଥିର ହୋଇଗଲା, କିନ୍ତୁ ଦୁର୍ଭାଗ୍ୟବଶତଃ ଭୁବନରେ କଲେଜ ହୋଇପାରିଲା ନାହିଁ। ଆମର ପ୍ରକୃତ ତ୍ୟାଗପୁତ ମନୋଭାବ ଓ ନେତାଙ୍କର ଅଭାବ ଏହାର ଏକମାତ୍ର କାରଣ ହୋଇପାରେ। ଆମର ଦୁର୍ଭାଗ୍ୟ ଆମେ କଲେଜ ଆରମ୍ଭ କରିବା ପାଇଁ ପ୍ରାପ୍ତ ହୋଇଥିବା ସୁଯୋଗକୁ କାମରେ ଲଗାଇ ପାରିଲୁ ନାହିଁ।

କାମାକ୍ଷାନଗର କଲେଜ ଆରମ୍ଭ ହେଲାପରେ ଇଂଜିନିୟର ରବି ଶତପଥୀ ମହୋଦୟ ଭୁବନ ଆସି କିଛି ଆଗ୍ରହୀବ୍ୟକ୍ତିଙ୍କୁ ନେଇ ଏଠାରେ କଲେଜର ବୀଜବପନ କରିବା ଉଦ୍ଦେଶ୍ୟରେ ସ୍ଥାନୀୟ କୋଲ୍ଡ ଷ୍ଟୋରେଜରେ ଆଲୋଚନା କରିବାକୁ ପହଞ୍ଚିଲେ। ଏ ଖବର ଆମକୁ ନୂଆବଜାରରେ ମିଳିଲା। ଆମେ କେତେ ଜଣ ବନ୍ଧୁମାନଙ୍କୁ ନେଇ ଥଣ୍ଡାପାନୀୟ ସହ ସେଠାରେ ପହଞ୍ଚିଲୁ। ସେତେବେଳକୁ ମୁଁ ରାଜ୍ୟ ସଚ୍ଚିବାଳୟରେ ଚାକିରିରେ ଅବସ୍ଥାପିତ ହୋଇସାରିଥିଲି। ସେମାନଙ୍କ ଉଦ୍ୟମରେ ମୁଁ ସକ୍ରିୟ ଭାବରେ ଯୋଗଦେଲି। ଭୁବନରେ ମହାବିଦ୍ୟାଳୟ ହେବାର ଉଦ୍ୟମ ସାକାର ହେଲା। ସ୍ୱର୍ଗତ କୈଳାସ ଚନ୍ଦ୍ର ମହାପାତ୍ରଙ୍କ ସକ୍ରିୟ ନେତୃତ୍ୱରେ ପରିଚାଳନା କମିଟି ଛଡା ଏହି କାର୍ଯ୍ୟରେ ଅନ୍ୟ କିଛି ସଚେତନ ବ୍ୟକ୍ତି ମଧ୍ୟ ଯୋଗଦେଇଥିଲେ। କଲେଜ ଆରମ୍ଭ ହୋଇଗଲା। ଉଚ୍ଚ ଶିକ୍ଷା କ୍ଷେତ୍ରରେ ଭୁବନ ତା'ର ପାଦ ଥାପିଲା। ଅବଶ୍ୟ ପରେ ପରେ ରାଜ୍ୟ ରାଜନୀତିର ପାଣିପାଗ ବଦଳିଗଲା। ତା'ସତ୍ତ୍ୱେ ଆମେ କେତେକ ସ୍ୱାଧୀନଚେତା ବନ୍ଧୁଙ୍କ ସକ୍ରିୟ ସହଯୋଗରେ ବାଜିରାଉତ ସ୍ମୃତି ମହାବଦ୍ୟାଳୟ ସରକାରଙ୍କ ସ୍ୱୀକୃତି ଲାଭ କଲା। କଲେଜ ସ୍ୱୀକୃତି ପରଠାରୁ ଆମେ ଆଉ କଲେଜ ବିଷୟରେ ମୁଣ୍ଡ ଖେଳାଇ ନାହୁଁ। କେବେ କଲେଜ କମିଟି ବା କଲେଜ ଅଧିକାରୀଙ୍କଠାରୁ ଆମେ ସାମାନ୍ୟ ସମ୍ମାନ ଆଶା କରିନାହୁଁ।

ଏ ଗଲା ଉଚ୍ଚ ଶିକ୍ଷା କଥା। ଚାଲନ୍ତୁ ଆମେ ଆମ ଗମନାଗମନ ସମସ୍ୟା କଥା ବିଚାର କରିବା। ଆମ ଅଞ୍ଚଳ ରାଜନୈତିକ ଦୃଷ୍ଟିରୁ ବହୁତ ପଛୁଆ। ଅର୍ଥାତ୍ ଆମେ ରାଜନୈତିକ ଦୃଷ୍ଟିରୁ ସଚେତନ ନୋହୁଁ। ବ୍ରାହ୍ମଣୀ ନଦୀରେ ଏକ ପୋଲ ନିର୍ମାଣ କରିବା କାମ ସରକାରଙ୍କର ଦାୟିତ୍ୱ ହେଲେ ମଧ୍ୟ ଏଥିପାଇଁ ସକ୍ରିୟ ଉଦ୍ୟମ ଆମ ପ୍ରତିନିଧି, ମନ୍ତ୍ରୀ, ସାଂସଦ କେହି କରିଥିବାର ନଜିର ନାହିଁ। ଆମେ ଢେଙ୍କାନାଳରେ ଉଚ୍ଚଶିକ୍ଷା ଗ୍ରହଣ କରୁଥିବା ସମୟରେ ଅନେକ ବର୍ଷ ଦୀର୍ଘ ୩ ମାଇଲ ବାଟ ଚାଲିଚାଲି, ନଦୀଡ଼ଙ୍ଗାରେ ପାର ହୋଇ ପରେ ଚାଲିଚାଲି ବସ୍ ଧରି ଢେଙ୍କାନାଳ ଯାଉ। ଏ ଅଞ୍ଚଳରେ ଏହା ଏକ ବଡ଼ ସମସ୍ୟା। ଏ ଅଞ୍ଚଳର ଜନସାଧାରଣ ଜିଲ୍ଲା ମୁଖ୍ୟାଳୟକୁ ବିଭିନ୍ନ କାମରେ ଯାତାୟତ କରିବାରେ ପ୍ରବଳ ହଇରାଣ ହରକତ ହେଉଥିଲେ।

ଯାହାହେଉ, ଦୀର୍ଘ ବର୍ଷ ବିଳମ୍ବରେ ହେଲେ ମଧ୍ୟ ଶହୀଦ ବାଜିରାଉତ ସ୍ମୃତି ପରିଷଦର ଅକ୍ଲାନ୍ତ ଉଦ୍ୟମ ଫଳରେ ବ୍ରାହ୍ମଣୀ ନଦୀ ଉପରେ ବାଜିରାଉତ ସେତୁ ନିର୍ମାଣ ହେଲା। ଲୋକଙ୍କର ଦୁଃଖ ଗଲା।

ବଡ଼ ଆନନ୍ଦର କଥା ଭୁବନ ଅଞ୍ଚଳ ଦେଇ ଏକ ଜାତୀୟ ରାଜପଥ ଏବଂ ରେଳପଥ ଯାଇଛି। ଗମନାଗମନ ହେଉଛି ବିକାଶର ମୂଳ କଥା। ଗମନାଗମନ ବ୍ୟବସ୍ଥାରେ ଲେକମାନଙ୍କର ସାମଗ୍ରିକ ବିକାଶ ହୋଇଥାଏ।

ଏଠାରେ ଶହୀଦ ବାଜିରାଉତଙ୍କ ସ୍ମୃତି ବିଷୟରେ କିଛି ଆଲୋଚନା କରିବା। ବାଜିରାଉତ ଆମ ଅଞ୍ଚଳ, ଜିଲ୍ଲା ତଥା ରାଜ୍ୟର ଏକ ମହାନ ପୁତ୍ର ଯେ କି ୧୨ ବର୍ଷ ବୟସରେ ଦେଶମାତୃକା ପାଇଁ ନିଜ ଜୀବନକୁ ବଳି ଦେଇଥିଲେ। ବାଜିରାଉତଙ୍କ ସ୍ମୃତିରେ ଭୁବନରେ ଏକ ମହାବିଦ୍ୟାଳୟ ଓ ତାଙ୍କର ଏକ ପ୍ରତିମୂର୍ତ୍ତି ଭୁବନର ଏକ କେନ୍ଦ୍ର ସ୍ଥଳରେ ସ୍ଥାପିତ ହୋଇଛି। ଢେଙ୍କାନାଳ ବାଜିଚୌକରେ ବାଜିରାଉତଙ୍କ ଅତି ସୁନ୍ଦର ପ୍ରତିମୂର୍ତ୍ତି ଦୀର୍ଘ ବର୍ଷ ହେଲା ସ୍ଥାପିତ ହୋଇଛି, ଯାହା ବାଜି ରାଉତଙ୍କ ବଳିଦାନ ବିଷୟରେ ସମସ୍ତ ଲୋକଙ୍କୁ ଢେଙ୍କାନାଳର ପ୍ରଜାମଣ୍ଡଳ ଆନ୍ଦୋଳନ ବିଷୟରେ ସଚେତନ କରୁଅଛି। ବାଜିରାଉତଙ୍କ ସ୍ମାରକୀ ପ୍ରତିଷ୍ଠା ନିମନ୍ତେ ୧୯୮୦-୮୧ ମସିହାରେ ବଡ଼ଭାଇ କୃଷ୍ଣ ଚନ୍ଦ୍ର ଆଇଚ୍‌ଙ୍କ ଉଦ୍ୟମ ଫଳରେ ଜନ୍ମସ୍ଥାନ ନୀଳକଣ୍ଠପୁରଠାରେ ବାଜିରାଉତ ସ୍ମୃତି ପୀଠ ପ୍ରତିଷ୍ଠା କରାଯାଇ ପ୍ରତିବର୍ଷ ଜନ୍ମଦିବସ ଓ ବଳିଦାନ ଦିବସ ପାଳନ କରାଯାଉଛି। ନିକଟରେ ବାଜିରାଉତଙ୍କ ଏକ ବ୍ରୋଞ୍ଜ ପ୍ରତିମୂର୍ତ୍ତି ଭୁବନେଶ୍ୱରର ଏକ କେନ୍ଦ୍ର ସ୍ଥଳରେ ଅନାବରଣ ହୋଇଛି। ଆହୁରି ବଡ଼ ଉଦ୍ୟମ ହେଉଛି ଦିଲ୍ଲୀସ୍ତରରେ ବାଜିରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନର ଯୋଜନା। ଶ୍ରଦ୍ଧେୟ କୃଷ୍ଣଭାଇ ଏଥିପାଇଁ ଧନ୍ୟବାଦାର୍ହ। ଏଠାରେ ପ୍ରକାଶ କରାଯାଇପାରେ ଯେ ପ୍ରତିବର୍ଷ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ହେଉଥିବା ବାଜି ରାଉତଙ୍କ ଶ୍ରାଦ୍ଧ ଦିବସରେ ଆମେ ଭୁବନେଶ୍ୱରରେ ଯୋଗଦେଉ।

ଶେଷରେ ଭୁବନର ସଂସ୍କୃତି ବିଷୟରେ ପଦେ ସ୍ମରଣ ନ କଲେ ଠିକ୍ ହେବ ନାହିଁ। ଭୁବନ ପବିତ୍ର ବ୍ରାହ୍ମଣୀ ନଦୀକୂଳରେ ଅବସ୍ଥିତ। ଏହା ଏକ ପୁରାତନ ବାଣିଜ୍ୟ କେନ୍ଦ୍ର। ଏଠାରେ ବହୁ ମନ୍ଦିର, ମଠ ଇତ୍ୟାଦି ଅଛି। ଏ ସମସ୍ତ ମଠ ଓ ମନ୍ଦିର ତଥା ପ୍ରସିଦ୍ଧ ଦଶହରା ବଳଦ ଯାତ୍ରା ଭୁବନର ସାଂସ୍କୃତିକ ସ୍ଥିତିକୁ ଉଜ୍ଜିବିତ ରଖିଛନ୍ତି। ସର୍ବଶେଷରେ ଏହା କୁହାଯାଇପାରେ ଯେ ଆମ ଚେତନାରେ ଉନ୍ମେଷ ହେବାର ଆବଶ୍ୟକତା ଅଛି। "ଉତ୍ତିଷ୍ଠତ ଜାଗ୍ରତ ପ୍ରାପ୍ୟ ବରାନ ନିବୋଧତ" - ଉଠ ଜାଗ ଶ୍ରେଷ୍ଠକୁ ପ୍ରାପ୍ତହୁଅ। ❋

ବ୍ୟାଚ୍ : ୧୯୬୬
ଫୋନ୍: ୯୮୬୧୪୦୬୯୬୧

ଏଇ ଆମ ଭୁବନ

ନବ କିଶୋର ଗୁରୁ

"ଭୁବନ ଏକ ଐତିହ୍ୟଭରା, ଅପରୂପ ପ୍ରାକୃତିକ ଶୋଭା ସମ୍ବଳିତ, ସଂସ୍କୃତି ସଂପର୍ଣ୍ଣ ଭୂଖଣ୍ଡ। ଭୁବନର ଦକ୍ଷିଣ ପଟରେ ସୁଉଚ୍ଚ ପର୍ବତ ମାଳା, ଯାହା କି ଅଶିଟି ପାହାଡର ଏକ ବିଶାଳ ଅଞ୍ଚଳ। ପୁନରାୟ ଏହି ଅଶିଟି ପାହାଡ ମଧ୍ୟରେ ଅଛି ଅଶିଟି ଖୋଲ ବା ଗୁମ୍ଫା। କାଳକ୍ରମେ ସେହି ଅଶିଟି ଖୋଲ "ଅଶି ଖୋଲା" ବା "ଅଶ୍ୱ ଖୋଲା" ନାମରେ ନାମିତ ହୋଇଛି। ପାହାଡର ପାଦ ଦେଶରେ ଚିର ସ୍ରୋତା ପୁଣ୍ୟଗର୍ଭା ବ୍ରାହ୍ମଣୀ ନଦୀ ଓ ନଦୀର ଅପର ପାର୍ଶ୍ୱରେ ଦିଗନ୍ତ ବିସ୍ତାରୀ ଚାଷ ଉପଯୋଗୀ ଉର୍ବର ଅବବାହିକା। ଉତ୍ତର ଦିଗରେ ଖଣିଜ ସଂପଦ ଭରା ଦୁଇଟି ଅନୁଚ୍ଚ ପାହାଡ। ସେଇ ଦୁଇ ପାହାଡର ପାଦଦେଶରେ ଦୁଇଟି ମହାବିଦ୍ୟାଳୟ।

ଗ୍ରାମଟି ଲମ୍ବି ଯାଇଛି ପୂର୍ବରୁ ପଶ୍ଚିମକୁ ଓ କିଛିକାଂଶ ଉତ୍ତରଦିଗକୁ। ସମୁଦାୟ ବାର କି.ମି. କ୍ଷେତ୍ରଫଳ ମଧ୍ୟରେ ଅବସ୍ଥିତ ଆମଦେଶର ଏହି ସର୍ବବୃହତ ଗ୍ରାମ। ସ୍ୱାଧୀନତା ପ୍ରାପ୍ତିର ଠିକ୍ ପରେ ପରେ ହୋଇଥିବା ଜନଗଣନା ଅନୁଯାୟୀ, ଏହାର ଚୁଲି ସଂଖ୍ୟା ଥିଲା ୧୩୯୨ ଓ ଢ଼ିଙ୍କି ସଂଖ୍ୟା ଥିଲା ୭୬୨। ମାତ୍ର ବର୍ତ୍ତମାନର ଚୁଲି ସଂଖ୍ୟା ତେର ହଜାର ଉପରେ ଓ ଢ଼ିଙ୍କି ସଂଖ୍ୟା ୫୦ ରୁ ୧୦୦ ଭିତରେ। ଭୂଗୋଳ ନଥି ପତ୍ରରେ ଏହି ଭୁବନର ଅନ୍ୟ ଦୁଇଟି ପରିଚିତି ଅଛି; "କଂସା ବାସନ ତିଆରିର କୁଟୀର ଶିଳ୍ପ" ଓ "ନିୟମିତ ଘରପୋଡି"।

ଭୁବନର ଭୌଗୋଳିକ ମାନଚିତ୍ରକୁ ଦେଖିଲେ ଦକ୍ଷିଣରେ ବକୁଳ ବନ ନିବାସୀ ଅବନୀ ସମ୍ଭୁତା ବାବା ବୃଦ୍ଧେଶ୍ୱର, ଉତ୍ତରରେ ଭରତି ପାହାଡ଼ର ପାଦଦେଶରେ ମାଆ ବଣଚଣ୍ଡୀ, ପୂର୍ବରେ ମାଆ କାଲୁଣୀଦେବୀଙ୍କ ପୀଠ, ରଗଡିଠାରେ ବାବା ଅଷ୍ଟଶମ୍ଭୁ ମନ୍ଦିର ତଥା ପଶ୍ଚିମରେ ମାଆ ବାଟ ତାରିଣୀ ପୀଠ ଭୁବନ ବାସୀଙ୍କ ଆଧ୍ୟାତ୍ମିକ ଚିନ୍ତା ଚେତନାକୁ ପ୍ରମାଣିତ କରେ।

ପ୍ରଜାମଣ୍ଡଳ ଆନ୍ଦୋଳନରେ ଭୁବନର ଅବଦାନ ଅତୁଳନୀୟ। ୧୦ ଅକ୍ଟୋବର ୧୯୩୮ ରାତିରେ ଥାନା ଘେରାଉ ସମୟରେ ଗୋରା ଫଉଜଙ୍କ ଗୁଳି ମାଡରେ ସହୀଦ ହୋଇଥିଲେ ଭୁବନର ଗୁରି ନାୟକ ଓ ରଘୁ ନାୟକ। ବିଶ୍ୱର ସର୍ବ କନିଷ୍ଠ ସହୀଦ ବୀର ବାଜି ରାଉତ ଭୁବନ ଅଞ୍ଚଳର ଗର୍ବ ଓ ଗୌରବ।

ଏହି ଭୁବନରେ ସ୍ଥାୟୀ ଭାବରେ ବାସ କରନ୍ତି ବୟାଳିଶ ଜାତିର ଲୋକ। ଚାଷ ଓ ବ୍ୟବସାୟ ପ୍ରଥମେ ଥିଲା ଆୟର ଉତ୍ସ। ବର୍ତ୍ତମାନ ଅଧିକାଂଶ ଶିକ୍ଷିତ ଓ ଉଚ୍ଚଶିକ୍ଷିତ ଯୁବକ ଓଡିଶା ବାହାରେ ଓ ଦେଶ ବାହାରେ ବଡ ଛୋଟ ଚାକିରି ଓ ବ୍ୟବସାୟ କରି ଭୁବନର ଅର୍ଥନୀତିକୁ ଅଧିକ ସମ୍ବଳ ଯୋଗାଇ ଦେଇଛନ୍ତି।

ଶିକ୍ଷା କ୍ଷେତ୍ରରେ ଭୁବନ ଅଧିକ ଉନ୍ନତ ଓ ଗତିଶୀଳ। ଭୁବନରେ ଅଧୁନା ୮ଟି ଉ.ପ୍ରା. ବିଦ୍ୟାଳୟ, ୫ଟି ଇଂରାଜୀ ମିଡିୟମ ସ୍କୁଲ, ସରସ୍ୱତୀ ଶିଶୁମନ୍ଦିର, ଶ୍ରୀ ଅରବିନ୍ଦ ପୂର୍ଣାଙ୍ଗ ଶିକ୍ଷା କେନ୍ଦ୍ର, ଚାରଟି ବାଳକ / ବାଳିକା ହାଇସ୍କୁଲ ଓ ଦୁଇଟି କଲେଜ, ଆଇ.ଟି.ଆଇ ତଥା ଅନେକ କୋଚିଂ ସେଂଟର। ବ୍ଲକସ୍ତରୀୟ ସମସ୍ତ ସରକାରୀ କାର୍ଯ୍ୟାଳୟ, ତହସିଲ, ଟ୍ରେଜେରୀ, ଦମକଳ କେନ୍ଦ୍ର, ଶୀତଳ ଭଣ୍ଡାର, ଉଠା ଜଳସେଚନ, ପୂର୍ତ୍ତ ବିଭାଗ, ଗ୍ରାମ୍ୟ ନିର୍ମାଣ, ରେଂଗାଲି କେନାଲ ଡିଭିଜନ, କୋର୍ଟ, ଟେଲିଫୋନ୍ ଅଫିସ୍ ଆଦି ଅନେକ ଦିନରୁ ସ୍ଥାପିତ।

ବ୍ୟବସାୟ ଦୃଷ୍ଟିକୋଣରୁ ଦେଖିଲେ ଅନେକ ନାମୀ ଦାମୀ କଂପାନୀର ସୋ ରୁମ୍, ପ୍ରତ୍ୟେକ ବାଇକର ସୋ ରୁମ୍, ସପିଂ ମଲ, କଲ୍ୟାଣ ମଣ୍ଡପ ଆଦି ସହଜରେ ଉପଲବ୍ଧ। ଏହିସବୁ ସୁବିଧା, ଭୁବନ ତଥା ନିକଟସ୍ଥ ୩୦ କି.ମି. ବ୍ୟାସ ପରିମିତ ସମସ୍ତ ଅଞ୍ଚଳର ଜନତାଙ୍କୁ ଅବିରତ ସେବା ଯୋଗାଇ ପାରୁଛି।

ଭୁବନ ସମଗ୍ର ଅଂଚଳ ପାଇଁ ମୁଖ୍ୟ ବ୍ୟବସାୟର ପେଣ୍ଠସ୍ଥଳୀ। ଏଠାରେ ପ୍ରତ୍ୟେକ ଦିନ ସକାଳେ ଓ ସଂନ୍ଧ୍ୟାରେ ସତେଜ ପନିପରିବା ଓ ମାଛ ମାଂସ ସୁବିଧାଜନକ ମୂଲ୍ୟରେ ମିଳିଥାଏ। ଆଖପାଖର ପ୍ରାୟ ୩୦/୪୦ ଗ୍ରାମର ଚାଷୀ ନିଜ ଉତ୍ପାଦିତ ସତେଜ ପନିପରିବା ପ୍ରତ୍ୟହ ଆଣି ଭୁବନ ବଜାରରେ ବିକ୍ରି କରି ନିଜର ଗୁଜୁରାଣ ମେଣ୍ଟାଇ ଥାଆନ୍ତି। ବ୍ରାହ୍ମଣୀ ନଦୀ, ନାଳ ଓ ପୋଖରୀରୁ ମାଛ ଆସି ସକାଳେ ଓ ସଂନ୍ଧ୍ୟାରେ ବଜାରରେ ବିକ୍ରି କରାଯାଏ।

ଏଠି ପ୍ରକୃତରେ ବାର ମାସରେ ତେରଯାତ ହୁଏ। ଏଠାରେ ସବୁଠାରୁ ବଡ ଯାତ୍ରା-ଦୁର୍ଗାପୂଜା ଓ ମୁଖ୍ୟ ଆକର୍ଷଣ ଦଶହରା ବଳଦ। ଗଣେଶ ପୂଜା, ଲକ୍ଷ୍ମୀ ପୂଜା, କାଳି ପୂଜା, କାର୍ତ୍ତିକେଶ୍ୱର ପୂଜା, ଖୁଦୁରୁକୁଣୀ ଓଷା ଅଧିକାଂଶ ସାହି ଛକରେ ଅତ୍ୟନ୍ତ ଆଡମ୍ବର ସହ ପାଳନ କରାଯାଏ। ଏତଦ୍‌ଭିନ୍ନ ବାଲିଯାତ୍ରା, ଦୋଳଯାତ୍ରା ଓ ରଜ ମହୋତ୍ସବ, ଶୀତଳ ଷଷ୍ଠୀ ମଧ୍ୟ ପାଳନ କରାଯାଏ। ସାହିତ୍ୟ ଆସର, କବି ସମ୍ମିଳନୀ, ପୁସ୍ତକ ମେଳା ଓ ସରକାରଙ୍କ ଆୟୋଜିତ ମେଳା ଓ ପ୍ରଦର୍ଶନୀ ସହିତ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିବର୍ଷ କରାଯାଏ।

ବାର୍ଷିକ ପାଲା ମହୋତ୍ସବର ପରଂପରା ୧୯୬୦ ମସିହାରୁ ଅଦ୍ୟାବଧି ନିରବଚ୍ଛିନ୍ନ ଭାବେ ଚାଲିଆସିଛି। ଏହି ବାଦିପାଲା ମହୋତ୍ସବର ସୁସ୍ଥ ଓ ସାଂସ୍କୃତିକ ପରଂପରା, ସାର୍ବଜନିକ ପ୍ରଚେଷ୍ଟାରେ, ଭୁବନର ଅମ୍ଳାନ ପ୍ରତିଭା ତଥା ମୁରବୀମାନେ ଯଥା ୺ କାଶୀନାଥ ରାଉତ, ୺ ରାମଚନ୍ଦ୍ର ରାଉତ, ୺ ବନବିହାରୀ ସାହୁ, ୺ ରାମଚନ୍ଦ୍ର ଦାସ, ୺ ପଣ୍ଡିତ ଗଙ୍ଗାଧର ମିଶ୍ର, ୺ ମଧୂସୁଦନ ବିହାରୀ, ୺ ନାରାୟଣ ପୁଷ୍ଟି, ୺ ଭୁଲୁ ସାହୁ, ୺ ନଟବର ସାହୁ, ୺ ଭାଲୁ ସାହୁ, ରାମ ପୋଥାଳ, ୺ ବାସୁଦେବ(ବୁଲା) ବେହେରା, ଆଦି ଆରମ୍ଭ କରି ଥିଲେ। ପ୍ରଥମେ ଏହି ବାଦିପାଲା ପରଡ଼ିବାରୀ ଓ ବଡହାଟରେ ହେଉଥିଲା। ବର୍ତ୍ତମାନ ଏହି ବାଦିପାଲା ମହୋତ୍ସବ ଭୁବନର ସ୍ଥାୟୀମଞ୍ଚ, ପାଲାମଣ୍ଡପରେ ଅନୁଷ୍ଠିତ ହେଉଛି। ପ୍ରତି ବର୍ଷ ଏହି ବାଦି ପାଲା ମହୋତ୍ସବ ପରେ ପରେ ରାମଚରିତ ପାରାୟଣ ଓ ପ୍ରବଚନ ଏକ ସପ୍ତାହ ପର୍ଯ୍ୟନ୍ତ ମଧ୍ୟ ଆୟୋଜିତ ହୋଇଥାଏ।

ଭୁବନର ଗମନାଗମନ ବ୍ୟବସ୍ଥା, ଶିକ୍ଷା ବ୍ୟବସ୍ଥା ଅତି ଉନ୍ନତମାନର ହୋଇଥିବା ସ୍ଥଳେ ଚିକିତ୍ସାର ସୁବିଧା ମଧ୍ୟ ଅଛି। ଭୁବନବାସୀ ଅତ୍ୟନ୍ତ ଶାନ୍ତି ପ୍ରିୟ। ଏମାନଙ୍କର ସାହିଭାଇ, ଜାତିଭାଇ, ବନ୍ଧୁବାନ୍ଧବମାନଙ୍କର ସାହାଯ୍ୟ ସହଯୋଗରେ ସମସ୍ତ ଶୁଭ- ଅଶୁଭ କାମ ଅକ୍ଲେଶରେ ଓ ଅନାୟସରେ ହୋଇଯାଏ।

ଆମ ସମସ୍ତଙ୍କର ଶିକ୍ଷା ଓ ସାଧନାର ପୀଠ ଭୁବନ ହାଇସ୍କୁଲ (ସ୍ଥାପିତ- ୧୯୪୮) ଏବେ ଏହାର ହୀରକ ଜୟନ୍ତୀ ମହା ସମାରୋହରେ ପାଳନ କରିବାକୁ ଯାଉଛି। ଆଜି ମନେ ପଡ଼େ ୧୯୭୩ ର ରୌପ୍ୟ ଜୟନ୍ତୀ ପାଳନର ସୁଖଦ ଅବସରର ମଧୁର ସ୍ମୃତି। ପୂଜ୍ୟ ପ୍ରଧାନ ଶିକ୍ଷକ ୺ ଉମେଶ ଚନ୍ଦ୍ର ମିଶ୍ର, ଶିକ୍ଷକ ରମେଶ ଚନ୍ଦ୍ର ଭଂଜ ତଥା ସମସ୍ତ ଗୁରୁଜୀମାନଙ୍କ ତତ୍ତ୍ୱାବଧାନରେ ଗୀତିନାଟ୍ୟ (ନଳ ଦମୟନ୍ତୀ) ଛାତ୍ରମାନଙ୍କ ଦ୍ୱାରା ପରିବେଷଣ କରାଯାଇଥିଲା। ଏତଦ୍‌ଭିନ୍ନ ଗୁରୁଜୀ ହରିହର ରଥ, ହରିହର ମିଶ୍ର, ହରମୋହନ ନନ୍ଦ, ହରମୋହନ ବେହେରା, ଧନେଶ୍ୱର ସାହୁ, ଯୁଗଳ କିଶୋର ମହାପାତ୍ର, ହରିହର ଦାସ, ଘନଶ୍ୟାମ ସାହୁ, ରଘୁନାଥ ସେଠୀ, କୋଦଣ୍ଡଧର ପୃଷ୍ଟିଙ୍କ ସ୍ନେହ, ଶ୍ରଦ୍ଧା ଓ ମଧୁର ଆକଟ ମଧୁର ସ୍ମୃତି ହାଇସ୍କୁଲର ବିସ୍ତୀର୍ଣ୍ଣ ପ୍ରାଙ୍ଗଣକୁ ଆଜି ମଧ୍ୟ ମନେ ପକାଇଦିଏ। ହାଇସ୍କୁଲର ଏକାଧିକ ଛାତ୍ର ଆଜି ଭାରତର କୋଣେ ଅନୁକୋଣେ ଉଚ୍ଚ ପଦପଦବୀରେ ରହି ଭୁବନର ନାମକୁ ମହିମାନ୍ୱିତ କରି ପାରିଛନ୍ତି।

ଅନ୍ୟ ଏକ ମହାଆନନ୍ଦର ବିଷୟ ଭୁବନର ଆରାଧ୍ୟ ଦେବତା- ବାବା ବୃଦ୍ଧେଶ୍ୱରଙ୍କ ପୀଠରେ ଏ ବର୍ଷ ମହାପଂଚୁକ ଅବସରରେ ଭୁବନବାସୀ ଦେଖିବେ "ଭୁବନ ମହୋତ୍ସବ"। ଏହି ଯୁଗୋପଯୋଗୀ ମହୋତ୍ସବ ସମସ୍ତଙ୍କ ପାଇଁ ନିଶ୍ଚିନ୍ତ ଆକର୍ଷଣୀୟ ଓ ଉପଭୋଗ୍ୟ ହୋଇପାରିବ। ଏଣୁ ପ୍ରକୃତରେ ଆମ ଭୁବନ ଏଇ ମଧ୍ୟରେ ହିଁ ସ୍ୱର୍ଗ ଭୁବନ। ❋

ଫୋନ୍ : ୯୪୩୭୩୬୦୯୮୯

ମହାବାକ୍ୟ

ପ୍ରଜ୍ଞାନମ୍ ବ୍ରହ୍ମ
ଅହମ୍ ବ୍ରହ୍ମସ୍ମି
ତତ୍ ତ୍ୱମ୍ ଅସି
ଅୟମ୍ ଆତ୍ମା ବ୍ରହ୍ମ

ଇତିହାସର ଆଇନାରେ ମୋ ଗାଁ ଭୁବନ

ବିନୋଦ ମହାରଣା

ସ୍ୱର୍ଗରେ ଭୁବନ ଆଉ ମର୍ତ୍ତ୍ୟରେ ମୋ ଗାଁ ଭୁବନ। କଳା, ସଂସ୍କୃତି, ସାହିତ୍ୟ,ଐତିହ୍ୟ, ପରମ୍ପରା ଓ ଭାଇଚାରାର ସହର ମୋ ଗାଁ ଭୁବନ। ଇତିହାସର ଆଇନାରୁ ଦେଖି ହୁଏ ମୋ ଗାଁର ଚେହେରା। ସେଇ ମହାପୁରୁଷଙ୍କ ଗାଥା ଗାରିମା ଜଣେଇଦିଏ ଯେ ମୋ ଗାଁ ଭୁବନ ସ୍ୱର୍ଣ୍ଣିମ ଇତିହାସର ପୃଷ୍ଠାରେ ଆଜି ବି ଜୀବନ୍ତ।

ବିପ୍ଳବୀଙ୍କ ମହାସମର ୧୯୩୮ ଅକ୍ଟୋବର ୧୦ ତାରିଖ ଅନ୍ୟାୟ ଅତ୍ୟାଚାର ଲାଠି ବେଠି ବିରୋଧରେ ଗଣ ସଂଗ୍ରାମ ଇତିହାସର ଏକ ସ୍ମରଣୀୟ ଅଧ୍ୟାୟ। ରାଇବଣିଆ ଦୁର୍ଗରେ ନରସଂହାର ହେଲାଭଳି ସେଦିନ ଭୁବନରେ ହେଲା ଜାଲିଆନ ବାଗର ରକ୍ତ ପୀଠ। ଗଡ଼ଗହଂପୁରର ବେଣୁଧର ଦେଓ, ଭୁବନର ପଣ୍ଡିତ ଗଙ୍ଗାଧର ମିଶ୍ର ଓ ମହନ୍ତ ପ୍ରଧାନଙ୍କ ଆହ୍ୱାନରେ ବଡ଼ହାଟ୍‌ରେ ବସିଲା ମହାବୈଠକ। ରାଜତନ୍ତ୍ର ବିରୋଧରେ ଆନ୍ଦୋଳନ, ଲାଠି ବେଠି ବିରୋଧରେ ପ୍ରତିବାଦ, ରାଜାର ଆଦେଶ ଅମାନ୍ୟ, ଯତନ ନଗର ବେଠି ବିରୋଧରେ ସଂଗ୍ରାମ କରି ପଟାୟତ ଶାସନର ପତନ ଘଟାଇବା ଥିଲା ମୂଳ ଲକ୍ଷ୍ୟ। ବଡ଼ହାଟ୍‌ରେ ହଜାର ହଜାର ସ୍ୱାଧୀନତା ସଂଗ୍ରାମୀ ହାତରେ ପତାକା ଧରି ଏକାଠି ହେଲେ। ଲୋକେ ରାଜତନ୍ତ୍ର ବିରୋଧରେ ସ୍ଲୋଗାନ ଦେଉଥିଲେ ମହାତ୍ମାଗାନ୍ଧୀ କି ଜୟ ଭାରତ ମାତା କି ଜୟ ଧ୍ୱନିରେ ପ୍ରକମ୍ପିତ ହେଉଥିଲା। ଏତେ ବିଦ୍ରୋହୀ ଏକାଠି ହୋଇଥିଲେ ଯେ ସୋରିଷ ପକେଇବାକୁ ଜାଗାନଥିଲା। ସେତେବେଳେ ଲୋକଙ୍କ ମୁହଁରେ ଗୋଟିଏ କଥା ଥିଲା

ଆସୁ ଗୁଳି ବାଜୁ ବାଣ
ଦେଶ ପାଇଁ ଯାଉ ପ୍ରାଣ

ରକ୍ତ ପୀଠ ଭୁବନରେ ଅଶାନ୍ତିର ନିଆଁ ଜଳୁଥିଲା, ବାନର ସେନା ବାହିନୀମାନେ ପତାକା ଧରି ବ୍ରିଟିଶ ସରକାର ଫେରିଯାଅ ନାରା ଦେଉଥିଲେ। ସଭା ସ୍ଥଳକୁ ଭଣ୍ଡୁର କରିବାକୁ ପୋଲିସ ଡାକବାଜି ଯନ୍ତ୍ର ସାହାଯ୍ୟରେ ଧମକ ଦେଉଥିଲା। ସଭା ଭାଙ୍ଗି ଚାଲିଯାଅ ନହେଲେ ଆମେ ଗୁଳି ଚଳେଇବାକୁ ବାଧ୍ୟ ହେବୁ। ହେଲେ ବାନର ସେନା ଏକଥାକୁ ଖାତିର ନକରି ପ୍ରଜାମଣ୍ଡଳ ନେତାଙ୍କ ସହ ପ୍ରବଳ ଜନସମୁଦ୍ର ପୋଲିସ ଆଡକୁ ମାଡି ଚାଲିଲେ। ପୋଲିସ ଗୁଳି ଚଲେଇବା ପୂର୍ବରୁ ବାନର ସେନା ତାଙ୍କୁ ଚାରିପଟୁ ଘେରି ଗଲେ ତାଙ୍କ ବନ୍ଧୁକ ଛଡାଇ ନେଇ ପ୍ରବଳ ମାଡ ମାରିଲେ। ବଡ଼ହାଟରେ ଚାଲିଲା ମହାସମର। ସେପଟେ କିଛି ବାନର ସେନା ଭୁବନ ଥାନା ଘେରାଉ କରିନେଲେ। ପୋଲିସ ଉପରକୁ ଟେକା ପଥର ମାଡ଼ ସହ ସଶସ୍ତ୍ର ଆକ୍ରମଣ କଲେ ଫଳରେ ଅନେକ ପୋଲିସ ଖଣ୍ଡିଆ ଖାବରା ହେଲେ। ବିଜୟ ଘୋଷ ମାଜିଷ୍ଟ୍ରେଟଙ୍କ ଆଦେଶରେ ବନ୍ଧୁକରୁ ଗୁଳି ଫୁଟିଲା, ଚିର ଦିନ ପାଇଁ ଆଖି ବୁଜିଦେଲେ ଭୁବନର ଶହୀଦ ରଘୁ ନାୟକ ଓ ଶହୀଦ ଗୁରି ନାୟକ। କେତେ ଯେ ଆହତ ହେଲେ କେତେକଙ୍କୁ ପୋଲିସ ବାନ୍ଧି କାରାଗାରରେ ଭର୍ତ୍ତି କରିଲା। ହେଲେ ବିଦ୍ରୋହର ନିଆଁ ଥମିବା ପରିବର୍ତ୍ତେ ଆହୁରି ତେଜିବାକୁ ଲାଗିଲା। ଫୌଜମାନେ ଏଭଳି ଜନସ୍ରୋତ ଦେଖି ଭୟରେ ଭୁବନରୁ ଢେଙ୍କାନାଳ ଚାଲିଯିବାକୁ ନିଷ୍ପତ୍ତି ନେଲେ ଓ ବ୍ରାହ୍ମଣୀ ନଦୀ ପାର ହୋଇ ଯିବାର ପ୍ରସ୍ତୁତି କରିଲେ। ହେଲେ ପ୍ରଜା ମେଳିକୁ ଭେଦ କରି ଯିବାଟା ଏତେ ସହଜ ନଥିଲା। ଅକ୍ଟୋବର ୧୧ ତାରିଖ ଭୋର ସମୟରେ ବ୍ରାହ୍ମଣୀ ନଦୀ କୂଳରେ ନୀଳକଣ୍ଠପୁର ଘାଟରେ ଚାଲିଲା ମହାସମର। ନୀଳକଣ୍ଠପୁର ଗାଁ ଏକ ଶହୀଦର ମଶାଣିରେ ପରିଣତ ହେଇଗଲା। ବାର ବର୍ଷର ବାଜି ରାଉତ ଦେଶ ପାଇଁ ଜାତି ପାଇଁ ଫିରିଙ୍ଗି ସେନାର ବନ୍ଧୁକ ଆଗରେ ନିଜର ଛାତି ଦେଖେଇ ଦେଲା ଆଉ ଫିରିଙ୍ଗି ସେନାଙ୍କ ବନ୍ଧୁକ ଗୁଳିରେ ସବୁଦିନ ପାଇଁ ଆଖି ବୁଜିଦେଲେ ବିଶ୍ୱର ସର୍ବ କନିଷ୍ଠ ଶହୀଦ ବାଜିରାଉତ। ଚିରଦିନ ପାଇଁ ଜନ୍ମ ମାଟିରେ ଶୋଇଗଲେ ବାର ବର୍ଷର ବାଜିଆ।

ସେଇ ମହାନ ସ୍ୱାଧୀନତା ସଂଗ୍ରାମୀଙ୍କ ବଳିଦାନର ଗାଁ; ମୋ ଗାଁ ଭୁବନ। ଗଣ୍ଡ ଭୁବନଙ୍କ ନାମ ଅନୁସାରେ ମୋ ଗାଁ ନାମ ଭୁବନ। ଢେଙ୍କାନାଳ ଜିଲ୍ଲାର ଗୌରବ ମୋ ଗାଁ ଭୁବନ। ଦେଶେର ସବୁଠାରୁ ବଡ ଗାଁ ଭୁବନ। ଦୁଇଟି ପଞ୍ଚାୟତ ଥିବାବେଳେ ୦୫/୦୬/୧୯୭୨ ମସିହାରୁ ବିଜ୍ଞାପିତ ଅଞ୍ଚଳ ଭାବେ ସୁପରିଚିତ। ବ୍ରାହ୍ମଣୀ ନଦୀ କୂଳରେ ଅବସ୍ଥିତ ମୋ ଗାଁ ଭୁବନ, ପ୍ରାକୃତିକ ପରିବେଶ ଉତ୍ତରରେ ଭର୍ତ୍ତି ପାହାଡ଼ ଉଚ୍ଚତା -୩୪୮ ଫୁଟ ଦକ୍ଷିଣ ରେ ଦଲାର ପାହାଡ଼ ଉଚ୍ଚତା -୭୩୭ ଫୁଟ। ସେହିପରି ପୂର୍ବରେ ଶହୀଦ ବାଜିରାଉତ ଜନ୍ମ ପୀଠ, ବାବା ଅଷ୍ଟଶମ୍ଭୁ ମନ୍ଦିର, ପଶ୍ଚିମରେ ତାରିଣୀ ଦେବି ପୀଠ। ଉତ୍ତରରେ ମା ବଣଚଣ୍ଡୀ ଓ ଦକ୍ଷିଣରେ ମା ହିଙ୍ଗୁଳା ମନ୍ଦିର ଓ ପର୍ଯ୍ୟଟନ ସ୍ଥଳୀ

ବାବା ବୁଦ୍ଧେଶ୍ୱର ମନ୍ଦିର। ଭୁବନ ଶାସନ ନିକଟରେ ମା ବଣିଜାରି ଓ ଗାଁ ମଝିରେ ଜଗତର ନାଥ ଜଗନ୍ନାଥ ମନ୍ଦିର ବିରାଜମାନ।

ଛତିଶ ପାଟକଙ୍କୁ ନେଇ ଭୁବନର ବସବାସ। ତାରକସି କାମ, ସିଙ୍ଗ କାମ, କଂସା ବାସନ ଓ ଦଶହରା ବଳଦ ଯାତ୍ରା ପାଇଁ ଭୁବନ ପ୍ରସିଦ୍ଧ। ଏହି ମାଟି ଜନ୍ମ ଦେଇଛି ବହୁ ପ୍ରତିଭାବାନ ବ୍ୟକ୍ତିତ୍ୱଙ୍କୁ। ଔପନ୍ୟାସିକ କେଶବ ଚନ୍ଦ୍ର ମିଶ୍ର, ନାଟ୍ୟକଳା ଭୂଷଣ ପିତାମ୍ବର ମିଶ୍ର, ଗଣକବି ନଟବର ନାୟକ, ପ୍ରଥମ ସରପଞ୍ଚ ମାଗୁଣି ବେହେରା, ପ୍ରଥମ ଚେୟାରମ୍ୟାନ ଶ୍ରୀ ହରିହର ମିଶ୍ର, ଦେଶ ସଭାପତି ବନ ବିହାରୀ ସାହୁ, ପ୍ରଥମ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର।

ଇତିହାସ ଦୃଷ୍ଟିକୋଣରୁ ମୋ ଗାଁର ପ୍ରତିଷ୍ଠା ବହୁ ପୁରୁଣା-

ଥାନା - ୦୭/୦୯/୧୯୩୦

ଭୁବନ ଡାକ ବଙ୍ଗଳା -୧୯୬୦

ଶ୍ରୀ ଜଗନ୍ନାଥ ମନ୍ଦିର -୧୯୪୦

ପୋଷ୍ଟ ଅଫିସ -୦୬/୦୫/୧୯୪୪

ଭୁବନ ହାଇସ୍କୁଲ -୦୧/୦୪/୧୯୪୮

ବ୍ଲକ - ୦୧/୦୪/୧୯୫୮

ଡାକ୍ତରଖାନା -୦୭/୦୫/୧୯୪୨

ପଶୁ ଡାକ୍ତରଖାନା -୨୦/୦୬/୧୯୬୧

ବାଜି ରାଉତ କଲେଜ -୦୫/୦୭/୧୯୭୬

ଦମକଳ କାର୍ଯ୍ୟାଳୟ -୨୫/୦୪/୧୯୭୯

ତହସିଲ - ୦୧/୦୪/୧୯୮୨

କୋର୍ଟ -୨୯/୦୩/୨୦୦୯

ଆଜି ସବୁର ପ୍ରଚାର ପ୍ରସାର ହେଉଅଛି। ମୋ ଗାଁ ଇତିହାସରେ ତା ଛାପ ରଖିଛି। ଆଜିର ଯୁବ ପିଢ଼ି ସେ ଇତିହାସକୁ କେତେ ମନେ ପକାଉଛି ଓ କେତେ ପାସୋରି ଦେଇଛି। ହେଲେ ମୋ ଗାଁ ଭୁବନ ଇତିହାସର ଆଇନାରେ ଆଜିବି ଚକମକ କରୁଛି। କାହିଁକି ନା ସ୍ୱର୍ଗ ଭୁବନ ନହେଲେ ମର୍ତ୍ତ୍ୟରେ ଭୁବନ। ❁

ବ୍ୟାଚ: ୨୦୦୦
ଫୋନ୍ : ୯୫୮୩୩୬୬୯୯୬

ସମର ତରଙ୍ଗ

"ନୃପତି ଜାଣି ଯେ କୁଟ ବିଚାର
ଆଣିଦେଲେ ଦେଖି ଯା ଆନ୍ତର
ରାଜାରାମ ପଣ୍ଡିତଙ୍କୁ ବାଟରେ,
ସଙ୍ଗୋଳି ଆସ ମର୍ଯ୍ୟାଦା ବେଭାରେ,
ହାକିମ ଅଟନ୍ତି ସେହୁ ଯେ,
ତୀର ଗୁଳି ଦେଇ ଭେଟିବ
ତାହାଙ୍କୁ ପାଶୋରିବେ
ନାହିଁ ଆଉ ଯେ,"
"ରାଜନ ମଣି ଆଗରୁ ଜାଣି,
ଅଗାଧ ପାଣି ଜଳ ନିର୍ମାଣୀ
ପାଷାଣ କାନ୍ଥି ସଜାଡ଼ି ପୁଣି ମୁରୁଚ୍ଚ କରିଯେ,
ଗୁଣ୍ଡ ବାଜିବା ସ୍ଥାନକୁ ହେଜି,
ଉଣ୍ଡି ବାଙ୍ଗୁଲା ଅଛନ୍ତି ସାଜି
ଚଣ୍ଡିପ୍ରସାଦ ଗୁଣ୍ଡକୁ ଖଞ୍ଜିଛନ୍ତି ବିଚାରଯେ,
କାହିଁ ମୁଲକ ମଇଦାନ ତୋପକୁ
ସଜକରି ଅଛନ୍ତି କୋଶେ ଧାପକୁ ଯେ
ଅଳପ ପାତି କେଉଁ ମୁଣ୍ଡକୁ,
ରୂପି ଅଛନ୍ତି ଖାଲ ମୁଣ୍ଡକୁ
ମଉଡ଼ା ଟେକିଛନ୍ତି କାହାର ଉଚ୍ଚମାପକୁ"

ସମର କବି ବ୍ରଜନାଥ ବଡ଼ଜେନାଙ୍କ ରଚିତ ଐତିହାସିକ କାବ୍ୟ - ସମରତରଙ୍ଗ ୧୭୮୧ ଖ୍ରୀଷ୍ଟାବ୍ଦରେ ଢେଙ୍କାନାଳ ରାଜା ତ୍ରିଲୋଚନଙ୍କ ସହିତ ମରହଟ୍ଟା - ମାନଙ୍କର ଇତିହାସ ପ୍ରସିଦ୍ଧ ଯୁଦ୍ଧର କଥା ବସ୍ତୁକୁ ଭିତ୍ତିକରି ସାତଗୋଟି ଛାନ୍ଦରେ ବିଭିନ୍ନ ରାଗ ସମନ୍ୱିତ ହୋଇ ସମର ତରଙ୍ଗ ରଚିତ।

ଭୁବନ ଦଶହରାରେ ବଳଦ ଯାତ୍ରାର ନିଆରା ପରମ୍ପରା

ବ୍ରହ୍ମାନନ୍ଦ ସାହୁ

ପ୍ରାଚୀନ କଳିଙ୍ଗର ଯେଉଁ ବୈଶ୍ୟମାନେ ସ୍ଥାନାନ୍ତର ଗମନ କରି ବାଣିଜ୍ୟ ବ୍ୟବସାୟ କରୁଥିଲେ ସେମାନଙ୍କୁ ସାଧବ ବୋଲି କୁହାଯାଉଥିଲା । ଓଡିଶାର ବାଣିଜ୍ୟିକ ଇତିହାସରେ ନୌବାଣିଜ୍ୟ ଯେତିକି ଗୁରୁତ୍ୱପୂର୍ଣ୍ଣ ଥିଲା, ସ୍ଥଳବାଣିଜ୍ୟ ମଧ୍ୟ ସେତିକି ମହତ୍ୱପୂର୍ଣ୍ଣ ଥିଲା । ଏହି ବଣିକମାନେ ସ୍ଥଳପଥରେ ବ୍ୟବସାୟ କରିବା ପାଇଁ ବଳଦ ପିଠିରେ ପଣ୍ୟଦ୍ରବ୍ୟମାନ ବହନ କରି ଦୂରସ୍ଥାନକୁ ଯାଉଥିଲେ । ଢ଼େଙ୍କାନାଳ ଜିଲ୍ଲା ଭୁବନ ଥୋଡିଆ ସଂପ୍ରଦାୟର ଲୋକ "ଥୋଡ଼ିବଳଦ" ପରମ୍ପରା ବିଷୟରେ ଆଲୋଚନା କଲେ ଏ ସଂପର୍କରେ ଅନେକ ଲୁକାୟିତ ତଥ୍ୟ ଉନ୍ମୋଚିତ ହୁଏ । ଦୁଃସାହସୀ ଭୁବନବାସୀଙ୍କର ବଳଦ ସାହାଯ୍ୟରେ ବ୍ୟବସାୟ ଆରମ୍ଭ ସମୟ ସଠିକ୍ ଭାବେ ନିର୍ଣ୍ଣୟ ଦୁରୂହ ବ୍ୟାପାର ହୋଇଥିଲେ ମଧ୍ୟ ଜନଶ୍ରୁତାଣି ପାରମ୍ପରିକ ବିଶ୍ୱାସରୁ ଯେଉଁ ନିର୍ଯ୍ୟାସ ସଂଗୃହୀତ ହୋଇଛି ତାହା କେତେ ହଜାର ବର୍ଷ ତଳର । ଭୁବନବାସୀଙ୍କର ସହସ୍ରାଧିକ ବର୍ଷର ସ୍ମୃତି, ଐତିହ୍ୟ, ଚଳଣି ଓ ପରମ୍ପରା ସବୁ ବାରିହୋଇଆସେ ଏହି ବଳଦ ଯାତ୍ରାରେ । ଯାହାଦ୍ୱାରା ଏହି ଐତିହାସିକ ବଳଦ ଯାତ୍ରା ସମଗ୍ର ବିଶ୍ୱରେ ପ୍ରସିଦ୍ଧି ଲାଭ କରିଛି । ଏହି ଅନନ୍ୟ ପର୍ବ ଭୁବନରେ ବର୍ତ୍ତମାନ ଗଣପର୍ବ ରୂପେ ପାଳିତ ହୋଇ ଆସୁଅଛି ।

ବହୁ ପ୍ରାଚୀନ କାଳରୁ ବଦଳ ପିଠିରେ ଲାଖ, ତୁଳା, ଝୁଣା, ମହୁ, ମହଣ ପ୍ରଭୃତି ଜିନିଷ ଆଣି ଉତ୍ତର ଭାରତରେ ଥୋଡିଆ ଜାତିର ଲୋକ ବ୍ୟବସାୟ କରୁଥିଲେ । ଉପକୂଳ ଅଞ୍ଚଳରୁ ଲୁଣ ଆଣି ଦକ୍ଷିଣ ଭାରତରେ ବିକ୍ରୟ କରୁଥିଲେ । ସେହି ସମୟରେ ଏ ବ୍ୟବସାୟୀ ଜାତିକୁ ଥୋଡି ମହାଜନ ବୋଲି ଆଖ୍ୟା ଦିଆଯାଉଥିଲା । ସେମାନଙ୍କ ସାଥିରେ ବ୍ୟବସାୟ କରିବା ପାଇଁ ବଣିଆ ପାଟକର ଲୋକ ମଧ୍ୟ ଯାଉଥିଲେ । ସେମାନଙ୍କୁ ବଳଦିଆ ଭାଇ ବୋଲି ସମ୍ମାନ ଦିଆଯାଉଥିଲା । ତତ୍ ସହିତ କାଚରା ସଂପ୍ରଦାୟ ମଧ୍ୟ ଜଡିତ ଥିଲେ । ସେହି ସମୟରେ ବୋଇତ ସାହାଯ୍ୟରେ ଜାଭା, ସୁମାତ୍ରା, ବାଲି ଦ୍ୱୀପ ଯାଇ ମଧ୍ୟ ବ୍ୟବସାୟ କରୁଥିଲେ । ସେତେବେଳକୁ ଜଳଦସ୍ୟୁଙ୍କର ଭୟଥିବାରୁ ନିଜର ଆତ୍ମରକ୍ଷା ପାଇଁ ଖଣ୍ଡା, ବର୍ଚ୍ଛା, ତୀର ସାଙ୍ଗରେ ନେଇଯାଉଥିଲେ । ଥୋଡି ମହାଜନ ଲୁଣ ବ୍ୟବସାୟ କରୁଥିବାରୁ ଦଶହରା ଅନୁକୂଳ ଦିନ ଲୁଣ ମାପ ପ୍ରଥା ଏବେବି ରହିଛି । ସମୟକ୍ରମେ ପ୍ରତିକୂଳ ପ୍ରାକୃତିକ ପରିସ୍ଥିତି, ଯାନବାହନ ଚଳପ୍ରଚଳ ସ୍ଥଳ ବାଣିଜ୍ୟ ପ୍ରତି ଭୁବନର ଏହି ବଣିକଙ୍କର ଅନାଗ୍ରହ ଫଳରେ ବଳଦ ସାହାଯ୍ୟରେ ବାଣିଜ୍ୟ ପରମ୍ପରାର ଅବସାନ ଘଟିଲା । ସ୍ଥଳପଥରେ ବଳଦ ସାହାଯ୍ୟରେ ଥୋଡିଆ ସଂପ୍ରଦାୟ ବ୍ୟବସାୟର ପ୍ରଥାକୁ ସ୍ମାରକୀରୂପେ ଯୁଗଯୁଗକୁ ଉଜ୍ଜୀବିତ ରଖିବା ପାଇଁ ଦଶହରା ଦିନ ଅନୁକୂଳ ଯାତ୍ରା ଉଦ୍ଦେଶ୍ୟରେ ଏହି ବଳଦ ଯାତ୍ରାକୁ ପାଳନ କରିଥାନ୍ତି । ଏବେ କିନ୍ତୁ କେବଳ ଥୋରିଆ ସଂପ୍ରଦାୟ ଭିତରେ ସୀମିତ ନ ରହି ଭୁବନର ସମସ୍ତ ପାଟକ ଏହି ବଳଦ ଯାତ୍ରାକୁ ପାଳନ କରୁଛନ୍ତି । ଅତୀତରେ ଦଶହରା ସମୟରେ ବର୍ଷା ଛାଡି ଆସିଥିବା ବେଳେ ବଣିକମାନେ ବାଣିଜ୍ୟପାଇଁ ପ୍ରସ୍ତୁତ ହେଉଥିଲେ, ତେଣୁ ଦଶହରାକୁ ପ୍ରତ୍ୟେକ କାର୍ଯ୍ୟର ଶୁଭାରମ୍ଭ କରାଯାଉଥିବାରୁ ବାଣିଜ୍ୟ ବ୍ୟବସାୟ ସେହିଦିନଠାରୁ ଅନୁକୂଳ କରାଯାଉଥିଲା ।

ବଳଦ ଯାତ୍ରାର ପ୍ରାକ୍ ପ୍ରସ୍ତୁତି

ମହାଳୟା ତିଥି ଠାରୁ ବଳଦଯାତ୍ରା ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ । ମହାଳୟା ଦିନ ଥୋରିଆ ପାଟକର କୁଳବଧୂ ଘରଅଗଣାକୁ ଲିପାପୋଛା କରିବା ସହ ବଳଦ ଯାତ୍ରାର ସରଞ୍ଜାମ, ଘଣ୍ଟ, ଘାଗୁଡି, ମୁହଁଖାର, ପହ୍ଲାଣ, ଛାଞ୍ଚା ଇତ୍ୟାଦିକୁ ପରିସ୍କାର କରିଥାନ୍ତି । ରୋଷେଇ ଘରର ଐଶାନ୍ୟ କୋଣରେ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ସଂସ୍ଥାପନ କରାଯାଇଥିବା ପିଣ୍ଡ ନିକଟରେ ଗୃହର ଇଷ୍ଟ ଦେବତା ଓ ମା' ମଙ୍ଗଳା (ବଣିଜାରୀ)ଙ୍କୁ ସ୍ମରଣ କରିଥାନ୍ତି । ଏହିଦିନ ଠାରୁ ବଳଦ ଯାତ୍ରା ପାଇଁ ବଳଦ ମନୋନୟନ କାର୍ଯ୍ୟ ଆରମ୍ଭ ହୁଏ । ଯେଉଁ ବଳଦକୁ ଯାତ୍ରାରେ ନେବା ପାଇଁ ନିଷ୍ପତ୍ତି ହୁଏ ସେହି ବଳଦକୁ ମହାଳୟା ଦିନଠାରୁ ପ୍ରତ୍ୟେକ ସଂନ୍ଧ୍ୟାରେ ଗ୍ରାମସାରା ବାଜା ବଜାଇ ବୁଲାଯାଇଥାଏ । ପୂର୍ବରୁ ଅଭ୍ୟାସ କରିବା ଦ୍ୱାରା ଯାତ୍ରାବେଳେ ବଳଦଟି ବାଜା, ଆଲୋକ ଓ ଜନସମାଗମ ଦେଖି ଭୟଭୀତ ହୋଇନଥାଏ ।

ଦଶହରା ଝୋଟି

ଭୁବନବାସୀଙ୍କ ଲୋକକଳାର ପରମ୍ପରା ଅତି ଉଚ୍ଚକୋଟିର । ଭୁବନର ଝିଅବୋହୂମାନେ ଦଶହରା ବଳଦଯାତ୍ରା ଅବସରରେ ଝୋଟିଚିତା ଅଙ୍କନ କରନ୍ତି । ଯାହାକି ମାଟିକାନ୍ଥରେ ଖୁବ୍ ସୁନ୍ଦର ଦେଖାଯାଏ । ଗୃହିଣୀମାନେ ବିଭିନ୍ନପ୍ରକାର ପୂର୍ଣ୍ଣକୁମ୍ଭ, କଦଳୀଗଛ, ବିଭିନ୍ନପ୍ରକାର ଫୁଲ, ପଶୁପକ୍ଷୀ ଆଦି ଅଙ୍କନ କରିଥାନ୍ତି । ଆଜିକାଲି

ମାଟିଘର ପ୍ରାୟ ଆଉ ନଥିବାରୁ ତାହା କୋଠାଘର କାନ୍ଥରେ ନାମକୁ ମାତ୍ର ଟିକିଏ ଛିଟା ପକାଉଛନ୍ତି।

ଥୋଡିଆ ସମାଜର ସ୍ୱତନ୍ତ୍ର ପୂଜାବିଧି

ଅନୁକୂଳ ଯାତ୍ରାଦିନ ସକାଳୁ ଥୋଡିଆ ସମାଜ ବଳଦକୁ ହଳଦୀ ଲଗାଇ ପରିଷ୍କାର ଭାବେ ଧୌତକରି ଗୋଟିଏ ସ୍ୱତନ୍ତ୍ର ଖୁଣ୍ଟିରେ ବାନ୍ଧି ଦିଅନ୍ତି। ସେଦିନ ବଳଦକୁ କୌଣସି ଅଇଁଠା ପାଣି, ତୋରାଣି ପିଇବାକୁ ଦିଆଯାଏ ନାହିଁ। ଘାସ, ନଡା, ଅରୁଆକୁଣ୍ଡା ବଳଦକୁ ଖାଇବାକୁ ଦିଆଯାଇଥାଏ। ବଳଦକୁ ବନ୍ଧାଯାଇଥିବା ବେଳେ ଯେପରି ଅନ୍ୟପାଟକର କେହି ସ୍ପର୍ଶ ନ କରନ୍ତି ସେଥିପ୍ରତି ସର୍ତକ ଦୃଷ୍ଟି ଦିଆଯାଇଥାଏ। କାରଣ ବଳଦକୁ ଯଦି ଅନ୍ୟ କେହି ପାଟକ ସ୍ପର୍ଶ କରେ ଯାତ୍ରା ସମୟରେ ବଳଦଟି ଅବାଧ ହେବାର ସମ୍ଭାବନା ଥାଏ ବୋଲି ଥୋଡିଆ ସମାଜ ବିଶ୍ୱାସ କରନ୍ତି। ଥୋଡିଆ ସମାଜ ପାଳନ କରୁଥିବା ବଳଦପୂଜାର ଏକ ପବିତ୍ର ଅଙ୍ଗ ଶୁଭଖୁଣ୍ଟି, ଏହା ଶାଳ କାଠରେ ନିର୍ମିତ ହୋଇଥାଏ। ଥୋଡିଆ ସମାଜର ପଧାନଘର ଦୁଇଟି ଖୁଣ୍ଟି ଓ ଅନ୍ୟସମସ୍ତଙ୍କର ଦୁଇଟି ଖୁଣ୍ଟି। ଏହି ଦୁଇଟି ଖୁଣ୍ଟର ଉଦ୍ଦେଶ୍ୟ ଭାଇଭାଇ ଭିତରେ ମିଳିମିଶି ରହିବାର ସଂକେତ। ଏହି ଖୁଣ୍ଟି ଭିତରୁ ଗୋଟିଏ ବଡ ଓ ଗୋଟିଏ ଛୋଟଖୁଣ୍ଟି। ଆଉ କେହି କେହି ମତ ଦିଅନ୍ତି ଯେ ଗୋଟିଏ ଥୋଡି ପ୍ରଧାନଙ୍କର ଆଉଗୋଟିଏ ଥୋଡି ମହାଜନଙ୍କର। ତେଣୁ ପ୍ରତ୍ୟେକ ଥୋରିଆ ଓ ବଣିଆ (ବଳଦିଆଭାଇ) ଘରଆଗରେ ଦଶହରା ଦିନ ଏହି ଶୁଭଖୁଣ୍ଟି ପଡିଥାଏ। ଯାହାକି ଅନ୍ୟପାଟକରେ ତାହା ନ ଥାଏ। ଥୋରିଆ ସମାଜର ପ୍ରତ୍ୟେକ ସ୍ତ୍ରୀ, ପୁରୁଷ ଓ ପିଲାଛୁଆମାନେ ନୂତନ ବସ୍ତ୍ର ପରିଧାନ କରିଥାନ୍ତି। ଯାହାକି ସମାଜର ବୟସ୍କ ବ୍ୟକ୍ତି କୋଠଘରେ ଠାକୁରଙ୍କ ପାଖେ ସଜ ବସାଇଲାବେଳେ ନୂତନ ବସ୍ତ୍ର ପୂଜାରେ ବସିଥାଏ। ସଜ ବସାଇବା ବେଳେ ସମାଜର ସନ୍ତକ ସଦୃଶ ଖଣ୍ଡା, ଛୁରା, ମାଣ, ଗୌଣି, ଡାମ୍ଫୁଣ, ନିକିତି ଓ ତରାଜୁ ପ୍ରଭୃତି ପୂଜାରେ ବସାଯାଇଥାଏ। ସଜ ବସି ସାରିଲା ପରେ ଶୁଭ ଖୁଣ୍ଟିକୁ ପୂଜା କରାଯାଇଥାଏ। ଏହି ସମୟରେ ଥୋରିଆ ସାହିକୁ ଅନ୍ୟପାଟକର ବ୍ୟକ୍ତି କେହି ପ୍ରବେଶ କରି ନଥାନ୍ତି ବୋଲି ମତ ରହିଅଛି। ତାପରେ ଜାତିର ଆରାଧ୍ୟା ଦେବୀ "ମା' ବଣିଜାରୀ"ଙ୍କ ପାଖକୁ ଯାଇ ବିଭିନ୍ନ ପ୍ରକାରର ପିଠାପଣାନେଇ ସମୂହ ପୂଜାର୍ଚ୍ଚନା କରାଯାଇଥାଏ। ଏଠାରେ ପ୍ରକାଶ ଥାଉକି ଥୋରିଆମାନେ ଯେତେବେଳେ ବିଦେଶକୁ ବାଣିଜ୍ୟ କରିବାକୁ ଯାଉଥିଲେ, ବାଣିଜ୍ୟର ଅଧିଷ୍ଠାତ୍ରୀ ମା' ବଣିଜାରୀଙ୍କୁ ଆଣି ଭୁବନର ପଶ୍ଚିମ ଦିଗରେ ଏକ ନିମ୍ବଗଛମୂଳେ ସ୍ଥାପନ କରିଥିଲେ। ଦଶହରା ଦିନ ମା' ବଣିଜାରୀଙ୍କ ପାଖରେ ଭୋଗ ନ ଲାଗିବା ପର୍ଯ୍ୟନ୍ତ ଥୋରିଆ ପାଟକଙ୍କ ଘରେ ସମସ୍ତେ ଉପବାସ ଥାନ୍ତି। ଏପରିକି ବଳଦଯାତ୍ରା ନ ସରିବା ପର୍ଯ୍ୟନ୍ତ ଘରେ ଚୁଲି ଜଳିନଥାଏ କି ରୋଷଶାଳାରେ ପାକ ହୋଇନଥାଏ ବୋଲି ବିଧିରହିଛି। ସେଠାରୁ ଫେରିବା ବେଳକୁ ପ୍ରାୟ ଦିନ ତିନିଟା ହୋଇଥାଏ।

ଦଶହରା ବଳଦର ଅନୁକୂଳଯାତ୍ରା

ଅନୁକୂଳ ଦିନ ସଂନ୍ଧ୍ୟା ପୂର୍ବରୁ ଥୋଡିଆମାନେ ବଳଦଯାତ୍ରା ପାଇଁ ପ୍ରସ୍ତୁତ ହୁଅନ୍ତି। ଦଶହରା ବଳଦକୁ ଶୁଭଖୁଣ୍ଟିରେ ବାନ୍ଧି ସାଜସଜା କରନ୍ତି। ମୁହଁରେ ମୁହଁଖାର, ପିଠିରେ ପହ୍ଲାଣ, ଲାଞ୍ଜରେ ଲାଞ୍ଜୁଆତି, ବେକରେ ସାରମାଳ, ଗୋଡରେ ଛୋଟ ଘାଗୁଡି, ଥୋଡିରେ ଡୁଣ୍ଡି, ଶିଙ୍ଗରେ ଶିଙ୍ଗୁଆତିସହ ମୟୁରପୁଚ୍ଛ ଓ ରଙ୍ଗିନ ଟାହିଆରେ ବଳଦକୁ ସଜାହୋଇଥିବା ବେଳେ ଦେହସାରା କଉଡିମାଳରେ ସଜ୍ଜିତ ହୋଇଥିବା ଛିଆ ପକାଯାଇଥାଏ। ପ୍ରଥମେ ବଳଦ ମୁଣ୍ଡରେ ସମାଜର ପ୍ରଧାନ ଘରର ମୁଖ୍ୟ ବଣିଜାରୀଙ୍କ ସିନ୍ଦୁର ମାରିବା ସହିତ ମଙ୍ଗଳାଙ୍କ ଘଣ୍ଟ ଆଣି ଦଶହରା ବଳଦ ବେକରେ ବାନ୍ଧିଥାନ୍ତି। ଯାହାକି ଅନ୍ୟପାଟକର ବଳଦ ବେକରେ ମଙ୍ଗଳାଙ୍କ ଘଣ୍ଟ ନଥାଏ। ଏହି ମଙ୍ଗଳା ଘଣ୍ଟଟି ବର୍ଷସାରା ପଧାନଙ୍କ ଠାକୁରଘରେ ପୂଜାପାଉଥାନ୍ତି। ତାପରେ ବଳଦକୁ ସଜାହେଲାପରେ ଥୋରିଆ ଜାତିର କୁଳବଧୂମାନେ ବଦଳର ଗୋଡକୁ ହଳଦୀପାଣି ଓ ଶୁଭ ଜିଅନ୍ତା ଗଡିଶ ମାଛ ଦେଇ ଅରୁଆ ଚାଉଳ ଓ ଦୀପଦ୍ୱାରା ବନ୍ଦାପନା କରିଥାନ୍ତି। ପ୍ରଥମେ ପ୍ରଧାନଘର ବୋହୂମାନେ ବନ୍ଦାପନା କଲାପରେ ଥୋଡ଼ିଆ ଜାତିର ଅନ୍ୟ ବଧୂମାନେ ବନ୍ଦାପନା କରିଥାନ୍ତି। ସର୍ବଶେଷରେ ବଳଦ ବନ୍ଧାହୋଇଥିବା ଦୌଡିକୁ ଶୁଭଖୁଣ୍ଟରେ ଛୁଇଁ ଏହି ପ୍ରସିଦ୍ଧ ବଳଦ ଯାତ୍ରାର ଅନୁକୂଳ କାର୍ଯ୍ୟକ୍ରମ ଆରମ୍ଭ ହୁଏ। ବଳଦଙ୍କ ଆଗରେ ବିଭିନ୍ନ ପ୍ରକାରର ବାଜା, ଢୋଲ, ଲାଇଟ୍ ଓ ନୃତ୍ୟଗୀତ ଥିବାରୁ ଖୁବ୍ ଆକର୍ଷଣୀୟ ହୋଇଥାଏ। ପ୍ରଥମେ ବଳଦକୁ ରଘୁନାଥ ଜୀଉ ମନ୍ଦିରକୁ ନିଆଯାଇଥାଏ। ସେଠାରେ ପ୍ରତ୍ୟେକ ଥୋରିଆମାନେ ରଘୁନାଥଜୀଉଙ୍କୁ ପ୍ରଣାମ କରି ଲକ୍ଷ୍ମୀଛକ ନିକଟରେ ଥିବା ଚଣ୍ଡିମନ୍ଦିର, ତାପରେ ଗୋପାଳଜୀଉଙ୍କୁ ପ୍ରଣାମକରି ଗୁଜୁରିହାଟଦେଇ ବଡହାଟକୁ ନିଆଯାଇଥାଏ। ବଡହାଟ ଛକରୁ ବିଘ୍ନମହାନ୍ତବସା ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ବଙ୍ଗାଳୀସାହି, ଅରାସାହି ଦେଇ ନୂଆବଜାର ପାଖରେ ପହଞ୍ଚିଥାନ୍ତି। ସେଠାରୁ ବସଷ୍ଟାଣ୍ଡର ଉତ୍ତର ପାର୍ଶ୍ୱରେ ଥିବା ଶ୍ରୀଅରବିନ୍ଦ ମାର୍ଗରେ ଥିବା ଦଶହରା ପଡିଆକୁ (ପୁରୁଣା ସବଷ୍ଟେସନ୍) ଯାଇ ପଡିଆର ଧୂଳିକୁ ମୁଣ୍ଡରେ ମାରି ପୁଣି ବଳଦକୁ ଗୁଜୁରିହାଟକୁ ଆଣିଥାନ୍ତି। ଥୋରିଆଙ୍କ ବଳଦ ଗୁଜୁରିହାଟରେ ଜଗନ୍ନାଥଙ୍କ ଦର୍ଶନପାଇଁ ଅପେକ୍ଷା କରିଥାଏ। ଜଗନ୍ନାଥଙ୍କ ଚଳନ୍ତି ପ୍ରତିମା ମଦନମୋହନଙ୍କୁ ବିମାନରେ ରଖି ଶୋଭାଯାତ୍ରା ବଣିଆସାହି, ନାୟକ ସାହି ଦେଇ ଗୁଜୁରିହାଟକୁ ଅଣାଯାଇଥାଏ। ଗୁଜୁରିହାଟ ନିକଟରେ

ଅନ୍ୟପାଟକର ବଳଦ ଏକତ୍ରିତ ହୋଇଥାନ୍ତି। ବଳଦ ଯାତ୍ରାର ସର୍ବପ୍ରଥମେ ଥୋରିଆପାଟକଙ୍କ ବଳଦ ଗଲାପରେ ତାପରେ ଅନ୍ୟପାଟକର ବଳଦ ଯାଇଥାନ୍ତି। ଜଗନ୍ନାଥଙ୍କୁ ବଡହାଟର ଲକ୍ଷ୍ମୀମନ୍ଦିରରେ ବନ୍ଦାପନା କଲାପରେ ବଢ଼େଇସାହି ଦେଇ ଜଗନ୍ନାଥ ମନ୍ଦିରକୁ ଯାଇଥାନ୍ତି। ଜଗନ୍ନାଥ ମନ୍ଦିରରେ ଜଗନ୍ନାଥଙ୍କ ଚଳନ୍ତି ପ୍ରତିମାଙ୍କୁ ଛାଡି ଥୋରିଆଙ୍କ ବଳଦ ଦାନୀଘରକୁ ଆସିଥାନ୍ତି। ଦାନୀଘର ପକ୍ଷରୁ ଥୋରିଆମାନଙ୍କୁ ସମ୍ମାନ ସହ ବଳଦକୁ ବନ୍ଦାପନା କରିଥାନ୍ତି। ଦାନିଘର ପକ୍ଷରୁ ଥୋରିଆମାନଙ୍କୁ ଗୁଆ ଓ ନଡିଆ ମାନ୍ୟ ଦିଆଯାଇଥାଏ। ସେଠାରେ ଯାତ୍ରା ବ୍ରାହ୍ମଣୀଦେବୀଛକ, ନାୟକସାହି, ଗୁଜୁରିହାଟ ଓ ଗୋପାଳଜୀଉ ମନ୍ଦିର ପାଖରେ ପହଞ୍ଚିଥାଏ। ସେଠାରେ ଥୋଡିଆ ଜାତିର ପୂର୍ବ ସ୍ମୃତି ଓ ପରମ୍ପରାକୁ ରକ୍ଷା କରିବା ପାଇଁ ଜଣେ ଗୁଡିଆପାଟକଙ୍କ ଠାରୁ ଥୋରିଆ ମହାଜନ ଲୁଣମାପ କରିଥାନ୍ତି। ତାପରେ ଦୁର୍ଗାଛକ, ରଘୁନାଥ ମନ୍ଦିର ଦେଇ ବଳଦକୁ ଥୋରିଆ ସାହିର ଶୁଭଖୁଣ୍ଟି ପାଖକୁ ନିଆଯାଇଥାଏ। ସେଠାରେ ଥୋରିଆ ସମାଜର କୁଳବଧୂମାନେ ପୁନର୍ବାର ବନ୍ଦାପନା କରି ସେଦିନର ଅନୁକୂଳ ଯାତ୍ରା ସମାପ୍ତ କରାଯାଇଥାଏ। ରଘୁନାଥ ମନ୍ଦିର ନିକଟରେ ଥୋରିଆପାଟକ ଗ୍ରାମର ସବୁ ବଳଦିଆଭାଇମାନଙ୍କୁ ତା ପରଦିନ ମା' ବଣିଜାରୀଙ୍କ ଯାତ୍ରା ତଥା ଭସାଣି ଯାତ୍ରା ଉଦ୍ଦେଶ୍ୟରେ ନିମନ୍ତ୍ରଣ କରିଥାନ୍ତି। ଦାନୀଘର ପକ୍ଷରୁ ମାନ୍ୟରୂପେ ଥୋରିଆ ସମାଜକୁ ଦିଆଯାଇଥିବା ନଡିଆକୁ ଥୋଡିଆ ସମାଜର ମହାଜନ ରୋଷଶାଳର ଐଶାନ୍ୟକୋଣରେ ପୂଜା ପାଉଥିବା ମହାଳୟା ପିଣ୍ଡ ନିକଟରେ ଦୀପାବଳୀ ପର୍ଯ୍ୟନ୍ତ ରଖାଯାଇଥାଏ। ଦୀପାବଳି ଦିନ ଏହି ନଡିଆକୁ ଭୋଗକରାଯାଇ ପିତୃ ପୁରୁଷଙ୍କ ଉଦ୍ଦେଶ୍ୟରେ ଅର୍ପଣ କରାଯାଇ ଥାଏ।

ମା' ବଣିଜାରୀଙ୍କ ଯାତ୍ରା ବା ଦୁର୍ଗାଙ୍କ ଭଷାଣି ଯାତ୍ରା:-

ବାସି ଦଶହରାକୁ ଭସାଣି ଯାତ୍ରା ବା ବଣିଜାରୀଙ୍କ ଯାତ୍ରା ବୋଲି କୁହାଯାଇଥାଏ। ପ୍ରଥମ ଦିନର ଅନୁକୂଳ ଯାତ୍ରା ଅପେକ୍ଷା ଦ୍ୱିତୀୟ ଦିନର ବଳଦ ଯାତ୍ରା ଖୁବ୍ ଆକର୍ଷଣୀୟ ହୋଇଥାଏ। ଦ୍ୱିତୀୟ ଦିନରେ ବଳଦ ଆଗରେ ବିଭିନ୍ନ ପ୍ରକାରର ଅତ୍ୟାଧୁନିକ ବାଜା, ଲାଇଟ୍ ଓ ଚିତ୍ତାକର୍ଷକ ମନୋରଞ୍ଜନ ସରଞ୍ଜାମ ଭୁବନର ପରିପାଟିକୁ ମର୍ତ୍ତ୍ୟଭୁବନରେ ପରିଣତ କରିଥାଏ। ରାଜ୍ୟର ବିଭିନ୍ନ ସ୍ଥାନରୁ ହଜାର ହଜାର ଦର୍ଶକ ଓ ଭୁବନ ଗ୍ରାମର ବନ୍ଧୁବାନ୍ଧବ ସାରାରାତି ଉଜାଗର ରହି ଏହି ବିଶ୍ୱ ପ୍ରସିଦ୍ଧ ବଳଦଯାତ୍ରାକୁ ଉପଭୋଗ କରିଥାନ୍ତି। ଏହି ବାସି ଦଶହରା ଦିନ ଆଜିକାଲି ଭୁବନର ପାଲା ପଡିଆଠାରେ ରାବଣ ପୋଡି ଉତ୍ସବ ପାଳନ କରାଯାଉଅଛି। ଯାହାଫଳରେ ବଳଦ ଯାତ୍ରା ପୂର୍ବରୁ ଲୋକମାନେ ଏହାକୁ ଦେଖିବାର ସୁଯୋଗ ପାଇଥାନ୍ତି। ରାବଣ ପୋଡିପରେ (ରାତ୍ର ପ୍ରାୟ ୮ଘଟିକା) ଗ୍ରାମର ସବୁସାହିର ବଳଦ ଓ ମା' ଦୁର୍ଗା ଓ ହରପାର୍ବତୀ ମେଢ଼ ବାହାର କରି ଯାତ୍ରାରେ ସାମିଲ ହୋଇଥାନ୍ତି। ସବୁ ବଳଦମାନେ ଗୁଜୁରିହାଟ ପାଖରେ ଏକତ୍ରିତହୋଇ ଦୁର୍ଗାଛକଦେଇ, ଲକ୍ଷ୍ମୀଛକ, ବଣିଆସାହି, ବ୍ରାହ୍ମଣୀଦେବୀଛକ, ରାଉତସାହିଛକ, ଖଣ୍ଡିଆବନ୍ଧ, ବଡହାଟ, ଗୁଜୁରିହାଟ ଦେଇ ନୂଆବଜାର ଠାରେ ଏକତ୍ରିତ ହୋଇଥାନ୍ତି। ସେଠାରେ ସମସ୍ତ ଦୁର୍ଗା ଓ ହରପାର୍ବତୀ ମେଢ଼କୁ ବନ୍ଦାପନା କରାଯାଇଥାଏ। ତା ପରେ କାଳୀ ବଜାର ଦେଇ ମା' ବଣିଜାରୀଙ୍କ ପୀଠରେ ସମସ୍ତ ବଳଦ ଓ ମେଢ଼ମାନେ ଏକତ୍ରିତ ହୋଇଥାନ୍ତି। ସମସ୍ତ ପାଟକଙ୍କର ବଳଦ ମା' ବଣିଜାରୀଙ୍କ ଚତୁର୍ପାର୍ଶ୍ୱରେ ଏକ ଘେରା ପରିକ୍ରମା କରୁଥିବା ବେଳେ ଥୋରିଆ ପାଟକଙ୍କର ବଳଦ ସାତଘେରା ପରିକ୍ରମା କରିଥାନ୍ତି। ସେଠାରେ ସମସ୍ତ ମେଢ଼ମାନଙ୍କୁ ବନ୍ଦାପନା କରିବା ସହିତ ସମସ୍ତ ବଳଦିଆ ଭାଇମାନଙ୍କୁ ଓ ମା' ବଣିଜାରୀଙ୍କର ମଥାର ସିନ୍ଦୁର ଓ ନଡିଆଫାଳ ଅର୍ପଣ କରାଯାଇଥାଏ। ତାପରେ ମେଢ଼ ଗୁଡିକ ନିଜର ବିସର୍ଜନସ୍ଥଳକୁ ଯାଇ ଭଷାଣ କାର୍ଯ୍ୟ କରାଯାଇଥାଏ। ଏହାପରେ ବିଶ୍ୱପ୍ରସିଦ୍ଧ ବଳଦ ଯାତ୍ରାର ସମାପନ ହୋଇଥାଏ। ପ୍ରଥା ଓ ପରମ୍ପରାକୁ ଗୁରୁତ୍ୱ ଦେଇ ସାରାବିଶ୍ୱରେ କୋଭିଡ୍-୧୯ ଆତଙ୍କ ଖେଳାଇଥିବା ସମୟରେ ପ୍ରଶାସନ କେବଳ ଥୋରିଆପାଟକ ଓ ବଳଦିଆଭାଇ ବଣିଆପାଟକଙ୍କୁ ଯାତ୍ରାପାଇଁ ଅନୁମତି ପ୍ରଦାନ କରିଥିଲେ। ଯାହାଫଳରେ ଏହି ଐତିହାସିକ ବଳଦ ଯାତ୍ରା ଆଗାମୀ ବର୍ଷବର୍ଷ ପାଇଁ ନିଶ୍ଚୟ ଚାଲୁରହିବ ବୋଲି ସମସ୍ତଙ୍କର ଅନ୍ତରାତ୍ମାରେ ସକାରାତ୍ମକ ଚିନ୍ତା ଓ ଚେତନା ସୃଷ୍ଟି କରିପାରିଛି।

ଏହି ବଳଦଯାତ୍ରା ପାଇଁ ଭୁବନରେ ସମସ୍ତ ବଳଦିଆଭାଇ ଓ ଦୁର୍ଗା, ହରପାର୍ବତୀ ମେଢ଼ର ମୁଖ୍ୟମାନଙ୍କୁ ନେଇ ଏକ ଶାନ୍ତିକମିଟି ଗଢ଼ାଯାଇଥାଏ। ଏହି ଶାନ୍ତିକମିଟି ମାଧ୍ୟମରେ ସବୁପ୍ରକାର ଛୋଟଛୋଟ ମତପାର୍ଥକ୍ୟକୁ ସମାଧାନ କରାଯାଇଥାଏ। ଏହି ଯାତ୍ରାରେ ପୋଲିସ ଓ ପ୍ରଶାସନ ତରଫରୁ ବହୁତ ସହଯୋଗ ମିଳିଥାଏ। ତତ୍ ସହିତ ଶାନ୍ତିକମିଟି ପୋଲିସ୍ ଓ ପ୍ରଶାସନଙ୍କୁ ସାହାଯ୍ୟ କରିଥାଏ। ଏହି ବଳଦ ଯାତ୍ରାରେ ପଶୁ ଓ ମଣିଷ ଭିତରେ ସଂପର୍କ ସଂପୂର୍ଣ ନିଆରା। ଭୁବନର ପ୍ରତି ସାହି ସାହି ମଧ୍ୟରେ ଭାଇଚାରା ସୃଷ୍ଟିହୋଇପାରୁଛି। କିନ୍ତୁ ଆଜିକାଲି ଯେଉଁ ଅତ୍ୟାଧୁନିକ ବାଦ୍ୟଯନ୍ତ୍ର ଡି.ଜେ., ଲାଇଟ୍, ବ୍ୟବହାର ପାଇଁ ଶବ୍ଦ ପ୍ରଦୂଷଣ ସହିତ ଜନଜୀବନ ହାନିହେବାର ଆଶଙ୍କା ରହୁଛି, ତେଣୁ ସବୁ ବଳଦିଆ ଭାଇମାନେ ଏଥିରୁ ଯଦି ନିବୃତ୍ତ ରୁହନ୍ତେ ତେବେ ଯାତ୍ରାଟି ଆହୁରି ସରସ ସୁନ୍ଦର ହୋଇପାରନ୍ତା ବୋଲି ଆଶା ଓ ବିଶ୍ୱାସ।

ବ୍ୟାଚ୍ : ୧୯୭୫
ମୋ : ୮୨୪୯୩୩୦୯୯୪

ବଳଦ ଯାତ୍ରା ଓ ଦୁର୍ଗା ପୂଜାରେ କାଚରା ପାଟକର ଭୂମିକା

ସୁକାନ୍ତ କୁମାର ବେହେରା

ବର୍ତ୍ତମାନ ଭୁବନରେ ଛତିଶ ପାଟକର ଲୋକମାନେ ବସବାସ କରନ୍ତି । ତନ୍ମଧ୍ୟରୁ କାଚରା ପାଟକ ଅନ୍ୟତମ । କାଚରା ପାଟକ ହେଉଛି ଏକ ବ୍ୟାବସାୟିକ ଜାତି । ଏହି କାଚରା ପାଟକର ଉତ୍ପତ୍ତି ବଙ୍ଗପ୍ରଦେଶରୁ ହୋଇଥିଲା । ଏହି ପାଟକର ଲୋକମାନେ ଧାତୁ ନିର୍ମିତ ଜିନିଷର ବ୍ୟବସାୟ କରୁଥିଲେ ଯଥା :- ମଳ, ବାଙ୍କିଆ, ବାହୁଟି, କଙ୍କଣ, ବଳା, ଖଡୁ ଇତ୍ୟାଦି । ସେଥିପାଇଁ ଏହି ପାଟକକୁ କାଚରା ପାଟକ ନାମରେ ନାମିତ କରାଯାଉଥିଲା । ସର୍ବପ୍ରଥମେ ଏହି ପାଟକର ବ୍ୟବସାୟୀମାନେ ପ୍ରାୟତଃ ୧୫୦୦ ଖ୍ରୀଷ୍ଟାବ୍ଦବେଳକୁ ନୌବାଣିଜ୍ୟ ଦ୍ୱାରା ଭୁବନରେ ପ୍ରବେଶ କରିଥିବାର କିମ୍ବଦନ୍ତୀ ରହିଛି । ଆମ୍ର ବ୍ୟବସାୟର ସହାୟକ ଭାବେ କିଛି ନାଉରି ଏବଂ ଆମ୍ର ପାଟକର ମହାଜନ ବ୍ୟବସାୟୀ ମାନେ ଆସିଥାନ୍ତି । ସାଙ୍ଗରେ ଆଣିଥିବା ବଳଦକୁ ସ୍ଥଳପଥରେ ବ୍ୟବସାୟ ନିମନ୍ତେ ନିୟୋଜିତ କରିଥାନ୍ତି । ଆମ୍ର ପାଟକର ବ୍ୟବସାୟୀମାନେ ସାଙ୍ଗରେ ଆଣିଥିବା ଧାତୁ ନିର୍ମିତ ଆଭୂଷଣକୁ ବ୍ୟବସାୟ କରିସାରିବା ପରେ ଭୁବନର ଐତିହ୍ୟ ସୃଷ୍ଟି କରିଥିବା କଂସା ପିତ୍ତଳକୁ ସାଥିରେ ନେଇ ବଙ୍ଗ ପ୍ରଦେଶକୁ ଫେରିଥାନ୍ତି । ଆମ୍ର ପାଟକର ଐତିହ୍ୟ ଓ କିମ୍ବଦନ୍ତୀର ଲୋକକଥାରୁ ଜଣାଯାଏ ଯେ ଭାରତରେ ଇଂରେଜ ଶାସନ ପ୍ରଭାବରୁ ଆମ୍ରର ଧାତୁ ନିର୍ମିତ ଆଭୂଷଣ ଉପରେ ଅତ୍ୟଧିକ ଜିଜିଆ କର ଲାଗୁ କରାଯିବାରୁ ଏବଂ ଗମନା ଗମନ ଓ ପରିବହନରେ ବିଭିନ୍ନ ପ୍ରାକୃତିକ ଓ ଜଳଦସ୍ୟୁଙ୍କ ଦ୍ୱାରା ବିପଦ ଉପୁଜିବାରୁ ଆମ୍ର ଧନଜୀବନ ପ୍ରତି ଘୋର ଅସୁବିଧା ଓ ଭୟର ବାତାବରଣ ସୃଷ୍ଟି ହୋଇଥିଲା । ତେଣୁ ବ୍ୟବସାୟୀମାନେ ସେତେବେଳେ ଉତ୍କଳ ପ୍ରଦେଶର ବିଭିନ୍ନ ସ୍ଥାନମାନଙ୍କରେ ବ୍ୟବସାୟ କରିବା ନିମନ୍ତେ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲେ । ବ୍ୟବସାୟୀମାନେ ଭୁବନ ଗ୍ରାମରେ ସ୍ଥାୟୀ ଭାବେ ବସବାସ କରିସାରିବା ପରେ ଆମ୍ରେ ଆମର ପୂର୍ବ ଆଭୂଷଣ ଧାତୁ ବ୍ୟବସାୟ ତ୍ୟାଗ କରି ତତ୍କାଳୀନ ଯୁଗୋପଯୋଗୀ ଜିନିଷର ଚାହିଦା ମୁତାବକ କଂସାପିତ୍ତଳ ଓ କପଡ଼ା ବ୍ୟବସାୟକୁ ନିଜର ମୁଖ୍ୟ ବ୍ୟବସାୟ ଭାବେ ଆପଣାଇ ନେଇଥିଲେ । ବ୍ୟବସାୟୀମାନେ ନିଜ ସହିତ ଆଣିଥିବା ବଳଦଗୁଡିକୁ ଆମ୍ରର ନୂତନ ବ୍ୟବସାୟର ସ୍ଥଳପଥର ପରିବହନ କାର୍ଯ୍ୟରେ ବ୍ୟବହାର କରାଗଲା । ବ୍ୟବସାୟୀମାନେ ନିଜର ବ୍ୟାବସାୟିକ ସାମଗ୍ରୀଗୁଡିକୁ ନେଇ ଓଡ଼ିଶାର ବିଭିନ୍ନ ଅଞ୍ଚଳ ଯଥା:-ପାଲଲହଡା, ବଣାଇ, ଦେବଗଡ, ବାରକୋଟ, ଝାରସୁଗୁଡା, ସମ୍ବଲପୁର, ସୁନ୍ଦରଗଡ, କେନ୍ଦୁଝର ଇତ୍ୟାଦି ଅଞ୍ଚଳକୁ ବ୍ୟବସାୟ କରିବା ନିମନ୍ତେ ଯାଉଥିଲେ । ଏହି ବ୍ୟବସାୟରେ ସେତେବେଳେ ଲୋକମାନଙ୍କର ଆର୍ଥିକ ପରିସ୍ଥିତିକୁ ଲକ୍ଷ୍ୟକରି ଲଗାଣ ବ୍ୟବସାୟ କରାଯାଉଥିଲା । ଯାହାକି ଆଦ୍ୟାବିଧି ଆମ୍ର ପାଟକର ବ୍ୟବସାୟୀମାନେ ଏହି ପ୍ରଥା ଓ ପରମ୍ପରାକୁ ବଜାୟ ରଖିଛନ୍ତି । ଆମ୍ର ପାଟକର ବ୍ୟବସାୟୀମାନେ ଭୁବନରେ ବସବାସ କରି ସ୍ଥାୟୀ ବାସିନ୍ଦାର ମାନ୍ୟତା ଲାଭ କରିବା ପରେ ପାରମ୍ପରିକ ଦଶହରା ପର୍ବରେ ପୂର୍ବ ସ୍ମୃତିକୁ ଜାଗ୍ରତ କରିବା ନିମନ୍ତେ ବଳଦ ପୂଜା କରୁଥିଲେ । ତାହାର କ୍ରମଶଃ ପରିବର୍ତ୍ତନ ହୋଇ ତାହା ଐତିହାସିକ ବଳଦ ଯାତ୍ରାରେ ରୂପାନ୍ତରିତ ହୋଇଅଛି । ଆଶ୍ୱିନ ମାସର ବିଜୟା ଦଶମୀ ଦିନ ଅନୁକୂଳ ପର୍ବ ଭାବେ ଆମ୍ରର ବ୍ୟବସାୟୀ ଭାଇମାନେ ସୁସଜ୍ଜିତ ବଳଦକୁ ନିଜ ଅଗଣାରେ ପୂଜା ପାଉଥିବା ମା ବୃନ୍ଦାବତୀଙ୍କ ନିକଟରେ ପୂଜା କରି ଜଗତର ନାଥ ଶ୍ରୀଜଗନ୍ନାଥଙ୍କୁ ଭକ୍ତିପୂତ ଭାବେ ଅନ୍ତରରେ ସ୍ମରଣ କରି ନିଜର ପୂର୍ବ ପୁରୁଷଙ୍କ ବ୍ୟବସାୟ କରୁଥିବା କମ (କଂସା) ଅନୁକୂଳ କରୁଥିଲେ । ସୁସଜ୍ଜିତ ବଳଦକୁ ଆକର୍ଷିତ କରିବା ନିମନ୍ତେ ଘଣ୍ଟା, ଘାଗୁଡି, ସାରମାଳ, ପାହ୍ଲାଣ, ସିଙ୍ଗୋଡତ ଇତ୍ୟାଦି ବ୍ୟବହାର କରାଯାଉଥିଲା । ଆମ୍ର ପାଟକର ବ୍ୟବସାୟୀଙ୍କ ପ୍ରଚାର ଓ ପ୍ରସାର ନିମନ୍ତେ ଉକ୍ତ ସାଜସଜ୍ଜାର ମୁଖ୍ୟ ଉଦେଶ୍ୟ ଥିଲା ଯେ ସେଥିରେ ବ୍ୟବହୃତ ଘଣ୍ଟି, ଘାଗୁଡ଼ି ଓ ସାରମାଳର ସୁମଧୁର ରୁଣୁଝୁଣୁ ଶବ୍ଦଦ୍ୱାରା ଗ୍ରାହକମାନେ କଂସା, ପିତ୍ତଳ ବ୍ୟବସାୟୀଙ୍କର ଅଗମାନର ସୂଚନା ପାଇପାରୁଥିଲେ ।

ଭୁବନ ଗ୍ରାମରେ ଶ୍ରୀ ଶ୍ରୀ ମହାପ୍ରଭୁ ଜଗନ୍ନାଥଙ୍କର ମନ୍ଦିର ପ୍ରତିଷ୍ଠା

କାଚରା ପାଟକର ଧନୀ, ବ୍ୟବସାୟୀ ଓ ଆଧ୍ୟାତ୍ମିକ ଚିନ୍ତା ଓ ଚେତନାରେ ଉଦ୍‌ବୁଦ୍ଧ ହୋଇ ଅନେକ ବୁଦ୍ଧିଜୀବୀ ଗ୍ରାମରେ ତୃତୀୟାଦେବ ଭଗବାନଙ୍କ କଲ୍‌କୀ ଅବତାର ଯୁଗପୁରୁଷୋତ୍ତମ ଶ୍ରୀ ଶ୍ରୀ ଜଗନ୍ନାଥ ମହାବାହୁଙ୍କର ମନ୍ଦିର ନିର୍ମାଣ ନିମନ୍ତେ ମହାନୁଭବ ମାନଭଞ୍ଜନ ବାବାଙ୍କ ଆଶ୍ରମ ପରିସରରେ ଆମ୍ର ପାଟକର ମହାନ ବ୍ୟକ୍ତିତ୍ୱ ସ୍ୱର୍ଗତ ବଳରାମ ପାତ୍ର ଅଶ୍ରମର ମୁଖ୍ୟ ଶିଷ୍ୟଭାବେ ରହି ବାବାଙ୍କ ସେବା କରୁଥିବାର ଜନଶ୍ରୁତି ଶୁଣାଯାଏ । ଉକ୍ତ ଆଶ୍ରମ ଛାଡି ବାବା ଯିବା ପରେ ସ୍ୱର୍ଗତ ବଳରାମ ପାତ୍ର ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କର

ଭୁବନରେ ଏକ ମନ୍ଦିର ନିର୍ମାଣ କରିବା ନିମନ୍ତେ ସମସ୍ତ କାଚରା ପାଟକର ବ୍ୟବସାୟୀ ଭାଇ ଓ ଜ୍ଞାତି କୁଟୁମ୍ବମାନଙ୍କୁ ଏକତ୍ରିତ କରାଇ ଉକ୍ତ ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ଶୁଭକାର୍ଯ୍ୟଟିକୁ ସମ୍ପାଦନ କରିବା ନିମନ୍ତେ ନିଜର ଭଣଜା ଶ୍ରୀ କାଶୀନାଥ ସାହୁଙ୍କୁ ଦାୟିତ୍ୱ ଅର୍ପଣ କରିଥିଲେ। ଶ୍ରୀ ସାହୁ ନିଜ ପାଟକ ତଥା ଗ୍ରାମ ବାସୀ ଓ ପଡୋଶୀଙ୍କ ସହଯୋଗରେ ଆପ୍ରାଣ ଚେଷ୍ଟା କରି ମନ୍ଦିରର ନିର୍ମାଣ କାର୍ଯ୍ୟ ଆରମ୍ଭ କରି ପୂର୍ଣ୍ଣାଙ୍ଗ କରିଥିଲେ ଓ ଏହାର ପ୍ରତିଷ୍ଠା କାର୍ଯ୍ୟ ଭୁବନ ତଥା ନିକଟସ୍ଥ ଗ୍ରାମବାସୀଙ୍କ ସହଯୋଗରେ ୧୯୩୯ ମସିହାରେ ସମ୍ପାଦନ କରିଥିଲେ। ଉକ୍ତ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟ ସମାପ୍ତ ହେବା ପରେ ଭୁବନ ଶାସନର ମୁଖ୍ୟ ପୁରୋଧା ଶ୍ରୀ ଭାଗବତ ମିଶ୍ରଙ୍କୁ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିରର ପ୍ରଥମ ପୁରୋହିତ ଭାବେ ମନୋନୀତ କରିଥିଲେ। ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର ନିର୍ମାଣ କାର୍ଯ୍ୟ ପୂର୍ଣାଙ୍ଗ ହେବା ପରେ ଭୁବନ ଗ୍ରାମର କାଚରା ପାଟକ ସମେତ ଅନ୍ୟ ସମସ୍ତ ପାଟକ ମିଶି ବଳଦ ଶୁଭ ଅନୁକୂଳ ଯାତ୍ରା ଆରମ୍ଭ କଲେ।

ଭୁବନଗ୍ରାମରେ ମା ବନଦୂର୍ଗାଙ୍କର ପ୍ରତିଷ୍ଠା

କାଚରା ପାଟକର ଦୁଇ ଜଣ ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ଅଇଁଠୁ ସାହୁ ଓ ତାଙ୍କର ସାନ ଭାଇ ସ୍ୱର୍ଗତ ବନବିହାରୀ ସାହୁ ୧୯୪୫ ମସିହାରେ ଭୁବନ ଗ୍ରାମରେ ସର୍ବ ପ୍ରଥମେ ମା ବନଦୂର୍ଗାଙ୍କର ପୂଜା ଆରମ୍ଭ କରି ଐତିହାସିକ ବଳଦ ଯାତ୍ରାକୁ ସରସ ସୁନ୍ଦର କରିବା ନିମନ୍ତେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। କିଛି ବର୍ଷ ପରେ ଉକ୍ତ ବଳଦ ଯାତ୍ରା ଅନୁକୂଳ ଯାତ୍ରା ଏବଂ ମା ଦୁର୍ଗାଙ୍କର ଭସାଣି ଶୋଭା ଯାତ୍ରା ଭାବେ ସମଗ୍ର ଗ୍ରାମବାସୀ ଉତ୍ସାହର ସହିତ ପାଳନ କଲେ। ସୁସଜ୍ଜିତ ବଳଦର ବିଶେଷ ଆକର୍ଷଣ ନିମନ୍ତେ କାଚରା ପାଟକର ଅନ୍ୟ ଏକ ମୁଖ୍ୟ ବ୍ୟକ୍ତି ସ୍ୱର୍ଗତ ବଳରାମ ପ୍ରଧାନ ଭୁବନରେ ସର୍ବପ୍ରଥମେ ବିଭିନ୍ନ ପ୍ରକାରର ରଙ୍ଗୀନ ଟାହିଆ ପକ୍ଷୀର ସିଙ୍ଗୋଡତ, ପଞ୍ଚମୁଖୀ ବିମାନ ଓ ନଅ ମୁଖି ବିମାନ ସମେତ ଅନ୍ୟ ଉପକରଣର ବ୍ୟବହାର କରିଥିଲେ।

କାଚରା ପାଟକର ନିଜସ୍ୱ ଐତିହ୍ୟ ଓ ପରମ୍ପରା

ଜାତିର ଜୀବିକା ନିର୍ବାହ ନିମନ୍ତେ କଂସା ପିତ୍ତଳ ବ୍ୟବସାୟକୁ କାଚରା ପାଟକର ବ୍ୟବସାୟୀମାନେ ଆପଣାଇ ନେଇଥିଲେ। ଏହାର ଶୁଭାଶୁଭ ଓ ବୃଦ୍ଧିକରଣ ନିମନ୍ତେ ଆଶ୍ୱିନ ମାସର ବିଜୟା ଦଶମୀ ଦିନ ପ୍ରଭାତ ସମୟରେ ନିଜର ଚଉରା ମୂଳରେ ଓ ଗୃହର ସମ୍ମୁଖରେ ଝୋଟି ପକାଇ ଏବଂ ଗୃହର ଐଶାନ୍ୟ କୋଣରେ ନିଜର ବ୍ୟାବସାୟିକ ଉପକରଣକୁ ସଜାଇ ରଖି ପୂଜା ସାମଗ୍ରୀ ଯୋଗାଡ଼ କରି ପାଟକର କୁଳବଧୂମାନେ ଘଣ୍ଟ, ଶଙ୍ଖ, ହୁଳହୁଳି ଦେଇ ସଜ ବସାଯାଏ। ଅପରାହ୍ନରେ ପୂଜା ବିସର୍ଜନ ସମ୍ପାଦନ କରାଯାଇ ବଳଦ ଓ ମେରି ପୂଜା କରାଯାଏ। ପରିବାରର ସଦସ୍ୟମାନେ ଶୁଭ ଅନୁକୂଳ ପୂର୍ବରୁ ସେହିଦିନ ଦଧି ଓ ଜୀବନ୍ତ ଗଡ଼ିସ ମାଛ ଦର୍ଶନ କରି ତତ୍ପରେ ନିଜର ବ୍ୟବସାୟରେ ବ୍ୟବହୃତ ହେଉଥିବା ବଳଦକୁ ସୁସଜ୍ଜିତ କରି ଶୃଙ୍ଖଳାରେ ଗ୍ରାମର ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥ ମନ୍ଦିର ଅଭିମୁଖେ ଅନୁକୂଳ ଯାତ୍ରା ଆରମ୍ଭ କରନ୍ତି। ସେଠାରେ ପହଞ୍ଚିବା ପରେ ସେଠାରେ ଉପସ୍ଥିତ ଥିବା ପ୍ରଶାସନିକ ଅଧିକାରୀ ଓ ଗ୍ରାମର ବରିଷ୍ଠ ମୁରବିମାନଙ୍କୁ ଏବଂ ସେଠାରେ ଉପସ୍ଥିତ ଥିବା ମୁଖ୍ୟ କରି ଥୋରିଆ ପାଟକ ଓ (ବଳଦିଆ) ବଣିଆ ପାଟକ ଏବଂ ଅନ୍ୟପାଟକର ବ୍ୟବସାୟୀ ମାନଙ୍କୁ ମୁଖବାସ, ମିଷ୍ଟାନ୍ନ ଓ ସହାସ୍ୟଭରା ଆଲିଙ୍ଗନ କରି ଅଭିବାଦନ ଜଣାଇଥାଉ। ଉକ୍ତ କାର୍ଯ୍ୟ ସମାପନ ହେବା ପରେ ବଳଦ ବେକରେ ଲାଗୁଥିବା ମାଙ୍ଗଳିକ ଏକ ଘଣ୍ଟକୁ ପୂଜା କରି ନିଜର ପାରମ୍ପରିକ ନୀତିଭାବେ ଲେଖନୀ ସାହାଯ୍ୟରେ ତାଳପତ୍ରରେ ନିଜର ସାଂସାରିକ ଜୀବନ ଓ କୌଳିକ ବୃତ୍ତି ବ୍ୟବସାୟ ସରସ ସୁନ୍ଦର ହେବା ନିମନ୍ତେ ମହାପ୍ରଭୁ ଶ୍ରୀ ଶ୍ରୀ ଜଗନ୍ନାଥଙ୍କ ଚରଣାଶ୍ରିତ ହୁଅନ୍ତି ଏହା ସହିତ ବିଗତ ବର୍ଷର ଆୟ ଓ ବ୍ୟୟର ହିସାବ ନିକାଶ କରାଯାଇ ଆଗାମୀ ବର୍ଷ ପାଇଁ କିପରି ପରିଚାଳନା କରିବୁ ତାହା ହିଁ ଆଳାପ ଆଲୋଚନା କରି ସାଧୁତାର ସହିତ ପରିଚାଳନା ନିମନ୍ତେ ଭଗବାନଙ୍କ ନିକଟରେ ଶପଥ ଗ୍ରହଣ କରିବା ସହିତ ଚରଣାଶ୍ରିତ ହୋଇଥାନ୍ତି। ଉକ୍ତ କାର୍ଯ୍ୟ ସମାପନ ହେବା ପରେ ଆମ୍ବେ ଆମ୍ବର ବଳଦକୁ ସାଥିରେ ଧରି ମା' ବନଦୁର୍ଗାଙ୍କର ଆଶିଷ ପ୍ରାପ୍ତି ନିମନ୍ତେ ଆସିଥାଉ। ବିଜୟା ଦଶମୀ ଦିନ ପାଟକର ମୁଖ୍ୟମାନେ ଏକତ୍ରିତ ହୋଇ ଶୁଭ ଦୀପାବଳି ଦିନ ପୂର୍ବପୁରୁଷଙ୍କୁ ସମ୍ମାନ ଜଣାଇ ପରଦିନ ନିଜର ଜୀବନ ଜୀବିକା ନିମନ୍ତେ ବ୍ୟବସାୟ ଅନୁକୂଳ ଯାତ୍ରା ଆରମ୍ଭ କରିବାର ପ୍ରଥା ରହିଅଛି।

କାଳକ୍ରମେ ଏହି ବଳଦ ଯାତ୍ରାର ଉନ୍ନତିକରଣ ହୋଇ ବିଶ୍ୱପ୍ରସିଦ୍ଧ ଐତିହାସିକ ବଳଦ ଯାତ୍ରାରେ ପରିଗଣିତ ହେଲା। ଏହି ପରମ୍ପରା ସମସ୍ତ ଭୁବନବାସୀଙ୍କ ଦ୍ୱାରା ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏକ ଗଣପର୍ବ ଭାବରେ ଆଦ୍ୟାବଧି ପାଳନ କରାଯାଉଛି। ❋

ବ୍ୟାଚ : ୨୦୦୭
ମୋ : ୯୭୭୭୯୩୩୯୫୩

ଭୁବନର ପ୍ରସିଦ୍ଧ ଶକ୍ତିପୀଠ ମା'ହିଙ୍ଗୁଳା

ଦେବାନନ୍ଦ ସାହୁ

ମନ୍ଦିର ମାଳିନୀ ଦେବଭୂମି ଏଇ ଭାରତ। ହଜାର ହଜାର ବର୍ଷ ଧରି ଭାରତୀୟ ସନାତନ ସଂସ୍କୃତି ବିଶ୍ୱର ଜନମାନସକୁ ଭାବ ଓ ରସ ଚେତନାରେ ଆକୃଷ୍ଟ କରି ଆସିଛି। ସେହି ସୃଷ୍ଟିର ଆଦିଉତ୍ସ ପ୍ରକୃତି ଓ ପୁରୁଷର ରହସ୍ୟମୟ ସୃଷ୍ଟି। ସେହି ପ୍ରକୃତିକୁ ଆଦିମାତା ରୂପରେ ଆରାଧନା କରିବାକୁ ଯାଇ ସହସ୍ର ଶକ୍ତିପୀଠ ଆଜି ଭାରତ ଭୂମିରେ ମୁଣ୍ଡ ଟେକିଛି। ପ୍ରତିଟି ଶକ୍ତିପୀଠ ନିଜର ଐତିହ୍ୟ, ପରମ୍ପରା ଓ ଧର୍ମଧାରାର ଗୌରବରେ ଗରୀୟାନ। ତନ୍ମଧ୍ୟରୁ ଢେଙ୍କାନାଳ ଜିଲ୍ଲା ଭୁବନର ପବିତ୍ର ହିଙ୍ଗୁଳା ପୀଠ ଅନ୍ୟତମ।

ମା'ଙ୍କ ଆବିର୍ଭାବ ସମ୍ପର୍କରେ ଲୋକ ମୁଖରୁ ଶୁଣାଯାଏ ଯେ, ୧୯୫୯ ମସିହା ଚୈତ୍ରମାସରେ ଭୁବନ ଗ୍ରାମରେ ଭୟାବହ ଅଗ୍ନିକାଣ୍ଡ ଘଟି ଅର୍ଦ୍ଧାଧିକ ଘର ଭସ୍ମ ହୋଇଯାଇଥିଲା। ପ୍ରକୃତିରୂପିଣୀ ଆଦ୍ୟାଶକ୍ତି ମା' ହିଙ୍ଗୁଳା ଅରୂପା ଅଜନ୍ମା ହେଲେ ମଧ୍ୟ ଆମ ପାଇଁ ଅଗ୍ନି ରୂପେଣ ସଂସ୍ଥିତା। ପ୍ରଥମ କରି ମା' ନିଜକୁ ଲେଲିହାନ ଅଗ୍ନିରୂପେ ଭୁବନର ଏ ସାହିରୁ ସେ ସାହିକୁ ବୁଲି ନିଜର ଆବିର୍ଭାବ ସମ୍ବନ୍ଧରେ ସୂଚନା ଦେଇଥିଲେ ବୋଲି ବିଶ୍ୱାସ କରି ଭୁବନବାସୀ ପୁଣ୍ୟତୋୟା ବ୍ରାହ୍ମଣୀନଦୀ କୂଳରେ ଏକ ବାଲିମେଳା ମହାଯଜ୍ଞର ଆୟୋଜନ କରି ମା' ହିଙ୍ଗୁଳା ଦେବୀଙ୍କୁ ଆହ୍ୱାନ କରିଥିଲେ। ଯଜ୍ଞର ଅନ୍ତିମ ଦିବସ ମଧ୍ୟ ରାତ୍ରରେ ଯଜ୍ଞର କର୍ତ୍ତା ସ୍ୱର୍ଗତ ଧ୍ରୁବ ଚରଣ ନାୟକଙ୍କୁ ସ୍ୱପ୍ନାଦେଶ ହୋଇଥିଲା ଯେ, ମୁଁ ତୁମ ଭକ୍ତି ଓ ସମର୍ପଣରେ ସନ୍ତୁଷ୍ଟ ହୋଇ ମୋର ମୁଖ୍ୟଧାମ ତାଳଚେରରୁ ବ୍ରାହ୍ମଣୀ ନଦୀରେ ଭାସିଆସି ଦୌଡେଶ୍ୱର ମହାଦେବ ମନ୍ଦିର ନିକଟରେ ଅଟକି ରହିଛି। ଏକଥା ବିଜୁଳି ବେଗରେ ଗାଁ ସାରା ପ୍ରଚାରିତ ହେବାପରେ ଦୌଡେଶ୍ୱର ମନ୍ଦିର ନିକଟକୁ ଶହଶହ ଲୋକଙ୍କ ସୁଅ ଛୁଟିଥିଲା। ପରବର୍ତ୍ତୀ ସମୟରେ ହଜାର ହଜାର ନରନାରୀ ହରିବୋଲ ହୁଳହୁଳି ଧ୍ୱନୀ ଦେଇ ଶଙ୍ଖ, ବାଜା, ବାଣ, ଘଣ୍ଟ, ଘଣ୍ଟା ବଜାଇ ସଂକୀର୍ତ୍ତନ କରି ମା'ଙ୍କୁ ଏକ ସୁସଜ୍ଜିତ ପାଲିଙ୍କିରେ ଆଣି ଗ୍ରାମ ପରିକ୍ରମା କରି ପୁଣ୍ୟତୋୟା ବ୍ରାହ୍ମଣୀ ନଦୀ କୂଳ ବାଲିମେଳା ଯଜ୍ଞସ୍ଥଳ ଆମ୍ରବନରେ ସ୍ଥାପନ କରିଥିଲେ।

ମା' ହିଙ୍ଗୁଳା ଦେବୀଙ୍କ ସ୍ଥାପନାର ପାଞ୍ଚବର୍ଷ ପରେ ପୁନର୍ବାର ଏକ ସ୍ୱପ୍ନାଦେଶ ଫଳରେ ସ୍ୱର୍ଗତ ଭୁଲୁ ସାହୁଙ୍କ ନେତୃତ୍ୱରେ ମଉଡମଣି ମହାଲକ୍ଷ୍ମୀ ଯୁବକ ସଂଘଙ୍କ ଦ୍ୱାରା ମା' ଶାରଳାଦେବୀ ପ୍ରତିଷ୍ଠା ହୋଇଛନ୍ତି। ୧୯୮୭ ମସିହା ଅପ୍ରେଲ ୬ ତାରିଖ ସମଗ୍ର ଭୁବନରେ ଭୟାବହ ଅଗ୍ନିକାଣ୍ଡ ଘଟି ୧୬ଜଣ ଲୋକଙ୍କ ଜୀବନ ହାନୀ ଘଟିବା ସହ ପ୍ରାୟ କୋଟିଏରୁ ଊର୍ଦ୍ଧ୍ୱ ଟଙ୍କାର କ୍ଷୟକ୍ଷତି ହୋଇଥିଲା। ମା'ଙ୍କ କୋପ ମନେକରି ଭୁବନବାସୀ ବିଦ୍ୱାନ ଓ ପଣ୍ଡିତମଣ୍ଡଳୀଙ୍କ ପରାମର୍ଶ ଅନୁଯାୟୀ ହିଙ୍ଗୁଳାପୀଠରେ ମା' ହିଙ୍ଗୁଳା, ମା' ଶାରଳା, ମା' ମଙ୍ଗଳାଙ୍କୁ ଏକତ୍ର ପୂଜାର୍ଚ୍ଚନା କରିବା ସହିତ ଦେବୀମିଳନ କରିଆସୁଛନ୍ତି।

୧୯୫୯ ମସିହାରେ ପ୍ରତିଷ୍ଠା କରାଯାଇଥିବା ହିଙ୍ଗୁଳା ପୀଠର ୫୦ତମ ବାର୍ଷିକ ଝାମୁଯାତ୍ରା, ମହାଯଜ୍ଞ ଅବ୍ୟବହିତ ପୂର୍ବରୁ ୨୦୦୮ ମସିହାରେ ପୂର୍ବ ପରିଚାଳନା କମିଟିକୁ ସଂପ୍ରସାରଣ କରାଯାଇ ନୂତନ ପୂର୍ଣ୍ଣାଙ୍ଗ କମିଟି ଗଠନ କରାଯାଇ ଶଶୀଭୂଷଣ ପୃଷ୍ଟିଙ୍କୁ ସଭାପତି, କୁଞ୍ଜବିହାରୀ ଚିନରାଙ୍କୁ ସମ୍ପାଦକ ଓ ଦିଲ୍ଲୀପ କୁମାର ଦାସଙ୍କୁ ମୁଖ୍ୟ ଉପଦେଷ୍ଟା ଭାବେ ଚୟନ କରାଯାଇଥିଲା। ମା' ହିଙ୍ଗୁଳାଦେବୀଙ୍କ ବାର୍ଷିକ ଆୟବ୍ୟୟକୁ ପ୍ରତିବର୍ଷ ଏକ କ୍ଷୁଦ୍ର ପତ୍ରିକା ମାଧ୍ୟମରେ ବାର୍ଷିକ ବିବରଣୀ ଲୋକାର୍ପଣ କରାଯାଇ ସ୍ୱଚ୍ଛତା ଅବଲମ୍ବନ କରାଯାଉଛି। କମିଟିର ନିଷ୍ପତ୍ତି ଅନୁଯାୟୀ ୫୦ ଟଙ୍କା ତଦୁର୍ଦ୍ଧ୍ୱ ଦାନ ଦେଉଥିବା ବ୍ୟକ୍ତିଙ୍କ ନାମ ଉକ୍ତ ପୁସ୍ତକରେ ସ୍ଥାନ ପାଉଛି। ସ୍ୱର୍ଣ୍ଣଜୟନ୍ତୀ ପରେ ଏହି କମିଟିକୁ ଏକ ଟ୍ରଷ୍ଟରେ ପରିଣତ କରାଯାଇଥିଲା। ୨୦୧୪ ମସିହା ଚୈତ୍ରପୂର୍ଣ୍ଣିମା ତିଥିରେ ମା' ହିଙ୍ଗୁଳାଦେବୀ ଓ ମା' ଶାରଳାଦେବୀଙ୍କ ପ୍ରତିମା ଓ ନୂତନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ମହାସମାରୋହରେ ପାଳିତ ହେବାସହ ମା' ହିଙ୍ଗୁଳାଦେବୀ ଚାରିଟେବୁଲ ଟ୍ରଷ୍ଟ ରେ.ନଂ. ୧୦୫୪୧୪୦୦୫୭୨ ତା.୨୬.୦୩.୨୦୧୪ ଗଠିତ ହୋଇଥିଲା।

ମା' ହିଙ୍ଗୁଳା ଦେବୀଙ୍କ ପୀଠର ବର୍ତ୍ତମାନ ସ୍ଥିତି - ଭୁବନ ଏନଏସି ଅନ୍ତର୍ଗତ ୧୩ ନମ୍ବର ୱାର୍ଡର ପୁଣ୍ୟତୋୟା ବ୍ରାହ୍ମଣୀନଦୀ କୂଳରେ ମା'ଙ୍କ ନିଜସ୍ୱ ୨ ଏକର ଆମ୍ରବନରେ ହିଙ୍ଗୁଳାଦେବୀଙ୍କ ମନ୍ଦିର ପରିସରେ ମା' ଶାରଳା, ମା' ବିମଳା ମନ୍ଦିର ଯଜ୍ଞମଣ୍ଡପ, ଆନନ୍ଦବଜାର, ୪ ବଖରା ଭକ୍ତଙ୍କ ବିଶ୍ରାମଗୃହ, ହିଙ୍ଗୁଳାଦେବୀଙ୍କ ପୁଷ୍କରିଣୀ, ଉଦ୍ୟାନ, କଳ୍ପବଟ ଥିବାବେଳେ ଆଗାମୀ ଭବିଷ୍ୟତରେ ହିଙ୍ଗୁଳାପୀଠରୁ ବାବା ବୁଢ଼େଶ୍ୱର ମନ୍ଦିରକୁ ସଂଯୋଗିକରଣ ରାସ୍ତା ନିର୍ମାଣ, ପର୍ଯ୍ୟାପ୍ତ ଉଜ୍ଜଳ ଆଲୋକ ବ୍ୟବସ୍ଥା, ପାନୀୟ ଜଳର ସୁବ୍ୟବସ୍ଥା, ବିବାହ ମଣ୍ଡପ, ଭୋଗମଣ୍ଡପ, ମନ୍ଦିର ପରିସର କଂକ୍ରିଟକରଣ, ହରିହରପୁର ଉପ୍ରା ବିଦ୍ୟାଳୟଠାରୁ ମନ୍ଦିର ପର୍ଯ୍ୟନ୍ତ କଂକ୍ରିଟ ରାସ୍ତାନିର୍ମାଣ ପାଇଁ ଲକ୍ଷ୍ୟଧାର୍ଯ୍ୟ ହୋଇଛି।

ବାର୍ଷିକ ମହାଯଜ୍ଞ ଓ ହିଙ୍ଗୁଳା ସମ୍ମାନ - ପ୍ରତିବର୍ଷ ଚୈତ୍ର ପୂର୍ଣ୍ଣିମି ପୂର୍ବଦିନ ଠାରୁ ପାଞ୍ଚଦିନ ବ୍ୟାପି ମା'ଙ୍କ ପୀଠରେ ମାତୃପୂଜା, ବିଶ୍ୱଶାନ୍ତି ମହାଯଜ୍ଞ, ଝାମୁଯାତ୍ରା ସହିତ ସ୍ଥାନୀୟ କଳାକାରମାନଙ୍କୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ସାମାଜିକ ନାଟକ ମଞ୍ଚସ୍ଥ ହେଉଅଛି। ୨୦୧୧ ମସିହାଠାରୁ କଳା, ବିଜ୍ଞାନ, ସାହିତ୍ୟ, ସମାଜସେବା କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ହିଙ୍ଗୁଳା ସମ୍ମାନ ପ୍ରଦାନ କରାଯାଉଅଛି। ❋

ବ୍ୟାଚ୍ : ୨୦୦୫
ଫୋନ୍ - ୯୭୭୬୨୨୬୫୬୬

ଢେଙ୍କାନାଳ ମାଟିରୁ ଉଦ୍‌ଭବ ହୋଇଛି ଗୋଟିଏ ମହାର୍ଘ୍ୟ ତତ୍ତ୍ୱ - 'ମହିମା ବିଅର'। ଧର୍ମକୁ ଜାତିଭେଦ, ପ୍ରତିମାପୂଜା ଓ ପାର୍ବଣ ମଧ୍ୟରେ ବାନ୍ଧି ରଖିଥିବା ସମାଜରେ ଏକ ନୂତନ ବିପ୍ଳବ ଆଣିଛି ମହିମା ବିଅର– ବଞ୍ଚିବାର କଳା, ଜୀବନଶୈଳୀ, ସାମାଜିକ ତଥା ଆଧ୍ୟାତ୍ମିକ ଉତ୍ତରଣ।

ନିରାକାର, ଅନାଦି, ଅଲେଖ, ଅନନ୍ତ, ଏକେଶ୍ୱରବାଦ ତଥା ଶୂନ୍ୟ ବ୍ରହ୍ମଙ୍କ ଉପାସନାର ତତ୍ତ୍ୱକୁ ନେଇ ଏକ ଶ୍ରେଣୀହୀନ ସମାଜ ଗଠନର ବୈପ୍ଳବିକ ଧାରା ପ୍ରବହମାନ କରାଇଛନ୍ତି ମହିମା ଗୋସେଇଁ। ଢେଙ୍କାନାଳର ଯୋରନ୍ଦା ଗାଦିରୁ ପ୍ରତିଧ୍ୱନିତ ହେଉଥିବା ଏହି ମହାନ ତତ୍ତ୍ୱ ଓ ତଥ୍ୟକୁ ଭିତ୍ତିକରି ସନ୍ଥ ଭୀମଭୋଇ ରାଶିରାଶି ଗ୍ରନ୍ଥ ରଚନା କରିଯାଇଛନ୍ତି ସତ, ମାତ୍ର ତାଙ୍କର ଗୋଟିଏ ପଦ - ଯୋରନ୍ଦାରୁ ଜାତିସଂଘ ପର୍ଯ୍ୟନ୍ତ ପ୍ରତିଧ୍ୱନିତ ହେଉଛି।

"ପ୍ରାଣୀଙ୍କ ଆରତ ଦୁଃଖ ଅପ୍ରମିତ
ଦେଖୁ ଦେଖୁ କିବା ସହୁ,
ମୋ ଜୀବନ ପଛେ ନର୍କେ ପଡ଼ିଥାଉ
ଜଗତ ଉଦ୍ଧାର ହେଉ ।"

ସ୍ମୃତିର ପ୍ରତିବିମ୍ବ : ଭୁବନ ହାଇସ୍କୁଲ

ରବିନ୍ଦ୍ର କୁମାର ଦାଶ

ଭୁବନ ହାଇସ୍କୁଲ: ଏହି ନାମଟି ମୋ ଜୀବନରେ ଅର୍ଦ୍ଧାଧିକ ଚର୍ଚ୍ଚିତ ଓ ଆବେଗିକ ଘଟଣା ବହୁଳ ନାମ, ଯାହା ସାମଗ୍ରିକ ଜୀବନକୁ ମାଡ଼ି ବସିଛି। ଜୀବନର ଅପରାହ୍ନରେ ସଜଳ ଓ ଜୀବନ୍ତ ହୋଇଉଠେ ଅତୀତର ଛାତ୍ର ଜୀବନରେ ସରଳ ଅଥଚ ସ୍ମୃତି ବହୁଳ ଘଟଣାବଳୀ ଯାହା ଠାରୁ ସମକାଳୀନ ସମାଜ ପରିବେଶ ଓ ଚରିତ୍ର ସମୂହର ଘନିଭୂତ ସମ୍ପର୍କ ବିଜଡ଼ିତ। କାଲି ପରି ଏହି ମଣିଷଗଢା ସୁପରିଚିତ କାରଖାନାଟି ୭୫ବର୍ଷକୁ ପଛରେ ପକାଇ ଚରୈବତି-ଚରୈବତି ନ୍ୟାୟରେ କାଳର କରାଳସ୍ରୋତ ସହ ସମତାଳରେ ଆଗକୁ ଯାଉଛି। ୧୯୯୮-୯୯ରେ ପାଳିତ ହୋଇଥିବା ସୁବର୍ଣ୍ଣ ଜୟନ୍ତୀ ସମୟରେ ଯୁବାବସ୍ଥା ଯୋଗୁଁ ଆମ୍ଭେମାନେ ସକ୍ରିୟ ହୋଇ ସେହିମାନଙ୍କ ସାଥିରେ ସାକ୍ଷାତକାରଠାରୁ ଆରମ୍ଭକରି 'ଭାରତୀର' ପ୍ରକାଶନ ଜୟନ୍ତୀ ପାଳନ ଇତ୍ୟାଦି କାର୍ଯ୍ୟରେ ଅଙ୍ଗିଭୂତ ଥିଲୁ। ସେମାନଙ୍କ ମଧ୍ୟରେ ଅନେକ ଶତାୟୁ ଆଜି। ପତ୍ରିକା ପାଇଁ ଲେଖି ବସିଲାବେଳେ ସଜଳ ହୋଇ ଉଠୁଛି ଆଖି, ଆଉ ଗୁମୁରି ଉଠୁଛି ହୃଦୟ। ଅନେକ ଶିକ୍ଷାଦାତା, ସାଥି, ଅଗ୍ରଜ, ଅନୁଜ ବିଲୀନ ହୋଇଗଲେଣି। ପରବର୍ତ୍ତୀ ଜୟନ୍ତୀ ବେଳକୁ ଆମ୍ଭେମାନେ ଯେ ଆଉ ନଥିବୁ, ଏହା ଅନସ୍ୱୀକାର୍ଯ୍ୟ। ତେବେ ଭାଗ୍ୟବାନ ବୋଲି ଅନୁଭବ ହୁଏ ଯେ, ଆମ ଏହି ମହାନ ବିଦ୍ୟାଳୟର ରୌପ୍ୟ, ସୁବର୍ଣ୍ଣ, ପ୍ଲାଟିନମ୍ ଜୟନ୍ତୀ ପରି ତିନୋଟି ଐତିହାସିକ ଗୌରବଜ୍ୱଳ ଘଟଣାକୁ ସାମ୍ନା କରିଥିଲୁ। ବ୍ୟସ୍ତ ଜଞ୍ଜାଳପୂର୍ଣ୍ଣ ଜୀବନଟା ଯେ କେତେ ଶିଘ୍ର ବିତିଗଲା, ତା'ର ମାପ କାଠି ଆଉ ସାକ୍ଷୀ ଓ ସ୍ୱାକ୍ଷର ଆମ ଭୁବନ ହାଇସ୍କୁଲ। ଆମ ଉତ୍ତର ପୁରୁଷମାନଙ୍କପାଇଁ - 'ଭାରତୀ'ର ଏହି ତିନିଟି ଜୟନ୍ତୀର ସ୍ୱତନ୍ତ୍ର ବିଶେଷାଙ୍କ ତଥ୍ୟ ଓ ତତ୍ତ୍ୱଭରା ଐତିହାସିକ ଦଲିଲ ହୋଇ ରହିବ। ଏହି ଅନୁଷ୍ଠାନ ଇତିହାସ ପାଇଁ ୧୯୪୮ ମସିହାରେ ଭାରତର ସ୍ୱାଧୀନତା ସମୟରେ ଦେଶର ସବାଧିକ ଜନ ବହୁଳ ଗାଁ ଭୁବନର ଅନ୍ଧାରୀ ମୂଲକରେ ଜ୍ଞାନାଲୋକ ଜାଳିବାକୁ ପ୍ରତିଷ୍ଠିତ ହୋଇଥିବା ଏହି ଶିକ୍ଷାନୁଷ୍ଠାନଟି ବହୁ ଘାତ ପ୍ରତିଘାତ ମଧ୍ୟରେ ସ୍ୱୀୟ ସତ୍ତାକୁ ବଜାୟ ରଖି ଦେଶ ଓ ଜଗତକୁ ବହୁ ପ୍ରତିଭାଙ୍କୁ ଉତାରି ଦେଇଅଛି। ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସୁନାମ ଅର୍ଜନ କରିଥିବା ଅନେକ ବରେଣ୍ୟ କୃତି ସନ୍ତାନଙ୍କୁ ଏହି ବିଦ୍ୟାଳୟ ଜନ୍ମ ଦେଇଛି। ଭାସ୍ୱରିତ କରିଛି ମଣିଷ ଜାତିକୁ। ଦେଦୀପ୍ୟମାନ କରିଛି ଆପଣାର ଅବଦାନକୁ। ଅମର କରିଛି ତାର କଥା ଗାଥାକୁ। ୧୯୪୮-୧୯୬୨ ମସିହା ଯାଏ ଶୈଶାବସ୍ଥାରେ ପ୍ରଥମେ ଏଡେଡ୍ ଓ ପରେ ପରେ ୧୯୬୨ରୁ ୧୯୯୨ ଯାଏ 'ସି' ଟାଇପ୍‌ର ମାନ୍ୟତା ପ୍ରାପ୍ତ ଏହି ବିଦ୍ୟାଳୟ ମାର୍ଚ୍ଚ ପହିଲା ୧୯୯୨ ମସିହାଠାରୁ 'ଏ' ଟାଇପ୍‌ର ମାନ୍ୟତା ପାଇ ନିଜ କ୍ରମବର୍ଦ୍ଧିଷ୍ଣୁ ଉତ୍‌ଥାନ ଓ ଗୁଣବତ୍ତାର ଜୈତ୍ର ପତାକା ଉଡ଼ାଇ ପାରିଥିଲା। ଭୁବନ ହାଇସ୍କୁଲଟି ସମଗ୍ର ଢେଙ୍କାନାଳ ଜିଲ୍ଲାରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲା। ଭୁବନ ଜନଜୀବନକୁ ବହୁଭାବରେ ପ୍ରଭାବିତ କରିଥିଲା। ସମାଜିକ, ଅର୍ଥ-ନୈତିକ, ଶୈକ୍ଷିକ, କଳା, ସଂସ୍କୃତି ଓ ସାହିତ୍ୟ କ୍ଷେତ୍ରକୁ ଆଲୋକିକ କରିଥିଲା। ୨୫/୩୦ କି.ମି. ଦୂରରୁ ଶିକ୍ଷାର୍ଥୀମାନେ ଆସୁଥିଲେ ଅଧ୍ୟୟନ କରିବାକୁ। ବିରାଟ ଛାତ୍ରାବାସ ମୁଖରିତ ହୋଇ ଉଠୁଥିଲା ସେମାନଙ୍କର ମିଳିତ କଳରବରେ ଆଶ୍ରମର ସାଧକ ଓ ସାଧନାରତ ଶିଷ୍ୟମାନଙ୍କ ପରି। ଶାନ୍ତି, ସହାବସ୍ଥାନ, ଭ୍ରାତୃପ୍ରୀତି, ଅନୁଶାସନ, ପାରିବାରିକ ମମତ୍ୱ, ଶ୍ରଦ୍ଧା, ସମ୍ମାନ ସବୁ ଭରପୁର ଥିଲା। ଶିକ୍ଷକମାନଙ୍କ ପ୍ରତି ଭୟ, ମମତା, ଭକ୍ତି, ସମ୍ମାନ ବେଶ୍ ବାରି ହୋଇପଡୁଥିଲା। ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଚରିତ୍ର ଗଠନ ପରି ସାମଗ୍ରିକ ବ୍ୟକ୍ତିତ୍ୱର ବିକାଶ ହେଉଥିଲା। ବୃତ୍ତିଗତ ଶିକ୍ଷାରେ କମ୍ ନଥିଲା। ଗୁରୁ-ଶିଷ୍ୟର ପାରମ୍ପରିକ ପବିତ୍ର ସଂସର୍ଗ ଓ ସମ୍ପର୍କ ଅଙ୍ଗିଭୂତ ଥିଲା। ଶିକ୍ଷା-ଶିକ୍ଷକ ଓ ଶିକ୍ଷାୟତନ ଏବଂ ଅଭିଭାବକମାନଙ୍କ ମଧ୍ୟରେ ଚତୁଃକୋଣୀୟ ସମ୍ମିଳିତ ସଂପର୍କ ପରିପୃଷ୍ଟ କରୁଥିଲା। ସାମଗ୍ରିକ ଚିନ୍ତା-ଚେତନା-ପରିବେଶକୁ ସ୍ନେହ ସଂପ୍ରୀତି, ଶ୍ରଦ୍ଧା ବନତ ଶିକ୍ଷାର୍ଥୀମାନଙ୍କର ବ୍ୟକ୍ତିତ୍ୱ ଗଠନରେ ତାହା କେତେ ସହାୟକ ହୋଇଥିଲା, ଆମେ ଗଭୀର ଭାବେ ଅନୁଭବ କରିଛୁ।

ସୃଜନଶୀଳତା ଓ ବହୁମୁଖୀ ପ୍ରତିଭାର ଉନ୍ମେଷ ତଥା ବିକାଶ ପାଇଁ ଶୋଭନୀୟ ଶିକ୍ଷାଶ୍ରମର ଜନକ ପ୍ରଥିତ ଯଶା କୁମାର ଭାଇଙ୍କଠାରୁ ଆରମ୍ଭ କରି କେତେକେତେ ମହାନ୍ ପ୍ରତିଭାଦୀପ୍ତ ବ୍ୟକ୍ତିତ୍ୱଙ୍କ ଆଗମନରେ ଭୁବନ ହାଇସ୍କୁଲ ବିକଶିତ ହୋଇଥିଲା। ଜାତୀୟ ସ୍ତରରେ ଶିକ୍ଷାର ଫଳାଫଳ, ନୃତ୍ୟଗୀତ, ମନୋରଞ୍ଜନ କାର୍ଯ୍ୟକ୍ରମ, ବିଜ୍ଞାନ କର୍ମଶାଳା, ସମ୍ମାନ, ପ୍ରଦର୍ଶନୀ, ଆକାଶବାଣୀ ଓ ଦୂରଦର୍ଶନର ସ୍ୱତନ୍ତ୍ର କାର୍ଯ୍ୟକ୍ରମ, କ୍ରୀଡ଼ା, ଏନ୍‌ସିସି, ସ୍କାଉଟ, ରେଡ୍‌କ୍ରସ ସେବା ପ୍ରଭୃତି ଅନେକ କାର୍ଯ୍ୟକ୍ରମ ଏଠି ସଫଳ ରୂପାୟିତ ହୋଇଛି। ଆଉ ସୃଷ୍ଟି କରିଛି ଅନେକ ସଫଳ ତ୍ରାଣକର୍ତ୍ତା ଭଗୀରଥଙ୍କୁ।

ଓଡ଼ିଆ ଭାଷା ସାହିତ୍ୟକୁ ବିଭିନ୍ନ ବିଭାଗରେ ସମୃଦ୍ଧ କରିବାରେ ପ୍ରଶଂସାପତ୍ର ପାଇ ଚର୍ଚିତ ହୋଇଥିବା ଏପରି କେତେକ ସାହିତ୍ୟିକ ବା ଲେଖକ ସୃଷ୍ଟି କରିଛି ଏ ଅନୁଷ୍ଠାନ। ଆଜି ମୁଖପତ୍ର ପାଇଁ ଲେଖିଲା ବେଳେ କୃତଜ୍ଞତାରେ ମଥା ସ୍ୱତଃ ନଇଁଯାଉଛି, କାରଣ ଏଇ ପତ୍ରିକା ଆମକୁ ସୃଜନଶୀଳତା ଶିଖାଇଛି।

ଦିଗ ଦିଗନ୍ତକୁ ପ୍ରସାରିତ କରିଛି ସୃଜନ ପ୍ରତିଭାକୁ ପତ୍ରପତ୍ରିକାଠାରୁ ବୈଦ୍ୟୁତିକ ଗଣମାଧ୍ୟମ ଯାଏ। ମୁଁହରେ ଭାବ, ଭାଷା ଓ ହୃଦୟରେ ଜ୍ଞାନର ଉନ୍ମୀଳନ କରିଦିଏ ଅନୁଷ୍ଠାନ ଯା'ର ଉତ୍ତରଣରେ ଆମେ ଉପକୃତ, ଅବପମିତ ଓ ଜୀବନ ଜୀବିକା ଯାଏ ତାହା ପ୍ରଲମ୍ବିତ।

'ଭାରତୀ'ର ଜନ୍ମଜାତକ କଥା ଆଜି ମନେପଡେ। ସହକାରୀ ଶିକ୍ଷକ ତଥା ସାହିତ୍ୟ ପିପାସୁ ଶ୍ରୀ ସତ୍ୟବ୍ରତ ମହାନ୍ତିଙ୍କ ଉଦ୍ୟମରେ 'ଭାରତୀ'ର ପ୍ରଥମ ହାତଲେଖା-ପ୍ରକାଶନ ହୋଇଥିଲା। ପରବର୍ତ୍ତୀ କାଳରେ ରାଜ୍ୟର ଜଣାଶୁଣା ସାହିତ୍ୟିକ ତଥା ତତ୍କାଳୀନ ଶିକ୍ଷକ ଶ୍ରୀ ରମେଶ ଚନ୍ଦ୍ର ଭଞ୍ଜଙ୍କ ଉଦ୍ୟମରେ 'ଭାରତୀ'ର ଏକ ସ୍ୱତନ୍ତ୍ର ମୁଦ୍ରଣ ରୂପ ସାକାର ହୋଇଥିଲା। ମୋର ସୌଭାଗ୍ୟ, ଆକାଶବାଣୀ କଟକ କେନ୍ଦ୍ରରେ ତାଙ୍କ 'ଭାରତୀ'ର ଗୋଟିଏ ସଂଖ୍ୟା ଦେବାବେଳେ ସେ ଖୁସିରେ କାନ୍ଦି ପକାଇ ଥିଲେ ଓ ଆକାଶବାଣୀର ବଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନ ବେଳେ 'ଭାରତୀ' ଓ ଭୁବନ ହାଇସ୍କୁଲ କଥା ପଚାରିଥାନ୍ତି ସେ।

ସେହିପରି ଆମ ଏଇ ଅନୁଷ୍ଠାନର ମଙ୍ଗ ଧରିବାରେ ଯେତେ ପ୍ରଧାନ ଶିକ୍ଷକ ଆସିଛନ୍ତି, ସେମାନଙ୍କ ମଧ୍ୟରେ ଯଶସ୍ୱୀ ପ୍ରଧାନ ଶିକ୍ଷକ ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର। ଏଠାରେ ସ୍କୁଲ ତଥା ତାଙ୍କ ଜୀବନର ସର୍ବାଧିକ ସମୟ ୨୪ ବର୍ଷ କାଳ ଏହାକୁ ତାଙ୍କ ସାଧନାର ତପୋଭୂମି କରିଥିଲେ। ଗତଥର ସୁବର୍ଣ୍ଣ ଜୟନ୍ତୀ ୧୯୯୮-୯୯ ବେଳେ ଶ୍ରୀ ମିଶ୍ର ଜୀବିତ ଥିଲେ ଓ ଆନନ୍ଦ ଉଦ୍‌ବେଳିତ ହୋଇ ପଡ଼ିଥିଲେ। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ଭାଷାରେ- 'କର୍ମେ ଜୀଏ ନର କର୍ମ ଏକା ତା'ର ଜୀବନର ମାନଦଣ୍ଡ' ନ୍ୟାୟରେ ତାଙ୍କୁ ଆଉ ପ୍ରତିଷ୍ଠାତା ଭାଗବତ ମିଶ୍ର ଓ ଶ୍ରୀଧର ରାଉତଙ୍କ ଅନୁଷ୍ଠାନର ହିତସାଧନରେ ତ୍ୟାଗପୂତ ବ୍ୟକ୍ତିତ୍ୱମାନେ ଆମ ପାଇଁ ସ୍କୁଲର ଇତିହାସରେ ଅମର ହୋଇ ରହିଛନ୍ତି - 'କୀର୍ତ୍ତି ହିଁ ପୁରୁଷଂ ଲୋକେ ସଂଗୀ କୟତି ମାତୃବତ୍' ପରି।

ଆଜି ବିଦ୍ୟାଳୟର ପାର୍ଥିବ ଭୌତିକ କଳେବର ବିକଶିତ, ସୁଦୃଶ୍ୟ, ସୁରମ୍ୟ ଅବଶ୍ୟ। ହେଲେ ପୂର୍ବର ସେ ଆତ୍ମା, ଗୁଣବର୍ତ୍ତା, ଆନ୍ତରିକତା ନଥିଲା ପରି ପ୍ରତୀୟମାନ। ଆବେଗିକ ଆତ୍ମୀୟତା ସତେ ଯେମିତି ହରାଇ ବସିଛି। ଅନ୍ତଃସାରଶୂନ୍ୟ ଅସ୍ମିତାବିହୀନ, ବସ୍ତୁଗତ, ଯାନ୍ତ୍ରିକ କୃତିମତା ଏହାର ପାଣିପବନରେ ଭରିଯାଇଛି। 'କର୍ପୂର ଉଡ଼ି କେବଳ ମାତ୍ର କନା ପଡ଼ିରହିଲା' ପରି ଅନୁଭବ କରାଯାଉଛି। ଶିକ୍ଷା-ଶିକ୍ଷକ ଓ ଶିକ୍ଷାର୍ଥୀଙ୍କ ମଧ୍ୟରେ ଦୂରତ୍ୱ ବଢ଼ିବଢ଼ି ଚାଲିଛି। ଅଭିଭାବକ ଉପେକ୍ଷିତ। ମଧୁରତା କେବଳ ଶବ୍ଦ ସର୍ବସ୍ୱ ମାତ୍ର। ନୈତିକତା ପଳାୟନପନ୍ଥୀ। ଆତ୍ମୀୟତା ଅପସ୍ରିୟମାନ, ବିଡ଼ମ୍ବିତ ଓ ବିଲୁପ୍ତାଭିମୁଖୀ ହୋଇ ଆତ୍ମିକ ମୂଲ୍ୟବୋଧ ଗୁଣବତ୍ତା, କାହିଁକେଉଁ ଅପହଞ୍ଚ ଇଲାକାରେ। ଆଉ ଶୁଭୁନାହିଁ ସେ କାଳର ସମ୍ମିଳିତ ପ୍ରାର୍ଥନାର ଶାନ୍ତ-କାନ୍ତ-କମନୀୟ ଭାବଭକ୍ତି ଆପ୍ଲୁତ ଆବେଦନର ଆସ୍ତିକ ସ୍ୱର। ତା ସ୍ଥାନରେ କେବଳ ବୃତ୍ତି କୈନ୍ଦ୍ରିକ ଶିକ୍ଷା, ମାପଚୁପ୍ ଉପରଠାଉରିଆ ବ୍ୟବହାର ବେଖାପ ଓ ବେଖାତିର ନିର୍ଭୀକ ଉଦ୍ଦାମତା, ବର୍ବରତା। ସତେକି ଆଉ ରାଜ୍ୟର ଏହି ତଥା ଜଣାଶୁଣା ଶିକ୍ଷାନୁଷ୍ଠାନର ଗୌରବର ଅସ୍ତମିତ ଗୋଧୂଳି।

ଶିକ୍ଷାର ମୂଳ ଲକ୍ଷ୍ୟ- 'ଚରିତ୍ର ଗଠନ', ମାନବିକତାର ଉଦ୍ରେକ ଓ ମାନବବାଦର ଜୟଗାନ ତଥା ସାମଗ୍ରିକ ସଂହତି ସହ ରାଷ୍ଟ୍ର ନିର୍ମାଣ। ସୃଷ୍ଟିର ଶ୍ରେଷ୍ଠ ଜୀବ ମାନବତ୍ୱର ପରିପ୍ରକାଶ ଏଇଠି ନିର୍ମାଣ ହୁଏ। ମଣିଷଟିଏ ନିଜକୁ ଚିହ୍ନେ, ତା'ର କର୍ତ୍ତବ୍ୟ ପ୍ରତି ଜାଗରୁକ ହୁଏ, ଜୀବ ଶିବ ସମୁନ୍ନତ ହୋଇଯାଏ। ବାହାର ଜୀବନଯାତ୍ରା ମାର୍ଜିତ ହେବାକୁ ଖୋରାକ ଓ ଅନୁଶାସନ ପାଇଥାଏ। ତାର ଚିନ୍ତା ଚେତନା ଏଇ ମଣିଷଗଢା କାରଖାନାରୁ ହିଁ ବିକଶିତ ହୋଇଥାଏ। ଏ ଦିଗରେ ଶିକ୍ଷକ-ଶିକ୍ଷୟିତ୍ରୀଙ୍କର ଭୂମିକା ପ୍ରାୟତଃ ଗୁରୁତ୍ୱପୂର୍ଣ୍ଣ। ମାଟିର ପିତୁଳା ରୂପକ ଶିକ୍ଷାର ଏମାନଙ୍କ ଦ୍ୱାରା ଜୀବନ୍ୟାସ ପାଇଥାନ୍ତି। ସେଥିପାଇଁ ଶିକ୍ଷାଦାତାମାନଙ୍କର ଆନ୍ତରିକତା, ଅପ୍ରତିହତ ଆଗ୍ରହ ଓ ସର୍ବୋପରି ସମର୍ପିତ ସହଯୋଗ ଅପରିହାର୍ଯ୍ୟ। ଏହା ବ୍ୟତିରେକ ଶିକ୍ଷାନୁଷ୍ଠାନ ନିର୍ମାଣର ଲକ୍ଷ୍ୟ ସୁଦୂର ପରାହତ ଓ ପରାଭୂତ ହୋଇଯାଏ। କେବଳ ପରାଙ୍ଗପୁଷ୍ଟ ବେତନ ସର୍ବସ୍ୱ ହୋଇ ତଥାକଥିତ ଦିଗଭ୍ରଷ୍ଟ ଶିକ୍ଷାଦାତାମାନେ ନିଜର ତଥା ଜାତୀୟ କର୍ତ୍ତବ୍ୟରେ ତ୍ରୁଟି କରନ୍ତି। ତଦ୍ୱାରା ରାଷ୍ଟ୍ର ନିର୍ମାଣର ସୁସଂହତ ଲକ୍ଷ୍ୟ ଅପୂରଣ ରହେ। ନିଜ ଅଜ୍ଞାତରେ ଏମାନେ ଈଶ୍ୱରଙ୍କ ଦରବାରରେ ଅପରାଧୀ ହୋଇଯାନ୍ତି, ଯାହା ସେମାନଙ୍କୁ ଦିନେ ଭୋଗିବାକୁ ପଡ଼ିଥାଏ। ଏବେ, କେବେ ବା ଯେବେର ପ୍ରାରମ୍ଭ ହୋଇ - "କର୍ମଟି ସୁଖଦୁଃଖ ଦାତା - କର୍ମଟି ବିଶ୍ୱରକରତା" ନିୟମରେ। ସେମାନେ ତା'ର ଉତ୍ତରଦାୟୀ ରହନ୍ତି - ନିଜ, ଦେଶ ଓ ମାନବ ଜାତି ପାଇଁ। ଏ ଦିଗପ୍ରତି କାର୍ଯ୍ୟରତ ଶିକ୍ଷାଦାତାମାନେ ଆତ୍ମାନୁଶୀଳନ କରିବା ଉଚିତ। ନଚେତ୍ ସେମାନେ ଆତ୍ମଜମାନଙ୍କ ମାଧ୍ୟମରେ ତାର କୁପରିଣାମ ଭୋଗିବା ଆବଶ୍ୟମ୍ଭାବୀ।

ସମୟ ସ୍ରୋତରେ ଶୁଷ୍କ ତୃଣଟିଏ ପରି ଭାସି ଯାଉଥିବା ବେଳେ ଏହି ପରିଣତ ବୟସରେ ପହଞ୍ଚିଲାପରେ ଆମ ଶୈଶବର ପରମ ତୀର୍ଥ ପାଲଟିଥିବା ଆମ ସ୍କୁଲକୁ ଆଜି ଦେଖିଲେ ମନେହୁଏ, କେତେ ସହଜ ସରିଗଲା ଏ ବୟସ ଓ ଆୟୁଷ ! ତଥାପି ଏବେବି ମନେ ହୁଏ, ଆଉଥରେ ପିଲାଦିନ ଆସନ୍ତା କି ! ପୁଣି ଭୁବନ ହାଇସ୍କୁଲରେ ପାଠପଢା ଆରମ୍ଭ ହୁଅନ୍ତା। ଭାରତ-ପାକିସ୍ଥାନ ନାମକରଣରେ ସ୍କୁଲର ପଶ୍ଚିମ ଓ ପୂର୍ବ ପାଖ ଦେଶପ୍ରେମ ଓ ବିବିଧ ଗୁଣ ସମୂହର ଉତ୍କର୍ଷର ସକାରାତ୍ମକ ପ୍ରତିଯୋଗିତା ମଥା ଟେକନ୍ତା। ସବୁଦିନ-ତମାମ ଜୀବନ ଏଇ ବିଦ୍ୟାଳୟର ପାଦପ୍ରଦୀପରେ ଆଲୋକିତ ହୁଅନ୍ତା ଜୀବନ। ଆମର ଏହି ବିଦ୍ୟାଳୟକୁ ଦେଖିଲେ ନିଜକୁ ସେଦିନର ଚପଳମତି ପିଲାବୋଲି ନିଜକୁ ଦେଖୁ। ନୀରବରେ ସ୍ୱଚ୍ଛମୂକ ସାକ୍ଷୀ ପରି ଗଗନକୁ ମୁହଁଟେକି ଠିଆ ହୋଇଥିବା ଏହି ଅନୁଷ୍ଠାନଟି ସତେ କି ପାଣିଚିଆ ଜୀବନ ନେଇ ଦୀର୍ଘଶ୍ୱାସ ତ୍ୟାଗ କରୁଥିବାର ମନରେ ଲାଗିଥାଏ। ଅତୀତରେ ଚଳମୁଖର ସେହି ଅନୁଷ୍ଠାନଟି ଯେମିତି ନିର୍ବାକ-ନିଷ୍ଚଳ-ନିଥର, ନିର୍ଜୀବ-ସ୍ଥାବର ଆଜି। 'ସେକାଳ ପଖାଳ' ପରି କେବଳ ମାତ୍ର ସିଏ ସଜଳ-ସାକାର-ସୁଦୃଶ୍ୟ ସ୍ମୃତିର ପ୍ରତିବିମ୍ବରେ। ❋

ବ୍ୟାଚ: ୧୯୭୯

ଫୋନ୍ : ୯୯୩୭୪୭୭୭୪

ମହିମା ଧର୍ମର ପ୍ରାଣ ପ୍ରତିଷ୍ଠାତା ସ୍ୱୟଂ ମହିମା ଗୋସେଇଁ ବା ମହିମାସ୍ୱାମୀ, ମହାତ୍ମା ଭୀମଭୋଇ (୧୮୪୬ - ୧୮୯୫) ଏହି ଧର୍ମର ମୁଖ୍ୟ ପ୍ରଚାରକ ତଥା ଶ୍ରେଷ୍ଠ କବି ଭାବେ ଆନ୍ତର୍ଜାତିକ ସ୍ତରରେ ସୁପରିଚିତ।

"ସ୍ଥାବରୁ ଜଙ୍ଗମ କୀଟରୁ ପତଙ୍ଗ
ରହିଁଦେଲେ ଅନୁସରି
ସକଳ ଘଟରେ ପୂରି ସମାନରେ
ସାନବଡ଼ ନୁହେଁ ବାରି ।"

ଏକ ଅଜ୍ଞାତ ଅଧ୍ୟାୟ : ଭୁବନ ଉଚ୍ଚବିଦ୍ୟାଳୟର

ଅଧ୍ୟାପକ କୈଳାସ ଚନ୍ଦ୍ର ଗୁରୁ

ଦିନଯାଏ କଥାରହେ। ଏହା ଏକ ଚିରନ୍ତନ ସତ୍ୟ। ବହୁ ଚର୍ଚ୍ଚିତ ମୋ ଗାଁ ଭୁବନ, ଏସିଆ ମହାଦେଶର ସବୁଠାରୁ ବଡ଼ ଗାଁ। ଏଠାରେ ପ୍ରତିଷ୍ଠା ହୋଇଥିବା ଉଚ୍ଚ ବିଦ୍ୟାଳୟର ପୂର୍ବାଭାଷ ସମ୍ପର୍କରେ କିଛି ସୂଚନା ଦେବାର ଆବଶ୍ୟକତା ଉପଲବ୍ଧି କରି ଏ ସୂଚନା ଦେଉଛି। ସମଗ୍ର ବିଶ୍ୱରେ ଯେତେବେଳେ ଦ୍ୱିତୀୟ ବିଶ୍ୱଯୁଦ୍ଧର ଆରମ୍ଭ ଠିକ୍ ସେହି ୧୯୩୯ ମସିହାର ପ୍ରାରମ୍ଭରେ ଭୁବନରେ ମାଇନର ସ୍କୁଲଟିଏ ପ୍ରତିଷ୍ଠା ହେଲା। ଏହା ପ୍ରଥମେ ଶଙ୍କର ପ୍ରତାପ ସ୍କୁଲ ନାମରେ ନାମିତ ହୋଇଥିଲା। ୧୯୪୮ ମସିହା ଜୁଲାଇ ମାସରେ ଯେତେବେଳେ ଭୁବନ ଶାସନର କେଶବ ଚନ୍ଦ୍ର ମିଶ୍ର (ଵ ନଟବର ମିଶ୍ର ଓ ଵ ପଦ୍ମନାଭ ମିଶ୍ରଙ୍କ ବାପା) ଶିକ୍ଷା ବିଭାଗର ଅଧିକାରୀ ହୋଇଥିଲେ ସେହି ସମୟରେ ଶଙ୍କର ପ୍ରତାପ ସ୍କୁଲ ନାମ ପରିବର୍ତ୍ତନ କରାଯାଇ ଭୁବନ ମାଇନର ସ୍କୁଲ ବା ଭୁବନ ଏମ୍.ଇ ସ୍କୁଲରେ ପରିଣତ ହେଲା। ଶୁଣାଯାଏ ଵ କେଶବ ଚନ୍ଦ୍ର ମିଶ୍ର ମାଟ୍ରିକ୍ ପାଶ୍‌କରି ଢେଙ୍କାନାଳ ହାଇସ୍କୁଲରେ ପ୍ରଥମେ ଶିକ୍ଷକତା କରି ପରେ ହିନ୍ଦୋଳ, କେନ୍ଦୁଝର, ଖୋର୍ଦ୍ଧା, ପୁରୀ, ଯାଜପୁର ଓ ବାଲେଶ୍ୱରରେ ଉପଶିକ୍ଷା ଅଧିକାରୀ ରୂପେ କାର୍ଯ୍ୟ କରିଥିଲେ। ତାଙ୍କରି ମାଧ୍ୟମରେ ଭୁବନରେ ଡାକଘର ପ୍ରତିଷ୍ଠା ମଧ୍ୟ ହୋଇଥିଲା।

ଦ୍ୱିତୀୟ ବିଶ୍ୱଯୁଦ୍ଧର ଶେଷ ସମୟ ଓ ଭାରତ ସ୍ୱାଧୀନତା ପାଇବାର ମାତ୍ର କେଇଟା ମାସ ପରେ ଏଇ ଅନ୍ଧାରି ମୂଲକର ଅଜ୍ଞାନ ଅନ୍ଧକାରକୁ ଦୂରୀଭୂତ କରିବାପାଇଁ ଆଲୋକବର୍ତ୍ତିକା ସ୍ୱରୂପ ଉଭାହେଲେ ସ୍ୱର୍ଗତ ଭାଗବତ ମିଶ୍ର। ସେଇ ଭୁବନ ଶାସନର ଭାଗବତ ମିଶ୍ର ସମ୍ଭବତଃ ଭୁବନରେ ଉଚ୍ଚଶିକ୍ଷା ଲାଭ ପାଇଁ ହାଇସ୍କୁଲଟିଏ ପ୍ରତିଷ୍ଠା ହେବାର ଆବଶ୍ୟକତା ଅନୁଭବ କଲେ। ହୁଏତ ପୂର୍ବରୁ ମାଇନର ସ୍କୁଲ ପ୍ରତିଷ୍ଠା ହୋଇଥିବାରୁ କିଛି ପ୍ରଭାବ ତାଙ୍କ ଉପରେ ପଡ଼ିଥାଇପାରେ। ଭୁବନର କାପୁଡ଼ିଆ ଜାତିର ତତ୍‌କାଳୀନ ସରପଞ୍ଚ ମାଗୁଣି ବେହେରା, ନାଏବ ସରପଞ୍ଚ ମାଗୁଣି ପୃଷ୍ଟି, ରାମଚନ୍ଦ୍ର ରାଉତ, ରାମଚନ୍ଦ୍ର ପାତ୍ର ପ୍ରମୁଖ ବ୍ୟକ୍ତିମାନଙ୍କ ସହ ଆହୁରି ଅନେକ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହଯୋଗରେ ହାଇସ୍କୁଲଟିଏ ପ୍ରତିଷ୍ଠା କରିବାପାଇଁ ଅଣ୍ଟା ଭିଡ଼ିଲେ। ପ୍ରଥମେ ନିଜ ଧାନ ଖମାର ଧାନସବୁ ବିକ୍ରି କରି ସ୍କୁଲ ପ୍ରତିଷ୍ଠାର ନିଷ୍ପତ୍ତି ନେଲେ। ଭୁବନ ଭିତରଦିଗ ପାଟଣା, ୟୁ.ପି. ସ୍କୁଲରେ ୦୧.୦୪.୧୯୪୮ ମସିହାରେ ଦୁଇବଖରା ଘର ଦୁଇଟିଯାକ ଶ୍ରେଣୀ ୮ମ ଓ ୯ମ ଏକାଥରେ ଖୋଲାଗଲା ଏବଂ ସ୍କୁଲ ଆରମ୍ଭ ହେଲା। ମାଇନର ସ୍କୁଲ ପ୍ରଧାନ ଶିକ୍ଷକ ଵଗୋପୀନାଥ ସାହୁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରୂପେ ଦାୟିତ୍ୱ ବହନ କରି ସ୍କୁଲ ପରିଚାଳନା କଲେ। ପୂର୍ବରୁ ଭିତରଦିଗ ପାଟଣା ୟୁ.ପି. ସ୍କୁଲରେ ମାଇନର ସ୍କୁଲ ଚାଲୁଥିଲା। ପରେ ସେହିଠାରେ ହିଁ ହାଇସ୍କୁଲ ହେଲା। କିଛିଦିନ ପରେ ମାଇନର ସ୍କୁଲ ବର୍ତ୍ତମାନ ହାଇସ୍କୁଲର ଉତ୍ତରପାଖକୁ ଉଠି ଆସି ଦୁଇ ବଖରା ଆଜ୍‌ବେଷ୍ଟସ୍ ଘରେ ପରିଚାଳିତ ହେଲା ଏବଂ ହାଇସ୍କୁଲ ପାଇଁ ଦୁଇବଖରା ଚାଳଘର କରି (ବର୍ତ୍ତମାନର ହାଇସ୍କୁଲ ଜାଗାରେ) ସ୍କୁଲ କାର୍ଯ୍ୟ ଚାଲିଲା। ଭାଗବତ ବାବୁଙ୍କର ସବୁ ଧାନ ବିକ୍ରି ପରେ ପଇସାର ଅଭାବ ଏବଂ ଏଥିରେ ବହୁଲୋକଙ୍କ ଆର୍ଥିକ ସହଯୋଗର ଆବଶ୍ୟକତାକୁ ଅନୁଭବ କରି ଵ ପିତାମ୍ବର ମିଶ୍ର, ଵ ପଦ୍ମନାଭ ମିଶ୍ର, ଵ ବ୍ରଜସୁନ୍ଦର ସାହୁ ଏବଂ ଆଉ କିଛି ବ୍ୟକ୍ତି ନିମ୍ନଲିଖିତ ଗୀତ ବୋଲି ସ୍କୁଲପାଇଁ ସାହାଯ୍ୟର ହାତପାତିଲେ।

"କେତେ ଖରଚ କରୁଚ ଭାଇ,
ପାନବିଡି ସିଗାରେଟ ଉଡ଼ାଇ,
ପଇସା ଚାରଣା ପାଇଁ,
ଘରବୋଲି ଖଣ୍ଡେ ନାହିଁ,
ଚିଲପଶି କୁଆଯାଏ ଉଡ଼ଇ,
ଆମ ମହତ ରହିଲା କାହିଁ
ଦଶହଜାର ପ୍ରଜା
ଅଶିକ୍ଷିତ ବୋଲି ପାଇଲେ ଲଜ୍ୟା
ଆମେ ଏସବୁ ସହିଲେ ଯା' ॥"

ଭାଗବତ ବାବୁଙ୍କ ସ୍କୁଲପ୍ରତିଷ୍ଠାକୁ କିଛି ମୁଷ୍ଟିମେୟ ବ୍ୟକ୍ତି ସହଜରେ ହଜମ କରିପାରି ନଥିଲେ। ସେହି ଅସହିଷ୍ଣୁ ବ୍ୟକ୍ତିଙ୍କ ପ୍ରରୋଚନାରେ କିଛି ଦୁର୍ବୃତ୍ତ ସେହି ଚାଳଛପର ଘରଟିକୁ ପୋଡ଼ିଦେଲେ ଏବଂ ସ୍କୁଲରେ ଆବଶ୍ୟକ ସଂଖ୍ୟକ ଛାତ୍ର ଓ ଶିକ୍ଷକ ନଥାଇ ଏହା ମିଥ୍ୟାରେ ଚାଲିଛି ବୋଲି ଉପରିସ୍ଥ ହାକିମଙ୍କ ପାଖରେ ଅଭିଯୋଗ କଲେ। ଫଳରେ ସ୍ୱୀକୃତି ପାଇଁ ବିଳମ୍ବ ହେଲା। ଏହା ସତ୍ତ୍ୱେ ଭାଗବତ ବାବୁ ଭାଙ୍ଗି ପଡ଼ିଲେ ନାହିଁ କି କାହାପାଖରେ ମୁଣ୍ଡ ନୁଆଁଇଲେ ନାହିଁ। ସରକାରଙ୍କ ବିରୋଧରେ କେଶ୍ ଲଢ଼ି ଡିଗ୍ରୀ ଆଣିଲେ ଏବଂ ସବୁ ଶ୍ରେଣୀପାଇଁ ସରକାରୀ ସ୍ୱୀକୃତି ଆଣି ସ୍କୁଲ ପରିଚାଳନା କଲେ।

୧୯୪୮ ମସିହାରେ ଭାଗୀରଥି ମଣ୍ଡଳ, ନୃସିଂହ କୁମାର ରଥ, ପର୍ଶୁରାମ ମିଶ୍ର, ପୁରୁଷୋତ୍ତମ ମିଶ୍ର ପ୍ରମୁଖ ବ୍ୟକ୍ତିମାନେ ପ୍ରଥମେ ନାମ ଲେଖାଇ ସ୍କୁଲର ଗାରିମା ବୃଦ୍ଧି କଲେ। ଗମନାଗମନର ସୁବିଧା ତଥା ଆଖପାଖରେ କୌଣସି ସ୍କୁଲ ନଥିବାରୁ ଢେଙ୍କାନାଳର ବ୍ରଜନାଥ ବଡ଼ଜେନା ହାଇସ୍କୁଲରେ ସମସ୍ତ ଛାତ୍ର ପରୀକ୍ଷା ଦେବାକୁ ଯାଇଥିଲେ। ୧୯୫୧ ମସିହାରେ ପ୍ରଥମ ବ୍ୟାଚ ଛାତ୍ରମାନେ ପରୀକ୍ଷା ଦେଇଥିଲେ। ଏହି ସମୟରେ ବାଳିକାମାନଙ୍କ ପାଇଁ ସ୍ୱତନ୍ତ୍ର ସ୍କୁଲ ନଥିବାରୁ ଛାତ୍ରଛାତ୍ରୀ ଏକାଠି ହାଇସ୍କୁଲରେ ଅଧ୍ୟୟନ କରୁଥିଲେ। ଏହିଭଳି ଭାବରେ ୧୯୪୮-୧୯୫୪ ମସିହା ପର୍ଯ୍ୟନ୍ତ ଭାଗବତ ମିଶ୍ର ସମ୍ପାଦକ ହୋଇ ସ୍କୁଲ ପରିଚାଳନା କଲେ। ସବୁ ଘାତ ପ୍ରତିଘାତକୁ ଖାତିର ନ କରି ସେ ତାଙ୍କ କର୍ତ୍ତବ୍ୟ କରି ଚାଲିଲେ। ବୋଧହୁଏ ଭାଗବତ ବାବୁଙ୍କର କିଛି ଅସୁବିଧାକୁ ଆଖି ଆଗରେ ରଖି ତତ୍କାଳୀନ ସ୍କୁଲ ଇନିସ୍‌ପେକ୍ଟର ହରିହର ମିଶ୍ର ଢେଙ୍କାନାଳର ଡି.ଆଇ. ଅଫ୍ ସ୍କୁଲ୍‌ସ ବା ସ୍କୁଲ ନିରୀକ୍ଷକ ରାମକୃଷ୍ଣ ମିଶ୍ରଙ୍କୁ ପଠାଇ ଚନ୍ଦାର ଗ୍ରାମର ଶ୍ରୀଧର ରାଉତଙ୍କୁ ସଂପାଦକ ହେବାପାଇଁ ଯୋଗାଯୋଗ କରିବାକୁ କହିଥିଲେ। ଶ୍ରୀଧର ରାଉତ ସେତେବେଳେ ଜଣେ ଜମିଦାର ଶ୍ରେଣୀୟ ବ୍ୟକ୍ତିଥିଲେ। ରାମକୃଷ୍ଣ ମିଶ୍ର ତାଙ୍କୁ ରାଜି କରାଇବା ପରେ ଭୁବନର ଲୋକମାନେ ତାଙ୍କୁ ସବାରିରେ ବସାଇ ଭୁବନ ଆଣି ସମ୍ବର୍ଦ୍ଧିତ କରି ତାଙ୍କୁ ଦାୟିତ୍ୱ ହସ୍ତାନ୍ତର କଲେ। ସେ ଦାୟିତ୍ୱ ନେବା ପରେ ପୁନର୍ବାର ତାଙ୍କୁ ସବାରିରେ ବସାଇ ବହୁଲୋକ ତାଙ୍କ ସାଥିରେ ଯାଇ ଅନନ୍ତପୁର, ବାଲିବୋ, ମହୁଲପାଳ ଦେଇ ଚନ୍ଦାରରେ ପହଞ୍ଚାଇ ଦେଇଥିଲେ। ତାଙ୍କ ଘରେ ପୂର୍ବରୁ ବହୁଲୋକ ଭୁବନରୁ ଆସୁଛନ୍ତି ଖବରପାଇ ଲୋକମାନଙ୍କର ଖାଇବା ପିଇବାର ସୁବନ୍ଦୋବସ୍ତ କରିଥିଲେ। ଲୋକମାନେ ଖାଇସାରିବା ପରେ ଭୁବନ ଫେରି ଆସିଥିଲେ। ସେତେବେଳେ ଏହି ସ୍ୱତଃସ୍ଫୁର୍ତ୍ତତା ଲୋକମାନଙ୍କ ମଧ୍ୟରେ କେତେ ଯେ ଆନନ୍ଦ ଆଣିଦେଇଥିଲା ତାହା କେବଳ ଅନୁଭବୀ ଅନୁଭବ କରିପାରିବ। ୧୯୫୪ ମସିହା ବେଳକୁ ହାଇସ୍କୁଲରେ ୯ ଜଣ ପ୍ରଧାନ ଶିକ୍ଷକ କାର୍ଯ୍ୟ କରିସାରିଥିଲେ। ତତ୍କାଳୀନ ଇନିସ୍‌ପେକ୍ଟର ହରିହର ମିଶ୍ରଙ୍କ କଥାରେ ରାଧାନାଥ ଟ୍ରେନିଂ କଲେଜ ପ୍ରିନ୍ସିପାଲ ବୈଦ୍ୟନାଥ ରଥ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ଭୁବନ ହାଇସ୍କୁଲର ପ୍ରଧାନ ଶିକ୍ଷକ ରୂପେ ଯୋଗ ଦେବାକୁ ପଠାଇଥିଲେ। ଉମେଶ ଚନ୍ଦ୍ର ମିଶ୍ର ୧୩.୭.୧୯୫୪ରେ ପ୍ରଧାନ ଶିକ୍ଷକ ରୂପେ ଯୋଗଦେଲେ। ଏହାପୂର୍ବରୁ ସେ ତାଳଚେର ଯୁବରାଜ ହାଇସ୍କୁଲ ପରେ ତଳମୂଳ ହାଇସ୍କୁଲରେ ୧୯୪୮-୧୯୫୩ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ। ଉମେଶ ଚନ୍ଦ୍ର ମିଶ୍ର ଭୁବନ ହାଇସ୍କୁଲରେ ଯୋଗ ଦେବା ପରେ ସ୍କୁଲ ପରିଚାଳନା ତଥା ସ୍କୁଲର ଉନ୍ନତି ପାଇଁ ବଡ଼ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥିଲେ। ୧୯୬୨ ମସିହା ଜୁଲାଇ ଛଅ ତାରିଖରେ ସରକାର ଏଇ ସ୍କୁଲକୁ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ଶ୍ରେଣୀରେ ଅନ୍ତର୍ଭୁକ୍ତ କଲେ। ସେହି ସମୟରେ ସ୍କୁଲର କିଛି ଋଣଭାର ଥିବା କଥା ସରକାରଙ୍କ ଅଡିଟ୍ ବିଭାଗ ଦର୍ଶାଇଥିଲେ। ସରକାର ଏହି ଋଣଭାର ମୁକ୍ତ ହେବାପାଇଁ କିଛି ଟଙ୍କା ସ୍କୁଲକୁ ଦେଇଦେଲେ।

ଶ୍ରୀଧର ରାଉତ ଆଉ କିଛି ଟଙ୍କା ତତ୍କାଳୀନ ବନମାଳୀ ବିଶ୍ୱାଳଙ୍କଠାରୁ ଆଣି ସରକାରଙ୍କ ସର୍ତ୍ତପୂରଣ କରିବାକୁ ବନମାଳୀ ବାବୁଙ୍କୁ ଦାୟିତ୍ୱ ଦେଇ ଦେୟମୁକ୍ତ ହେଲେ। ଭୁବନ ହାଇସ୍କୁଲ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ 'ଗ' ଶ୍ରେଣୀରୁ 'କ' ଶ୍ରେଣୀରେ ଅନ୍ତର୍ଭୁକ୍ତ ହେଲା ୧.୩.୧୯୬୯ ମସିହାରେ। ୧୯୬୧-୬୨ରେ ମସିହାରେ ଷଷ୍ଠ ଓ ସପ୍ତମ ଶ୍ରେଣୀ ଖୋଲିଥିଲା। ଶ୍ରେଣୀ ସଂଖ୍ୟା ବଢ଼ିଥିଲା, ବଢ଼ିଥିଲା ମଧ୍ୟ ଛାତ୍ରସଂଖ୍ୟା। ସହକାରୀ ଶିକ୍ଷକ ସତ୍ୟବ୍ରତ ମହାନ୍ତିଙ୍କ ସମୟରେ ହାତଲେଖା ମୁଖପତ୍ର 'ଭାରତୀ' ପ୍ରକାଶ ପାଇଲା। ପରେ ସହକାରୀ ଶିକ୍ଷକ ଚୈତନ୍ୟ କୁମାର ମିଶ୍ର ପ୍ରଥମେ 'ଛାପା ମୁଖପତ୍ର' ପ୍ରକାଶ କଲେ। ଯାହାର ପ୍ରଚ୍ଛଦପଟ ଅଙ୍କନ 'ଭାରତୀ'ର ଶିଳ୍ପୀ ସେତେବେଳର ସ୍କୁଲ ଛାତ୍ର ଉତ୍ସରୁଧର ବେହେରା। କାଳକ୍ରମେ ୧୯୬୮ ମସିହାରେ ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ଭଞ୍ଜଙ୍କ ସମ୍ପାଦନାରେ ଆଖି ଲାଖି ରହିଲା ଭଳି ପରିବର୍ତ୍ତିତ ରୂପସଜ୍ଜା, ନୂତନ ପ୍ରଚ୍ଛଦପଟ ଅସିତ୍ ମୁଖାର୍ଜୀଙ୍କ ଦ୍ୱାରା ନିର୍ମିତ କରି ସୁନ୍ଦର ମୁଖପତ୍ର 'ଭାରତୀ' ପ୍ରକାଶ କଲେ। ଯାହା ସମସ୍ତଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ଓ ଆଦୃତ। ଏଇଭଳି ଏକ କାଳଜୟୀ ମୁଖପତ୍ର 'ଭାରତୀ' ସୃଷ୍ଟି ପଛର କାହାଣୀ ଅଧୀନକୁ ଭଞ୍ଜ ସାର୍ ବ୍ୟକ୍ତିଗତ ଭାବେ ଖୋର୍ଦ୍ଧାରେ ଥିବା ନିଜସ୍ୱ ଗୃହରେ କହିଥିଲେ। ୧୯୬୩ ମସିହାରେ ଭୁବନରେ ବାଳିକା ବିଦ୍ୟାଳୟ ସରକାରୀ ସ୍ତରରେ ସ୍ଥାପିତ ହେଲା। ୧୯୬୮ ମସିହାରେ ଏହାକୁ କାମାକ୍ଷା ନଗରକୁ ଉଠାଇ ନେଇଯିବା ହେତୁ ପୁଣି ଭୁବନ ହାଇସ୍କୁଲରେ ଛାତ୍ରଛାତ୍ରୀ ଏକାଠି ଅଧ୍ୟୟନ କଲେ। ପ୍ରବଳ ପ୍ରତିବାଦ ଓ ଜନ ଆନ୍ଦୋଳନ ହେବାରୁ ସେହିବର୍ଷ ପୂର୍ଣ୍ଣ ଅନୁଦାନ ପ୍ରାପ୍ତ ସ୍କୁଲରେ ପରିଣତ କରି ବାଉରୀବନ୍ଧୁ ପାତ୍ରଙ୍କୁ ସମ୍ପାଦକ କରାଇ ସ୍କୁଲ ପରିଚାଳନା କରାଗଲା। ଉମେଶ ଚନ୍ଦ୍ର ମିଶ୍ର ୧୯୫୪ ମସିହାରେ ଭୁବନ ହାଇସ୍କୁଲରେ ଯୋଗଦେବା ପରେ ତାଙ୍କର ଲକ୍ଷ୍ୟ ହେଲା ଏଠାରେ ଛାତ୍ରମାନଙ୍କୁ ମଣିଷ ପରି ମଣିଷକରି ଗଢ଼ିବା। ଏହି ସ୍କୁଲକୁ ସେ ମଣିଷ ତିଆରି କାରଖାନାରେ ପରିଣତ କରିବାର ସଂକଳ୍ପ ନେଲେ। କାରଣ ଭୁବନ ହାଇସ୍କୁଲ ହୋଇଥିଲା ତାଙ୍କର ମାନସ ସନ୍ତାନ। ଏହି ସ୍କୁଲରେ ଅଧ୍ୟୟନ କରିଥିବା ଛାତ୍ରମାନଙ୍କ ମଧ୍ୟରୁ ଅନେକ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭକରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ସମ୍ମାନିତ ହୋଇ ଏହି ସ୍କୁଲର ଗୌରବ ମଣ୍ଡନ କରିଛନ୍ତି। ୩୦.୯.୭୫ ମସିହାରୁ ୯.୯.୭୭ ମସିହା ଏହି ୨ ବର୍ଷକୁ ଛାଡ଼ି ୧୩.୭.୫୪ରୁ ୩୧.୩.୮୦ ପର୍ଯ୍ୟନ୍ତ ଉମେଶ ଚନ୍ଦ୍ର ମିଶ୍ର ପ୍ରଧାନ

ଶିକ୍ଷକ ରହି ଆସିଥିଲେ ଏବଂ ଅବସରପରେ ଭୁବନରେ ବାସସ୍ଥାନ କରି ରହିଥିଲେ। ସେ କେବଳ ପ୍ରଧାନ ଶିକ୍ଷକ ନଥିଲେ ବରଂ ଭୁବନର ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟ ସହ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। ବହୁ ଚର୍ଚ୍ଚିତ Officers' Recreation Clubର ସଦସ୍ୟ ଡା. ଭାଗବତ ଦାସ, ଡା. ଅମିୟ ସେନାପତି, ଉମେଶ ଚନ୍ଦ୍ର ମିଶ୍ର ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କୁ ନେଇ ପ୍ରତିବର୍ଷ ସ୍କୁଲରେ ନାଟକ ମଞ୍ଚସ୍ଥ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟମାନ କରି ସମସ୍ତଙ୍କର ଶ୍ରଦ୍ଧାଭାଜନ ହୋଇଥିଲେ। ତାଙ୍କଦ୍ୱାରା ପ୍ରଭାବିତ ହୋଇ ଡାକ୍ତର ଭାଗବତ ଚନ୍ଦ୍ର ଦାସ ମଧ୍ୟ ସ୍କୁଲ ଉନ୍ନତି ନିମନ୍ତେ ବହୁ ସାହାଯ୍ୟ କରି ଲୋକମାନଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିଲେ। କହିବା ବାହୁଲ୍ୟ ଶ୍ରୀଧର ରାଉତ, ଉମେଚନ୍ଦ୍ର ମିଶ୍ରଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ନୀତି ଓ ଆଦର୍ଶ ଦ୍ୱାରା ପ୍ରଭାବିତ ହୋଇ ସ୍କୁଲରେ ନିଜସ୍ୱ ଟଙ୍କା ଖର୍ଚ୍ଚ କରି ଦୁଇଟି ବଡ଼ ବଡ଼ ହଲ ଏବଂ ଆଉ ଦୁଇଟି ଶ୍ରେଣୀ ଗୃହ ନିର୍ମାଣ କରିଥିଲେ। ତା' ସହିତ ସ୍କୁଲର ବହୁ ଉନ୍ନତିମୂଳକ କାର୍ଯ୍ୟ କରିଥିଲେ। ପ୍ରଥମେ କାମାକ୍ଷାନଗର ଏସ୍.ଡି.ଓ କୈଳାସ ବାବୁ ଥିବା ସମୟରେ (୧୯୫୮-୬୦) ମାଙ୍କଡ଼ ମରା ଟଙ୍କାରେ ତିନି ବଖରା ଆଜ୍‌ବେଷ୍ଟସ କୋଠାଘର ତିଆରି କରିଥିଲେ।

ଆଜିକୁ ୭୫ବର୍ଷ ତଳେ ଜନ୍ମ ନେଇଥିଲା ଭୁବନ ହାଇସ୍କୁଲ। ଦୁଇ ଦୁଇଟା ଜୁବୁଲି ଉତ୍ସବ, ରୌପ୍ୟ ଜୟନ୍ତୀ ୧୯୭୨-୭୩ ମସିହା ଓ ସୁବର୍ଣ୍ଣ ଜୟନ୍ତୀ ୧୯୯୯ ମସିହାରେ ପାଳିତ ହୋଇ ସାରିଛି। ଅଧୀନ ମଧ୍ୟ ସୁବର୍ଣ୍ଣ ଜୟନ୍ତୀର ସମ୍ପାଦକ ଦାୟିତ୍ୱ, ବଡ଼ଭାଇ ଦୁର୍ଯ୍ୟୋଧନ ସାହୁ, ଧନେଶ୍ୱର ସାହୁ, ଡମ୍ବରୁଧର ବେହେରା ଓ ସାନଭାଇ ନିଶାକର ସାହୁଙ୍କ ପୂର୍ଣ୍ଣ ସହଯୋଗରେ ବହୁ ଘାତ, ପ୍ରତିଘାତ, ନିନ୍ଦା ଓ ପ୍ରଶଂସାକୁ ଭ୍ରୁକ୍ଷେପ ନକରି ସଫଳତାର ସହିତ ତିନିଦିନ ଧରି କାର୍ଯ୍ୟକ୍ରମ କରିଥିଲା। ଚଳିତ ବର୍ଷ ଡିସେମ୍ବର ୯ ଏବଂ ୧୦ ତାରିଖ ଭୁବନ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି (କେହି କେହି ଏହାକୁ ହୀରକ ଜୟନ୍ତୀ କହୁଛନ୍ତି) ପାଳନ ହେବାକୁ ଯାଉଛି। ହେଲେ ଏବେ ବି ଏ ସ୍କୁଲର ଇତିହାସ ଅନେକଙ୍କ ମନରେ ଅଜ୍ଞାତ ହୋଇ ରହିଯାଇଛି। ଆଜିର ଯୁବପୀଢ଼ି ଏସବୁ ଜାଣିବା ଉଚିତ୍ ମନେକରି ସେଥିରୁ କିଛି ଅଜ୍ଞାତ ତଥ୍ୟ ପ୍ରକାଶ କରିବା ପାଇଁ ଏହା ମୋର ଏକ ଛୋଟ ପ୍ରୟାସ। ଏ ଜୁବୁଲି ମହୋତ୍ସବ ମନେ ପକେଇ ଦିଏ ଭୁବନ ହାଇସ୍କୁଲ ପ୍ରତିଷ୍ଠାର କଥା ଓ ଗାଥା ଏବଂ ଏଇ ସ୍କୁଲରୁ ଉତ୍ତୀର୍ଣ୍ଣ ହୋଇଥିବା ଶହ ଶହ ଛାତ୍ରମାନଙ୍କର ଗୌରବର କଥା। କହିବାକୁ ଗଲେ ସେ ସମୟରେ ଗୁରୁ-ଶିଷ୍ୟର ସଂପର୍କ ଥିଲା ପିତା-ପୁତ୍ର ଭଳି। ଆଜି ସେଦିନ ନାହିଁ କି ସେ ସମ୍ପର୍କ ମଧ୍ୟ ନାହିଁ। ବଦଳିଯାଇଛି ସବୁକିଛି। ଏତିକି କୁହାଯାଇପାରେ ଛୋଟ ଛୋଟ ଘଟଣାରେ ପାଠ ନ ପଢ଼ିବା ଲାଗି ଆମେ ବିଭିନ୍ନ ବାହାନା କରିଥାଉ। କିନ୍ତୁ ଯେଉଁମାନେ ସଫଳତାର ଶୀର୍ଷକୁ ଛୁଇଁଛନ୍ତି ସେମାନେ ବିଭିନ୍ନ ଘାତପ୍ରତିଘାତକୁ ବି ପାଠପଢ଼ାରେ ବାଧାଦେବାକୁ ଦେଇନାହାଁନ୍ତି। କର୍ତ୍ତବ୍ୟପ୍ରତି ନିଷ୍ଠା, ଚେଷ୍ଟା, ଶ୍ରଦ୍ଧା ହିଁ ସେମାନଙ୍କୁ ସଫଳତାର ଶୀର୍ଷରେ ପହଞ୍ଚାଉଥିବା କୁହାଯାଇପାରେ।

ମୋର ପ୍ରାତଃ ସ୍ମରଣୀୟ ପୂଜ୍ୟ ଗୁରୁଜୀ ଉମେଶ ଚନ୍ଦ୍ର ମିଶ୍ର, ଧନେଶ୍ୱର ସାହୁ, ଯୁଗଳ କିଶୋର ମହାପାତ୍ର, ହରମୋହନ ବେହେରା, ହରମୋହନ ନନ୍ଦ, ରମେଶ ଚନ୍ଦ୍ର ଭଞ୍ଜ, ହରିହର ରଥ, ଚୈତନ୍ୟ କୁମାର ମିଶ୍ର, ରାଧା ଶ୍ୟାମ ସାହୁ, ଗଙ୍ଗାଧର ସାହୁ, ହରିହର ମିଶ୍ର, ହରିହର ଦାସ ପ୍ରମୁଖ ଗୁରୁମାନଙ୍କର ପାଠପଢ଼ା ଶୈଳୀ, କଳାକୌଶଳ, ଶ୍ରଦ୍ଧା, ସ୍ନେହ ଓ ଆଶୀର୍ବାଦ ପାଖରେ ମଥାନତ କରି ପ୍ରଣାମ ଜଣାଉଛି। ସେଦିନର ସେମାନଙ୍କର ଗାଳି ମୋ ପାଇଁ ଆଶୀର୍ବାଦ ହୋଇ ମୋତେ ଏ ସ୍ଥାନରେ ପହଞ୍ଚାଇ ପାରିଛି।

ସର୍ବଶେଷରେ ଏତିକି କହିବି ଶ୍ରୀଯୁକ୍ତ ଭାଗବତ ମିଶ୍ର, ଶ୍ରୀଯୁକ୍ତ ଶ୍ରୀଧର ରାଉତ ଓ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ର ଆଜି ଆଉ ନାହାନ୍ତି ସତ ମାତ୍ର ତାଙ୍କର ଏ ସ୍ମୃତି ଆଜି ଜନମାନସରେ ସଜୀବିତ ହୋଇ ରହିଛି ଓ ରହିବ ମଧ୍ୟ। କେବଳ ସେତିକି ନୁହେଁ ଉମେଶ ଚନ୍ଦ୍ର ମିଶ୍ର, ଲକ୍ଷ୍ମୀଧର ମହାପାତ୍ର, ସନାତନ ନାଥ ପ୍ରମୁଖ ପ୍ରଧାନ ଶିକ୍ଷକମାନେ ରାଜ୍ୟ ପୁରସ୍କାରପ୍ରାପ୍ତ ହୋଇ ଏ ସ୍କୁଲର ଗୌରବ ବୃଦ୍ଧି କରିଛନ୍ତି। ଶ୍ରୀଯୁକ୍ତ ରବିନାରାୟଣ ଲେଙ୍କା ଯଦିଓ ଏହି ସ୍କୁଲରେ ପ୍ରଧାନ ଶିକ୍ଷକ ଥିଲେ ସେ କିନ୍ତୁ ଏଠାରୁ ବଦଳି ହୋଇଯିବା ପରେ ରାଜ୍ୟ ପୁରସ୍କାର ସହିତ ଜାତୀୟ ପୁରସ୍କାର ପ୍ରାପ୍ତ ହୋଇଥିଲେ। ତାଙ୍କ ପାଇଁ ଆଜି ସ୍କୁଲ ମଧ୍ୟ ଧନ୍ୟ ହୋଇଯାଇଛି।

ଶ୍ରୀଯୁକ୍ତ ଭାଗବତ ମିଶ୍ର, ଶ୍ରୀଯୁକ୍ତ ଶ୍ରୀଧର ରାଉତ, ଉମେଶ ଚନ୍ଦ୍ର ମିଶ୍ରଙ୍କ ଅବଦାନ ଅବିସ୍ମରଣୀୟ। ତେଣୁ ଏମାନଙ୍କର ପ୍ରତିମୂର୍ତ୍ତି ପ୍ଲାଟିନମ୍ ଜୁବୁଲି ପରେ ପୁରାତନ ଛାତ୍ରମାନଙ୍କ ସହଯୋଗରେ ହାଇସ୍କୁଲ ମଧ୍ୟରେ ସ୍ଥାପନ ହେବାର ଯୋଜନା ରହିଛି। କାରଣ ଏ ତ୍ରିମୂର୍ତ୍ତି ସତେ ଯେମିତି ଆମ କାନ ପାଖରେ କହିଯାଉଛନ୍ତି- ଆଗେଇ ଚାଲ, ଆଗେଇ ଚାଲ...। ତାଙ୍କର ଅମୂଲ୍ୟ ଦାନ ତାଙ୍କୁ ଚିରକାଳ ସ୍ମରଣ ରଖିବ। ଏହି ଲେଖାର ଅନେକ ତଥ୍ୟ ପାଇଁ ମୋତେ ଯେ ସାହାଯ୍ୟ କରିଛନ୍ତି ସେ ମୋର ପୂଜ୍ୟ ଗୁରୁଜୀ ଚୈତନ୍ୟ କୁମାର ମିଶ୍ରଙ୍କୁ ମୋର କୃତଜ୍ଞତା ତଥା ପୁନଃ ପ୍ରଣିପାତ।

ବ୍ୟାଚ: ୧୯୭୨

ଫୋନ୍ : ୯୪୩୮୭୦୬୯୪୪

ସ୍ମୃତିର ଗବାକ୍ଷରୁ ମୋ ସ୍କୁଲ

ଅଧ୍ୟାପକ ଡମ୍ବରୁଧର ବେହେରା

ମୁଁ ଭୁବନ ଉଚ୍ଚ ବିଦ୍ୟାଳୟର ଜଣେ ପୁରାତନ ଛାତ୍ର। ୧୯୬୩ରୁ ୧୯୬୭ ମସିହା ପର୍ଯ୍ୟନ୍ତ ଚାରି ବର୍ଷ ଧରି ମୁଁ ଏହି ସ୍କୁଲର ଛାତ୍ର ଥିଲି। ଆମ ସମୟରେ ଶ୍ରେଣୀ ଗୁଡ଼ିକ ଦୁଇଟି ସେକ୍‌ସନରେ ବିଭକ୍ତ ଥିଲା। ମୁଁ 'ବି' ସେକସନରେ ପଢୁଥିଲି। ଚାରି ବର୍ଷ ଯାକ ମୋର ପ୍ରଧାନ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ର। ଚାରି ବର୍ଷ ଯାକ ଶ୍ରେଣୀରେ ମୁଁ ପ୍ରଥମ ହେଉଥିଲି ଏବଂ ୧୯୬୭ ମସିହାରେ ପ୍ରଥମ ଶ୍ରେଣୀରେ ମାଟ୍ରିକ ପରୀକ୍ଷାରେ ଉର୍ତ୍ତୀଣ୍ଣ ହୋଇଥିଲି। ଚାରି ବର୍ଷର ସ୍ମୃତି ମୋର ଅବିସ୍ମରଣୀୟ। ସ୍ମୃତିର ଗବାକ୍ଷରୁ ସ୍କୁଲର ଅନୁଭୂତି ସଂକ୍ଷେପରେ ବର୍ଣ୍ଣନା କରିବାକୁ ସୁଯୋଗ ଦେଇଥିବା ଯୋଗୁ ସ୍ମରଣିକାର ସମ୍ପାଦନା ମଣ୍ଡଳୀ ନିକଟରେ ମୁଁ ଚିରକୃତଜ୍ଞ।

ଆମ ସମୟରେ ସ୍କୁଲରେ ଦୁଇଧାଡ଼ି ହଷ୍ଟେଲ ଥିଲା। ଉତ୍ତରପାଖ ହଷ୍ଟେଲରେ ଛାତ୍ରମାନେ ଏବଂ ଦକ୍ଷିଣ ପାଖ ହଷ୍ଟେଲରେ ସାର୍‌ମାନେ ରହିଥିଲେ। ଭୁବନରେ ଗାର୍ଲସ ହାଇସ୍କୁଲ ଥିଲେ ମଧ୍ୟ ଆମ ସ୍କୁଲରେ ସହଶିକ୍ଷା ପ୍ରଚଳନ ଥିଲା। ମୋ ସାଙ୍ଗରେ ପଢୁଥିଲେ ସଂସ୍କୃତ ଶିକ୍ଷକ ହରିହର ରଥଙ୍କ ସାନ ଝିଅ ଉର୍ମିଳା ରଥ ଏବଂ ମୋ ଉପର ଶ୍ରେଣୀରେ ପଢୁଥିଲେ ମୋର ସାନ ଭଉଣୀ ତୁଳସୀରାଣୀ ବେହେରା। ଆମ ସମୟରେ ଡ୍ରେସ୍ କୋର୍ଡ ନ ଥିଲା। ଯିଏ ଯାହା ଚାହିଁଲା ପିନ୍ଧିକରି ଆସୁଥିଲା। ସ୍କୁଲରେ ପାଠପଢା ଆରମ୍ଭ ହେବା ପୂର୍ବରୁ ପ୍ରଥମେ ପ୍ରାର୍ଥନା ହେଉଥିଲା। ସମସ୍ତେ ବାରଣ୍ଡାରେ ଧାଡି ହୋଇ ଠିଆ ହେଉଥିଲୁ ଏବଂ 'ସୁର ଦାନବ, ମାନବ ରଞ୍ଜନ ହେ... ଗୁରୁଦେବ ଦୟାକର ଦୀନଜନେ' ପ୍ରାର୍ଥନା ଗାଉଥିଲୁ। ପ୍ରାର୍ଥନା ପରେ ପିଲାମାନେ ଶ୍ରେଣୀ ଗୃହକୁ ଯାଇ ପାଠପଢୁଥିଲେ। ହଷ୍ଟେଲରେ ସନ୍ଧ୍ୟାବେଳେ ପ୍ରାର୍ଥନା ହେଉଥିଲା। ସମସ୍ତ ଅନ୍ତେବାସୀ ବାରଣ୍ଡାରେ ଧାଡି ହୋଇ ବସି ଭକ୍ତ କବି ମଧୁସୂଦନ ରାଓଙ୍କ 'ହେ ଆନନ୍ଦମୟ କୋଟି ଭୁବନ ପାଳକ' ପ୍ରାର୍ଥନାଟି ଗାଉଥିଲେ ଓ ତା'ପରେ ନିଜନିଜ ପ୍ରକୋଷ୍ଠକୁ ଯାଇ ଲଣ୍ଠନ ଲଗାଇ ପାଠ ପଢୁଥିଲେ। ଆମର ସେତେବେଳେ ଇଲେକ୍ଟ୍ରିସିଟି ନ ଥିଲା। ୧୯୬୭ ମସିହାରେ ଭୁବନ ବିଦ୍ୟୁତିକରଣ ହୋଇଥିଲା।

ମୁଁ ଅଷ୍ଟମ ଶ୍ରେଣୀରେ ପଢୁଥିବା ସମୟରେ ଆମକୁ ଇଂରାଜୀ ପଢାଉଥିଲେ ନରେନ୍ଦ୍ର ମିଶ୍ର। ସେ Champak Reader ପଢାଉଥିଲେ। ଖୁବ୍ ସୁନ୍ଦର ଇଂରାଜୀ ପଢାଉଥିଲେ। ଇଂରାଜୀ ଗୀତକୁ ମୁଖସ୍ତ କରିବାକୁ କହୁଥିଲେ। ହରେକୃଷ୍ଣ ମିଶ୍ର ସ୍କୁଲ ଇନିସ୍‌ପେକ୍ଟର ଆମ ଶ୍ରେଣୀ ପରିଦର୍ଶନ କରିବାକୁ ଆସିଥିବାବେଳେ ମୁଁ ମୁଖସ୍ତ କରିଥିବା ଇଂରାଜୀ ଗୀତ – Sweet and low, Sweet and low, wind of the western sea ଗୀତଟି ଗାଇଥିଲି। ଇନିସ୍‌ପେକ୍ଟର ମୋତେ ଏବଂ ସାର୍‌ଙ୍କୁ ସାବାସି ଜଣାଇ ଯାଇଥିଲେ। ସାର୍‌ଙ୍କ ପ୍ରେରଣା ମୋତେ ପରବର୍ତ୍ତୀ ସମୟରେ ଇଂରାଜୀରେ ସ୍ନାତକ ଓ ସ୍ନାତକୋତ୍ତର ପଢିବା ପାଇଁ ପ୍ରଚୋଦନା ଦେଇଥିଲା। ନବମ ଶ୍ରେଣୀରେ ଆମକୁ ହିନ୍ଦି ପଢାଉଥିଲେ ଗୋପୀନାଥ ଷଡଙ୍ଗୀ। ଥରେ ଶ୍ରେଣୀରେ ଠିଆହୋଇ ଗଦ୍ୟ କିମ୍ବା ପଦ୍ୟଟିଏ ଆବୃତ୍ତି କରିବା ସମୟରେ ହିନ୍ଦିର 'ମୁଖ୍ୟ' ଶବ୍ଦକୁ 'ମୁରବ୍ୟ' ବୋଲି ପଢିଥିଲି। ସେ ମୋ ପାଖକୁ ଆସି ବାମ ହାତରେ ମୋର ଚଷମାଟିକୁ କାଢିଦେଇ ଡାହାଣ ହାତରେ ମୋ ବାମଗାଲରେ ଠାଏ କରି ଚଟକଣାଟିଏ ମାରି ଦେଇଥିଲେ। ସ୍କୁଲରେ ମାଡ ଖାଇବାରେ ତାହାଥିଲା ମୋର ପ୍ରଥମ ଏବଂ ଶେଷ ଘଟଣା। ନବମରେ ଆମକୁ ବିଜ୍ଞାନ ପଢାଉଥିଲେ ବନମାଳୀ ବିଶ୍ୱାଳ। ଥରେ ସେକୌଣସି କାରଣ ବଶତଃ ଅନୁପସ୍ଥିତ ଥିବା ସମୟରେ ଆମର କ୍ରୀଡା ଶିକ୍ଷକ ଗୋଲକ ବିହାରୀ ଜେନା ଶ୍ରେଣୀକୁ ବିଜ୍ଞାନ ପଢାଇବାକୁ ଆସି ପୂର୍ବ ପଠିତ ବିଜ୍ଞାନ ସଂପର୍କରେ କେତେକ ପ୍ରଶ୍ନ ପଚାରି ଉଭିଦ ବିଜ୍ଞାନର ଶ୍ରେଣୀ ବିଭାଗ ଲେଖିବାକୁ କହିଥିଲେ। ସମସ୍ତେ ଉତ୍ତର ଲେଖି ଦେଲେ କିନ୍ତୁ ମୋର ଉତ୍ତରଟିକୁ ଶ୍ରେଣୀର ସବୁ ପିଲାଙ୍କୁ ଦେଖାଇ କହିଥିଲେ – ଡମ୍ବରୁ ଯେମିତି ସୁନ୍ଦର ଭାବରେ ଟେବୁଲ କାଟି ଉତ୍ତର ଲେଖିଛି, ତୁମେମାନେ ସେପରି ଲେଖିଲେ ଭଲ ମାର୍କ ପାଇବ। ଦଶମ ଶ୍ରେଣୀରେ ପଢିବା ସମୟରେ ଆମର ଜଣେ ବହୁମୁଖୀ ପ୍ରତିଭାର ଅଧିକାରୀ ଏବଂ ସମସ୍ତଙ୍କର ଅତି ପ୍ରିୟ ଶିକ୍ଷକ ଥିଲେ ଚନ୍ଦ୍ରମୋହନ ଦ୍ୱିବେଦୀ। ତାଙ୍କ ସମୟରେ ଆମ ସ୍କୁଲରେ Career Conferenceଟିଏ ହୋଇଥିଲା। ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ, ଶିକ୍ଷକମାନେ ସେଥିରେ ଯୋଗଦାନ କରିଥିଲେ। ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରାରମ୍ଭରେ ଦଶ ଅବତାର ଶ୍ଲୋକ ଗାନ କରିବା ପାଇଁ ଦ୍ୱିବେଦୀ ସାର୍ ମୋତେ ଶିକ୍ଷା ଦେଇଥିଲେ ଏବଂ ମୁଁ ତାହା ଗାନ କରିଥିଲି। ସଂସ୍କୃତ ବହିର ଗୋଟିଏ ସଂସ୍କୃତ ଏକାଙ୍କିକା ମଞ୍ଚସ୍ଥ ମଧ୍ୟ କରାଇଥିଲେ ଏବଂ ରାମଚନ୍ଦ୍ରଙ୍କ ମନ୍ତ୍ରୀ ଭୂମିକାରେ ଅଭିନୟ କରିବା ପାଇଁ ସେ ମୋତେ ପ୍ରବର୍ତ୍ତାଇ ଥିଲେ। Selections from English Prose and Poetry ବହିରେ ଗୋଟିଏ କବିତା ଥିଲା William Cowperଙ୍କ The Report of an Adjudged

Case ତାହାର ନାଟ୍ୟ ରୂପ ଦେଇଥିଲେ ଦ୍ୱିବେଦୀ ସାର୍ ଏବଂ ତାହା ମଧ୍ୟ ସେହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମଞ୍ଚସ୍ଥ ହୋଇଥିଲା। ମୋର ସାଥୀ ଚନ୍ଦ୍ରମଣି ସାହୁ ବିଚାରପତି ଏବଂ ମୁଁ ଓକିଲ ଭାବରେ ଅଭିନୟ କରିଥିଲୁ। ଚନ୍ଦ୍ର ମୋହନ ଦ୍ୱିବେଦୀଙ୍କ ଅନ୍ତରଙ୍ଗ ବନ୍ଧୁଥିଲେ ଚନ୍ଦ୍ର ମୋହନ ଗିରି। ଗିରି ସାର୍ ଆମକୁ ବିଜ୍ଞାନ ପଢାଉଥିଲେ। ତାଙ୍କ ସମୟରେ ସମ୍ବଲପୁରର ବରଗଡ଼ ଜର୍ଜ ହାଇସ୍କୁଲରେ ଗୋଟିଏ ରାଜ୍ୟସ୍ତରୀୟ ବିଜ୍ଞାନମେଳା ହୋଇଥିଲା। ଆମ ହାଇସ୍କୁଲ ସେଇ ମେଳାରେ ପ୍ରତିନିଧିତ୍ୱ କରିଥିଲା। ଆମେ Charts and Diagram ପ୍ରଦର୍ଶନକରି ପୁରସ୍କୃତ ହୋଇଥିଲୁ। ସେ ସମସ୍ତ Chart ମୁଁ ଅଙ୍କନ କରିଥିଲି ମୋର ସାଥୀ କପିଳେଶ୍ୱର ବେହେରା ଏବଂ ମୋ ତଳ ଶ୍ରେଣୀର ଦିବ୍ୟସିଂହ ସାହୁ Specimen Collections କରିଥିଲେ। ସାରଙ୍କ ସାଙ୍ଗରେ ଆମେ ତିନି ଜଣ ସେହି ପ୍ରଦର୍ଶନୀ ମେଳାରେ ଯୋଗଦାନ କରିଥିଲୁ। ଆମର ଆଉଜଣେ ସାର୍ ଥିଲେ ଚନ୍ଦ୍ରମଣି ପଣ୍ଡା ସେ ଜଣେ ବ୍ୟଙ୍ଗକବି ଓ ଲେଖକ ଥିଲେ ଏବଂ ବ୍ୟଙ୍ଗାତ୍ମକ ଢଙ୍ଗରେ କଥାବାର୍ତ୍ତା କରୁଥିଲେ। ସେ ଆମକୁ ସାହିତ୍ୟ ପଢାଉଥିଲେ ଏବଂ ସେ ସମୟରେ 'ନିଆଖୁଣ୍ଟା' ପରି 'ଛାରପୋକ' ନାମକ ଏକ ବ୍ୟଙ୍ଗ ପତ୍ରିକା ପ୍ରକାଶ କରିବା ଆରମ୍ଭ କରିଥିଲେ। ସେହି 'ଛାରପୋକ' ପତ୍ରିକାର ପ୍ରଚ୍ଛଦପଟ ମୁଁ ଆଙ୍କିଥିଲି। ମୁଁ କବିତା ଲେଖିବାରେ ମୋର ପ୍ରେରଣା ଥିଲେ ଚନ୍ଦ୍ରମଣି ପଣ୍ଡା। ସେ କ୍ଲାସରେ କବିତା ଲେଖିବା ପାଇଁ ପ୍ରେରଣା ଦେଉଥିଲେ। ଗୋଟିଏ ବିଷୟର ଅବତାରଣା କରି ସେ ସମ୍ପର୍କରେ କବିତା ଲେଖିବା ପାଇଁ ସମସ୍ତଙ୍କୁ କହୁଥିଲେ। ଥରେ 'ବସନ୍ତ' ଉପରେ ଏକ ଛୋଟ କବିତା ଲେଖିବା ପାଇଁ କହିଥିଲେ। ମୁଁ ଯେଉଁ କବିତାଟି ଲେଖିଥିଲି ତାହାକୁ ପ୍ରଶଂସା କରି କହିଥିଲେ ଏହାକୁ ସ୍କୁଲର ମୁଖପତ୍ର 'ଭାରତୀ'ରେ ପ୍ରକାଶ କରିବା। ତାହା ଅବଶ୍ୟ ପ୍ରକାଶ ପାଇ ନ ଥିଲା, କିନ୍ତୁ ତାଙ୍କ ଦ୍ୱାରା ଆୟୋଜିତ କବିତା ପ୍ରତିଯୋଗିତାରେ ତାହା ପ୍ରଥମ ସ୍ଥାନ ଅଧିକାର କରିଥିଲା। ମୁଁ ସେହି 'ବସନ୍ତ' କବିତାର ନାମ ପରିବର୍ତ୍ତନ କରି ଲେଖିଥିଲି – ଯେତୋଟି ବସନ୍ତ ଆସିଥିଲା ଏହି ଧରଣୀରେ। ପଣ୍ଡା ସାର୍‌ଙ୍କ ପ୍ରେରଣା, ପ୍ରଚୋଦନା ଏବଂ ପ୍ରୋତ୍ସାହନ ପାଇ ମୁଁ ସ୍କୁଲ ଜୀବନରେ ଅନେକ କବିତା ଏବଂ ପରବର୍ତ୍ତୀ ଜୀବନରେ ୩ ଶହରୁ ଉର୍ଦ୍ଧ୍ୱ କବିତା ଲେଖିଛି। ପ୍ରାୟ ୧୦୦ କବିତାକୁ ନେଇ 'ସନେଟ୍ ଶତକ' ଏବଂ ଅନେକ କବିତା କଲେଜର ମୁଖପତ୍ର ଏବଂ ଅନ୍ୟାନ୍ୟ ପତ୍ରପତ୍ରିକାରେ ପ୍ରକାଶିତ ହୋଇଛି। ଏକାଦଶ ଶ୍ରେଣୀରେ ପଢିବାବେଳେ ଆମକୁ ହିନ୍ଦି ପଢାଉଥିଲେ ଆମ ଗ୍ରାମର ଚୈତନ୍ୟ ମିଶ୍ର। ତାଙ୍କ ସମୟରେ ସେ ଥିଲେ 'ଭାରତୀ'ର ସମ୍ପାଦକ। ମୁଁ 'ଭାରତୀ'ର ପ୍ରଚ୍ଛଦପଟ ଅଙ୍କନ କରିଥିଲି ତାଙ୍କରି ନିର୍ଦ୍ଦେଶନାରେ। ସେହି ପତ୍ରିକାରେ ଏକକାଳୀନ ମୋର ତିନିଟି ଲେଖା ପ୍ରକାଶ ପାଇଥିଲା। 'ମଣିଷର ସ୍ୱପ୍ନ', National Language of India and Quiet Flows the River Brahmani. ଦଶମ ଶ୍ରେଣୀରେ ପଢୁଥିବାବେଳେ ମୁଁ ଆଉ ଗୋଟିଏ କାମ ମଧ୍ୟ କରୁଥିଲି। ଆମର ଗଣିତ ଶିକ୍ଷକ ଗଙ୍ଗାଧର ସାହୁ ଅଷ୍ଟମ ଓ ନବମ ଶ୍ରେଣୀର ପରୀକ୍ଷା ଖାତା ଦେଖିବା ପାଇଁ କହୁଥିଲେ। ମୁଁ ଏବଂ ମୋ ଉପର କ୍ଲାସର ମାୟାଧର ନାୟକ ସାର୍‌ଙ୍କ ପାଇଁ ଉଦ୍ଦଷ୍ଟ ନିର୍ଦ୍ଦିଷ୍ଟ ପ୍ରକୋଷ୍ଠରେ ବସି ମୂଲ୍ୟାୟନ କରୁଥିଲୁ। ଏକାଦଶ ଶ୍ରେଣୀରେ ପଢୁଥିବାବେଳେ Test ପରୀକ୍ଷାରେ ମୋର ସେତେ ଭଲ ହୋଇ ନଥିଲା। ଆମ ହେଡ୍‌ମାଷ୍ଟର ଉମେଶ ସାର୍ ତାଙ୍କର ଅଫିସକୁ ଡାକି ଆମ କେତେଜଣଙ୍କୁ ପଚାରିଥିଲେ– ଆରେ ଏବର୍ଷ କ'ଣ ଆମ ସ୍କୁଲରୁ କେହି ଫାଷ୍ଟ ଡିଭିଜନ ପାଇବ ନାହିଁକି ? ମୁଁ ସାର୍‌ଙ୍କୁ ପ୍ରତିଶ୍ରୁତି ଦେଇଥିଲି – ହଁ ସାର୍, ନିଶ୍ଚୟ ପାଇବୁ। ସେ ବର୍ଷ ଆମେ ୬ ଜଣ ଫାଷ୍ଟ ଡିଭିଜନରେ ପାସ୍ କରିଥିଲୁ। ପରୀକ୍ଷା ଫଳ ପ୍ରକାଶ ହେବା ପରେ ହେଡ୍‌ସାର୍ ଆମକୁ ଡାକି ସାବାସ ଦେଇଥିଲେ।

ସ୍କୁଲରେ ଛାତ୍ରଥିବା ସମୟରେ ମୁଁ ଆଉ ଗୋଟିଏ କାର୍ଯ୍ୟ କରିଥିଲି। ସ୍ତମ୍ଭ ଗୁଡ଼ିକରେ ବୁଦ୍ଧ, ଗାନ୍ଧୀ, ଗୋପବନ୍ଧୁ, ମଧୁସୂଦନ ଦାସ, ସୁଭାଷ ବୋଷ, ନେହୁରୁ ଆଦି ବିଭିନ୍ନ ମନୀଷୀମାନଙ୍କର ଛବି ରଙ୍ଗ ଦେଇ ତୁଳୀରେ ଅଙ୍କନ କରୁଥିଲି। ଗଣେଶ ପୂଜା ଓ ସରସ୍ୱତୀ ପୂଜା ସମୟରେ ଡ଼େକୋରେସନ ପାଇଁ ବିଭିନ୍ନ ରଙ୍ଗର ଝାଲର ଓ ପତାକା କାଟୁଥିଲି। ଆମ ସମୟରେ ସେତେବେଳେ ଆମେ ପିଲାମାନେ ଚନ୍ଦା ଦେଇ ଗଣେଶ ପୂଜା ଏବଂ ସରସ୍ୱତୀ ପୂଜାରେ ଭୋଜି କରୁଥିଲୁ। ଏହିପରି ଅନେକ ବିଷୟ ଆଜି ମୋର ସ୍ମୃତିର ଦର୍ପଣରେ ପ୍ରତିଫଳିତ ହେଉଅଛି।

ବଡ଼ ଆନନ୍ଦ ଉଲ୍ଲାସର ବିଷୟ ଆଜି ଆମେ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲି ପାଳନ କରୁଛୁ। ସୁବର୍ଣ୍ଣ ଜୟନ୍ତୀ ପାଳନ ସମୟରେ ମୁଁ ଉତ୍ସବରେ ଯୋଗ ଦେବାର ସ୍ମୃତି ଏବେ ମଧ୍ୟ ସଜୀବିତ ହୋଇ ରହିଛି। ଜର୍ମାନୀ ହିଡ଼େଲ ବର୍ଗ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗର ଗବେଷିକା Dr. Anna Schmid ଭୁବନର କଂସାପିତଳ ବାସନ ଉପରେ ଗବେଷଣା କରିବା ପାଇଁ ସେ ସମୟରେ ଭୁବନ ଆସିଥିଲେ। ଆମେ ତାଙ୍କୁ ଅନୁରୋଧ କରି ଅତିଥି ଭାବରେ ପେଣ୍ଡାଲରେ ବସେଇ ଦେଇଥିଲୁ। ସେ ଖୁବ କମ୍ କଥା କହିଲେ ଏବଂ ଆମର ଉଦ୍ୟମକୁ ପ୍ରଶଂସା କରିଥିଲେ। ରାତିରେ ସେ ଆମ ଘରେ ଅତିଥି ଭାବରେ ରହିଥିଲେ ତାଙ୍କର ସାହଚର୍ଯ୍ୟ ଭୁଲିବାର ନୁହେଁ। ଆଜି ପ୍ଲାଟିନମ୍ ଜୁବୁଲିରେ କେଉଁମାନେ ସବୁ ଆସୁଛନ୍ତି, ଜାଣିନାହିଁ। ତେବେ ଜୟନ୍ତୀ ଉତ୍ସବ ସାଫଲ୍ୟ ଲାଭ କରୁ ଏହାହିଁ ଅନ୍ତଃକରଣରେ ମୋର କାମନା। ❁

ବ୍ୟାଚ: ୧୯୬୭

ଫୋନ୍ : ୯୪୩୭୪୫୧୩୪୬

ଆମ ସମୟର ପଢ଼ା

ଡକ୍ଟର ପ୍ରସନ୍ନ କୁମାର

୧୯୭୭ ମାଟ୍ରିକ ବ୍ୟାଚର କଥା। ସେ ସମୟରେ ଆମ ସାରମାନଙ୍କର ପାଠପଢ଼ାର ଶୈଳୀ ବିଷୟରେ ଆଜି ପିଢିର ପିଲାଙ୍କ ସହିତ କିଛି ସ୍ମୃତି ବାଣ୍ଟିବା ବିଷୟରେ ଭାବିଲି। ଗୁରୁମାନଙ୍କ ଗୁଣଗାନ କେବେ ଅତିରଞ୍ଜିତ ନୁହେଁ। ସମସ୍ତଙ୍କର ସ୍ନେହାର୍ଶୀବାଦ ଓ କୁଶଳୀ ବିଦ୍ୟାପ୍ରଦାନର ବରଦାନରେ ଆମେ ଆଜି ଏହି ସ୍ତରରେ ପହଞ୍ଚିଛୁ। ସେମାନେ ଚିର ବନ୍ଦ୍ୟ ଓ ଚିର ନମସ୍ୟ। ଏ ସମ୍ବନ୍ଧରେ ସନ୍ଥ କବି କବୀରଙ୍କ ଏକ ବାଣୀ ମନେ ପଡୁଛି :

ସବ ଧରତୀ କାଗଜ କରୁ
ଲେଖନୀ ସବ ବନରାଜ,
ସାତ ସମୁଦ୍ର କୀ ମସି କରୁଁ
ଗୁରୁ ଗୁଣ ଲିଖା ନ ଯାଏ।

ଅର୍ଥାତ୍ "ଯଦି ମୁଁ ଏହି ଧରିତ୍ରୀକୁ ଏକ ବଡ଼ କାଗଜ ହିସାବରେ ନିଏ, ଦୁନିଆର ସବୁ ବୃକ୍ଷକୁ ନେଇ ଏକ କଲମ କରେ ଏବଂ ସାତ ସମୁଦ୍ରର ପାଣିକୁ ସ୍ୟାହି ଭଳି ନେଇ ଗୁରୁଙ୍କର ଗୁଣ ଲିପିବଦ୍ଧ କରେ ତଥାପି ତାହା ମଧ୍ୟ ନଗଣ୍ୟ ହେବ।"

ପ୍ରଧାନ ଶିକ୍ଷକ ଥାଆନ୍ତି ସ୍ୱର୍ଗତ ଉମେଶ ଚନ୍ଦ୍ର ମିଶ୍ର। Optional Mathmaticsର ପାଠ ପଢାନ୍ତି। କି ସୁନ୍ଦର ଉପସ୍ଥାପନା ଶୈଳୀ। Black Boardରେ Math problem କୁ ଲେଖି ପିଲାଙ୍କୁ ବିଭିନ୍ନ ମୌଳିକ ପ୍ରଶ୍ନ ପଚାରି ପଚାରି ସେ solve କରିଥାନ୍ତି problem ଟିକୁ। ମୂଳସ୍ତରରୁ ଆରମ୍ଭ କରି problem ଭିତରେ କିପରି ପହଁରି ପହଁରି ଆମେ କୂଳରେ ପହଞ୍ଚିଯାଉଥିଲୁ, ଭାବିଲେ ଆଶ୍ଚର୍ଯ୍ୟ ଲାଗେ। ଏତେ ସୁନ୍ଦର ଉପସ୍ଥାପନା ! ଗଣିତର ଜଟିଳ ଧାରାକୁ ସରଳ କରିବାରେ ସେ ଥିଲେ ଧୂରନ୍ଧର।

ଇତିହାସ ପଢ଼ାଉଥାନ୍ତି ଦୁଇଜଣ। ନରେନ୍ଦ୍ର ସାର୍ ଓ ଶରତ ସାର୍ (ଶରତ ଚନ୍ଦ୍ର ସାହୁ)। ଶୈଳୀ ଭିନ୍ନ କିନ୍ତୁ ମନେ ରଖିବାର ଧାରା ଦୁଇ ପ୍ରକାରର। ଶ୍ରେଣୀରେ ବୁଲି ବୁଲି ନାଟକୀୟ ଶୈଳୀରେ ମୋଗଲ ସାମ୍ରାଜ୍ୟର ଇତିହାସର କାହାଣୀ ବଖାଣିଥାନ୍ତି ନରେନ୍ଦ୍ର ସାର୍। ଗୁଳିଗୋଳା ଭାବେ ପିଲାଙ୍କ ପିଠିରେ ଥାପୁଡ଼ାଇ ଶବ୍ଦ ସୃଷ୍ଟି କରିଥାନ୍ତି ଯାହା ଆମକୁ ମଜା ଲାଗୁଥାଏ। ଶ୍ରେଣୀ ଗୃହରେ ହଳଦୀଘାଟ ଯୁଦ୍ଧର ଅବତାରଣା। ଭୁଲି ହୁଏନି ସେ ପ୍ରକାରର ପଠନ ଶୈଳୀ ଓ ଉନ୍ନତ ମାନର ଶିକ୍ଷାଦାନର ପ୍ରବୃତ୍ତିକୁ। ପାଠରେ ଅମନଯୋଗୀ ଥିବା ସାଧାରଣ ପିଲାଟିଏ ମଧ୍ୟ ବୁଝିପାରେ ଇତିହାସର ଗହନ କଥା। ଶରତ ସାର୍ଙ୍କ ପଠନ ଶୈଳୀ ନିଆରା। ବୟସାଧିକ୍ୟ ଯୋଗୁଁ ସେ ଚେୟାରରେ ବସି ପଢ଼ାନ୍ତି। ପ୍ରତି ବିଷୟର ମୁଖ୍ୟ ଉଦ୍ଦେଶ୍ୟ, ଚରିତ୍ରଗୁଡ଼ିକର ଜନ୍ମ ଇତିହାସ, ଘଟଣା ପ୍ରବାହ, ରାଜନୈତିକ, ଅର୍ଥନୈତିକ ଓ ସାମାଜିକ ଅବସ୍ଥା ଗୁଡ଼ିକ ସେ short note ହିସାବରେ ଲେଖାଇ ଦିଅନ୍ତି ଏବଂ ପ୍ରତି ଘଟଣାଗୁଡ଼ିକ ଏଭଳି ସଂଯୋଜିତ କରନ୍ତି ଯାହା ଆମକୁ ପରୀକ୍ଷା ବେଳେ ସାହାଯ୍ୟ କରିଥାଏ। ସେହି class note ଗୁଡିକରେ ଥରେ ଆଖି ପକାଇ ଦେଲେ ମନେ ରହିଯାଏ ସବୁକିଛି।

ଭୂଗୋଳ ପଢ଼ାଉଥାନ୍ତି ନାରାୟଣ ସାର (ନାରାୟଣ ମିଶ୍ର)। ତାଙ୍କୁ ଆମେ ଡେଙ୍ଗା ନାରାୟଣ ସାର ଡାକୁଥାଉଁ। ଭୂଗୋଳ ସହିତ ଇଂରାଜୀ ମଧ୍ୟ ପଢ଼ାଉଥାନ୍ତି। ଭୂଗୋଳ ପଢ଼ାଇବା ସମୟରେ ସେ ପୃଥିବୀର ଉତ୍ପତ୍ତି, ଅକ୍ଷାଂଶ ଓ ଦ୍ରାଘିମା, ମାନଚିତ୍ର ଭଗ୍ନାଂଶ ଏତେ ସୁନ୍ଦର ଭାବେ ପଢ଼ାଉଥାନ୍ତି ତାହା ଏବେ ବି ମନେ ଅଛି ଏବଂ ମୁଁ ଏବେ ବି ବିଭିନ୍ନ ସମୟରେ ସେ ସମ୍ବନ୍ଧୀୟ କର୍ମଶାଳାରେ ସେହି ଉପାୟ ଅବଲମ୍ବନ କରିଥାଏ। ଇଂରାଜୀ ଭାଷା ପଢ଼ାଇବା ବେଳେ ସେ ଛୋଟ ଛୋଟ sentence ଲେଖିବା ପାଇଁ ପ୍ରୋତ୍ସାହିତ କରୁଥିଲେ। ଏଇଟା ଏତେ ସହଜ ନୁହେଁ। ଆମେ ସାଧାରଣତଃ ବିଭିନ୍ନ preposition ଓ conjuction ର ବ୍ୟବହାର କରି sentence ଟାକୁ ଅସମ୍ଭବ ଭାବେ ବଢ଼ାଇଥାଉ। ଯାହା ଫଳରେ sentenceଟା କଦର୍ଥ ହୋଇଯାଇଥାଏ। କିନ୍ତୁ ଅନୁବନ୍ଧିତ ଭାବେ ଲେଖାଯାଇଛି ଛୋଟ ଛୋଟ sentence ସହଜ, ସୁଖପାଠ୍ୟ ଓ ବୋଧଗମ୍ୟ ହୋଇଥାଏ। sentence ଗୁଡ଼ିକ ଛୋଟ ଛୋଟ ଏବଂ inter connection ହେବା ବାଞ୍ଛନୀୟ। ଏହା ସ୍ମୃତି ମଧୁର ହେବା ସହିତ ସମସ୍ତଙ୍କର ପ୍ରିୟ ହୋଇଥାଏ। ଏ କଳାଟିକୁ ଶିଖାଇଥିଲେ ନାରାୟଣ ସାର୍। ଇଂରାଜୀରେ ଛୋଟ ଛୋଟ sentence ଲେଖିବାର କଳା ହାସଲ କରିଥିଲୁ ଆମେ କେତେ ଜଣ।

ଇଂରାଜୀ ଲେଖିବା ଓ କହିବାର କଳା ଶିଖାଇ ଥିଲେ ଯୁଗଳ ସାର ଷଷ୍ଠ ଶ୍ରେଣୀରୁ। ଆଜିର convent ପିଲା ପାଠ ପଢ଼ିବା ଭଳି

ବୁଝ ନ ବୁଝ ଇଂରାଜୀରେ କହିବା ପାଇଁ ପ୍ରୋତ୍ସାହିତ କରୁଥିଲେ ସେ। ଭୁଲ ହେଉପଛେ english ରେ sentence ଲେଖିବା ପାଇଁ ସେ ଚାପ ପକାଉଥିଲେ। ତା' ପରେ ସେ ସେଇ ଭୁଲରୁ subject, verb, predicate, adjective, adverb କେଉଁଟା ଦର୍ଶାଇ ଠିକ୍ sentence ଲେଖାଉଥିଲେ। ସେ ଗୋଟିଏ ପ୍ରକାର ପଠନ ଶୈଳୀ ଥିଲା। ତା'ପରେ ମୁକୁନ୍ଦ ସାର ଓ ବୀରବର ସାର ଇଂରେଜୀ ପଢ଼ାଇ ଥିଲେ ନବମ-ଦଶମ ବେଳକୁ। ବୀରବର ସାରଙ୍କର ସ୍ନେହାଶୀଳ ଏବଂ ମଜାଳିଆ ଉଚ୍ଚାରଣ ଏବଂ vocabulary ବଢ଼ାଇବାର ଉଦ୍ୟମ ସତରେ ପ୍ରଶଂସନୀୟ। ଆମ ଭିତରେ competition ଥିଲା ପ୍ରତିଦିନ ନୂଆ ନୂଆ ଶବ୍ଦକୁ ମନେ ରଖିବା ଏବଂ ବ୍ୟବହାର କରିବା। ପ୍ରତି ଶବ୍ଦର synonym ଏବଂ antonym ବାହାର କରି ବାକ୍ୟରେ କିଭଳି ବ୍ୟବହାର ହେବ ସେଥିପାଇଁ ଆମ ଭିତରେ ପ୍ରତିଯୋଗିତା ଥିଲା। ଇଂରାଜୀ ବାକ୍ୟଟିକୁ ବ୍ୟବଚ୍ଛେଦ କରି ପ୍ରତିଶବ୍ଦର ପ୍ରାଧାନ୍ୟତା ଏବଂ ବ୍ୟବହାର ଉପଯୋଗିତା ଉପରେ ସାର୍ଙ୍କର ଥିଲା ପ୍ରଗାଢ଼ ଉଦ୍ୟମ। ଚିର ସ୍ମରଣୀୟ ସିଏ।

ହିନ୍ଦୀ ଓ ଓଡ଼ିଆ ପଢ଼ାଉଥାନ୍ତି ଚୈତନ୍ୟ ସାର୍। ଷଷ୍ଠ ଓ ସପ୍ତମ ଶ୍ରେଣୀରେ କେବଳ ହିନ୍ଦୀ ଥାଏ। ହିନ୍ଦୀ ହସ୍ତାକ୍ଷର ଖାତା ନଦେଖାଇଲେ ବେଞ୍ଚ ଉପରେ ଠିଆ ହେବାକୁ ପଡୁଥିଲା। ରାଜଭାଷାକୁ ସେଇ ଦୁଇବର୍ଷରେ ଯତ୍କିଞ୍ଚିତ ହାସଲ କରିଥିଲୁ ଯାହା ପର୍ଯ୍ୟାପ୍ତ ନଥିଲା। ସାର୍ଙ୍କର ବ୍ୟୁତ୍ପତ୍ତି ଅନୁଭବ କଲୁ ଉପର ଶ୍ରେଣୀରେ ଓଡ଼ିଆଭାଷା ସେ ଯେତେବେଳେ ପଢାଇଲେ। ଓଡ଼ିଆ ଭାଷାକୁ କିଭଳି ସୁନ୍ଦର ଭାବେ ସଜାଇହେବ ଏବଂ ବର୍ଣ୍ଣାଢ୍ୟ କରିହେବ ସେ ଧାରାର ସୂତ୍ରଧର ସିଏ ଥିଲେ। ସାଧାରଣ ଭାବେ ରଚନା ବହିରେ ଥିବା ବିଷୟବସ୍ତୁ ଯଥା : ନଦୀବଢ଼ିର ଦୃଶ୍ୟ, ଦଶହରା, ଶରତଋତୁ ଇତ୍ୟାଦିକୁ ବାଦ୍ ଦେଇ ଏ ବିଷୟ ବ୍ୟତିରେକ ମାନସ ମନ୍ଥନ ହେଉଥିବା ବିଭିନ୍ନ ଚିନ୍ତା ଉଦ୍ରେକକାରୀ ବିଷୟ ଯଥା "ନଦୀବଢ଼ିରେ ଭାସିଯାଉଥିବା ନଡ଼ିଆଗଛର ଆତ୍ମ କାହାଣୀ", "ନଦୀପଠାରେ କାଶତଣ୍ଡୀ ଫୁଲର କାହାଣୀ" ଇତ୍ୟାଦି ରଚନା ବହିରେ ସ୍ଥାନ ପାଇ ନଥିବା ବିଷୟ ଉପରେ ରଚନା ଲେଖିବା ପାଇଁ ସେ ଉତ୍ସାହ ପ୍ରଦାନ କରୁଥିଲେ। ବିଭିନ୍ନ ବିଷୟ ପଢ଼ାଇଲାବେଳେ ସେ ତଲ୍ଲୀନ ହେଇଯାଇଥିଲେ ଏବଂ ବିଷୟର ଚରିତ୍ରଗୁଡ଼ିକୁ ଜୀବନ୍ତ ଭାବେ ଉପସ୍ଥାପନା କରୁଥିଲେ। ମନେଅଛି ପଢ଼ାଉଥିଲେ ସେ ଗଳ୍ପ 'ଆକାଶଦୀପ'। ଗପଟିକୁ ପଢ଼ାଇ ସାରିବା ପରେ ତାଙ୍କ ଆଖିରେ ଏତେ ଲୁହ ଆସିଯାଇଥିଲା ଯେ ସେ କ୍ଲାସଟିକୁ ସେହିକ୍ଷଣି ସମାପ୍ତ କରି ଚାଲିଯାଇଥିଲେ। ଆଉ ଆମେ ପିଲାମାନେ କାନ୍ଦି ପକାଇ ଥିଲୁ ଗପର ଶେଷ ଭାଗରେ ପହଞ୍ଚିଲା ବେଳେ।

ସଂସ୍କୃତ ପଢ଼ାଉଥିଲେ ହରିହର ଦାଶ ସାର୍। ସଂସ୍କୃତ ବ୍ୟାକରଣର ଜଟିଳତା ଭେଦ କରି ସରଳ ଉପାୟରେ ମନେ ରଖିବାର ଉପାୟର କଳାଟିକୁ ଶିଖାଇଥିଲେ ସିଏ। ମାର୍ଜିତ ବ୍ୟବହାର ଏବଂ ସୁମଧୁର କଥନଶୈଳୀରେ ପ୍ରଭାବିତ ଥିଲୁ ଆମେ ସମସ୍ତେ। ଲାଇବ୍ରେରୀ chargeରେ ସେ ଥାଆନ୍ତି। ମୋର ପଠନ ଆଗ୍ରହ ଦେଖି ଲାଇବ୍ରେରୀର ଚାବି ମତେ ଦିଅନ୍ତି ମୋ ଆଗ୍ରହର ବହି ପଢ଼ିବା ପାଇଁ। ସେତେବେଳେ ମୁଁ ଗାନ୍ଧୀ ରଚନାବଳୀର ପ୍ରାୟ ଅନେକ ଭାଗ, ବିଭିନ୍ନ ଗ୍ରନ୍ଥାବଳୀ ଏବଂ ବିନୋଦ କାନୁନ୍‌ଗୋଙ୍କ encyclopedia ଇତ୍ୟାଦି ପଢ଼ିବାର ସୁଯୋଗ ପାଇଥିଲି।

craft ସାର ଥାନ୍ତି ବୃନ୍ଦାବନ ସାର। ଅମାୟିକ ବ୍ୟବହାର। Drawing / Craft ବିଷୟ Vocational study ଅନ୍ତର୍ଗତ ଥିଲେ ମଧ୍ୟ ତାଙ୍କୁ ଭଲ ପାଉଥିଲେ ସମସ୍ତେ। ଜଣଙ୍କର ଜୀବନ କିଭଳି ଶୃଙ୍ଖଳିତ ହେବା ଉଚିତ ଏବଂ ସାଧାରଣ ଜୀବନଯାପନର ଶୈଳୀ ଉପରେ ସେ ଗୁରୁତ୍ୱ ଆରୋପ କରୁଥିଲେ। ବିଭିନ୍ନ magazine ମଗାଇ ସେ ସମୟରେ ଆମେ ଏକ 'Magazine Club' କରିଥିଲୁ ଦଶମ-ଏକାଦଶ ଶ୍ରେଣୀରେ।

ଗୋଲକ ସାର୍ ଥିଲେ ଖେଳ ଶିକ୍ଷକ। ପଢ଼ିଆ ଭିତରେ whistle ବାଜିଲେ ବୁଝିଯାଇଥିଲୁ କ'ଣ କରିବାକୁ ହେବ ଆମମାନଙ୍କୁ। half pant ପିନ୍ଧି ସେ ଯେତେବେଳେ ଖେଳ ପଡ଼ିଆକୁ ଓହ୍ଲାନ୍ତି ଖସିଯିବାର ବାଟ ନଥାଏ।

ସ୍ନେହ ବୋଳା ତାଗିଦ ଭିତରେ drill କରିବା ପାଇଁ ଆଗେଇ ଆସୁ। ଅପରାହ୍ନରେ ଫୁଟବଲ ଖେଳୁଥିବା ପିଲାଙ୍କ ଭିତରେ ବି ସେ ପିଲାଙ୍କ ଭଳି ମିଶିଯାଉଥିଲେ। Evergreen Hero ଥିଲେ ଆମ ପାଇଁ। ଖୁବ୍ ଭଲ ପାଆନ୍ତି ପିଲାମାନଙ୍କୁ। ତାଙ୍କର ଅବର୍ତ୍ତମାନରେ ଆମେ ଏବେ ବି ଝୁରି ହେଉଛୁ।

ଏଇଭଳି ଅନେକ ସାର୍ ଅଛନ୍ତି ଯେଉଁମାନେ ବନ୍ଦନୀୟ ଏବଂ ଚିରସ୍ମରଣୀୟ। ସ୍ୱଳ୍প ଅବଧି ଭିତରେ ଯେଉଁ କେତେଜଣ ମନେ ପଡିଲେ ତାହା ପ୍ରକାଶ କଲି। ❋

ବ୍ୟାଚ: ୧୯୭୭
ଫୋନ୍ : ୯୪୩୭୧୩୭୫୩୧

ଚେନାଏ ସ୍ମୃତି, ଆଞ୍ଜୁଳାଏ ଅନୁଭୂତି

ଡ. ରମଣ ଅଗ୍ରୱାଲା

ମୋର ପ୍ରଥମ ସ୍ମୃତି, ଗର୍ବ କଲାଭଳି କଥାଟିଏ। ୧୯୮୨ ରୁ ୧୯୮୬ ମୋର ସ୍କୁଲରେ ବିତିଛି। କେଜାଣି କାହିଁକି, ମୋର ଅନେକ ସମୟରେ ସ୍କୁଲରେ ପଶୁ ପଶୁ ଇଚ୍ଛାହୁଏ; ଆମ ସ୍କୁଲର ମୁଖ୍ୟ ଫାଟକ ସାମ୍ନାକୁ ଯାଇ ଉପରକୁ ଚାହିଁବାକୁ। ଯାଏ। ଉପରକୁ ଚାହେଁ। ଛୋଟିଆ ପିଲାର ବିସ୍ତାରିତ ଆଖିରେ ମୋତେ ଦିଶିଯାଏ ଫଳକଟିଏ 'ସ୍ଥାପିତ-୧୯୪୮'। ମନକୁ ଗର୍ବ ଆସେ। କେତେ ପୁରୁଣା ମୋ ସ୍କୁଲ! ଦେଶ ସ୍ୱାଧୀନ ହେବାର ପର ବର୍ଷ ହିଁ ଏହାର ଜନ୍ମ! ୧୯୮୨ର ଝାପ୍ସା ସ୍ମୃତିକୁ ଏବେ ୨୦୨୩ରେ ଦେଖିଲେ; କାହିଁ କେତେଦୂର! ଆଖି ପାଉନାହିଁ। ଗର୍ବ ଆସୁଛି। ମନ ଆନନ୍ଦରେ ଭରିଯାଉଛି। ଆମେ ଏବେ ପଞ୍ଚସ୍ତରୀ ବର୍ଷ ପୂର୍ତ୍ତିର ଉତ୍ସବ ପାଳୁଛୁ, ଉତ୍ସାହ ଉଦ୍ଦୀପନା ସହ।

ନେତୃତ୍ୱ ନେବାର ଗୁଣ ମୁଁ ମୋ ସ୍କୁଲରୁ ହିଁ ଶିଖିଥିଲି। ବିଶେଷତଃ ୧୯୮୫ ମସିହାରେ, N.C.C. (ଜାତୀୟ ସମର ଶିକ୍ଷାର୍ଥୀବାହିନୀ)ର ସର୍ଜେଣ୍ଟ ଭାବରେ। ଗର୍ବ କରିବାର ସ୍ମୃତିଟିଏ। ସେହିବର୍ଷ ଜାତୀୟ ସ୍ତରର N.C.C. Trekking Camp ସିକିମ ରାଜ୍ୟରେ ଅନୁଷ୍ଠିତ ହୋଇଥାଏ ଏବଂ ଆମ ଢେଙ୍କାନାଳ ଜିଲ୍ଲାରୁ ଉତ୍ତମ N.C.C. cadets ବଛାଯାଉଥାଏ। ଜିଲ୍ଲାର ବିଭିନ୍ନ ସ୍କୁଲରୁ ସମୁଦାୟ ପାଞ୍ଚ ଜଣ ବଛାଯାଇ ସିକିମ ରାଜ୍ୟର N.C.C କ୍ୟାମ୍ପ ଯାଇଥିଲୁ ଦଶ ଦିନଯାଏ। ମୁଁ କେବଳ ଆମ ସ୍କୁଲରୁ select ହୋଇନଥିଲି; ସମ୍ପୂର୍ଣ୍ଣ ଜିଲ୍ଲାରୁ ବଛାଯାଇଥିବା N.C.C ଛାତ୍ରମାନଙ୍କର ନେତୃତ୍ୱ ନେବାର ସୁଯୋଗ ମୋତେ ହିଁ ଦିଆଯାଇଥିଲା। ଭାରି ନୂଆ, ଶିକ୍ଷଣୀୟ, ଆନନ୍ଦଦାୟକ, ରୋମାଞ୍ଚକାରୀ ଓ ଆଡଭେଞ୍ଚରସ୍ ଥିଲା ସେ Namchi ରୁ Gangtokର Trekking, Sikim ରାଜ୍ୟରେ। ସଫଳତାର ସହ ସ୍କୁଲକୁ ଫେରିବାର ପରଦିନ ଆମ ପ୍ରିୟ N.C.C teacher ରମା ସାର୍ ଓ ସେ ସମୟର ସର୍ବଜନାଦୃତ ପ୍ରସିଦ୍ଧ Headmaster ସନାତନ ନାଥ ସାର୍ ମୋତେ ଏକ ସଭାରେ ସମଗ୍ର ସ୍କୁଲକୁ ମୋର ଅନୁଭୂତି ବଖାଣିବାକୁ କହିଥିଲେ। ମୋତେ ଲାଗେ ସେହିଦିନ ହିଁ ଯେପରି ମୋ ଭିତରେ ବିଶ୍ୱଦୃଷ୍ଟିର ବୀଜବପନ ହୋଇଥିଲା ଓ ବଡ ବଡ ସଭାରେ, ଦେଶ ବିଦେଶରେ ଭାଷଣ ଦେବାର ପଟୁତା ଅର୍ଜନର ମୂଳ ଦୁଆ ପଡିଥିଲା।

ହଁ, ଏହି ଅବସରରେ; ଗୋଟେ ରାତିରେ, ସ୍କୁଲ ହଷ୍ଟେଲ ରୁମରୁ ଆମ ସ୍କୁଲଖେଳ ପଡିଆରେ ଭୂତ ଦେଖିବାର ଅନୁଭବ ନ ବଖାଣି ରହିହେଉନାହିଁ। ଆମ ସମୟରେ, ସ୍କୁଲ କୂଅ ପାଖରେ ତିନି ଚାରି ବଖରା ଚାଳ ଘର ଥିଲା, ଯାହାକି ପିଲାମାନଙ୍କ ହଷ୍ଟେଲ ଭାବେ କାମରେ ଆସୁଥିଲା। ମନଯୋଗ ସହ ପାଠ ପଢିବା ନିଶାରେ ମୁଁ ହଷ୍ଟେଲରେ ରହୁଥିଲି। ସମସ୍ତଙ୍କ ପ୍ରିୟ, ମିଷ୍ଟଭାଷୀ ଓ ପ୍ରେରଣାପ୍ରଦ ପଣ୍ଡିତ ସାର ଆମ ହଷ୍ଟେଲର ତତ୍ତ୍ୱାବଧାରକ ଥାନ୍ତି। ଦିନେ ରାତିରେ ନିଦ ଭାଙ୍ଗିଯାଇଥାଏ। ହଷ୍ଟେଲରେ, ମୋ ଚାଳଘର ବଖରାରେ ମାଟିକାନ୍ଥରେ ଝର୍କାଟିଏ ଥାଏ। ଝରକା କଣ, ମାଟି କାନ୍ଥରେ ଯାହା ଚାରି ପାଞ୍ଚଟି ଦେଢ ଫୁଟିଆ ବାଡି ଲଗାଯାଇ ଝରକା, ପବନ ଓ ଆଲୁଅ ଯିବାଆସିବା ପାଇଁ ଲାଗିଥାଏ। ନିଦରୁ ଉଠି ଆଖି କାହିଁକି କେଜାଣି ଝର୍କାପଟେ ଦେଖିଲା। ଅନ୍ଧାର ରାତି। ଆଖି ସାମ୍ନାରେ ଦିଶୁଛି ଆମ ସ୍କୁଲର ବିସ୍ତୃତ ଖେଳପଡ଼ିଆ। ମାତ୍ର ଏ କ'ଣ? ଝର୍କା ଦେଇ ଏ କ'ଣ ଦିଶୁଛି ମୋତେ! ପଡିଆରେ ତାଳ ଗଛ ଲମ୍ବର ପାଞ୍ଚଟି ଭୂତ ଯେମିତି ବସିଛନ୍ତି। ଜଣେ ତାଙ୍କର ସର୍ଦାର ବୋଧହୁଏ, ଚାରିଜଣଙ୍କ ଠାରୁ ଛାଡିକି ବସିଛି। ମନରେ ଛନକା ପଶିଲା। ଡର ବି। ଅତି ସନ୍ତର୍ପଣରେ ପାଖ ରୁମ ପିଲାଙ୍କୁ ଉଠାଇଲି। ମୋର ବି କିଏ ରୁମମେଟ ଥିଲା ବୋଧହୁଏ। ମନେ ନାହିଁ। ଆମେ ତିନି ଚାରି ଜଣ ସେଇ ଝର୍କାବାଟେ ଦେଖିଲୁ। ସେମିତି ପାଞ୍ଚ ଜଣ ଭୂତ ବସିଛନ୍ତି। କେହି ଜଣେ ଫିସ୍ ଫିସ୍ କରି ଅତି ଧୀରେ କହିଲା - ଆବେ, କେହି ପାଟି କର ନାହିଁ। ଚୁପ୍! ଭୂତମାନଙ୍କ ମିଟିଙ୍ଗ ଚାଲିଛି! ଦେଖ, ସେ କୋଣରେ ଦଳର ସର୍ଦାର ଭୂତ; ଟିକିଏ ଛାଡିକି ବସିଛି। ସମସ୍ତେ ପ୍ରକୃତରେ ଡରରେ ଛାନିଆ ହୋଇଗଲୁ। କିଏ କେତେ କଥା ଭାବିଚାଲିଲା। କେହି ଜଣେ ପ୍ରସ୍ତାବ ଦେଲା, ଧୀରେ ଧୀରେ ଯାଇ ପଣ୍ଡିତ ସାରଙ୍କୁ ଡାକି ଆଣି ଦେଖାଇବା। ହେଲେ, ଭୂତ ଭୟରେ କେହି ରୁମ ବାହାରକୁ ଆଉ ଯିବାକୁ ସାହସ କଲୁନି। ଡରି ମରି ଚୁପ ଚାପ ମୋ ରୁମରେ ବସିରହିଲୁ। ମଝିରେ ମଝିରେ ଝର୍କାବାଟେ ଭୂତମାନେ ସେମିତି ବସିଥିବାର ଦେଖୁଥିଲୁ। ଏଇମିତି ଚୁପଚାପ ବସି ବସି ଆମମାନଙ୍କୁ କେତେବେଳେ ନିଦ ହୋଇଯାଇଥାଏ। ସକାଳେ ନିଦ ଭାଙ୍ଗିଲା। ସମସ୍ତେ ଆଗେ ଦୌଡିଲୁ ଖେଳପଡ଼ିଆକୁ। ମାଟିରେ ଯେମିତି ପାଞ୍ଚଟି ଆସନ ପଡି ଟିକିଏ ଦାଗ ହୋଇଥିବାର ଦିଶିଲା।

'ଦେଖ, ଏଇ ଯାଗାରେ ପାଞ୍ଚ ଜଣ ଭୂତ ବସି କାଲି ରାତିରେ ମିଟିଙ୍ଗ କରୁଥିଲେ'; କେହିଜଣେ ଆମ ଭିତରୁ କହିଲା।

ଆମେ ସମସ୍ତେ ନିତ୍ୟକର୍ମ ସାରି ସେହି ସକାଳେ ହିଁ ପଣ୍ଡିତ ସାର୍‌ଙ୍କୁ ଯାଇ ସବୁ କଥା କହିଲୁ। ସାର୍ କହିଲେ- ତମେମାନେ ସତରେ ସାହସୀ ପିଲା। ହେଲେ, ଭୂତ ଫୁତ କେହି ନ ଥିବେ। ଗାଁରୁ କିଛି ଟୋକା, କିଛି ଲୋକ ଆସି ଖେଳପଡ଼ିଆରେ ବସି ଗୁଲିଖଟି କରୁଥିବେ। ତା' ପରେ ବୋଧହୁଏ ଆମେ ସାର୍‌ଙ୍କ ପାଖରେ ସଂସ୍କୃତ ପଢିବାକୁ ଲାଗିଲୁ ସେଇ ସକାଳରେ; ସାର୍‌ଙ୍କର ଘର ସାମ୍ନା ଚାନ୍ଦିନୀରେ ବସି। ଆମେ ଫେରିଲାବେଳକୁ ସାର୍ କହିଲେ- ରମଣ ତ N.C.C Sergeant ସାହାସୀ ପିଲା। ତମେ ମାନେ ସବୁ ବିଜ୍ଞାନ ଯୁଗର ପିଲା। ଡରୁଛ କି ? ମୁଁ କହିଲି - ନାଇଁ ସାର୍।

ମାତ୍ର ମନେ ମନେ ଭାବିଲି ଆଜି ସନ୍ଧ୍ୟାରେ ପରୀକ୍ଷଣ ଗୋଟେ ହେବ ! ଯେମିତି ଦିନ ଗଡୁଥାଏ, ମନରେ ମୋର ଉତ୍କଣ୍ଠା ବଢି ଚାଲିଥାଏ। ସନ୍ଧ୍ୟା ହେଲା। ଚାରିଆଡ ଅନ୍ଧାର। ମୋ ରୁମରେ ଲାଇଟ ଜଳୁଛି। ମୁଁ ଧୀରେ ମୋ ରୁମ ଝର୍କାବାଟେ ଖେଳପଡ଼ିଆକୁ ଚାହିଁଲି। ଏଁ- ମନେ ମନେ ଚିତ୍କାର କରିଉଠିଲି। କାଲି ଭଳି ସେଇ ଭୂତ ପାଞ୍ଚଟି। ସେଇମିତି ବସିଛନ୍ତି। ତାଳ ଗଛ ପରି ଲମ୍ବ ଲମ୍ବ ଦିଶୁଛନ୍ତି। ହେଲେ ଏବେ ତ ସନ୍ଧ୍ୟାର ଅନ୍ଧାର, ରାତି ଭଲକି ହେଇନି। ପାଖରୁମ ପିଲା ସବୁ, କାଲି ଭଳି, ମୋ ରୁମ ଝର୍କାଦେଇ ଭୂତ ଦେଖୁଲୁ। ସବୁ ଭୟରେ ଛାନିଆ ଯେମିତି ! ସକାଳେ ପଣ୍ଡିତ ସାରଙ୍କ କଥା ମନେପକାଇ ଓ ସାହସ ଯୋଗାଡ କରି ମୁଁ କହିଲି- ଡରିବାର ନାହିଁ। ଏବେ ତ ଜମା ସାତ ଆଠଟା ବାଜିଛି। ଆସ ମୋ ପଛେ ପଛେ ଏବଂ ହଁ ନା ହଁ ନା କରି କରି ଆମେ ମୋ ରୁମରୁ ବାହାରି ଖେଳପଡ଼ିଆ ଆଡକୁ ଆଗେଇଲୁ। ସାହସ ଦେଖେଇବାକୁ ହେଉ କି ଡରି ମରି ହେଉ ମୁଁ ଯୋରସୋରରେ ହନୁମାନ ଚାଳିଶା ପଢୁଥାଏ। ଆମେ ପଡିଆରେ ପହଞ୍ଚି ଦେଖିଲୁ; କେହି ନାହାନ୍ତି। କେହି ବି ବସି ନାହାନ୍ତି। ନା ଭୂତ, ନା ଲୋକ। କେହି ଜଣେ କହିଲା- ଆରେ, ଏବେ ପା ରମଣ ରୁମ ଝର୍କାପଟୁ ଭୂତ ଦେଖି ଆସିଥିଲୁ। ଆଉ ଜଣେ କହିଲା- ଆରେ ଆମ୍ଭମାନଙ୍କର ଆଗମନ ଦେଖି ସେ ଭୂତଗୁଡା ବୋଧହୁଏ ପଳେଇଲେ। ହାଃହାଃହାଃ ! ମୋତେ ବାତାବରଣରେ ହାଲ୍କା ପଣ ଦେଖି ଉସୁଆସ ଲାଗିଲା। ଖୁସି ବି। ଆମେ ସବୁ ରୁମକୁ ଫେରିଲୁ।

ମୋ ରୁମରେ ପଶି ବସିଛୁ କି ନାହିଁ; ହାଃହାଃହାଃ କରି ହସିଥିବା ସାଙ୍ଗଟା ଭୟରେ ଭୂତ ଭୂତ କହି କାନ୍ଦିବାକୁ ଲାଗିଲା, ମୋ ରୁମ ଝର୍କାଦେଇ ଖେଳପଡ଼ିଆକୁ ଦେଖି।

ଆମେ ସମସ୍ତେ ଝର୍କାଦେଇ ଦେଖିଲୁ- ଆରେ ସତେ ତ, ସେଇ ପାଞ୍ଚଟା ଭୂତ, ଛାଡିକି ବସିଛି ସର୍ଦାର। ତାଳ ଗଛ ପରି ଲମ୍ବ ଲମ୍ବା।

ମୁଁ ହତବମ୍ବ ! ଏବେ ତ ପଡିଆରୁ ଫେରିଲୁ ଦେଖି, କେହି ନାହାନ୍ତି। ଏବେ ପୁଣି ଝର୍କାଦେଇ ଦିଶୁଛନ୍ତି, କାଲି ପରି ଭୂତ !

ମୋ ଭିତରେ କିଛି ଗୋଟାଏ କଡ ଲେଉଟାଇଲା। ମୋ ବୈଜ୍ଞାନିକ ମନ ଜାଗିଉଠିଲା।

Eureka ! Eureka ! ମୁଁ ଚିତ୍କାର କରିବା ଆରମ୍ଭ କଲି।

ଆରେ କଣ ହେଲା ତୋର, କ'ଣ ବା ପାଇଗଲୁ- ସାଙ୍ଗଟିଏ କହିଲା।

ମୁଁ କହିଲି- ଦେଖ ଦେଖ। ସମସ୍ତେ ଠିଆହୋଇ ଝର୍କାଦେଇ ଦେଖ।

'ଭୂତ ଦିଶୁଛନ୍ତି ?'

"ହଁ।"

ମୁଁ ଲାଇଟ ଲିଭାଇ ଦେଲି।

"ଭୂତ ଦିଶୁଛନ୍ତି ?"

"ନା। ଏବେ ଦିଶୁ ନାହାନ୍ତି।"

ମୁଁ ପୁଣି ଲାଇଟ ଜଳାଇ ଦେଲି।

"ଭୂତ ଦିଶୁଛନ୍ତି ?"

"ହାଁ"- ସମସ୍ତ ଏକ ସ୍ୱରରେ କହିଲେ।

ମୁଁ ସମସ୍ତଙ୍କୁ ମାଟି କାନ୍ଥ ଝରକାରେ ଲାଗିଥିବା ବାଡି ମଧ୍ୟରେ ଫାଙ୍କ ବା ଗ୍ୟାପ ଦେଖାଇଲି। ଶେଷ ଦୁଇ ବାଡିରେ ଫାଙ୍କଟା ଅଧିକ ଓସାରିଆ। ତେଣୁ ସେ ସର୍ଦାର ଭୂତଟା ଟିକେ ଛାଡିକି ବସୁଥିବାର ଦିଶୁଛି।

"ମାନେ" ?

ମୁଁ ବୁଝାଇ କହିଲି- "ଅନ୍ଧାରିଆ ଖେଳ ପଡ଼ିଆରେ ଏଇ ଝର୍କାର ରେଲିଂ ଫାଙ୍କରେ ଆଲୁଅର ଯେଉଁ ଛାଇ ଲମ୍ବିଯାଉଛି; ସେଇ ଆମକୁ ତାଳଗଛ ଲମ୍ବ ସମ ଭୂତ ପ୍ରତୀୟମାନ ହେଉଛି। ଭୂତ ଫୁତ କିଛି ନାହିଁ। ନା କଣ କହୁଛ ସାଙ୍ଗ ?"

ଅନେକ ଅନୁଭବ ମୋର। ଅସରନ୍ତି ସ୍ମୃତି, ସ୍କୁଲ ଭିତରେ; ସ୍କୁଲ ବେଳର। ଚେନାଏ ବାଢିଦେଲି ଏଠି। ଖୁସିରେ। ଆପଣ ମନ ଦେଇ ପଢିବେ, ଆଗ୍ରହରେ। ଭଲ ଲାଗିବ। ❁

ବ୍ୟାଚ: ୧୯୮୬
ଫୋନ୍ : ୯୨୩୭୫୮୦୦୨୫

ସ୍ମୃତିରୁ କିଛି

ଦୁର୍ଯ୍ୟୋଧନ ମହାଳିକ

ଉଣେଇଶ ଚଉବନ ମସିହାର କଥା। ଭୁବନ ହାଇସ୍କୁଲ ଘରପୋଡ଼ି ପରେ ଏକତାଳି ଗ୍ରାମର ଶ୍ରୀଯୁକ୍ତ ଶ୍ରୀଧର ରାଉତଙ୍କୁ ଭୁବନ ହାଇସ୍କୁଲର ସେକ୍ରେଟାରୀ ଭାବରେ ବଛାଯାଇଥିଲା। ତାଙ୍କରି ପୃଷ୍ଠପୋଷକତାରେ ନୂତନ ଭାବରେ ଭୁବନ ହାଇସ୍କୁଲ ଝଲୁ କରାଗଲା। ଭୁବନଗ୍ରାମର ସେତେବେଳେର ମୁଖିଆମାନେ ପରିଚାଳନା କମିଟିରେ ରହି ସ୍କୁଲର ଉତ୍ତରୋତ୍ତର ଉନ୍ନତିରେ ସହାୟକ ହୋଇଥିଲେ।

ଅନୁଗୋଳ ଖଲାରିର ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ରଙ୍କୁ ପ୍ରଧାନ ଶିକ୍ଷକ ରୂପେ ନିଯୁକ୍ତି କରାଯାଇଥିଲା। ସେତେବେଳର ଭୁବନ ଡାକ୍ତରଖାନାର ଡାକ୍ତର ଶ୍ରୀଯୁକ୍ତ ଭାଗବତ ପ୍ରସାଦ ଦାସ ମହାଶୟଙ୍କର ହାଇସ୍କୁଲ ପ୍ରତି ଅତୁଳନୀୟ ଅବଦାନ ଥିଲା।

ଅଧୀନ ୧୯୫୪ ମସିହାରେ ପିଙ୍ଗୁଆ ମାଇନର ସ୍କୁଲରୁ ପାସ୍ କରିଥାଏ ଆମ ଗାଁ ନିକଟରେ କୌଣସି ହାଇସ୍କୁଲ ନଥିଲା। ସେପଟେ ଭୁବନ, ମାର୍ଥାପୁର, ସୁକିନ୍ଦା, ଏପଟରେ ବି.ବି. ହାଇସ୍କୁଲ ଢେଙ୍କାନାଳ, କଲଣ ହାଇସ୍କୁଲ ଥିଲା। ଭୁବନ ନିକଟତର ହେଉଥିବାରୁ ଆମ ଅଞ୍ଚଳର ଛାତ୍ରମାନେ ଭୁବନ ହାଇସ୍କୁଲରେ ନାମ ଲେଖାଉଥିଲେ। ଗ୍ରୀଷ୍ମାବକାଶ ପରେ ଜୁଲାଇରେ ଭୁବନ ହାଇସ୍କୁଲରେ ନାମ ଲେଖାଇଲି। ସାତ ସମୁଦ୍ର ତେର ନଈ ପାର ହେଲା ପରି କେତେ ନାଳ ଓ ବ୍ରାହ୍ମଣୀ ନଦୀ ପାର ହୋଇ ଝଲି ଝଲି ଭୁବନ ଆସୁଥିଲୁ।

ହାଇସ୍କୁଲର ଶ୍ରେଣୀଗୃହ, ଅଫିସଗୃହ, ଶିକ୍ଷକମାନଙ୍କ ରହିବା ଘର ତଥା ଛାତ୍ରାବାସର ଘରଗୁଡ଼ିକ ମାଟିକାନ୍ଥ, ଝଲ ଛପର ଘର ଥିଲା। ଉତ୍ତର ପଟରେ ପୂର୍ବ ପଶ୍ଚିମ ହୋଇ ଦଶ ବଖରା ଘରଥିଲା। ଗୋଟିଏ ବଖରା ଛାତ୍ରାବାସର ସରଘର ଓ ଅନ୍ୟ ବଖରାରେ ପିଲାମାନେ ବାସକରୁଥିଲେ। ପୂର୍ବପଟରେ ପ୍ରଧାନ ଶିକ୍ଷକଙ୍କ କ୍ୱାଟର, ପଣ୍ଡିତ ମହାଶୟଙ୍କ କ୍ୱାଟର, ଅଫିସ ଗୃହ ଓ ଏକାଦଶ ଶ୍ରେଣୀରେ କୋଠରୀ ଥିଲା। ଦକ୍ଷିଣ ପଟରେ ମଧ୍ୟ ପୂର୍ବ ପଶ୍ଚିମ ହୋଇ ଅଷ୍ଟମ, ନବମ, ଦଶମଶ୍ରେଣୀ ଗୃହ, ଶିକ୍ଷକ ମାନଙ୍କର ରହିବା ଗୃହ, ଛାତ୍ରାବାସର ଖାଇବା ହଲ୍ ଥିଲା। ତା'ପଛକୁ ରୋଷେଇ ଘର ଓ ପୂଜାରୀଙ୍କ ରହିବା ଘର ଥିଲା।

ଦୁଇପାଖ ଘରଗୁଡ଼ିକ ମଝିରେ ପଡ଼ିଆ ଥିଲା। ତା'ପାଖରେ କୂଅ ଥିଲା ଯାହା ସମସ୍ତଙ୍କର ବ୍ୟବହାରରେ ଲାଗୁଥିଲା। ବିଦ୍ୟାଳୟରେ ପାଇଖାନା ନ ଥିବାରୁ ଛାତ୍ରାବାସର ଅନ୍ତେବାସୀ ମାନେ ନିକଟରେ ଥିବା ବେଣାଗାଡ଼ିଆ ନିକଟରେ ଥିବା ପଡ଼ିଆରେ ଝାଡ଼ାଝପଟ ଯାଇ ଗାଡ଼ିଆରେ ଶୌଚ ସ୍ନାନାଦି କରୁଥିଲେ। ଆଜି ଯେଉଁଠାରେ ବ୍ଲକ ଅଫିସ, କଲୋନି ଇତ୍ୟାଦି ଶୋଭାପାଉଛି ସେତେବେଳେ ତାହା ଆଡେଣ୍ଡିଲଟି ଓ ବରକୋଳି ବଣଥିଲା। ଛାତ୍ରାବାସର ପଛ ପଟେ ଏକ ସାଇର ବସତି ଆରମ୍ଭ ହୋଇଥିଲା। ବିଦ୍ୟାଳୟର ଦକ୍ଷିଣ ପଟେ ଖେଳ ପଡ଼ିଆ ଥିଲା।

ଅଧୀନ ଛାତ୍ରାବାସରେ ରହି ଅଧ୍ୟୟନ କରୁଥିଲା। ଛାତ୍ରାବାସର ଖର୍ଚ୍ଚ ମାସକୁ ଝଉଳ ଝଳିଶ ମାଣ, ମୁଗଡ଼ାଲି ୫ମାଣ ଓ ୩ ଟଙ୍କା ପଡୁଥିଲା। ସେଇଥିରେ କିରୋସିନି, କାଠ, ପୂଜାରୀ ଦରମା, ପରିବା ଓ ତେଲ ମସଲାର ଖର୍ଚ୍ଚ ହେଉଥିଲା। ପ୍ରତ୍ୟକ ମାସରେ ଦୁଇଜଣ ପିଲା ଜଣେ ଡ଼ାଲି ଝଉଳ ଓ ଜଣେ ଟଙ୍କାର ହିସାବ ରକ୍ଷକ ଭାବରେ ନିଯୁକ୍ତ ହେଉଥିଲେ। ଛାତ୍ରାବାସରେ ପ୍ରତିଦିନ ଦୁଇଜଣ ଗୁଜୁରୀ ହାଟ ଯାଇ ପରିବାପତ୍ର ଓ ଦୋକାନ ସଉଦା କରି ଆଣୁଥିଲେ, ସାଙ୍ଗରେ ପୂଜାରୀ ଯାଉଥିଲେ। ସଂଧ୍ୟାରେ ଆଜିର ନୂଆ ବଜାର ବା ବେଣା ଗାଡ଼ିଆ ପାଖକୁ ଯିବାକୁ ପିଲାମାନେ ଭୟ କରୁଥିଲେ।

ସେତେବେଳେ ନିକଟ ଅଞ୍ଚଳରେ ଶିକ୍ଷକମାନଙ୍କର ଅଭାବଥିଲା। କାହିଁ ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦୁଝର, ପୁରୀ ଆଡ଼ରୁ ଶିକ୍ଷକ ଖୋଜା ହୋଇ ଆସୁଥିଲେ। ବିଜ୍ଞାନ ଶିକ୍ଷକମାନେ ବର୍ଷେ ଛଅମାସ ରହି ସରକାରୀ ଚାକିରି ପାଇ ଚାଲିଯାଉଥିଲେ। ଆମ ଅଷ୍ଟମ ଶ୍ରେଣୀ ସମୟରେ ପ୍ରଧାନ ଶିକ୍ଷକ ଶ୍ରୀଯକ୍ତ ଉମେଶ ଚନ୍ଦ୍ର ମିଶ୍ର, ପଣ୍ଡିତ ଶ୍ରୀ ହରିହର ରଥ, ଶ୍ରୀଯୁକ୍ତ ଭଗବାନ ଜେନା ଓ ବାହାରୁ ଅନ୍ୟାନ୍ୟ ଶିକ୍ଷକମାନେ ଶିକ୍ଷାଦାନ

କରୁଥିଲେ। ପରେ ଶ୍ରୀଯୁକ୍ତ ଭଗବାନ ଜେନା ଇସ୍ତଫା ଦେଇ ଭୁବନ ବ୍ଲକ ଅଧକ୍ଷ ହୋଇ ଚାଲି ଯାଇଥିଲେ। ଶ୍ରୀଯୁକ୍ତ ଗିରିଧାରି ଦାସ ମହାଶୟ ଅଫିସ ସହକାରୀ ଓ ଶ୍ରୀଯୁକ୍ତ ଚୈତନ୍ୟ ପୃଷ୍ଟି ଅଫିସ ପିଅନ ଥିଲେ।

ଚାରି ବର୍ଷ ପଢା ସମୟରେ ପର୍ଯ୍ୟାୟ କ୍ରମେ ଶ୍ରୀଯୁକ୍ତ ଶରତଚନ୍ଦ୍ର ସାହୁ, ଶ୍ରୀଯୁକ୍ତ ଧନେଶ୍ୱର ସାହୁ, ଶ୍ରୀଯୁକ୍ତ କପିଳେଶ୍ୱର ସାହୁ, ଶ୍ରୀଯୁକ୍ତ ସତ୍ୟବ୍ରତ ମହାନ୍ତି, ଶ୍ରୀଯୁକ୍ତ ବିଶେଶ୍ୱର ମିଶ୍ର, ଶ୍ରୀଯୁକ୍ତ ଗୋଲକ ବିହାରୀ ଜେନା ପଭୃତି ଶିକ୍ଷକ ଭାବରେ ଯୋଗ ଦେଇଥିଲେ।

ସେତେବେଳେ ଆମ ଶ୍ରେଣୀରେ ଭୁବନରୁ ଶ୍ରୀ ଚୈତନ୍ୟ ମିଶ୍ର, ଶ୍ରୀ ଅନନ୍ତ ଚରଣ ମିଶ୍ର, ଶ୍ରୀ ରାମଚନ୍ଦ୍ର ସାହୁ, ଶ୍ରୀ ଇଶ୍ୱର ଚନ୍ଦ୍ର ବେହେରା, ଶ୍ରୀ ଭାଗବତ ବେହେରା, ଶ୍ରୀ ପଦ୍ମନାଭ ପଟ୍ଟନାୟକ ଭୁଷଳରୁ ଶ୍ରୀ କୁମ୍ଭସେନ ମିଶ୍ର, ମଣିପୁରରୁ କିଶୋର ଚନ୍ଦ୍ର ଦାସ, ବାଲିବୋରୁ ଶ୍ରୀ ରସାନନ୍ଦ ବେହେରା, ଶ୍ରୀ ଗତିକୃଷ୍ଣ ସେଠୀ ଓଡ଼ିଶରୁ ଶ୍ରୀ କାହ୍ନୁଚରଣ ଷଣ୍ଢ, କୁନିନ୍ଦାରୁ ଶ୍ରୀ ଗୋଲକ ବିହାରି ବାରିକ ଅନଳରୁ ଶ୍ରୀ ରଘୁନାଥ ସାହୁ ଦେଓଗାଁରୁ ଶ୍ରୀ ପ୍ରସନ୍ନ କୁମାର ନନ୍ଦ, ଲାଉଲଇରୁ ଶ୍ରୀ ଯଦୁନାଥ ରାଉତ, ପିପଳରୁ ଶ୍ରୀ ଆର୍ତ୍ତବନ୍ଧୁ ଦାସ ଅଧୟନ କରୁଥିଲେ, ସେମାନେ ପ୍ରାୟ ସମସ୍ତେ ବିଭିନ୍ନ ପଦପଦବୀରେ ଅଧିଷ୍ଠିତ ହୋଇ ଅବସର ନେଇ ସାରିଛନ୍ତି। କେହି ବା ଇହଧାମ ତ୍ୟାଗ କରିସାରିଲେଣି।

ବିଦ୍ୟାଳୟର ଉଚ୍ଚଶ୍ରେଣୀ ଓ ତଳ ଶ୍ରେଣୀର ଛାତ୍ରମାନଙ୍କ ମଧ୍ୟରେ ସ୍ନେହ, ଶ୍ରଦ୍ଧା, ଭଲ ପାଇବା ରହିଥିଲା। ତଳ ଶ୍ରେଣୀର ପିଲାମାନେ ଉଚ୍ଚ ଶ୍ରେଣୀର ପିଲାମାନଙ୍କୁ ସମ୍ମାନ ଦେଉଥିଲେ। ଆମ ବ୍ୟାଚ୍‌ର ଛାତ୍ରମାନେ ୧୯୫୮ ମସିହାରେ ମ୍ୟାଟ୍ରିକ ପରୀକ୍ଷା ଦେଇ ବିଦ୍ୟାଳୟରୁ ବିଦାୟ ନେଇଥିଲେ।

ଆଜି ବି ସେ ବେଳର ସ୍ମୃତି ଓ ଅନୁଭୂତି ହୃଦୟରେ ସାଇତା ହୋଇ ରହିଛି। ଛାତ୍ରାବାସର ସ୍ମୃତି, ଲଣ୍ଠନ ଆଲୁଅରେ ପଢ଼ା, ଖଜୁରୀ ପଟିଆ ତଳେ ଶୁଆ, ଇଟା ଉପରେ ବାକ୍ସ ରଖିବା, ସକାଳ ଓ ସଂଧ୍ୟାରେ ୭ଟାରୁ ୯ଟା ପର୍ଯ୍ୟନ୍ତ ପାଠପଢା, ମାଗି ସାହୁର ମୁଢି ବୁଟ ଖିଆ, ଶିକର ଗୋପାଳ ଓ ସୁଭଦ୍ରା ଗୋପାଳୁଣୀର ଦହିଖିଆ, ଜଦୁ ସେଠୀର ଇସ୍ତ୍ରୀଦିଆ ପ୍ୟାଣ୍ଟ ସାର୍ଟ, ଛାତ୍ରାବାସର ହଣ୍ଡାଭାତ, ଡ଼ାଲିପାଣି, ଖଡ଼ା ବାଇଗଣ, ଜହ୍ନି ବୋଇତାଳୁର ତରକାରୀ, ଛତାମଠ ଓ ପତିତ ବାବୁଙ୍କ କୂଅର ଗାଧୁଆ, ବେଣାଗାଡିଆର ବରା ଗୁଲୁଗୁଲା, ଗଣି ବାବୁଙ୍କ ଜିଲାପି, ଖେଳ ପଡ଼ିଆର ଫୁଟବଲ, ଭଲିବଲ ଖେଳ ଇତ୍ୟାଦି ସାଇତା ହୋଇ ସ୍ମୃତିରେ ରହିଅଛି।

ଶିକ୍ଷକମାନଙ୍କର ସ୍ନେହଶ୍ରଦ୍ଧା, ଡ଼ାକ୍ତର ବାବୁଙ୍କ ଅକୁଣ୍ଠ ସେବାଦାନ ଜୀବନର ଶେଷ ପର୍ଯ୍ୟନ୍ତ ମନେ ରହିଥିବ। ବିଦ୍ୟାଳୟର ସାଂସ୍କୃତିକ କାର୍ଯ୍ୟକ୍ରମରେ ଭେରାଇଟ୍‌ସୋ, ଗଣେଶ ପୂଜା, ସରସ୍ୱତୀ ପୂଜା, ସ୍ୱାଧୀନତା ଦିବସ, ଗଣତନ୍ତ୍ର ଦିବସ ପାଳନ, ବଣଭୋଜି, ଭୁବନର ଘରପୋଡ଼ିରେ ଛାତ୍ର ଶିକ୍ଷକଙ୍କ ସହଯୋଗ, ୧୯୫୫ ବନ୍ୟାରେ ବନ୍ୟା ପ୍ରପୀଡ଼ିତମାନଙ୍କୁ ସାହାଯ୍ୟ କରିବା ସବୁ ମନ ଭିତରେ ଏବେ ବି ରହିଛି। ସତେବା ସେ କଥା ମନେ ପଡ଼ିଲା ବେଳେ ମୁଁ ସେଇ ଛୋଟ କିଶୋର ବାଳକ ଭୁବନ ହାଇସ୍କୁଲର ଛାତ୍ର ହୋଇ ଯାଉଛି। ❁

ବ୍ୟାଚ: ୧୯୫୮
ଫୋନ୍ -୭୬୫୫୦୩୬୭୬୦

ପୂର୍ଣ୍ଣାଙ୍ଗ ଶିକ୍ଷା

ମାନବ ସତ୍ତାର ପାଞ୍ଚଟି
ବୃତ୍ତି ଅନୁଯାୟୀ
ଶିକ୍ଷାର ପାଞ୍ଚଟି ବିଭାବ
ରହିବା ଆବଶ୍ୟକ
ସେଗୁଡ଼ିକ ହେଲା- ଶାରୀରିକ, ପ୍ରାଣିକ, ମାନସିକ, ଅନ୍ତରାତ୍ମିକ ଓ ଆଧ୍ୟାତ୍ମିକ

କିଛି ମଧୁର ସ୍ମୃତି ଓ ଅନୁଭୂତି

ଇଂ ଅକ୍ଷୟ କୁମାର ମିଶ୍ର

ପ୍ରତ୍ୟେକ ମଣିଷର ଚିରକାମ୍ୟ ମୁହୂର୍ତ୍ତ ହେଉଛି ତା'ର ଲଳିତ କୈଶୋର, ଛଳଛଳ ତାରୁଣ୍ୟ। ଯେଉଁ ଉଦ୍ଦାମ ତରୁଣ ବୟସରେ, ଦେହରେ ତାରୁଣ୍ୟର ମାଦକତା ଲହଡ଼ି ଖେଳୁଥାଏ। ତାରୁଣ୍ୟ ଏକ ଭିନ୍ନ ମଧୁର ଅନୁଭବ, ନିଆରା ଅନୁକୂଳ ସ୍ୱପ୍ନ। ନିଜକୁ ନିଜ ଭିତରେ ହଜେଇ ଦେବାର ବେଳ ହେଉଛି ତାରୁଣ୍ୟ। ଛଳଛଳ ସଜଫୁଟା ତାରୁଣ୍ୟର ଅମୂଲ୍ୟ ମୁହୂର୍ତ୍ତ ହେଉଛି ପ୍ରତ୍ୟେକ ମଣିଷର, ହାଇସ୍କୁଲରେ ପାଠପଢ଼ା ସମୟର ଗଚ୍ଛିତ ମିଠା ମିଠା ଅନୁଭୂତି।

ଆଜି ଆମ ଭୁବନ ହାଇସ୍କୁଲର ପ୍ଲାଟିନମ୍ ଜୁବୁଲୀ ବା ହୀରକ ଜୟନ୍ତୀ ଉତ୍ସବ ପାଳନ ଅବସରରେ ଆମଭଳି ପୁରାତନ ଛାତ୍ରମାନଙ୍କର ଜୀବନର ଅପରାହ୍ନରେ ଏହି ପବିତ୍ର ବିଦ୍ୟାଳୟରେ ବିତେଇଥିବା ଛାତ୍ରଜୀବନର କଥା ମନେପଡ଼ିଲେ ଦେହରେ ଅପୂର୍ବ ପୁଲକ ଖେଳିଯାଏ। ଏବେ ବି ଦିନେ ଦିନେ ସ୍ୱପ୍ନରେ ମୁଁ ଆମ ହାଇସ୍କୁଲକୁ ଦେଖେ। ସ୍ୱପ୍ନ ଭାଙ୍ଗିଗଲେ ତାର ସ୍ମୃତି ମୋ ହୃଦୟରେ ଏକ ଅପୂର୍ବ ଖୁସିର ରୋମାଞ୍ଚ ସୃଷ୍ଟି କରେ। ପ୍ରତ୍ୟେକ ମଣିଷ ସାରା ଜୀବନ ଝୁରିହୁଏ, ତା'ର ଅଭୁଲା ପିଲାଦିନର ମଧୁର ସ୍ମୃତିକୁ। ଇଚ୍ଛାହୁଏ, ଆଉ ଥରେ ସେହି ପିଲାଦିନ ଫେରି ଆସନ୍ତାକି ? କିନ୍ତୁ ସେଇ ମଧୁର ପିଲାଦିନ ତ ଅଫେରା।

ଯେତେବେଳେ ମୁଁ ଆମ ଭୁବନ ହାଇସ୍କୁଲରେ ବିତେଇଥିବା ଛାତ୍ରଜୀବନର ମୁହୂର୍ତ୍ତମାନଙ୍କୁ ମନେପକାଏ, ସେଇ ସମୟର ପୂଜ୍ୟସ୍ପଦ ଶିକ୍ଷକମାନଙ୍କ କଥା ପ୍ରଥମେ ମନେପଡ଼େ। ମନେ ପଡ଼ନ୍ତି ଶ୍ରୀଯୁକ୍ତ ବନମାଳି ବିଶ୍ୱାଳ, ବିଜ୍ଞାନ ଶିକ୍ଷକ। ତାଙ୍କର ଉତ୍ସର୍ଗୀକୃତ ପାଠପଢା ଶୈଳୀ ଥିଲା ଅପୂର୍ବ। ସେ ଆମ ଶ୍ରେଣୀରେ ଯେଉଁ ବିଜ୍ଞାନ ନୋଟ ଡାକି ଦିଅନ୍ତି, ଆମେ ସେହି ନୋଟ୍ ପଢ଼ି ବିଜ୍ଞାନରେ ଆଶାତୀତ ନମ୍ବର ରଖି ଉତ୍ତୀର୍ଣ୍ଣ ହେଉଥିଲୁ।

ମନେ ପଡ଼ନ୍ତି, ଶ୍ରୀଯୁକ୍ତ ଧନେଶ୍ୱର ସାହୁ, 'ନେସ୍‌ଫିଲ୍ଡ ଇଂଗ୍ଲିସ୍ ଗ୍ରାମାର'କୁ ସେ ଏତେ ସୁନ୍ଦର ଭାବରେ ପଢ଼ାନ୍ତି ଯେ, ଆମେ ଓଡ଼ିଆ ମିଡ଼ିୟମ୍ ପିଲାମାନେ ମଧ୍ୟ ଆମ କ୍ୟାରିୟରରେ ଅନେକ ଉନ୍ନତି କରିପାରୁଥିଲୁ। ସେହିପରି ଶ୍ରୀଯୁକ୍ତ ଶରତ ଚନ୍ଦ୍ର ସାହୁ, ଗଙ୍ଗାଧର ସାହୁ, ହରିହର ରଥ, ଚନ୍ଦ୍ରମଣି ପଣ୍ଡା, ବୈକୁଣ୍ଠ ପତି,....ପ୍ରତ୍ୟେକ ଶିକ୍ଷକ ସେତେବେଳେ ଛାତ୍ରମାନଙ୍କୁ ନିଜର ପିଲାଭଳି ସ୍ନେହ, ଶ୍ରଦ୍ଧା ଦେଇ ପାଠ ପଢ଼ଉଥିଲେ।

ସେତେବେଳେ ଭୁବନ ଗାଁ ଥିଲା ଏକ ନିପଟ ମଫସଲ ଗାଁ। ସବୁ ଛାତ୍ରମାନେ ମଧ୍ୟବିତ୍ତ କିମ୍ବା ନିମ୍ନ ମଧ୍ୟବିତ୍ତ ପରିବାରରୁ ଆସୁଥିଲେ। ଆଜିଭଳି କୌଣସି ଶିକ୍ଷକ ଟିଉସନ କରୁନଥିଲେ। ଶିକ୍ଷକମାନଙ୍କ ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ, ଛାତ୍ରମାନଙ୍କ ହୃଦୟରେ ଏକପ୍ରକାର ଆଲୋଡ଼ନ ସୃଷ୍ଟି କରୁଥିଲା। ପ୍ରତ୍ୟେକ ଛାତ୍ରଙ୍କର ହୃଦୟରେ ଭରି ରହିଥିଲା ଶିକ୍ଷକମାନଙ୍କ ପ୍ରତି ଗଭୀର ଭକ୍ତି, ସମ୍ମାନ, ଶ୍ରଦ୍ଧା, ଏକ କୋମଳ ଭୟଭାବ।

ସେ ସମୟରେ ପ୍ରଧାନ ଶିକ୍ଷକ ଥିଲେ ଦେବୋପମ ମହାନ୍ ବ୍ୟକ୍ତିତ୍ୱ ସମ୍ପନ୍ନ ଗଣିତ ଶିକ୍ଷକ ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ର। ଯାହାଙ୍କୁ ସାରା ଭୁବନ ବାସିନ୍ଦା ଅନ୍ତରର ସହିତ ଶ୍ରଦ୍ଧା, ଭକ୍ତି, ସମ୍ମାନ ପ୍ରଦାନ କରୁଥିଲେ। ଏତେ ସରଳ, ସହଜ ଭାବରେ ସେ ଜେମୋଟ୍ରି, ଟ୍ରିଗୋନ୍‌ମେଟ୍ରି, ଆଲଜେବ୍ରା ବୁଝେଇ ଦେଉଥିଲେ ଯେ, ଥରକରେ ଆମର ମନେ ରହିଯାଉଥିଲା। ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ଶିକ୍ଷକ, ଶ୍ରୀ ଉମେଶ ମିଶ୍ର ପ୍ରବଳ ପ୍ରତିଭାର ଅଧିକାରୀ ଥିଲେ। କର୍ଣ୍ଣାର୍ଜ୍ଜୁନ ନାଟକରେ ଦୁର୍ଯ୍ୟୋଧନ ଭୂମିକାରେ ଜଣେ ଉତ୍ତମ କଳାକାରର ପରିଚୟ ଦେଇଥିଲେ। ଫୁଟ୍‌ବଲ୍ ମ୍ୟାଚରେ ବ୍ୟାକ୍ ପୋଷ୍ଟ ରକ୍ଷକ ଭାବରେ ଜଣେ ଉତ୍ତମ ସ୍କୋର୍ଟସମ୍ୟାନ୍ ଏବଂ ଗଣିତ ଶିକ୍ଷକ ଭାବରେ ଜଣେ ସର୍ବୋତ୍ତମ ଶିକ୍ଷକ ଭାବରେ ଜଣେ ଅଲ୍ ରାଉଣ୍ଡର ବ୍ୟକ୍ତିର ପରିଚୟ ସୃଷ୍ଟି କରିଥିଲେ।

ଶ୍ରୀଯୁକ୍ତ ଉମେଶ ଚନ୍ଦ୍ର ମିଶ୍ରଙ୍କର ଗଣିତ ଶିକ୍ଷାଦାନ ପ୍ରତିଭାର ଏକ ଅଲୌକିକ ଜ୍ୱଳନ୍ତ ଉଦାହରଣ ମୁଁ ଏଠାରେ ଉଲ୍ଲେଖ କରିବି। ସେହି ଅଙ୍ଗୋନିଭା ସତକଥାଟି ପାଠକମାନଙ୍କ ହୃଦୟକୁ ଛୁଇଁଯିବ। ସେତେବେଳେ, ମୋର ବଡ଼ଭାଇନା ବସନ୍ତ କୁମାର ମିଶ୍ର ଏକାଦଶ ଶ୍ରେଣୀରେ ତ୍ରୟମାସିକ ପରୀକ୍ଷା ଦେଇଥାନ୍ତି। ତାଙ୍କର ସଂସ୍କୃତ ଭଲ ହୁଏ, ତେଣୁ ସଂସ୍କୃତ ଅପ୍‌ସନାଲ୍ ନେଇ ପଢୁଥିଲେ। ମୋର

ବଡ଼ବାପା, ପଣ୍ଡିତ ପଦ୍ମନାଭ ମିଶ୍ର ଥିଲେ ହେଡ଼ମାଷ୍ଟରଙ୍କ ପରମ ବନ୍ଧୁ। ଦିନେ ବଡ଼ବାପାଙ୍କୁ ଉମେଶବାବୁ ସ୍କୁଲକୁ ଡକେଇ ପଚାରିଲେ "ପଦ୍ମନାଭ, ବସନ୍ତ କାହିଁକି ସଂସ୍କୃତ ଅପ୍‌ସନାଲ୍ ନେଇଛି ? ମେଟ୍ରିକ୍ ପାଶ୍ କଲାପରେ, ସେ କଣ ଜଜମାନୀ କାମ କରିବ ?" ସେତେବେଳେ, ଗାଁ ଗହଳରେ ଅଭିଭାବକମାନେ ପିଲାମାନଙ୍କର କ୍ୟାରିୟର ବିଷୟରେ କିଛି ଜାଣିନଥିଲେ। ସେ ବିଷୟରେ, ସେମାନଙ୍କର କୌଣସି ଧାରଣା ମଧ୍ୟ ନ ଥିଲା। ପୁଅ ପାଠ ପଢୁଛି, ମେଟ୍ରିକ୍ ପାଶ୍ କଲାପରେ କ'ଣ ପଢ଼ିବ, କ'ଣ ପଢ଼ିଲେ କେଉଁ ଚାକିରି କରିବ ଏସବୁ ବିଷୟରେ ସେମାନେ ସମ୍ପୂର୍ଣ୍ଣ ଅଜ୍ଞ ଥିଲେ। ତେଣୁ ଆମ ବଡ଼ବାପା କହିଲେ, ବସନ୍ତ ଗଣିତରେ ଦୁର୍ବଳ, ତେଣୁ ସେ ସଂସ୍କୃତ ଅପସ୍‌ନାଲ ନେଇଛି। ଉମେଶ ବାବୁ, ଆମ ବଡ଼ବାପାଙ୍କୁ ଖୁବ୍ ଶ୍ରଦ୍ଧା କରନ୍ତି। ଆମର ପାରିବାରିକ ସମ୍ପର୍କ ଥିଲା। ସେ କହିଲେ ପଦ୍ମନାଭ, ତୁମେ କାଲିଠାରୁ ବସନ୍ତକୁ ମୋ ପାଖକୁ ଦୁଇ ଓଳି ଟିଉସନ୍ ହେବାପାଇଁ ଛାଡ଼ିବ। କାଲିଠାରୁ ମୁଁ ବସନ୍ତକୁ ମ୍ୟାଥମେଟିକ୍ସ ଅପ୍ସନାଲ୍ ପଢ଼େଇବି।

ବଡ଼ବାପା ପଚାରିଲେ, ଏତେ କମ୍ ଦିନ ଭିତରେ ବସନ୍ତ କ'ଣ ଏହି କଷ୍ଟ ଗଣିତ ପାଠକୁ ଅକ୍ତିଆର କରିପାରିବ ? ଉମେଶବାବୁ କହିଲେ, ସେ କଥା ମୁଁ ବୁଝିବି।

ତା ପରଠାରୁ ବସନ୍ତନନା ନିୟମିତ ଭାବରେ ହେଡ଼ମାଷ୍ଟରଙ୍କ କ୍ୱାର୍ଟରକୁ ଦୁଇଓଳି ଟିଉସନ୍ ହେବା ପାଇଁ ଗଲେ। ସେଇବର୍ଷ ଟେଷ୍ଟ ପରୀକ୍ଷାରେ, ମ୍ୟାଥମେଟିକ୍ସ ଅପ୍‌ସନାଲରେ ୪୦ ନମ୍ବର ରଖି ପାଶ୍ କଲେ, ତା'ପରେ ବୋର୍ଡ଼ ପରୀକ୍ଷାରେ ବସନ୍ତନନା ୪୫ ନମ୍ବର ରଖି ମେଟ୍ରିକ୍ ପାଶ୍ କଲେ ଏବଂ ବରପଦା ଇଞ୍ଜିନିୟରିଂ ସ୍କୁଲରେ ସିଭିଲ୍‌ରେ ଡିପ୍ଲୋମା ପଢ଼ିଲେ।

କେତେ ଅସୀମ ଧୈର୍ଯ୍ୟ, ନିଷ୍ଠା, ପରିଶ୍ରମ କଲେ ଜଣେ ଶିକ୍ଷକ ଏପରି ଏକ ଅସମ୍ଭବ ସମସ୍ୟାକୁ ସମ୍ଭବରେ ପରିଣତ କରିପାରିବେ, ସେ କଥା ଭାବିଲେ, ସ୍ୱତଃ ସେହି ପ୍ରାତଃସ୍ମରଣୀୟ, ଦେବୋପମ ପ୍ରବୀଣ ଗଣିତ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ରଙ୍କ ପଦଯୁଗଳରେ ଶିର ନଇଁଯାଏ। ଧନ୍ୟ ତାଙ୍କର ପ୍ରତିଭା, ମାନବିକତା ଉତ୍ସର୍ଗୀକୃତ ଶିକ୍ଷାଦାନ ପ୍ରଣାଳୀ। ଆଜି ସେ ସ୍ୱର୍ଗରେ, ଭଗବାନ ତାଙ୍କର ଅମର ଆତ୍ମାକୁ ଶାନ୍ତି ପ୍ରଦାନ କରନ୍ତୁ।

ଆଜି ଭୁବନ ହାଇସ୍କୁଲର ହୀରକ ଜୟନ୍ତୀ ଅବସରରେ, ଏହି ପବିତ୍ର ବିଦ୍ୟା ମନ୍ଦିରର ସମସ୍ତ ପରମ ପୂଜନୀୟ ଶିକ୍ଷକ, ଛାତ୍ର, ପୁରାତନ ଛାତ୍ରଛାତ୍ରୀଙ୍କ ଶୁଭ କାମନା କରୁଛି। ❋

ବ୍ୟାଚ: ୧୯୬୬
ଫୋନ୍: ୯୪୩୭୨୩୦୬୩୧

Students' Prayer

Make of us the hero
warriors we aspire to become
May we fight successfully
the great battle of the future that is to be
born against the past that
seeks to endure, so that
the new things may
manifest and we be
ready to receive them.

ମଣିଷ ତିଆରି କାରଖାନା (କିଛି ଅପାଶୋର ସ୍ମୃତି ଓ ଅନୁଭୂତିକୁ ନେଇ)

ଗଣେଶ୍ୱର ଦାସ

ଗୁରୁ ବ୍ରହ୍ମା, ଗୁରୁ ବିଷ୍ଣୁ, ଗୁରୁଦେବ ମହେଶ୍ୱର,
ଗୁରୁ ସାକ୍ଷାତ୍ ପରମ ବ୍ରହ୍ମ ତସ୍ମୈଶ୍ରୀ ଗୁରବେ ନମଃ ।।

ବେଦମୁଖ ବ୍ରହ୍ମା ସଂସାରର ସୃଷ୍ଟିକର୍ତ୍ତା, ଗୋଲକ ବିହାରୀ ବିଷ୍ଣୁ ଏ ଜୀବଜଗତର ପାଳନକର୍ତ୍ତା, ସେହିପରି ଦେବ ଦେବ ମହାଦେବ ତ୍ରିଭୁବନର ସଂହାର କର୍ତ୍ତା ଅଟନ୍ତି। ଏମାନଙ୍କ ଠାରୁ ଗୁରୁ ଯଥେଷ୍ଟ ଉର୍ଦ୍ଧ୍ୱରେ ଅଟନ୍ତି। ଯାହାକି ତ୍ରିଦେବଙ୍କ ସହିତ ଗୁରୁ ଅତୁଳନୀୟ। କାରଣ ଏଠାରେ "ଗୁରୁ' ଶବ୍ଦର ଅର୍ଥ ଯେ ହେଉଛନ୍ତି ସବୁଠାରୁ ଓଜନ ଦାର, ଅନ୍ୟ କାହା ନିକଟରେ ଗୁରୁ ଶବ୍ଦର ବ୍ୟବହାର କରାଯାଏ ନାହିଁ। ତ୍ରିଦେବଙ୍କର ସମଷ୍ଟି ହିଁ ଗୁରୁଙ୍କର କାର୍ଯ୍ୟ ବହନ କରିଥାଏ। ପୃଥିବୀ ପୃଷ୍ଠରେ ଏପରି କୌଣସି ମାନବ ବା ଜୀବ ନାହାଁନ୍ତି ଯେ କି ବିନା ସ୍ୱାର୍ଥରେ କୌଣସି କାର୍ଯ୍ୟ ଅନ୍ୟର ଉପକାର ପାଇଁ ନିର୍ବାହ କରିଥାନ୍ତି। ଯାହା କି ନିଃସ୍ୱାର୍ଥପର ଭାବରେ ଗୁରୁ ତାଙ୍କର ଶିଷ୍ୟ ବା ବିଦ୍ୟାର୍ଥୀମାନଙ୍କ ପାଇଁ ଉତ୍ସର୍ଗ କରିଥାନ୍ତି।

ଏହିପରି ଭାବନାକୁ ନେଇ ମୋର ଯେଉଁ ଗୁରୁମାନେ ଅଛନ୍ତି ବିଦ୍ୟାଳୟକୁ ଏକ ମନ୍ଦିର, ବିଦ୍ୟାର୍ଥୀଙ୍କୁ ଭଗବାନ ଭାବି ନିଜକୁ ତହିଁରେ ପୂଜକର ସ୍ଥାନ ଦେଇ ଆଗକୁ ବଢ଼ିବା ନିମନ୍ତେ ବାରମ୍ବାର ପ୍ରେରଣା ଯୋଗାଇ ଚାଲିଥାନ୍ତି। ଆଜି ସେମାନଙ୍କ କଥା ମନରେ ଆସିଲେ ତାଙ୍କ ପାଦପଦ୍ମ ନିକଟରେ ମଥା ଆପେ ଆପେ ନତମସ୍ତକ ହୋଇଯାଏ। ଯେଉଁ ଗୁରୁମାନଙ୍କ ପ୍ରେରଣା ଓ କରୁଣାରୁ ଏ ସମାଜରେ ମୋର ସ୍ଥାନ ପାରିଛି ସେହି ଗୁରୁମାନଙ୍କୁ ମୋର ଆନ୍ତରିକ ଭକ୍ତିପୂତଭରା ପ୍ରଣାମ ଜଣାଇ ସେମାନଙ୍କ ବ୍ୟକ୍ତିତ୍ୱ ବାବଦରେ ବିଦ୍ୟର୍ଥୀଭାବେ ବିଦ୍ୟାଳୟର କିଛି ଅନୁଭୂତି ଜଣାଇବାକୁ ଯାଉଛି। ଯାହାକି ଆମ୍ଭମାନଙ୍କ ପାଇଁ ସର୍ବଦା ସ୍ମରଣୀୟ ହୋଇ ରହିବ। ଗୁରୁଙ୍କ କଥାରେ ପ୍ରଥମେ ମନକୁ ଆସେ ଉମେଶ ସାର୍‌ଙ୍କ କଥା।

ମୋପାଇଁ ତଥା ଆମ୍ଭ ଅଞ୍ଚଳପାଇଁ ସେ ଥିଲେ ଜଣେ ଆଦର୍ଶ ଶିକ୍ଷକ। ଏବେ ମଧ୍ୟ ମନେ ପଡିଯାଏ ସାର୍‌ଙ୍କର ସେହି ହସଭରା ମୁଖ। ହାଲକା ଚମ୍ପା ରଙ୍ଗର ପଞ୍ଜାବୀ ଓ ଧୋତି ପରିଧାନ କରିଥିବା ଚେହେରାଟି ଆଜି ମଧ୍ୟ ଆଖି ଆଗରେ ନାଚିଯାଏ। ସାର୍‌ଙ୍କର ମଧୁର ସ୍ୱଭାବ ସହ ଆକଟ କରି କଥା କହିବା ଶୈଳୀ ବି ସର୍ବଦା ସ୍ମରଣୀୟ। ସେତେବେଳର ଶିକ୍ଷା ପ୍ରଣାଳୀ ସହ ଶିକ୍ଷକ, ଅଭିଭାବକ ତଥା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଥିବା ଘନିଷ୍ଠ ସଂପର୍କ ଆମ୍ଭର ଏହି ସାର୍‌ଙ୍କୁ ଦେଖିଲେ ସହଜରେ ମନେପଡେ। କୌଣସି ଛାତ୍ର ସମ୍ବନ୍ଧରେ କିଛି ଅଭିଯୋଗ କିମ୍ବା ଭଲମନ୍ଦ ଖବର ପାଇଲେ, ବିଦ୍ୟାଳୟର ଅବସର ସମୟରେ ସିଧା ଘରକୁ ପହଞ୍ଚି ଯାଇଥାନ୍ତି ସାର୍। କେବେ କେବେ ମୋର ବାପା ଯଦି ସାର୍‌ଙ୍କୁ ମୋ ସମ୍ବନ୍ଧରେ କିଛି କହିଥାନ୍ତି ତେବେ ମୋତେ ପାଖକୁ ଡାକି ଆକଟ କରିବା ସହ ସାର୍‌ଙ୍କର ସେହିଭଳ ଉପଦେଶ ମଧ୍ୟ ଆଜି ହିଁ ମନେପଡିଯାଏ। ସାର୍‌ଙ୍କର ଜ୍ୟାମିତି ପଢ଼ାଇବାର ଶୈଳୀ ଥିଲା ସତରେ ନିଆରା। ଅନୁସରଣ କରି ଆଜି ମୁଁ ମଧ୍ୟ ହୋଇ ପାରିଛି ଜଣେ ଗଣିତ ତଥା ବିଜ୍ଞାନ ଶିକ୍ଷକ। ସାର୍‌ଙ୍କ କଥା ଆସିଲେ ମନେପଡିଯାଏ ସ୍କୁଲ ବେଳର ସେଇ NCC Class କଥା। ସାର୍ ଥିଲେ ଜାତୀୟ ସମର ଶିକ୍ଷାର୍ଥୀ ବାହିନୀ ତଥା NCC (National Cadet Corps) ର ଅଫିସର। ସାରଙ୍କର ତତ୍ତ୍ୱାବଧାନରେ ଆମ୍ଭେ J.R.C.ର ଏକ Study Tour ରେ କାଶ୍ମୀର ସମେତ ପଞ୍ଜାବର ସ୍ୱର୍ଣ୍ଣ ମନ୍ଦିର ଓ ରାଜଧାନୀ ଦିଲ୍ଲୀର ଅନେକ ସ୍ଥାନ ବୁଲିବାର ସୁଯୋଗ ପାଇଥିଲୁ।

ବିଦ୍ୟାର୍ଥୀ ଜୀବନ ଅନୁସରଣ କରିବା ମଧ୍ୟ ଆବଶ୍ୟକ। ଯାହାକି କେବଳ ଜଣେ ଗୁରୁଙ୍କ ସହଯୋଗରେ ହିଁ ହୋଇଥାଏ। ମୋ ଜୀବନର ସେହି ଗୁରୁ ହେଉଛନ୍ତି ∨ଶ୍ରୀଯୁକ୍ତ ଧନେଶ୍ୱର ସାହୁ, ଯେକି ମୋତେ ଶିଖାଇଥିଲେ ସମାଜର ତାଳରେ ତାଳ ଦେଇ ଚାଲିବା। ସାର୍ କେବଳ ମୋର ନୁହେଁ ମୋର ପିତା ରାମଚନ୍ଦ୍ର ଦାସଙ୍କର ଶିକ୍ଷକ ଥିଲେ। କେବଳ ମୋର ନୁହେଁ ମୋର ସହପାଠୀମାନଙ୍କ ପିତାମାନଙ୍କ ଶିକ୍ଷକ ଥିଲେ। ତେଣୁ ସେ ଆମ୍ଭମାନଙ୍କୁ ସମ୍ବୋଧନ କରୁଥିଲେ "ନାତିଛାତ୍ର"। ଆଜି ହିଁ ମନେପଡେ ସାର୍‌ଙ୍କ ଇତିହାସ ପଢ଼ା। ତାଙ୍କର ନିଆରା ନାଟ୍ୟଭଙ୍ଗୀରେ ଇତିହାସର ଚରିତ୍ର ଗୁଡିକର ବର୍ଣ୍ଣନା। ଇଚ୍ଛାହୁଏ ସମୟର ଗତିରେ ପଛକୁ ଫେରି ସେହି ସବୁ ଅନୁଭୂତି ଗୁଡିକୁ ଆଉଥରେ ଜୀଇଁବାକୁ।

ଛାତ୍ର ଜୀବନର କଥା ମନେପଡିଲେ ରାଧାସାର୍‌ଙ୍କୁ ବା କିପରି ଭୁଲିଯିବି ? ରାଧା ସାର୍ ତଥା ଏ ରାଧାଶ୍ୟାମ ସାହୁ। ଯେକି ଥିଲେ ମୋର ଆଦର୍ଶ। ସ୍ୱଭାବରେ ସାର୍ ଏକ ନଡିଆ ସଦୃଶ। ଯେପରି ନଡିଆଟି ଉପରୁ ଟାଣ କିନ୍ତୁ ଭିତରେ ସୁମଧୁର ରସ ସହ ସ୍ୱାଦିଷ୍ଟ ମିଠା ଫଳ। ଠିକ୍ ସେହିଭଳି ସାର୍ ଙ୍କର ଚେହେରା ଦର୍ଶାଇ ଥାଏ ତାଙ୍କର ଗାମ୍ଭୀର୍ଯ୍ୟତା କିନ୍ତୁ ହୃଦୟରେ ଥାଏ ଏକ କୋମଳ ଛାତ୍ର ବତ୍ସଳ ମନ। ସାର୍‌ଙ୍କର ଗଣିତ ପଢ଼ାଇବାର ଶୈଳୀ ଓ ଜଟିଳ ଗଣିତକୁ ସରଳ ଭାବରେ ବୁଝାଇବାର ପ୍ରଣାଳୀ ଅଦ୍ୱିତୀୟ। ଯାହା ଆଜି ମୋତେ ମୋର ଛାତ୍ରମାନଙ୍କୁ ପଢ଼ାଇବାରେ ସହଯୋଗ ହୋଇପାରିଛି। ସାର୍‌ଙ୍କର ବିଜ୍ଞାନରେ ଅଗାଧ ଜ୍ଞାନ ଅବିଭକ୍ତ ଢେଙ୍କାନାଳ ଜିଲ୍ଲାରେ ସର୍ବ ବିଦିତ। ସେତେବେଳର ସହରାଞ୍ଚଳର ଜଟିଳ ଯନ୍ତ୍ରକୁ କିପରି ଗ୍ରାମାଞ୍ଚଳରେ ଅଳ୍ପମୂଲ୍ୟରେ ଉପଲବ୍ଧ କରାଇ ପାରିବେ ତାହାଥିଲା ସାର୍‌ଙ୍କର ଲକ୍ଷ୍ୟ। ନିଜର ବିଚକ୍ଷଣ ବିଜ୍ଞାନ ଜ୍ଞାନ କୌଶଳକୁ ଉପଯୋଗ କରି ସେ ଅନେକ ଯନ୍ତ୍ରପାତି ସବୁକୁ ଗ୍ରାମରେ ଉପଲବ୍ଧ କରାଇ ଥିଲେ। ଏହାସହ ପିଲାମାନଙ୍କୁ ବିଭିନ୍ନ ବିଜ୍ଞାନ ମେଳା ମାଧ୍ୟମରେ ଏହିସବୁ ଶିକ୍ଷା ପ୍ରଦାନ କରି ରାଜ୍ୟ, ଜାତୀୟ, ତଥା ପୂର୍ବ ଭାରତୀୟସ୍ତରରେ ଅନେକବାର ପୁରସ୍କୃତ ହୋଇଅଛନ୍ତି। ୧୯୮୧ ମସିହାରେ କର୍ଣ୍ଣାଟକର ରାଜଧାନୀ ବାଙ୍ଗାଲୋରରେ ଅନୁଷ୍ଠିତ ଜାତୀୟସ୍ତର ବିଜ୍ଞାନମେଳାରେ ସାର୍‌ଙ୍କ ତତ୍ତ୍ୱାବଧାନରେ ମିନିପ୍ରେସ୍ ନିର୍ମାଣ କରି ଯୋଗଦେବାର ସୁଯୋଗ ଅଧୀନ ପାଇଥିଲା। ଏହି ଜାତୀୟସ୍ତର ବିଜ୍ଞାନ ମେଳାକୁ ତତ୍କାଳିନ ମହାମହୀମ ରାଷ୍ଟ୍ରପତି ନୀଲମ ସଞ୍ଜିବ ରେଡୀ ଉଦ୍‌ଘାଟନ କରିଥିଲେ ଓ ତାଙ୍କଦ୍ୱାରା ଏହି ପ୍ରକଳ୍ପଟି ପୁରସ୍କୃତ ହୋଇଥିଲା। ଯାହାର ଅନୁଭୁତି ଓ ସ୍ମୃତି ଆଜି ଉଜ୍ଜୀବିତ। ସାର୍‌ଙ୍କ ଆଦର୍ଶ ଓ ପ୍ରେରଣାରେ ଅନୁପ୍ରାଣିତ ହୋଇ ଆଜି ମୁଁ ଜଣେ ବିଜ୍ଞାନ ଶିକ୍ଷକ ତଥା ପ୍ରଧାନଶିକ୍ଷକ ହୋଇପାରିଛି। ତାଙ୍କର ସେହି ମୁଚୁକୁନ୍ଦ ହସ ହସ ବଦନ ଓ ଗାମ୍ଭୀର୍ଯ୍ୟଭରା ସ୍ୱରରେ ସମ୍ବୋଧିତ କରିବା 'ଗଣିବାବୁ' ଡାକଟି ମୋରକର୍ଣ୍ଣ ଗହ୍ୱରରେ ଗୁଞ୍ଜରିତ ହେଉଅଛି।

ଚିରସବୁଜ ଚିରଚଞ୍ଚଳ ଶ୍ରୀ ଚୈତନ୍ୟ ମିଶ୍ର ସାର୍‌ଙ୍କ ଭାଷା ଜ୍ଞାନର ଉପମା ନାହିଁ। ସେ ବିଷୟ ଭିତରେ ଏପରି ପ୍ରବେଶ କରନ୍ତି ଯାହାକି ଅନ୍ତରକୁ ସ୍ପର୍ଶ କରିଥାଏ। ଯାହାକି ବୁଢ଼ା ଶଙ୍ଖାରୀ ଓ ଆକାଶଦୀପ ପଢ଼ାଇବା ସମୟର ଅନୁଭୂତି। ସେହିପରି ବିଦ୍ୟାଳୟର ବାର୍ଷିକ ଡ୍ରାମାରେ ସାର୍ ଏବଂ ହରିସାର୍‌ଙ୍କ ଚାପରେ ଆମକୁ ଅନୁମତି ନ ଦେଇଥିବା ଉମେଶ ସାର୍ ମଧ୍ୟ ଅନୁମତି ପ୍ରଦାନ କରି ବାର୍ଷିକ ଡ୍ରାମା ବବୃବାହନ କରିବା ନିମନ୍ତେ ସ୍ଥିର ହୋଇଥିଲା। ସେଥିରେ ମୁଁ ଏକ ଛୋଟ ଚରିତ୍ରରେ ଅଭିନୟ କରିଥିଲି।

ଶିକ୍ଷକଙ୍କ ଠାରୁ ଶ୍ରଦ୍ଧା ଓ ସଦ୍ଦିଚ୍ଛା ପାଇବା ପ୍ରତ୍ୟେକ ଛାତ୍ର ଓ ଶିକ୍ଷକଙ୍କ ନିବିଡତାକୁ ଦର୍ଶାଇଥାଏ। ଆମ୍ଭର ବିଜ୍ଞାନ ଶିକ୍ଷକ ପଞ୍ଚାନନ ନନ୍ଦ ସାର୍ ଆମକୁ ବିଜ୍ଞାନାଗାରରେ ଜୀବ ବିଜ୍ଞାନ ସଂପର୍କୀୟ ବେଙ୍ଗର ପ୍ରତିଟି ଅଙ୍ଗ କାଟି ଦେଖାଇବା ଦ୍ୱାରା ମୋ ମନରେ ଜଣେ ବିଜ୍ଞାନ ଶିକ୍ଷକ ହେବାର ସ୍ୱପ୍ନ ଉଦ୍ରେକ ହୋଇଥିଲା। ତାଙ୍କର ପଢ଼ା ଓ ବିଜ୍ଞାନାଗାରର ଅନୁଭୂତି ଏବେବି ହୃଦକନ୍ଦରରୁ ପାଶୋର ଯାଇନାହିଁ।

ଶ୍ରୀଯୁକ୍ତ ନାରାୟଣ ମିଶ୍ର ବା ନାରଣ ସାର୍‌ଙ୍କ ଭୂଗୋଳ ପଢ଼ାଇବାର ଶୈଳୀ ଅନ୍ୟତମ। ସେ ଭୂଗୋଳକୁ ନିଜର ଅନ୍ତରସ୍ଥ କରିଥିଲେ। ପିଲାଙ୍କ ପ୍ରତିଟି ପ୍ରଶ୍ନର ଉତ୍ତର ଦେବା ସହିତ ମାନଚିତ୍ରରେ ବିଭିନ୍ନ ସ୍ଥାନକୁ ନ ଦେଖି ନିର୍ଦ୍ଦିଷ୍ଟ ଭାବରେ ତାହା ସୂଚାଇ ପାରୁଥିଲେ। ଏପରି କୌଣସି ପ୍ରଶ୍ନ ନ ଥିଲା ଯାହାକି ସେ ପିଲାଙ୍କ ସନ୍ଦେହ ମୋଚନ କରି ନ ପାରିବେ। ଆଜିର ଭୌଗୋଳିକ କଥାବସ୍ତୁ କିମ୍ବା ରାଜନୈତିକ କଥାବସ୍ତୁ ଆଲୋଚନା ସମୟରେ ସାର୍ ଖୁବ୍ ମନେପଡନ୍ତି।

ଧନେଶ୍ୱର ମିଶ୍ର ସାର୍ ମୋର ଇଂରାଜୀ ଶିକ୍ଷକ ଥିଲେ। ସେ ଖରା, ବର୍ଷା, ଶୀତ, କାକରକୁ ଖାତର ନକରି ତାଙ୍କୁ ଦିଆଯାଇଥିବା ପିରିୟଡଟିକୁ ସେ ନର୍ଦ୍ଦିଷ୍ଟ ସମୟରେ ଉପସ୍ଥିତ ରହି ପାଠପଢ଼ାଇବାରେ ସେ ବିଦ୍ୟାଳୟରେ ଅଦ୍ୱିତୀୟ ଥିଲେ। ତାଙ୍କର ଏହି ପ୍ରେରଣା ମୋତେ ସମୟନୁବର୍ତ୍ତିତା ହେବା ପାଇଁ ମାର୍ଗଦର୍ଶନ କରାଇଛି।

ଶ୍ରୀଯୁକ୍ତ ରଘୁନାଥ ମିଶ୍ର ସାର୍ ବିଦ୍ୟାଳୟ କାର୍ଯ୍ୟକ୍ରମର ପ୍ରାରମ୍ଭରେ ହେଉଥିବା ପ୍ରାର୍ଥନାରେ ବିଭିନ୍ନ ପତ୍ର ପତ୍ରିକାରୁ ସଂଗ୍ରହ କରି ସେ ନିଜ ମୁହଁରେ "ଆଜିର ଅନୁଚିନ୍ତା" ନାମରେ କାର୍ଯ୍ୟକ୍ରମ ଚଲାଇବା ସହିତ ଅଫିସ୍ କାନ୍ଥ ନୋଟିସ୍ ବୋର୍ଡରେ ମଧ୍ୟ ତାହା ଉଲ୍ଲେଖ କରୁଥିଲେ। ପାଠପଢ଼ା ବହି ବ୍ୟତିରେକ ଅନ୍ୟାନ୍ୟ ଜ୍ଞାନର ଅଧିକାରୀ ହେବା ନିମନ୍ତେ ବିଭିନ୍ନ ଉପାଦେୟ ପୁସ୍ତକମାନ ସେ ଆମ୍ଭମାନଙ୍କୁ ଯୋଗାଇ ଦେଇ ଆମ୍ଭର ବୌଦ୍ଧିକତା ବୃଦ୍ଧିରେ ସହାୟ ହେଉଥିଲେ।

ଶ୍ରୀଯୁକ୍ତ ହରିହର ଦାଶ ସାର୍ ଯେ କି ଆମ୍ଭ ବିଦ୍ୟାଳୟରେ ପଣ୍ଡିତ ନାମରେ ନାମିତ ହେଉଥିଲେ, ତାଙ୍କର ସଂସ୍କୃତ ଜ୍ଞାନ ନ କହିବା ଭଲ। କାରଣ ସେ ସଂସ୍କୃତ ବ୍ୟାକରଣ ଓ ସଂସ୍କୃତ ପଦ୍ୟ

ଓ ଗଦ୍ୟ ବହିକୁ ନ ଦେଖି ପଢ଼ାଇବାର ଚାତୁରୀ ତାଙ୍କର ବାଗ୍ମିତାର ପ୍ରମାଣ ଦେଇଥାଏ। ଏତତ୍ ବ୍ୟତୀତ ପିଲାଙ୍କ ମନରେ ଉପୁଜିଥିବା ସଂସ୍କୃତ ବିଷୟକୁ ନେଇ ଭୟ ଖୁବ୍ ସହଜ ଓ ସରଳ ଭାବେ ବୁଝାଇ ଦୂର କରିପାରୁଥିଲେ। ମୁଁ ତୃତୀୟ ଭାଷା ସଂସ୍କୃତକୁ ଭୟକରି ଇଂରାଜୀ ନେଇଥିଲି। ସାର୍‌ଙ୍କ ପରାମର୍ଶ କ୍ରମେ ଫର୍ମଫିଲପ୍ ସମୟରେ ଏହାକୁ ପରିବର୍ତ୍ତନ କରି ସଂସ୍କୃତକୁ ତୃତୀୟଭାଷା ଭାବେ ଚୟନ କରି ପରୀକ୍ଷା ଦେଇଥିଲି। ଦୁଇମାସ ମଧ୍ୟରେ ସାରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପଢ଼ି ନିଜର ଉଜ୍ଜଳ ଭବିଷ୍ୟତ ଗଢ଼ି ପାରିଥିଲି।

ପ୍ରତ୍ୟେକ ଛାତ୍ର ବିଦ୍ୟାଧ୍ୟୟନ କରିବା ସହିତ ଶାରୀରିକ ଶିକ୍ଷାର ନିହାତି ଆବଶ୍ୟକତା ରହିଅଛି। ଏହାକୁ ଉପଲବ୍ଧି କରି ଆମ୍ଭ ବିଦ୍ୟାଳୟରେ ଖେଳଶିକ୍ଷକ ଭାବେ ଶ୍ରୀଯୁକ୍ତ ଗୋଲେକ ବିହାରୀ ଜେନା ଥିଲେ ଜଣେ ସର୍ବଗୁଣ ସଂପନ୍ନ ଶିକ୍ଷକ। ତାଙ୍କ ଦ୍ୱାରା ଖେଳ ସହିତ ସ୍କାଉଟ୍ ଓ ଗାଇଡ୍ ପରିଚାଳନା କରାଯାଏ। ସେ ଆମ୍ଭମାନଙ୍କୁ ଚାରିଗୋଟି ଟ୍ରୁପ୍‌ରେ ବିଭକ୍ତ କରି ବୁଦ୍ଧେଶ୍ୱର ପୀଠରେ ସ୍କାଉଟ୍ କ୍ୟାମ୍ପ ତିନିଦିନ ପାଇଁ ପକାଇ ବିଭିନ୍ନ କଳା କୌଶଳ ମାନ ଶିକ୍ଷା ଦେଇଥିଲେ। ତତ୍ ସହିତ ବିଭିନ୍ନ ଗଣ୍ଠି ଓ ଆପତକାଳିନ ବିପଦରୁ ରକ୍ଷା କରିବା ଓ ପାଇବା ପାଇଁ କୌଶଳମାନ ଶିଖାଇଥିଲେ। ଏହି ଶିକ୍ଷାକୁ ଉପଯୋଗ କରି ଜିଲ୍ଲାସ୍ତରୀୟ ସ୍କାଉଟ୍ କ୍ୟାମ୍ପରେ ବିଭିନ୍ନ ବିଭାଗରେ ଆମେ ପୁରସ୍କୃତ ହୋଇଥିଲୁ। ଯାହାକି ତାଙ୍କ ପରେ ବିଦ୍ୟାଳୟରୁ ସ୍କାଉଟ୍ ଓ ଗାଇଡ୍ ସ୍ୱପ୍ନ ହୋଇଗଲା।

ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମିଶ୍ର ତଥା ରମା ସାର୍ ଥିଲେ ଆମର ସମର ଶିକ୍ଷାର୍ଥୀ ବାହିନୀ ବା ଏନ୍.ସି.ସି. ଅଫିସର। ତାଙ୍କର ଅନୁଶାସନ ପୂର୍ବକ ଶୃଙ୍ଖଳା ଜ୍ଞାନ ଆଜି ବି କର୍ମ କ୍ଷେତ୍ରରେ ଉପଯୋଗ ହୋଇପାରୁଛି। ତାଙ୍କର ତତ୍ତ୍ୱାବଧାନରେ ଦୁଇ ଦୁଇଥର ଏନ୍.ସି.ସି.ର ବାର୍ଷିକ ଟ୍ରେନିଂ ପ୍ରୋଗାମରେ ଯୋଗଦେବାର ସୌଭାଗ୍ୟ ଅର୍ଜନ କରିଛି ଏବଂ ଏନ୍.ସି.ସି.ର ଦୁଇଟି ପରୀକ୍ଷା ଦେଇ ପ୍ରମାଣ ପତ୍ର ପାଇଅଛି। ସାର୍ ମଧ୍ୟ ରେଡକ୍ରସର ଦାୟିତ୍ୱ ପରିଚାଳନା କରୁଥିଲେ। ତାଙ୍କ ତତ୍ତ୍ୱାବଧାନରେ ଆମେ ୫ ଜଣ ପିଲା ଶିକ୍ଷଣ ଭ୍ରମଣରେ ଉତ୍ତର ଭାରତର ଦିଲ୍ଲୀ, କାଶ୍ମିର, ପଞ୍ଜାବ ର ଅମୃତସର ସ୍ୱର୍ଣ୍ଣମନ୍ଦିର ଭ୍ରମଣର ସୁଯୋଗ ପାଇ ପାରିଥିଲୁ। ଯାହାକି ଏବେ ବି ଏହା ସ୍ମରଣୀୟ ହୋଇ ରହିଅଛି।

ଶ୍ରୀଯୁକ୍ତ ହୃଷିକେଶ ପୃଷ୍ଟି ସାର୍‌ଙ୍କ ବିଭିନ୍ନ ସାଇବାବାଙ୍କ ସମ୍ବନ୍ଧିତ ନୀତିବାଣୀକୁ ଗଳ୍ପ ମାଧ୍ୟମରେ ପରିପ୍ରକାଶ କରି ଆମ୍ଭମାନଙ୍କ ମଧ୍ୟରେ ଆଧ୍ୟାତ୍ମିକ ଚେତନା ସୃଷ୍ଟି କରାଇବା ସହିତ ଜଣେ ଉତ୍ତମ ଛାତ୍ର ହେବାର ସ୍ୱପ୍ନ ଆମ ଭିତରେ ଜାଗ୍ରତ କରାଇଥିଲେ। ଯାହା ବର୍ତ୍ତମାନ ଆମ ଜୀବନରେ ତଥା ପାରିବାରିକ ଜୀବନରେ ପରିସ୍ଫୁଟନ ହେଉଅଛି।

ଶ୍ରୀଯୁକ୍ତ ବୃନ୍ଦାବନ ସାହୁ ସାର୍ ଥିଲେ ଆମର କ୍ରାପ୍ଟ ଟିଚର ବା ଧନ୍ଦାମୂଳକ ଶିକ୍ଷକ। ତାଙ୍କର ସାଙ୍ଗଠନିକ ମନୋଭାବ ଚିନ୍ତାଧାରା ଓ ଛାତ୍ର ବତ୍ସଳତା ଆମ ମାନଙ୍କ ମନରେ ତାଙ୍କ ପ୍ରତି ଭକ୍ତିର ଛାପ ଛାଡିଯାଇଛନ୍ତି। ସେ ଇହଧାମରେ ନଥିଲେ ମଧ୍ୟ ତାଙ୍କର ପ୍ରେରଣାରେ ଆମେ ଅନୁପ୍ରାଣିତ ହୋଇ ନିଜର ଧନ୍ଦାମୂଳକ କାର୍ଯ୍ୟ କରିବାକୁ ଆଗଭର ହେବା ସହିତ ନିଶ୍ଚିତ ଲକ୍ଷ୍ୟସ୍ଥଳରେ ପହଞ୍ଚିବାର ପ୍ରେରଣାଦାୟୀ ସେ ଅଟନ୍ତି। ଏହାକୁ ଆମ୍ଭେମାନେ କେବେବି ଭୁଲିପାରିବୁ ନାହିଁ।

ବେଙ୍ଗ କହେ ବେଙ୍ଗୁଲି ଲୋ ପୃଥୀ କ୍ଷଣ କ୍ଷଣକେ ଆନ। କାରଣ ନିୟତିର ନିୟମ କେହିବି ଅବମାନନା କରିପାରିବେ ନାହିଁ। ସେହିପରି ସରକାରଙ୍କ ନିୟମ ଶିକ୍ଷାବିଭାଗ ମାନିବାକୁ ବାଧ। ଏହି ବାଧ ବାଧକତା ଭିତରେ ପେଶିହୋଇ ଆମର ଏକ ବର୍ଷ ହରାଇବାକୁ ପଡିଲା। କାରଣ ସେତେବେଳେ ସରକାରଙ୍କ ନୂଆନୀତି ୮୦ ପ୍ରଣୟନ କରାଗଲା। ସେହିବର୍ଷ ଆମ୍ଭେ ୮ଶ୍ରେଣୀରୁ ୯ମକୁ ଉତୀର୍ଣ୍ଣ ହୋଇଥିଲୁ। ଏହି ନୀତି ଯୋଗୁଁ ପୂନର୍ବାର ୮ମ ପାଠ୍ୟକ୍ରମରେ ପାଠ ପଢ଼ିଲୁ।

ଯେଉଁ ମାନବ ତିଆରି କାରଖାନାରୁ ଆମେ ସମାଜ ସ୍ରୋତରେ ସାମିଲ ହେଲୁ ସେ କାରଖାନା ଆଜି ବି ୭୫ବର୍ଷ ପୁରଣ କରି ଯୁବସୁଲଭ ଗୁଣରେ ଦାଉଦାଉ ହେଉଛି। କାହିଁକି ନା ତାର ପ୍ରତିଟି ଅଙ୍ଗ ପ୍ରତ୍ୟଙ୍ଗରେ ଭରିରହିଛି ବର୍ତ୍ତମାନର ଯୁବସୁଲଭତା ଓ ଯାଦୁକରି ସ୍ପର୍ଶ। ବର୍ତ୍ତମାନ ଏହି ବିଦ୍ୟାଳୟ ତାହାର "ପ୍ଲାଟିନମ୍ ଜୁବିଲି" ପାଳନ କରିବା ଇତ୍ୟବସରେ ମୋର ପରମପୂଜ୍ୟ ବିଦ୍ୟାମନ୍ଦିର ପୂଜକମାନଙ୍କୁ ଭକ୍ତିପୂତ ଭୂମିଷ୍ଠ ପ୍ରଣାମ ସହ ଅନ୍ତରର ଅନ୍ତରତମ ପ୍ରଦେଶରୁ କୋଟି କୋଟି ନମସ୍କାର ସହ ଏହି ବିଦ୍ୟାଳୟର ଉତ୍ତୋରତ୍ତର ଉନ୍ନତି ସହିତ ଚଳିତ କାର୍ଯ୍ୟକ୍ରମର ସଫଳତା କାମନା କରୁଅଛି। ❋

ବ୍ୟାଚ: ୧୯୮୨
ଫୋନ୍ : ୯୬୬୮୦୩୭୦୮୫

କିଛି ଶ୍ରୁତି କିଛି ଅନୁଭୂତି

ଗଣେଶ୍ୱର ସାହୁ

ଭାରତର ସ୍ୱାଧୀନତା ସମୟକୁ ଗଡଜାତ ଆନ୍ଦୋଳନରେ ଅତିଷ୍ଠ ହୋଇ ଗଡ଼ଜାତ ରାଜା ମାନେ ନିଜର ଗଡକୁ ସମ୍ଭାଳିବାପାଇଁ ପ୍ରଜାମାନଙ୍କ ଉପରେ ନିର୍ମମ ଅତ୍ୟାଚାର କରିଚାଲିଥିଲେ। ଢେଙ୍କାନାଳର ରାଜା ଶଙ୍କର ପ୍ରତାପ ଖାଇବାକୁ ନଦେଇ ବିନା ପାଉଣାରେ ଭୁବନରୁ ପ୍ରଜାମାନଙ୍କ ଦ୍ୱାରା ପଥର ନେଇ ଯତନ ନଗର ତିଆରି କରାଇଥିଲେ। ଦେଶର ସର୍ବବୃହତ ଗ୍ରାମ ଭୁବନ ଯାହାକୁ ମର୍ତ୍ତ୍ୟ ଭୁବନ କୁହାଯାଉଥିବା ଶହୀଦ ବାଜି ରାଉତର ମାଟି ଭୁବନ ଗ୍ରାମର କତିପୟ ବୁଦ୍ଧିଜୀବୀ ଗ୍ରାମର ଭବିଷ୍ୟତକୁ ଉଜ୍ଜ୍ୱଳ କରିବାପାଇଁ ଯୁବକମାନଙ୍କୁ ସଚେତନ କରିବା ପାଇଁ ଭୁବନ ଉଚ୍ଚ ବିଦ୍ୟାଳୟର ସ୍ଥାପନା ପାଇଁ ସ୍ୱପ୍ନ ଦେଖିଥିଲେ। ଏହି ସ୍ୱପ୍ନକୁ ସାକାର କରିବା ପାଇଁ ବୁଦ୍ଧିଜୀବୀ ସ୍ୱର୍ଗତ ଭାଗବତ ମିଶ୍ର ଓ ବଦାନ୍ୟ ବ୍ୟକ୍ତି ଶ୍ରୀଧର ରାଉତ ଅନ୍ୟ କେତେକ ଗ୍ରାମବାସୀଙ୍କ ସହଯୋଗରେ ୧୯୪୮ ମସିହା ଜୁଲାଇ ମାସରେ ଅଷ୍ଟମରେ ମାତ୍ର ୨୨ ଓ ନବମରେ ମାତ୍ର ୧୪ ଜଣ ପିଲାଙ୍କୁ ନେଇ ଜଙ୍ଗଲ ଜମି ଉପରେ ନୁଆଁଣିଆ ଚାଳଘରେ ପ୍ରତିଷ୍ଠା କଲେ ଭୁବନ ଉଚ୍ଚ ବିଦ୍ୟାଳୟ।ସେତେବେଳକୁ ଭୁବନ ଲୋକ ସଂଖ୍ୟା ପ୍ରାୟ ନଅ ହଜାର ଯାହାର ଶତକଡା ୯୦ ଭାଗ ଲୋକ ନିରକ୍ଷର ଏବଂ ଶତକଡା ୭୦ ଭାଗ ଲୋକ ଦାରିଦ୍ର୍ୟତାର ସୀମାରେଖା ତଳେ ରହିଥାନ୍ତି। ପ୍ରାରମ୍ଭରେ ୧୯୪୮ ମସିହାରୁ ଅଗଷ୍ଟ ୧୯୪୯ ମସିହା ପର୍ଯ୍ୟନ୍ତ ଶ୍ରୀ ଜି. ସାହୁ (ଆଇ.ଏ.ସି.ଟି.), ଶ୍ରୀ ଏସ୍. ସାମନ୍ତରାଇ (ବି.ଏ.) , ଶ୍ରୀ ଏନ. ରଥ(ବି. କମ୍.),ଶ୍ରୀ ଏମ. ଘୋଷ (ବି.ଏ.),ଶ୍ରୀ ଏ. ଦତ୍ତ (ଏମ.ଏ.) ଓ ଶ୍ରୀ ଏସ. ଏନ୍. ମିଶ୍ର (ବି. ଏ.) ପ୍ରଭୃତି ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟରେ ଶିକ୍ଷାଦାନ କାର୍ଯ୍ୟକ୍ରମ ଚାଲୁ ରହିଲା। ୧୯୪୯ ମସିହା ଅଗଷ୍ଟ ୨୨ ତାରିଖରୁ ୧୯୫୦ ଜୁଲାଇ ୯ ତାରିଖ ପର୍ଯ୍ୟନ୍ତ ଶ୍ରୀ ବସନ୍ତ କୁମାର ମହାପାତ୍ର ଭୁବନ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ। ଯେତେବେଳେ ଭୁବନ ଉଚ୍ଚ ବିଦ୍ୟାଳୟ ବିଭିନ୍ନ ଆର୍ଥିକ ଅନାଟନର ସମ୍ମୁଖୀନ ହେଉଥିଲା ସେ ସମୟରେ ଏକତାଳି ଗ୍ରାମର ସ୍ୱର୍ଗତ ଶ୍ରୀଧର ରାଉତ ଏହାର ପୃଷ୍ଠପୋଷକତା କରୁଥିଲେ। ସେସମୟର ଛାତ୍ରମାନଙ୍କ ମଧ୍ୟରେ ଶ୍ରୀ ଭାଗିରଥି ମଣ୍ଡଳ, ଅବକାରୀ ବିଭାଗର ଅବସର ପ୍ରାପ୍ତ ଅଫିସର। ଶ୍ରୀ ପର୍ଶୁରାମ ଧଳ (ନିହଲ ପ୍ରସାଦ) କୃଷିବିଭାଗର ଅତ୍ୟୁଚ ଅଫିସର। ଶ୍ରୀ ନୃସିଂହ କୁମାର ରଥ (ରାୟପୁର) ବିଶିଷ୍ଟ କବି ଓ ଇଂରାଜୀ ପ୍ରଫେସର ଇତ୍ୟାଦିଙ୍କ ନାମ ଉଲ୍ଲେଖ ଯୋଗ୍ୟ।

୧୯୫୦ ମସିହା ଜୁଲାଇ ମାସରେ ଶ୍ରୀ ବସନ୍ତ କୁମାର ମହାପାତ୍ର କାମାକ୍ଷାନଗର ଯିବା ପରେ ୧୯୫୧ ରୁ ୧୩ ଜୁଲାଇ ୧୯୫୪ ମଧ୍ୟ ରେ ଶ୍ରୀ ଡି. ସାହୁ (ବି. ଏ.) ଓ ଶ୍ରୀ ବି. ଜେନା (ବି. ଏ.) ପ୍ରଧାନ ଶିକ୍ଷକଙ୍କ ତତ୍ତ୍ୱାବଧାନରେ ଭୁବନ ଉଚ୍ଚ ବିଦ୍ୟାଳୟରେ ଶିକ୍ଷା ଦାନ ଚାଲି ଥିଲା। ୧୩ ଜୁଲାଇ ୧୯୫୪ ରୁ ୩୦ ସେପ୍ଟେମ୍ବର ୧୯୭୫ ମସିହା ପର୍ଯ୍ୟନ୍ତ ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର (ବି.ଏସସି,ଡି.ଇଡି) ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଭୁବନ ଉଚ୍ଚ ବିଦ୍ୟାଳୟ ଉନ୍ନତିର ଶିଖରରେ ପହଁଚିଲା। ଶ୍ରୀ ମିଶ୍ର ଜଣେ ଦକ୍ଷ ପ୍ରଶାସକ ସହ ଛାତ୍ରାନୁରାଗୀ ଦକ୍ଷ ସଂଗଠକ ଓ ଗଣିତର ଏକ ପ୍ରକାଣ୍ଡ ବିଦ୍ୱାନ ଥିଲେ। ସେ କେବଳ ଭୁବନ ନୁହଁ ଆଖ ପାଖ ଅଞ୍ଚଳରେ ଏପରି ପରିବେଶ ସୃଷ୍ଟି କଲେ ଯେଉଁଥିରେ ଭୁବନ ଉଚ୍ଚ ବିଦ୍ୟାଳୟ ଶିକ୍ଷାର ଏକ ପ୍ରାଣକେନ୍ଦ୍ର ରୂପେ ଉଭା ହେଲା।ଏହି ସମୟ ମଧ୍ୟରେ ଭୁବନ ଉଚ୍ଚ ବିଦ୍ୟାଳୟ କ୍ଲାସ ୨ ବିଦ୍ୟାଳୟର ମାନ୍ୟତା ପାଇଲା ଏହାର ଅନେକ କୃତୀ ଛାତ୍ର ପ୍ରଶାସନ, ଇଞ୍ଜିନିୟରିଙ୍ଗ୍, ଡାକ୍ତରୀ, ଶିକ୍ଷା, ସାହିତ୍ୟ କ୍ଷେତ୍ରରେ କେବଳ ଓଡ଼ିଶା ନୁହେଁ ସଂପୂର୍ଣ୍ଣ ଭାରତରେ ନାମ ଅର୍ଜନ କଲେ। ଫଳରେ ସେ ସମସ୍ତଙ୍କ ଘରେ ଘରେ ପରିଚିତି ଲାଭ କରିଥିଲେ।

୧ ଅକ୍ଟୋବର ୧୯୭୫ ରୁ ୯ ସେପ୍ଟେମ୍ବର ୧୯୭୭ ପର୍ଯ୍ୟନ୍ତ ଶ୍ରୀ ଏ. ପି. ବେହେରା (ବି.ଏ,ଡି. ଇଡି.) ଭୁବନ ଉଚ୍ଚ ବିଦ୍ୟାଳୟକୁ ପ୍ରଧାନ ଶିକ୍ଷକ ରୂପେ ଆସିଥିଲେ ଓ ପରେ ପୁନର୍ବାର ଶ୍ରୀ ଉମେଶ ଚନ୍ଦ୍ର ମିଶ୍ର ୧ ଅକ୍ଟୋବର ୧୯୭୭ ରୁ ୩୧ ମାର୍ଚ୍ଚ ୧୯୮୦ ପର୍ଯ୍ୟନ୍ତ ପ୍ରଧାନ ଶିକ୍ଷକତା କରିଥିଲେ ଯେଉଁ ସମୟରେ କି ଓଡ଼ିଶାର ଶିକ୍ଷା କ୍ଷେତ୍ରରେ ତାଙ୍କର ବହୁମୂଲ୍ୟ ଅବଦାନ ପାଇଁ ତାଙ୍କୁ ରାଜ୍ୟ ପୁରସ୍କାରରେ ସମ୍ମାନିତ କରାଯାଇଥିଲା। ସେ

ସମୟରେ ଥିବା ଶିକ୍ଷକ ମାନେ ଏପରି ସଂଗଠିତ ହୋଇ ବିଭିନ୍ନ ବିଷୟରେ ଶିକ୍ଷାଦାନ କରୁଥିଲେ ଯାହା ଅବିସ୍ମରଣୀୟ। ବିଜ୍ଞାନ ଓ ଗଣିତ ଶିକ୍ଷକ ଶ୍ରୀ ରଧାଶ୍ୟାମ ସାହୁ, ଇଂରାଜୀ ଶିକ୍ଷକ ଶ୍ରୀ ହରିହର ମିଶ୍ର ଓ ଶ୍ରୀ ଧନେଶ୍ୱର ସାହୁ, ସାହିତ୍ୟ ଶିକ୍ଷକ ଶ୍ରୀ ଚୈତନ୍ୟ ମିଶ୍ର, ସଂସ୍କୃତ ଶିକ୍ଷକ ଶ୍ରୀ ହରିହର ଦାସ, ଭୂଗୋଳ ଶିକ୍ଷକ ଶ୍ରୀ ନାରାୟଣ ମିଶ୍ର ଓ ପାଠାଗାରର ଦାୟିତ୍ୱରେ ଥିବା ଶିକ୍ଷକ ଶ୍ରୀ ରଘୁନାଥ ମିଶ୍ର ପ୍ରଭୃତିଙ୍କର ଶିକ୍ଷାଦାନ ଶୈଳୀ ସମସ୍ତ ଛାତ୍ରମାନଙ୍କୁ ଉଦବୁଦ୍ଧ କରାଉଥିଲା ଯାହାର ଫଳ ସ୍ୱରୂପ ୨୮ ଜୁଲାଇ ୧୯୮୦ ରୁ ୩୧ ଅକ୍ଟୋବର ୧୯୮୪ ମଧ୍ୟରେ ଥିବା ରାଜ୍ୟ ପୁରସ୍କାର ପ୍ରାପ୍ତ ଓ.ଇ.ଏସ ୨ ପ୍ରଧାନ ଶିକ୍ଷକ ଶ୍ରୀ ଲକ୍ଷ୍ମୀଧର ମହାପାତ୍ରଙ୍କ ପ୍ରଧାନଶିକ୍ଷକ ତାଙ୍କ ସମୟରେ ଭୁବନ ଉଚ୍ଚ ବିଦ୍ୟାଳୟର ଶୁଭ୍ରାଂଶୁ ଶେଖର ମିଶ୍ର ମେଟ୍ରିକ ପରୀକ୍ଷାରେ ଓଡ଼ିଶାରେ ତୃତୀୟ ସ୍ଥାନ ଅଧିକାର କରି ଭୁବନ ଉଚ୍ଚ ବିଦ୍ୟାଳୟକୁ ଗୌରବାନ୍ୱିତ କରିଥିଲେ। ଏହାପରେ ୩୧ ଡିସେମ୍ବର ୧୯୮୪ ଠାରୁ ୩୧ ଜାନୁଆରୀ ୧୯୮୭ ପର୍ଯ୍ୟନ୍ତ ରାଜ୍ୟ ପୁରସ୍କାର ପ୍ରାପ୍ତ ଶ୍ରୀ ସନାତନ ନାଥ ବିଏ. ଡି.ଇଡି ଓ. ଇ.ଏସ .୨.ଙ୍କର ଦକ୍ଷ ପ୍ରଧାନ ଶିକ୍ଷକତ୍ୱରେ ବାଉଣ୍ଡରୀ ଚତୁର୍ପାର୍ଶ୍ୱରେ ବୃକ୍ଷରୋପଣ କରାଯାଇଥିଲା। ସେହି ସମୟରେ ସ୍କୁଲର ଶୃଙ୍ଖଳା ଯଥେଷ୍ଟ ବଢ଼ି ଯାଇଥିଲା। ଶିକ୍ଷକ ଓ ପିଲାମାନଙ୍କ ମଧ୍ୟରେ ସୁସମ୍ପର୍କ ସ୍ଥାପନ ହୋଇପାରିଥିଲା ଓ ମେଟ୍ରିକ ପରୀକ୍ଷାରେ ଶତ ପ୍ରତିଶତ ଫଳାଫଳ ପ୍ରାପ୍ତ ହୋଇଥିଲା। ୨୪ ମାର୍ଚ୍ଚ ୧୯୮୭ ରୁ ୨୭ ଜୁଲାଇ ୧୯୮୮ ପର୍ଯ୍ୟନ୍ତ ଶ୍ରୀ ଆର. ଏନ୍. ଲେଙ୍କା (ବି.ଏ., ବି. ଇଡି.), ୨୭ ଜୁଲାଇ ୧୯୮୮ ରୁ ୩୧ ଅଗଷ୍ଟ ୧୯୮୮ ଶ୍ରୀ ଏସ. ରାଉଳ(ବି.ଏ. ବି. ଇଡି.), ୩୧ ଅଗଷ୍ଟ ୧୯୮୮ ରୁ ୨୭ ଜୁନ ୧୯୮୯ ଶ୍ରୀ ବି. ନନ୍ଦ (ବି. ଏ., ବି. ଇଡି. , ଓ.ଇ.ଏସ. ୨), ୧୭ ଜୁଲାଇ ୧୯୮୯ ରୁ ୩୧ ଜାନୁଆରୀ ୧୯୯୦ ଶ୍ରୀ ଏସ. ଡି. ମଲ୍ଲିକ (ବି.ଏ., ବି. ଇଡି. , ଓ.ଇ.ଏସ. ୨) ଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟ ଚାଲିଥିଲା। ୨୯ ଜୁନ ୧୯୯୦ ରୁ ୩୦ ଜୁନ ୧୯୯୬ ପର୍ଯ୍ୟନ୍ତ ଶ୍ରୀ ରସାନନ୍ଦ ବେହେରା (ବି. ଏସସି., ବି. ଇଡି., ଓ.ଇ.ଏସ. ୨) ପ୍ରଧାନ ଶିକ୍ଷକ ରୂପେ କାର୍ଯ୍ୟ କରିଥିଲେ, ଯାହାଙ୍କ ସମୟାନୁବର୍ତ୍ତିତା, ନିୟମାନୁବର୍ତ୍ତିତା ଓ କଠୋର ଅନୁଶାସନ ସ୍କୁଲକୁ ଅଧିକ ସରସ ସୁନ୍ଦର କରିଥିଲା। ୩୦ ଅଗଷ୍ଟ ୧୯୯୬ ରୁ ୩୧ ମଇ ୨୦୦୦ ପର୍ଯ୍ୟନ୍ତ ଶ୍ରୀ ସଦାଶିବ ତ୍ରିପାଠୀ (ବି.ଏ. , ବି.ଇଡି., ଓ.ଇ.ଏସ. ଓଓ), ୩୦ ଜୁନ ୨୦୦୦ ରୁ ୩୧ ମଇ ୨୦୦୩ ପର୍ଯ୍ୟନ୍ତ ଶ୍ରୀ ରାଧାଶ୍ୟାମ ସାହୁ (ବି.ଏସସି., ଓ. ଇ.ଏସ.ଓଓ), ୧୮ ଜୁନ ୨୦୦୪ ରୁ ୯ ଅକ୍ଟୋବର ୨୦୦୪ ପର୍ଯ୍ୟନ୍ତ ଶ୍ରୀ ବି. ସି. ଅମାନ୍ତ (ଏମ.ଇଡି., ଓ.ଇ.ଏସ. ଓଓ),୨୪ ଡିସେମ୍ବର ୨୦୦୪ ରୁ ୯ ସେପ୍ଟେମ୍ବର ୨୦୦୫ ପର୍ଯ୍ୟନ୍ତ ଶ୍ରୀ ବି. ପଲାଇ (ବି.ଏ., ବି.ଇଡି., ଓ.ଇ.ଏସ. ଓଓ),୨୫ ଜାନୁଆରୀ ୨୦୦୬ ରୁ ୩୧ ମାର୍ଚ୍ଚ ୨୦୦୭ ପର୍ଯ୍ୟନ୍ତ ଶ୍ରୀ ଫାସିଆର ଆଚାର୍ଯ୍ୟ (ଏମ.ଏ., ଏମ.ଇଡି. ,ଓ.ଇ.ଏସ ଓଓ) ପ୍ରଧାନ ଶିକ୍ଷକତ୍ୱ କରିଥିଲେ। ଶ୍ରୀ ଆଚାର୍ଯ୍ୟ ଜଣେ ସରଳ, ନିରାଡମ୍ବର, ସ୍ପଷ୍ଟବାଦୀ, ଦକ୍ଷ ପ୍ରଧାନଶିକ୍ଷକ ଥିଲେ।ଏହାପରେ ୧ ଏପ୍ରିଲ ୨୦୦୭ ରୁ ୩୧ ମାର୍ଚ୍ଚ ୨୦୧୦ ପର୍ଯ୍ୟନ୍ତ କୌଣସି ଓଡ଼ିଶା ଶିକ୍ଷା ସେବା ଓଓ ର ପ୍ରଧାନ ଶିକ୍ଷକ ନ ଆସିବାରୁ ଶ୍ରୀ ରଞ୍ଜନ କୁମାର ରଣା (ଏମ.ଏସସି, ଏମ.ଇଡି.)ସହକାରୀ ଶିକ୍ଷକ, ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଥିଲେ। ୧୨ ମାର୍ଚ୍ଚ ୨୦୧୦ ରୁ ୩୧ ଅଗଷ୍ଟ ୨୦୧୦ ପର୍ଯ୍ୟନ୍ତ ଶ୍ରୀ ଜି. ମଲ୍ଲିକ (ଏମ.ଏ.,ଏମ.ଇ.ଡି, ଓ.ଇ.ଏସ) ପାଞ୍ଚ ମାସ ପାଇଁ ଆସିଥିଲେ। ପରେ ପୁନଶ୍ଚ ଦ୍ୱିତୀୟ ବାର ଶ୍ରୀ ରଞ୍ଜନ କୁମାର ରଣା ୧ ସେପ୍ଟେମ୍ବର ୨୦୧୦ ରୁ ୭ ଜୁଲାଇ ୨୦୧୧ ପର୍ଯ୍ୟନ୍ତ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଦାୟିତ୍ୱରେ ରହିଥିଲେ। ପରେ ୮ ଜୁଲାଇ ୨୦୧୧ ରୁ ୩୧ ଜାନୁଆରୀ ୨୦୧୨ ପର୍ଯ୍ୟନ୍ତ ଶ୍ରୀ ମେଘନାଦ ସାମଲ (ଏମ.ଏ., ଏମ.ଇଡି., ଓ.ଇ.ଏସ. ଓଓ) ପ୍ରଧାନଶିକ୍ଷକ ଦାୟିତ୍ୱରେ ରହି ଅବସର ଗ୍ରହଣ କରିଥିଲେ। ପୁଣି ଶ୍ରୀ ରଞ୍ଜନ କୁମାର ରଣା ତୃତୀୟ ଥର ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ୦୭ଜୁଲାଇ୨୦୧୩ରୁ ୨୪ ନଭେମ୍ବର ୨୦୧୩ ରହିଥିଲେ। ୨୫ ନଭେମ୍ବର ୨୦୧୩ ରୁ ୯ ଡିସେମ୍ବର ୨୦୧୩ପର୍ଯ୍ୟନ୍ତ ଶ୍ରୀମତୀ ସି. ଡୁଙ୍ଗ ଡୁଙ୍ଗ (ବି.ଏ ବି.ଇଡି ଓ.ଇ.ଏସ କ୍ଷଷ) ପ୍ରଥମ ମହିଳା ପ୍ରଧାନ ଶିକ୍ଷକ ଥିବା ସମୟରେ ଅଚାନକ ମୃତ୍ୟୁ ବରଣ କରିଥିଲେ। ସେ ଜଣେ ସୁଶୀଳ ଭଦ୍ର ଇସାଇ ମହିଳା ଥିଲେ। ତତ୍ ପରେ ଶ୍ରୀ ରଣା ଚତୁର୍ଥ ଥର ପାଇଁ ୧୦ ଡିସେମ୍ବର ୨୦୧୩ ରୁ ୨୭ ଏପ୍ରିଲ୍ ୨୦୧୫ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ୨୮ ଏପ୍ରିଲ ୨୦୧୫ ରୁ ୩୧ ଅଗଷ୍ଟ ୨୦୧୬ ପର୍ଯ୍ୟନ୍ତ ଦ୍ୱିତୀୟ ମହିଳା ପ୍ରଧାନ ଶିକ୍ଷକ ରୂପେ ପ୍ରଫୁଲ୍ଲ କୁମାରୀ ସ୍ୱାଇଁ (ବି.ଏ.,ବି.ଇଡି.,ସାହିତ୍ୟ ଶାସ୍ତ୍ରୀ, ଓ. ଇ.ଏସ. ଓଓ) କାର୍ଯ୍ୟ କରିଥିଲେ । ୧ ସେପ୍ଟେମ୍ବର ୨୦୧୬ ରୁ ୪ ଅକ୍ଟୋବର ୨୦୧୬ ପର୍ଯ୍ୟନ୍ତ ଶ୍ରୀ ରଣା ଷଷ୍ଠ ଥର ପାଇଁ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱ ତୁଲାଇଥିଲେ। ୦୫ ଅକ୍ଟୋବର ୨୦୧୬ ରୁ ୧୧ ଜୁନ ୨୦୨୧ ପର୍ଯ୍ୟନ୍ତ ଶ୍ରୀମତୀ ବ୍ରହ୍ମୋତ୍ରୀ ବିଶ୍ୱାଳ ଏମ୍.ଏ.ଏମ.ଇଡି,

ଓ.ଇ.ଏସ ପ୍ରଧାନ ଶିକ୍ଷକ ହୋଇ ଆସିଲେ। ତାଙ୍କର ବଳିଷ୍ଠ ନେତୃତ୍ୱ ରେ ଭୁବନ ଉଚ୍ଚ ବିଦ୍ୟାଳୟ ଛାତ୍ର ଶ୍ରୀ ସୁଦୀପ ସୁଦର୍ଶନ ରଣା ୨୦୧୮ ମସିହା ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସାରା ରାଜ୍ୟରେ ଟପ୍ପର ହୋଇ ସ୍କୁଲକୁ ଗୌରବାନ୍ୱିତ କରିଥିଲେ। ତାଙ୍କର ନିର୍ଦ୍ଦେଶରେ ସହକାରୀ ଶିକ୍ଷକ ଶ୍ରୀ ଗଣେଶ୍ୱର ସାହୁ, ଅନ୍ୟ ପୁରାତନ ଛାତ୍ର ଶ୍ରୀ ଶୁଭେନ୍ଦୁ ସାହୁଙ୍କ ସହଯୋଗ, ଶ୍ରୀ ନିଶାକର ସାହୁଙ୍କ ପରାମର୍ଶ କ୍ରମେ ଜଙ୍ଗଲ ଜମି ଭୁବନ ଉଚ୍ଚ ବିଦ୍ୟାଳୟ ନାମରେ ରେକର୍ଡ କରିବାପାଇଁ ଚେଷ୍ଟା କରି ସଫଳ ହୋଇଥିଲେ। ଏଥିପାଇଁ ସେତେବେଳର ତହସିଲଦାର ଶ୍ରୀ ପ୍ରଭାସ କୁମାର ବେହୁରାଙ୍କ ସହଯୋଗ ସ୍ମରଣଯୋଗ୍ୟ। ତାଙ୍କର ବଳିଷ୍ଠ ନେତୃତ୍ୱରେ ବିଦ୍ୟାଳୟର ଭିତ୍ତିଭୂମି ବିକାଶ ଓ ଶିକ୍ଷାର ସମୃଦ୍ଧି ପାଇଁ ୨୦୧୭ ମସିହା ନଭେମ୍ବର ୧୪ ତାରିଖରେ ମାନନୀୟ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ଆରମ୍ଭ ହୋଇଥିବା 'ମୋ ସ୍କୁଲ ଅଭିଯାନ'କୁ ଏକ ଆନ୍ଦୋଳନରେ ପରିଣତ କରିପାରିଛି ଭୁବନ ଉଚ୍ଚ ବିଦ୍ୟାଳୟ। ଜିଲ୍ଲାରେ ଶିକ୍ଷା କ୍ଷେତ୍ରରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ଏହି ବିଦ୍ୟାଳୟର ଭିତ୍ତିଭୂମିକୁ ସୁଦୃଢ କରିବା ପାଇଁ ପୁରାତନ ଛାତ୍ରଛାତ୍ରୀଙ୍କ ଅନୁଦାନ ଓ ସଦିଚ୍ଛା ରହିଥିବା ବେଳେ ମୋ ସ୍କୁଲ ଅଭିଯାନ ଏହାକୁ ଅଧିକ ସୁଦୃଢ କରିଛି। ଏହି ଅଭିଯାନ ମାଧ୍ୟମରେ ବିଦ୍ୟାଳୟର ଭିତ୍ତିଭୂମି ସମ୍ପୂର୍ଣ୍ଣ ନୂଆରୂପ ପାଇଥିବା ବେଳେ ଆଧୁନିକ ପ୍ରଣାଳୀରେ ପାଠପଢ଼ା, ସ୍ମାର୍ଟ କ୍ଲାସ, ସ୍ମାର୍ଟ ଲାଇବ୍ରେରୀ, ଆଇ.ସି.ଟି. ଲ୍ୟାବ୍, ବିଜ୍ଞାନାଗାର ମାଧ୍ୟମରେ ଶିକ୍ଷା ସହିତ ଖେଳ, ବିଭିନ୍ନ ପ୍ରତିଯୋଗିତା ଓ ନୈତିକ ଶିକ୍ଷାକୁ ଗୁରୁତ୍ୱ ଦିଆଯାଉଛି।

ପରିଶେଷରେ ଏତିକି କୁହାଯାଇପାରେ ଯେ ଓଡ଼ିଶାର ୫ଟି ରୂପାନ୍ତରଣ କାର୍ଯ୍ୟକ୍ରମ ଭୁବନ ଉଚ୍ଚ ବିଦ୍ୟାଳୟକୁ ଆକର୍ଷଣୀୟ କରି ଗଢ଼ି ତୋଳିବା ସହ ଏକ ନୂତନ ଶୈକ୍ଷିକ ବାତାବରଣ ସୃଷ୍ଟି କରିପାରିଛି। ତା ୧୨ ଜୁନ ୨୦୨୧ରୁ ତା ୩ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ଶ୍ରୀ ଦିଲ୍ଲୀପ କୁମାର ତ୍ରିପାଠୀ ଏମ.ଏ,ବି.ଇଡ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ତା ୪ ସେପ୍ଟେମ୍ବର ୨୦୨୧ ରୁ ତା.୨୫ ସେପ୍ଟେମ୍ବର ୨୦୨୧ ପର୍ଯ୍ୟନ୍ତ ଶ୍ରୀ ପ୍ରତାପ କୁମାର ଶତପଥୀ ବି.ଏସ.ସି, ବି.ଇଡ, ଓ.ଇ.ଏସ ପ୍ରଧାନ ଶିକ୍ଷକ ହୋଇ ଆସିଲେ। ତାପରେ ପୁନର୍ବାର ଶ୍ରୀ ଦିଲ୍ଲୀପ କୁମାର ତ୍ରିପାଠୀ ତା ୨୭.ଅକ୍ଟୋବର ୨୦୨୧ ପର୍ଯ୍ୟନ୍ତ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ରହିଥିଲେ। ତା ୨୮. ଅକ୍ଟୋବର ୨୦୨୧ରୁ ଆଜି ପର୍ଯ୍ୟନ୍ତ ଶ୍ରୀ ରୁଦ୍ର ନାରାୟଣ ସାମଲ ପ୍ରଧାନ ଶିକ୍ଷକ ଦାୟିତ୍ୱରେ ଅଛନ୍ତି।

ଏପରି ଅନେକ ଶ୍ରୁତି ଓ ସ୍ମୃତି ନେଇ ଭୁବନ ଉଚ୍ଚ ବିଦ୍ୟାଳୟ ଆଜି ପଦାର୍ପଣ କରିଛି ୭୫ବର୍ଷରେ, ଆଗେଇ ଚାଲିଛି ବିକାଶ ପଥରେ। ❁

ବ୍ୟାଚ: ୧୯୮୩
ଫୋନ୍ - ୯୯୩୭୫୩୮୯୬

ପ୍ରଜାମଣ୍ଡଳ ଆନ୍ଦୋଳନରେ ଢେଙ୍କାନାଳର ଛାମୁଆଁ ନେତା

ମହେଶଚନ୍ଦ୍ର ସୁବାହୁ ସିଂହ
ବୈଷ୍ଣବ ଚରଣ ପଟ୍ଟନାୟକ
ସାରଙ୍ଗଧର ଦାସ
ମୃଷା ମଳିକ

ସୁସ୍ଥ ସୁନ୍ଦର ଭୁବନ

ଡାକ୍ତର ଦୀପକ କୁମାର ସାଥୁଆ ମହାପାତ୍ର

ପରିବର୍ତ୍ତନ ଏକ ନିରନ୍ତର ପ୍ରକ୍ରିୟା ଏବଂ ଚିରନ୍ତନ ସତ୍ୟ। ଯୁଗ ପରେ ଯୁଗ, ଋତୁ ପରେ ଋତୁ, ଦିନ ପରେ ରାତି ଇତ୍ୟାଦି ଭାରି ଭଲ ଲାଗେ ମୋ ଜନ୍ମମାଟି। ଗାଁ ଓ ସହରର ମିଶ୍ରିତ ପରିବେଶ ଓ ପରିପାଟୀ। ନବେ ଦଶକରେ ଜନ୍ମିତ ହୋଇଥିବାରୁ ପୁରୁଣା ଓ ନୂଆ ସ୍ୱାଦର ପାର୍ଥକ୍ୟକୁ ଆମଠୁ ଅଧିକ ବୁଝିବ କିଏ। ଏଠାରେ ମୁଁ ମୋର ସେହି ପିଲା ଦିନର ଭୁବନ ଓ ଆଜିର ଭୁବନ ବିଷୟରେ ନିଜର ଅନୁଭୂତିକୁ ବ୍ୟକ୍ତ କରିବା ସହିତ କିଛିଟା ମତାମତ ରଖିବି। ସମାଲୋଚନା କିମ୍ବା ଅଭିଯୋଗ ମୋର ଉଦ୍ଦେଶ୍ୟ ନୁହେଁ। ସକାରାତ୍ମକ ଦିଗରେ ପାଠକେ ବୁଝିବାକୁ ଅନୁରୋଧ।

ଚାଲନ୍ତୁ କଲେଜ ଛକ ପଟୁ ଗାଁକୁ ପ୍ରବେଶ କରିବା। ପିଲାଦିନେ ଏହି ରାସ୍ତାରେ ସାଇକେଲ ଚଢି କେତେ ଯେ ଯାଇଛି, ଟ୍ରେକର ଗାଡ଼ିରେ କେତେବେଳେ ଅଣନିଃଶ୍ୱାସୀ ଭିଡ଼ର ସଂଘର୍ଷ କରି ଦୂର ଜାଗାକୁ ଗସ୍ତ ତ, ଭାଗଚାଷୀଙ୍କ ବଳଦ ଗାଡ଼ିରେ ବସି ଚହଲି ଚହଲି ଢଳ ଢଳ ହେଇ ପ୍ରକୃତିର ବାସ୍ନାକୁ ଉପଭୋଗ କରି କରି ଧାନ ବିଲରୁ ଖଳାକୁ ଯାଇଛି। ମୋରମ, ତା ପରେ ପିଚୁ, ଆବୁଡା ଖାବୁଡା କଚ୍ଚା ରାସ୍ତା। ସେ ସଂଘର୍ଷ ଆଉ ଏବେ ନାହିଁ ସତ ସେ ବାସ୍ନା ବି ହଜି ଯାଇଛି ନିଶ୍ଚିତ। ଏବେ ଚାକଚକ୍ୟ ପ୍ରଶସ୍ତ ପିଚୁ ରାଜପଥ, ଗମନାଗମନ ସହଜମୟ ଯୋଗୁଁ ଭଲ ଲାଗୁଛି ଯେତିକି,ମରଣଯନ୍ତା ପାଲଟିଥିବା ବାଇପାସ୍ ଛକକୁ ଦେଖି ଭୟାତୁର ବି ସେତିକି। ଆଶା ରଖୁଛି ଏହି ନିରନ୍ତର ଜୀବନ ହାନିକୁ ଦେଖି ପ୍ରଶାସନର ପ୍ରାଣ ପୀଡ଼ା ଶୀଘ୍ର ହେଲେ ଛକର ତ୍ରୁଟି ବିଚ୍ୟୁତି ସମାଧାନ ହୋଇ ପାରନ୍ତା। ଏବେ ସେହି ବାଇପାସ୍ ଛକରୁ କାଳି ବଜାର ଦେଇ ତହସିଲ ଅଫିସ ଛକ ପର୍ଯ୍ୟନ୍ତ ଯିବା। ସାବଧାନ ! ଆପଣଙ୍କ ଅଣ୍ଟା ପିଠି ଦରଜ ହୋଇପାରେ, ସେଥିପାଇଁ ମୁଁ ଦାୟୀ ରହିବି ନାହିଁ। କ'ଣ କରିବି ଏଇଟା ଆମ ଏନ୍.ଏ.ସିର ନିଜସ୍ୱ ଅଂଚଳ, ପୂର୍ତ୍ତ ବିଭାଗ ରାସ୍ତାତ, ଧୂଳି ମାଟିରେ ପୋତି ହେଇଗଲେ ଟିକିଏ ଝାଡି ହେଇ ପଡ଼ିବା। ରାସ୍ତାଟି ପ୍ରଶସ୍ତ ପିଚୁ ପକ୍କା ରାସ୍ତା ହୁଅନ୍ତା, ରାସ୍ତାର ଦୁଇ ପାର୍ଶ୍ୱରେ ପାଦ ଚଲା ରାସ୍ତା ସହିତ ଲୁହା ବାଡ଼, ବକ୍ସ ଡ୍ରେନ୍ ଓ ଆଲୋକରେ ସଜ୍ଜିତ ହୋଇ ଦୋକାନଗୁଡିକ ଝୁଣ୍ଟୁଡି ରୂପରୁ ପୁନରୁଦ୍ଧାର ହୁଅନ୍ତା। ଏମିତି ଅନେକ ରଙ୍ଗୀନ୍ ଚିତ୍ର ମୋ ପରି ଅନେକ ସୌନ୍ଦର୍ଯ୍ୟ ପ୍ରିୟ ଅଞ୍ଚଳ ବାସୀଙ୍କ ଆଖିରେ ଦିବା ସ୍ୱପ୍ନ ପରି ଆସୁଥିବ ଭାବୁଛି। ଭାବିଲେ ଦେଖି ନୂଆ ବଜାରରେ ଛିଡା ହେଲେ ସିଧା ନୂଆ ଭୁବନ ଛକ ଓ ରଗଡ଼ି ପୋଲ ଦିଶୁଥିବାର ଚିତ୍ର କିପରି ଦିଶିବ !

ଚାଲନ୍ତୁ ଏବେ ଗାଁ ଭିତରକୁ ପ୍ରବେଶ କରିବା। ରାସ୍ତା ଯେତିକି ଅଣ ଓସାରିଆ ସେ ବିଷୟରେ କିଛି କହିବି ନାହିଁ। ତେବେ ରାସ୍ତା ବର୍ଷ ପରେ ବର୍ଷ ଯେମିତି ଉଚ୍ଚ ହେଉଛି, ଘର ସବୁ ପୋତି ହେଉଛି। ମୋର ୩୬ ବର୍ଷ ବୟସ ଭିତରେ ରାସ୍ତା ପ୍ରାୟ ୩୬ ଇଞ୍ଚ ଉଚ୍ଚ ହେବାର ମୁଁ ଦେଖିଲିଣି। ଏମିତି ପ୍ରକ୍ରିୟା ଯଦି ଲାଗି ରହେ ତେବେ ଭାବୁଛି ପରବର୍ତ୍ତୀ ପିଢ଼ି ବେଳକୁ ଆଜିର ଘର ମାଟି ତଳେ ପୋତି ହୋଇ ଯାଇଥିବ ଇତିହାସର କୌଣସି ସଭ୍ୟତା ପରି ଯାହାକି ଏବେ ଖନନ ହୋଇ ମିଳୁଛି। ଆଗାମୀ ପର୍ଯ୍ୟାୟ ରାସ୍ତା କାମ ବେଳକୁ ଯଦି ରାସ୍ତାକୁ ଆଉ ଉଚ୍ଚା ନ କରି ଖୋଳିକି ପୁନଃନିର୍ମାଣ କରାଯାଆନ୍ତା ତେବେ ଘରଗୁଡ଼ିକ ଦୀର୍ଘ ଜୀବୀ ହୋଇପାରନ୍ତା। ଆଉ ସାହି ଭିତରେ ଯେଉଁ ଡ୍ରେନ୍, କ'ଣ କହିବି ତା'ର ଅବସ୍ଥା। ଡ୍ରେନ୍‌ରେ ପାଣି ଯିବ କ'ଣ ଆମେ ତ ଘରର ସବୁ ଅଳିଆ ଡ୍ରେନ୍‌ରେ ପକୋଉଚେ। ପାଣି ଜମି ମଶା ହେଉଛନ୍ତି। ଭୁବନ ମଶା ତ କଙ୍କଠାରୁ ବି ଆକାରରେ ବଡ଼, କାମୁଡ଼ିଲେ ଥରକେ ଅଧା ରକ୍ତ ପିଇଯିବେ। ଏତିକି ନିବେଦନ ଯେ ଜନ ସାଧାରଣ ଡ୍ରେନ୍‌ରେ ଅଳିଆ ପକାଇ ଅବରୋଧ ନ କରନ୍ତୁ ଏବଂ ଏନ୍.ଏ.ସି ତରଫରୁ ନିୟମିତ ମଶା ତେଲ ସିଞ୍ଚନ ପାଇଁ ଉଦ୍ୟମ କରାଗଲେ ପରିବେଶ ସ୍ୱାସ୍ଥ୍ୟକର ହୋଇପାରନ୍ତା। ଆରେ ଆରେ ଇଏ କ'ଣ ! ଘରୁ ବାହାରି ଥିବା ନଳାରେ କ'ଣ ପାଣି ଭାସି ଚାଲିଛି ! ! ! ଓଃ ମଟର ଲାଗିଛି ପରା। ଟାଙ୍କି ପୁରିଲାଣି, ପଡିଶା ଘର ପାଣି ନ ପାଉ ସେଥିପାଇଁ ୟାଙ୍କର ମଟର ବନ୍ଦ ନକରି ପାଣି ଭସାଉଛନ୍ତି ! ଛି କି ବିକୃତ ମାନସିକତା। ଭୂତଳ ଜଳର ସମ୍ଭାର ଅତି ସୀମିତ, ତାକୁ ଯଦି ଏମିତି ନଷ୍ଟ କରିବା ପାଣି ଟୋପାଏ ବିନା ଜୀବନ ଯିବ। ହେ ବାବା ବୁଦ୍ଧେଶ୍ୱର ଏ ଲୋକମାନଙ୍କ

ଏଭଳି ହୀନ ବୁଦ୍ଧିରେ ପରିବର୍ତ୍ତନ ଆଣ ! ଓଃ ସାହି ଭିତରେ ଗହଳିରୁ ଚାଲ ଟିକିଏ ବାହାରିଯିବା ଖୋଲା ଜାଗାକୁ। ପୋଖରୀ ଅଛି, ପଡ଼ିଆ ଅଛି। କିନ୍ତୁ ସେଠି ଛିଡା ହେଲେ ନାକ ଫାଟି ପଡୁଛି ! ଆମ ଲୋକ ତ ବାହାରେ ମଳ ତ୍ୟାଗକୁ ନିଜର ମୌଳିକ ଅଧିକାର ବୋଲି ଭାବୁଛନ୍ତି। ପ୍ରତି ପୋଖରୀ ପାର୍ଶ୍ୱରେ ସରକାରୀ ପାଇଖାନା ନିର୍ମାଣ ହୋଇଛି କିନ୍ତୁ ତାହାକୁ ଲୋକ ବ୍ୟବହାର କରୁନାହାଁନ୍ତି। ଆଜିର ସମୟରେ ବାହାରେ ମଳତ୍ୟାଗ କରିବାଠୁ ଆଉ ଛୋଟ ତଥା ଲଜ୍ଜାଜନକ କାର୍ଯ୍ୟ କ'ଣ ହୋଇପାରେ !

ଭୂଗୋଳ ଏତିକି ଥାଉ। ଟିକିଏ ସଂସ୍କୃତି ପରମ୍ପରା ଆଡ଼କୁ ଦେଖିବା। ମୋ ଗାଁ ସବୁବେଳେ ଉତ୍ସବ ମୁଖର। କୋଉ ପୂଜା ପର୍ବ ଏଠି ପାଳନ ନହୁଏ କହି ହେବନି। ବର୍ଷ ସାରା ଲାଇଟ୍ ମାଇକ୍ ଆଉ ଡିଜେ। ଡିଜେ ସାଉଣ୍ଡ ଯଦି କମ୍ କରି ବଜାନ୍ତେ ତାହେଲେ ନାଚ ବି ହୁଅନ୍ତା, ଆଉ ଡିଜେ ଜନିତ ସ୍ୱାସ୍ଥ୍ୟ ସମସ୍ୟା ମଧ୍ୟ କମ୍ ହୁଅନ୍ତା। ଉଭୟ ପଟୁ ଫାଇଦା। କିନ୍ତୁ ଯୁବ ଗୋଷ୍ଠୀଙ୍କୁ ବୁଝାଇବ କିଏ ? ମଦ ଛାଡ଼ନ୍ତୁ, ସମସ୍ତେ ରୋଜଗାରକ୍ଷମ ହୁଅନ୍ତୁ, ସମସ୍ତଙ୍କର ପରିବାର ସୁଖରେ ଚଳୁ ଏହାହିଁ ପ୍ରାର୍ଥନା।

ଆହୁରି ଏମିତି ଅନେକ କିଛି ସମସ୍ୟା, ସମାଧାନ ଭିନ୍ନ ଭିନ୍ନ ଲୋକଙ୍କ ଆଖିକୁ ଆସୁଥିବ ନିଶ୍ଚୟ। ଆମର ଚିନ୍ତାଧାରା, ଦୃଷ୍ଟିକୋଣ ସକାରାତ୍ମକ ଓ ଗଠନମୂଳକ ହେଲେ ଦିନେ ନା ଦିନେ ତାହା କାର୍ଯ୍ୟରେ ରୂପାନ୍ତର ହେବ। ବର୍ତ୍ତମାନର ନଗରପାଳ ଅତ୍ୟନ୍ତ କ୍ରିୟାଶୀଳ ଓ କର୍ମତତ୍ପର ଯାହା ଅତି ଶୁଭଙ୍କର। ଅନେକ କିଛି ଗଠନ ମୂଳକ କାର୍ଯ୍ୟ ଆରମ୍ଭ ହୋଇ ଯାଇଛି ଭୁବନକୁ ନୂତନ ରୂପରେ ସଜାଇବା ପାଇଁ ବୋଲି ମୁଁ ରାସ୍ତାରେ ବୁଲିବା ବେଳେ ଦେଖିପାରୁଛି। ତେଣୁ ଏହି ସୁଯୋଗରେ ଜନସାଧାରଣ ଓ ଏନ୍.ଏ.ସି ପରସ୍ପର ସହଯୋଗରେ ଉନ୍ନତି ମୂଳକ କାର୍ଯ୍ୟଧାରାକୁ ଆଗେଇ ନେଲେ ଆମ ଭୁବନ ଖୁବ୍ ଶୀଘ୍ର ସୁସ୍ଥ ଓ ସୁନ୍ଦର ହୋଇପାରିବ ବୋଲି ଆଶା। ❋

ବ୍ୟାଚ୍ : ୨୦୦୨
ଫୋନ୍ - ୭୭୩୫୦୨୮୦୮୬

ଢେଙ୍କାନାଳ ପ୍ରଜାମଣ୍ଡଳ ଆନ୍ଦୋଳନରେ ପ୍ରାଣବଳି ଦେଇଥିବା ବୀର ଶହୀଦ୍‌ଗଣ

୧୦ ଅକ୍ଟୋବର ୧୯୩୮ (ଭୁବନ ଗୁଳିକାଣ୍ଡ)

ରଘୁ ନାଏକ, ଗୁରି ନାଏକ

୧୧ ଅକ୍ଟୋବର ୧୯୩୮ (ନୀଳକଣ୍ଠପୁର ଗୁଳିକାଣ୍ଡ)

ବାଜି ରାଉତ, ହୁରୁଷି ପ୍ରଧାନ, ନଟ ମଳିକ, ଲକ୍ଷ୍ମଣ ମଳିକ, ପାଣୁ ଲେଙ୍କା, ଫଗୁ ସାହୁ

ମାହାତ୍ମ୍ୟ ସାଧନ ମହାତ୍ମ୍ୟ କଷଣ
ନ ଯାଏ ଜଗତେ କେବେ ଅକାରଣ।
ଅନ୍ୟାୟ ଅଧର୍ମ ପାପ ଅତ୍ୟାଚାର
ମାନେ ଅବଶେଷେ ସତ୍ୟ ପାଖେ ହାର।
ଏ ବିଶ୍ୱାସେ ସର୍ବେ ଦୃଢ଼ କରି ମନ
ସ୍ୱରାଜ୍ୟ ଧରମ କର ଆଚରଣ।
ବିଶେଷେ ଉତ୍କଳେ ନାହିଁ ପ୍ରୟୋଜନ,
ଉତ୍କଳର ନେତା ନିଜେ ନାରାୟଣ।

- ଉତ୍କଳମଣି ଗୋପବନ୍ଧୁ ଦାସ
(ବନ୍ଦୀର ଆତ୍ମକଥା)

ଓଡ଼ିଶାର ନାଟକ ଜଗତକୁ ଭୁବନର ନାଟ୍ୟକାରଙ୍କର ଅବଦାନ

ତୁଷାରକାନ୍ତି ମିଶ୍ର

ନାଟ୍ୟକଳା ବିଭୂଷଣ କୃଷ୍ଣଚନ୍ଦ୍ର ମିଶ୍ର ୧୯୧୨ ମସିହାରେ ଜନ୍ମଗ୍ରହଣ କରିଥିଲେ ଯାଜପୁର ଜିଲ୍ଲାର ଆନନ୍ଦଡିହା ଗ୍ରାମରେ। ଯୁବକ ଅବସ୍ଥାରୁ ସେ ଭୁବନ ଆସି ଏଠାରେ ବିବାହକରି ଭୁବନରେ ସ୍ଥାୟୀ ଭାବେ ରହିଗଲେ। ତାଙ୍କ ପିତାଙ୍କ ନାମ ଶ୍ରୀଯୁକ୍ତ ଗଣେଶ୍ୱର ମିଶ୍ର ଓ ମାତାଙ୍କ ନାମ ଶ୍ରୀୟା ଦେବୀ। ସେ ନାଟ୍ୟକାର ତଥା ନାଟ୍ୟ ନିର୍ଦ୍ଦେଶକ ଭାବେ ବାମଦେବ ମିଶ୍ରଙ୍କ ଲିଖିତ ପ୍ରଥମ ସିନେମା 'ସୀତା ବିବାହ'ର ନିର୍ଦ୍ଦେଶକ ଥିଲେ। ସେ ଏକାଧାରାରେ ଥିଲେ ହାରମୋନିୟମ, ତବଲା ତଥା ବଂଶୀବାଦକ। ତାଙ୍କର ଲିଖିତ ନାଟକ ଭାଇଭାଗ, ହିନ୍ଦୁ ମୁସଲମାନ ଯୁଦ୍ଧ, ଅଜାମିଳ, ଦସ୍ୟୁ ମହାବଳ, ପରଘର, ମନସା ପୂଜା ବେଶ ଜନାଦୃତ ହୋଇଥିଲା। ସେ କବିଚନ୍ଦ୍ର କୃଷ୍ଣପ୍ରସାଦ ବସୁଙ୍କ ସହ କଲିକତାରେ ନାଟ୍ୟ ଜୀବନ ଆରମ୍ଭ କରି ପରେ ଓଡିଶା ଆସି କାଲୁରିଆ, ବାରିହାପୁର, ବିଦ୍ୟାଧରପୁର ଓ ଭୁବନ ଯାତ୍ରାପାର୍ଟି ଗଢ଼ି ସୁନ୍ଦର ନାଟକ ପରିବେଷଣ ଓ ନିର୍ଦ୍ଦେଶନା ପାଇଁ ତତ୍କାଳୀନ ସୁକିନ୍ଦା ରାଜା ଓ ଢେଙ୍କାନାଳ ରାଜାଙ୍କଠାରୁ ସ୍ୱର୍ଣ୍ଣ ପଦକ ପାଇଥିଲେ। ପରେ ସେ ପୁରୀରେ ପିପିଲି ଯାତ୍ରାପାର୍ଟି ଗଢ଼ି ପରବର୍ତ୍ତୀ ସମୟରେ ଯୋଗୀବାବୁ ଥିଏଟର, କାଳୀବାବୁ ଥିଏଟର ଓ ଉତ୍କଳ ରଙ୍ଗମଞ୍ଚରେ ନିର୍ଦ୍ଦେଶକ ଭାବେ ଦୀର୍ଘ ୫୦ ବର୍ଷ କାର୍ଯ୍ୟକରି ସୁନାମ ଅର୍ଜନ କରିଥିଲେ। ଏହି ଅମ୍ଲାନ ପ୍ରତିଭାଙ୍କର ୧୯୮୨ ମସିହା ଅକ୍ଟୋବର ମାସରେ ଭୁବନରେ ମହାପ୍ରୟାଣ ହୋଇଥିଲା। ଭୁବନ ମାଟିର ସେ ଥିଲେ ପ୍ରଥମ ନାଟ୍ୟକାର, ନିର୍ଦ୍ଦେଶକ ଓ କଳା ଜଗତର ଅମ୍ଲାନ ପ୍ରତିଭା।

ନାଟ୍ୟକଳା ଭୂଷଣ ଶ୍ରୀଯୁକ୍ତ ପିତାମର ମିଶ୍ରଙ୍କର ଜନ୍ମ ୧୯୧୮ ମସିହାରେ ଭୁବନ ଶାସନର ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ହୋଇଥିଲା। ସେ ତାଙ୍କର ନାଟ୍ୟ ନିର୍ଦ୍ଦେଶନା ଆରମ୍ଭ କରିଥିଲେ ପୁରୀର ମୋହନ ସୁନ୍ଦର ଗୋସ୍ୱାମୀଙ୍କ ଥିଏଟର ପାର୍ଟିରୁ। ପରେ ବଙ୍ଗଳାର ପ୍ରମୁଖ ନାଟ୍ୟକାର ବ୍ରଜସୁନ୍ଦର ଦେଙ୍କ ଯାତ୍ରା ଦଳରେ ରହି ପରବର୍ତ୍ତୀ ପର୍ଯ୍ୟାୟରେ କର୍ମଭୂମି ଓଡିଶାକୁ ଆସି ୧୯୪୨ ମସିହାରେ ଜିରାଳ, ମାର୍ଥାପୁର, ମଠକରଗୋଳାରେ ଯାତ୍ରାପାର୍ଟି ତିଆରି କରିଥିଲେ। ଉଚ୍ଚକୋଟିର ନିର୍ଦ୍ଦେଶନା ପାଇଁ ୧୯୫୫ ମସିହାରେ ଉତ୍କଳ କେଶରୀ ଡକ୍ଟର ହରେକୃଷ୍ଣ ମହାତାବଙ୍କଠାରୁ ସ୍ୱର୍ଣ୍ଣ ପଦକ ଲାଭ କରିଥିଲେ। ଶ୍ରୀ ମିଶ୍ରଙ୍କ ଦ୍ୱାରା ରଚିତ ଗୀତିନାଟ୍ୟ ଗୀତାଭିନୟ ବୀରସୁନ୍ଦର, ସୀତାବିବାହ, ସୌରିନ୍ଦ୍ର କୁମୁଦିନୀ, ନଳ ଦମୟନ୍ତୀ, ମଧୁମାଳତୀ, ମହିରାବଣ ବଧକୁ ଦେଖି ଢେଙ୍କାନାଳର ରାଜା ସ୍ୱର୍ଗତ ଶଙ୍କର ପ୍ରତାପ ମହେନ୍ଦ୍ର ବାହାଦୂର ତାଙ୍କୁ ନାଟ୍ୟକଳା ଭୂଷଣ ଉପାଧି ପ୍ରଦାନ କରିଥିଲେ। କୁହୁକମଣି, ଭାଗବଣ୍ଟରା, ବାଲିରାଜା, ଶ୍ରବଣ କୁମାର, ନିଅଁସିଡିହ, ଦାଗି ନଂ- ୩୦୩, ଏ ଗପ ସରିଲା ନାହିଁ, ଡାକମୁନିଷି, ବାଇଧନ ବୁଝ, ରାଜନୀତି, ବାଲ୍ୟ ବିଧବା, ବିଶ୍ୱାମିତ୍ର, ତରଣୀସେନ, ସାରେଗାମାପାଧାନୀ, କଳିଯୁଗର କୃଷ୍ଣଲୀଳା, ଭକ୍ତ ସାଲବେଗ, ଗଙ୍ଗ ରାଜତ୍ୱ ଆଦି ବହୁ ନାଟକର ସ୍ରଷ୍ଟା ଓ ନନ୍‌ସେନ୍ସ ଅଫ ଇଣ୍ଡିଆ, ଅଠର ଡିସେମ୍ବର ଦିନ ବାଆର, ଆଦି ବହୁ ପୁସ୍ତକ ପ୍ରକାଶିତ। ଭୁବନର ରାଇଜିଂ କ୍ଲବ ଏବଂ ମା' ବଣିଜାରୀ ଅପେରା ତାଙ୍କର ମାନସ ସନ୍ତାନ। ଗଡନାୟକ ସାହିତ୍ୟ ପରିଷଦ, ବାଜିରାଉତ ସାହିତ୍ୟ ପରିଷଦ ଦ୍ୱାରା ସମ୍ବର୍ଦ୍ଧିତ। ସେ ଓଡିଶା ସରକାରଙ୍କ ଦ୍ୱାରା କଳାକାର ଭତ୍ତା ପ୍ରାପ୍ତ ହୋଇଥିଲେ। ଏହି ପ୍ରତିଭାଙ୍କର ମୃତ୍ୟୁ ହୋଇଥିଲା ୧୯୯୮ ମସିହା ଜୁନ୍ ୨୦ ତାରିଖ ଦିନ।

ନାଟ୍ୟକାର ଗାୟକ ରସଶେଖର ସୁରେନ୍ଦ୍ର ମିଶ୍ରଙ୍କର ଜନ୍ମ ୧୯୩୧ ମସିହା ଡିସେମ୍ବର ୧୪ ତାରିଖ ଦିନ ଭୁବନ ଶାସନରେ ହୋଇଥିଲା। ସେ ଏକାଧାରାରେ ନାଟ୍ୟକାର, ନାଟ୍ୟ ନିର୍ଦ୍ଦେଶକ, ଗାୟକ, ମୂର୍ତ୍ତିଶିଳ୍ପୀ, ବାଦ୍ୟକାର ଆଦି ବହୁ ପ୍ରତିଭାର ଅଧିକାରୀ। ରାଇଜିଂ କ୍ଲବରେ ତାଙ୍କ ରଚିତ ରତ୍ନମୁକୁଟ, ଦସ୍ୟୁ ମହାକାଳ, ନରଦେବତା ଆଦି ପ୍ରଦର୍ଶିତ। ରଇତଳା ଯାତ୍ରାପାର୍ଟି ଏବଂ ବନଦୁର୍ଗା ଅପେରା ତାଙ୍କର ମାନସ ସନ୍ତାନ। ନାସ୍ତିକ, ଦସ୍ୟୁ ଅଜାମିଳ, ସମାଧି ମନ୍ଦିର, ଅସତ୍ୟ ଜୟନ୍ତ ଆଦି ତାଙ୍କର ବହୁ ସ୍ୱରଚିତ ନାଟକ ପ୍ରଦର୍ଶିତ ହୋଇଅଛି। ଏତଦ୍ ବ୍ୟତୀତ ବଙ୍ଗଳାନାଟକ ଅନୁବାଦ କରି ମହିଷାସୁର, ସ୍ୱାମୀର ଘର, ନରଦେବତା ଆଦିରେ ନିର୍ଦ୍ଦେଶନା ଦେଇଛନ୍ତି। ସେ ଓଡିଶା ସରକାରଙ୍କ ଦ୍ୱାରା କଳାକାର ଭତ୍ତା ପାଇ ଆସୁଛନ୍ତି।

ସେ ସମୟରେ ବି.କମ୍. ଡିଗ୍ରୀଧାରୀ ଉଚ୍ଚ ଶିକ୍ଷିତ ଶ୍ରୀଯୁକ୍ତ ଅଭିରାମ ମିଶ୍ର ଜଣେ ନାଟ୍ୟକାର, ନିର୍ଦ୍ଦେଶକ ଓ ଉଚ୍ଚକୋଟିର କଳାକାର ଭାବେ ପରିଚିତ। ୧୯୪୫ ମସିହାରେ ଭୁବନ ଶାସନରେ ଜନ୍ମ ଗ୍ରହଣ କରି ଅନେକ ପାଣ୍ଡୁଲିପି ସୃଷ୍ଟିକରି ସେଥିରେ ନିର୍ଦ୍ଦେଶନା ଦେଇଥିଲେ। କଳାପ୍ରତି ସର୍ମପିତ ଏହି ନାଟ୍ୟକାର ଗୋଟିଏ ଦିନରେ ନିଜର ଦୁଇଟି ପୁଅକୁ ହରାଇ ମଧ୍ୟ ଫାଶିଖୁଣ୍ଟ ନାଟକରେ ଚମତ୍କାର ଅଭିନୟ କରିଥିଲେ। ତାଙ୍କର ପ୍ରକାଶିତ ନାଟ୍ୟପୁସ୍ତକ ଅଦୃଶ୍ୟ ମାନବ ନାଟ୍ୟ ଜଗତରେ ଏକ ମାଇଲି ଖୁଣ୍ଟ। ୨୦୧୨ ମସିହା ସେପ୍ଟେମ୍ବର ମାସ ୭ ତାରିଖରେ ସବୁଦିନ ପାଇଁ ଶୋଇ ଯାଇଥିଲେ ଏହି ନାଟ୍ୟକାର।

ମଞ୍ଚକଳା ତଥା ଦୂରଦର୍ଶନର ନାଟ୍ୟ ନିର୍ଦ୍ଦେଶକ ଶ୍ରୀଯୁକ୍ତ ଭଗବାନ ଗୁରୁ ଭୁବନ ମାଟିର ଏକ ସୁଯୋଗ୍ୟ ସନ୍ତାନ। ସେ ଭୁବନରେ ବଡହାଟଠାରେ ତା ୩୦.୦୪.୧୯୫୬ ମସିହାରେ ଜନ୍ମଗ୍ରହଣ କରିଥିଲେ। ସେ ଏକାଧାରାରେ ବାଦ୍ୟକାର, ନାଟ୍ୟକାର, ସଂଗୀତ ନିର୍ଦ୍ଦେଶକ ତଥା ସୁଦକ୍ଷ ଅଭିନେତା। ତାଙ୍କର ବଳିଷ୍ଠ ନିର୍ଦ୍ଦେଶନାରେ ରବୀନ୍ଦ୍ର ମଣ୍ଡପ, ଭଞ୍ଜକଳା ମଣ୍ଡପ, ଅନ୍ନପୂର୍ଣ୍ଣା ଥିଏଟର ସହ ସରକାର ସୀକୃତିପ୍ରାପ୍ତ ଦୂରଦର୍ଶନରେ ତାଙ୍କର ଛାତ୍ରମାନେ ଚମତ୍କାର ଅଭିନୟ ଭୁବନର ଗୌରବକୁ ବଢ଼ାଇଛନ୍ତି। ଏବେ ମଧ୍ୟ ଦୂରଦର୍ଶନରେ ତାଙ୍କର ନିର୍ଦ୍ଦେଶିତ ନାଟକମାନ ବହୁବାର ପ୍ରଦର୍ଶିତ ହେଉଛି। ଅଧୁନା ଓଡ଼ିଶା ନାଟ୍ୟ ସଂଗୀତ ଏକାଡେମୀର ସେ ପ୍ରମୁଖ ସଦସ୍ୟ ରହିଅଛନ୍ତି। ଓଡିଶାର କୋଣ ଅନୁକୋଣର ବିଭିନ୍ନ ଅନୁଷ୍ଠାନ ଦ୍ୱାରା ସମ୍ବର୍ଦ୍ଧିତ ଏହି ବର୍ଷିୟାନ ନାଟ୍ୟକାର କାହା ପାଇଁ କିଏ ଦାୟୀ, କର୍ଣ୍ଣବଧ, ଭକ୍ତ କୃଷ୍ଣଦାସ, ଭକ୍ତ ଅଜାମିଳ, ଭକ୍ତ ବିଶ୍ୱମ୍ଭର ଦାସ, ବନ୍ଧୁ ମହାନ୍ତି ଆଦି ଷାଠିଏରୁ ଊର୍ଦ୍ଧ୍ୱ ଗୀତିନାଟ୍ୟ ରଚନା କରି ଓଡିଶାର ନାଟ୍ୟ ଜଗତରେ ତାଙ୍କର ନାମ ସର୍ଣ୍ଣାକ୍ଷରରେ ଲିପିବଦ୍ଧ କରି ରଖିଛନ୍ତି। ମୀରାବାଇ କଳା ବିକାଶ କେନ୍ଦ୍ର ଏବଂ ଗୁରୁ ପ୍ରଡକ୍ସନ୍ ତାଙ୍କର ମାନସ ସନ୍ତାନ। ଭୁବନରୁ ଏକ 'ଶତାବ୍ଦୀ ଲୋକନାଟ୍ୟ' ୨୦୦୦ ମସିହାରେ ପ୍ରତିଷ୍ଠା କରି ସେ ଓଡିଶାର ବିଭିନ୍ନ ସ୍ଥାନରେ ଯାତ୍ରା ପରିବେଷଣ କରିଛନ୍ତି। ସେ ରାଜ୍ୟ ସରକାର ଏବଂ କେନ୍ଦ୍ର ସରକାରଙ୍କଦ୍ୱାରା କଳାକାର ଭତ୍ତା ପ୍ରାପ୍ତ ଭୁବନର ଏକମାତ୍ର ନାଟ୍ୟକାର।

ଅଧୁନା ଯାତ୍ରା ଜଗତରେ ଚହଳ ସୃଷ୍ଟି କରୁଥିବା ଯୁବ ନିର୍ଦ୍ଦେଶକଙ୍କ ମଧ୍ୟରେ ସ୍ୱର୍ଗତ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ନାତି ଗୁରୁପ୍ରସାଦ ମିଶ୍ର ସର୍ବୋତ୍ତମ। ବିଭିନ୍ନ ଯାତ୍ରା ଦଳରେ ପାଣ୍ଡୁଲିପି ପ୍ରଦାନ କରି ତଥା ନିର୍ଦ୍ଦେଶନା ଦେଇ ଉଚ୍ଚ ପ୍ରଶଂସିତ ହେବା ସଙ୍ଗେ ସଙ୍ଗେ ଭୁବନର କାଳାକାରମାନଙ୍କୁ ବିଭିନ୍ନ ଯାତ୍ରା ପାର୍ଟିରେ ସାମିଲ କରିବା ତାଙ୍କର ଭୁବନ ପ୍ରୀତିର ପ୍ରମାଣ ଦିଏ। ଭୁବନ ସଂସ୍କୃତି ଭବନ ତାଙ୍କର ମାନସ ସନ୍ତାନ। ଗଣଧର୍ଷଣ, ଆଖି ଅବୁଝାକୁ ଲୁହ ଅବୁଝା, ବୋଉ ଲୋ ମୁଁ ବୋହୂ ହେବିନି, କାହାଣୀ କହୁଛି ଆଖିର ଲୁହ, ଏଠି ଭଲପାଇବା ମନା, ବିଦେଶୀ ବୋହୂ, ଶ୍ରୀକୃଷ୍ଣ ଗୋବିନ୍ଦ ହରେ ମୁରାରେ ଆଦି ୭୯ଟି ନାଟକରେ ନିର୍ଦ୍ଦେଶନା ଦେଇଛନ୍ତି। କାହାଣୀ କାନ୍ଦୁଛି ଆଖି ଲୁଚେଇ (ବାଘାଯତୀନ ଗଣନାଟ୍ୟ)ରେ ନିର୍ଦ୍ଦେଶନା ଦେଇ ଶ୍ରେଷ୍ଠ ଓଡିଶା ଯାତ୍ରା ଅନୁଷ୍ଠାନ ଦ୍ୱାରା ଶ୍ରେଷ୍ଠ ନିର୍ଦ୍ଦେଶକ ଭାବେ ପୁରସ୍କୃତ। ଭୁବନ ଶାସନରେ ତା୦୮.୦୬.୧୯୭୮ ମସିହାରେ ଜନ୍ମିତ ଏହି ପ୍ରତିଭା ଏବେ ମଧ୍ୟ କର୍ମ ତତ୍ପର। ❋

ବ୍ୟାଚ : ୧୯୮୪

ମୋ : ୭୬୮୧୮୩୭୫୭୭

ତୁମେ ଯାହା ପଢ଼ିଛ, କିମ୍ବା ଯାହା ତୁମକୁ କୁହାଯାଇଛି - ତାହା ମୁଁ କହିଥିଲେ ମଧ୍ୟ - ତାହା ବିଶ୍ୱାସ କରିନିଅ ନାହିଁ। ବରଂ ଯାହା ତୁମକୁ ଯୁକ୍ତିସଂଗତ ମନେହେଉଛି, ତାହା ହିଁ ଗ୍ରହଣ କର।

ଯାହା ପ୍ରାଚୀନ ପାଣ୍ଡୁଲିପିରେ କୁହାଯାଇଛି, ଯାହା ତୁମ ରାଜ୍ୟରେ ବିଶ୍ୱାସ କରାଯାଉଛି, ଯାହା ପିଲାଟି ବେଳୁ ତୁମକୁ ବିଶ୍ୱାସ କରିବା ପାଇଁ କୁହାଯାଇଛି, ତାହା ବିଶ୍ୱାସ କରିନିଅ ନାହିଁ। ସତ୍ୟ ବିଷୟରେ ଅନୁଶୀଳନ କର, ସେହି ଅନୁସନ୍ଧାନରୁ ଯଦି ଅନୁଭବ କର ଯେ ଏହି ଭାବନା ପ୍ରତ୍ୟେକଙ୍କର ମଙ୍ଗଳ ସାଧନ କରିପାରିବ, ତେବେ ତାହା ବିଶ୍ୱାସ କର। ଯେଉଁ ସତ୍ୟରେ ଉପନୀତ ହେଲ, ସେହି ଆଦର୍ଶରେ ଜୀବନକୁ ପରିଚାଳିତ କର, ଅନ୍ୟମାନେ ସେହି ଆଦର୍ଶରେ ବଞ୍ଚିବା ପାଇଁ ସେମାନଙ୍କୁ ସାହାଯ୍ୟ କର।

– ଗୌତମ ବୁଦ୍ଧ

ଭୁବନରେ ପ୍ରଶାସନିକ ଓ ନ୍ୟାୟିକ ବ୍ୟବସ୍ଥା

ଶ୍ରୀକାନ୍ତ କୁମାର ସାହୁ

ଏକଦା ଏସିଆ ମହାଦେଶର ସର୍ବ ବୃହତ ଗ୍ରାମ ଭୁବନ କଂସା ଓ ପିତଳ ବାସନ ପାଇଁ ପ୍ରସିଦ୍ଧ ଥିଲା । ଗତ ସ୍ୱାଧୀନତା ସଂଗ୍ରାମ ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନରେ ତୀବ୍ର ରୂପ ଧାରଣ ଫଳସ୍ୱରୂପ ଦେଶର ସର୍ବ କନିଷ୍ଠ ସହିଦ୍ ବୀର ବାଜିରାଉତ ଇତିହାସ ପୃଷ୍ଠାକୁ ମଣ୍ଡନ କରିଥିଲେ । ପରେ ପରେ ଭୁବନ ଗ୍ରାମକୁ କାଳକ୍ରମେ ଦୁଇଟି ପଞ୍ଚାୟତରେ ପରିଣତ କରିବା ପରେ ପ୍ରଶାସନିକ ଦୃଷ୍ଟିରୁ ୧୯୭୨ ମସିହାରେ ରାଜ୍ୟ ସରକାର ଭୁବନକୁ ବିଜ୍ଞାପିତ ଅଞ୍ଚଳ ପରିଷଦ ଭାବେ ଘୋଷଣା କଲେ । ବିଗତ ୧୯୭୬ ମସିହାରେ ଭୁବନ ଅଞ୍ଚଳର ଜନସାଧାରଣଙ୍କ ମିଳିତ ଉଦ୍ୟମରେ ଭୁବନରେ ଶହୀଦ୍ ବାଜିରାଉତ ସ୍ମୃତି ଉଦ୍ଦେଶ୍ୟରେ ଜୁଲାଇ ୯ ତାରିଖରେ ଉଦଘାଟିତ ହେଲା ଭୁବନ ବାଜିରାଉତ ସ୍ମୃତି ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟ ପ୍ରତିଷ୍ଠା ହେବାପୁର୍ବରୁ ପ୍ରତିଷ୍ଠାତା ସଭାପତି ସ୍ୱାଧୀନତା ସଂଗ୍ରାମୀ ମହନ୍ତ ପ୍ରଧାନ ଆନୁଷ୍ଠାନିକ ଭାବେ ନିଜ ପଦବୀରୁ ଇସ୍ତଫା ଦେଇ ତତ୍କାଳୀନ ସଂସଦ ଦେବେନ୍ଦ୍ର ଶତପଥିଙ୍କୁ ପରିଚାଳନା କମିଟିର ସଭାପତି ଭାବେ ଦାୟିତ୍ୱ ଅର୍ପଣ କଲେ । ୧୯୮୦ ମସିହାରେ କଂଗ୍ରେସ ପ୍ରାର୍ଥୀ ଭାବେ ଶ୍ରୀଯୁକ୍ତ କୈଳାସ ଚନ୍ଦ୍ର ମହାପାତ୍ର ନିର୍ବାଚିତ ହେଲେ । ତାଙ୍କର ନେତୃତ୍ୱ ଓ ଜନସାଧାରଣଙ୍କ ଦାବି ଅନୁଯାୟୀ ୧୯୮୨ ମସିହାରେ ଭୁବନରେ ତହସିଲ କାର୍ଯ୍ୟାଳୟ ଓ ୧୯୮୫ ମସିହାରେ ସବରେଜିଷ୍ଟ୍ରି ତଥା ଟ୍ରେଜେରୀ କାର୍ଯ୍ୟାଳୟ ସ୍ଥାପିତ ହେଲା । ଫଳରେ ଭୁବନ ଅଞ୍ଚଳ ଜନସାଧାରଣଙ୍କୁ ଆଉ କାମାକ୍ଷାନଗର ଯିବାକୁ ପଡ଼ିଲାନାହିଁ । ତେବେ ଭୁବନ ଜନସାଧାରଣଙ୍କ ଦାବି ଏବଂ ବିଚାର ବିଭାଗୀୟ ପ୍ରଶାସନ ଦୃଷ୍ଟିରୁ ଭୁବନରେ ଏକ ବିଚାରାଳୟ ଅଦାଲତ ପ୍ରତିଷ୍ଠା ପାଇଁ ଧୀରେ ଧୀରେ ଲୋକଙ୍କ ସ୍ୱର ସାଣିତ ହେଲା ! କୋର୍ଟ କଚେରୀ କାର୍ଯ୍ୟରେ ଭୁବନ ଅଞ୍ଚଳର ଜନସାଧାରଣଙ୍କୁ କାମାକ୍ଷାନଗର ଯାଇ କଚେରୀ କାର୍ଯ୍ୟକରି ଫେରିବା କଷ୍ଟକର ହେଉଥିଲା । ସେ ସବୁକୁ ଦୃଷ୍ଟିରେ ରଖି ଭୁବନ ସହରବାସୀ ତଥା ଭୁବନର ଓକିଲମାନଙ୍କ ମିଳିତ ପ୍ରଚେଷ୍ଟାରେ ପୁନଶ୍ଚ ଭୁବନରେ ବିଚାର ବିଭାଗୀୟ ଅଦାଲତର ଦାବି ଚେଇଁ ଉଠିଲା । ଭୁବନର ଜନବସତି ତଥା ମାଲିମକଦମାରେ ଆବଶ୍ୟକତା ଦୃଷ୍ଟିରୁ ଭୁବନରେ ବିଚାର ବିଭାଗୀୟ ଅଦାଲତ ପ୍ରତିଷ୍ଠାର ଆବଶ୍ୟକତା ଅଛି ବୋଲି ସରକାର ଅନୁଭବ କଲେ । ତତ୍କାଳୀନ ମାନ୍ୟବର ବିଧାୟକ ତଥା ବର୍ତ୍ତମାନର ଖଣି, ଓ ଇସ୍ପାତ ମନ୍ତ୍ରୀ ଶ୍ରୀଯୁକ୍ତ ପ୍ରଫୁଲ୍ଲ କୁମାର ମଲ୍ଲିକଙ୍କ ପ୍ରଚେଷ୍ଟା ଓ ସ୍ଥାନୀୟ ଓକିଲ ସହଯୋଗ କ୍ରମେ ଗତ ୨୦୦୯ ମସିହା ମାର୍ଚ୍ଚ ୨୯ ତାରିଖରେ ଭୁବନରେ ଏକ ବିଚାର ବିଭାଗୀୟ ଅଦାଲତ ପ୍ରତିଷ୍ଠା ହେଲା । ତାହା ଭୁବନ ତହସିଲ କାର୍ଯ୍ୟାଳୟର ଏକ କ୍ୱାଟରର୍ସରେ ଚାଲିଲା । ପ୍ରତିଷ୍ଠା ଉତ୍ସବରେ ଉଚ୍ଚ ନ୍ୟାୟାଳୟର ମୁଖ୍ୟ ବିଚାରପତିଙ୍କ ସମେତ ଏକାଧିକ ମାନ୍ୟବର ବିଚାରପତି, ଜିଲ୍ଲାଜଜ୍, ପ୍ରଶାସନିକ ଅଧିକାରୀ ଉପସ୍ଥିତ ଥିଲେ । ପରବର୍ତ୍ତୀ ପର୍ଯ୍ୟାୟରେ ରାଜ୍ୟସରକାର ଭୁବନ ତହସିଲ ସନ୍ନିକଟ ୨ ଏକର ଜମିକୁ ରେକର୍ଡ଼ଭୁକ୍ତ କରାଇ ଭୁବନ ବିଚାର ବିଭାଗୀୟ ଅଦାଲତର ନୂତନ ଗୃହ ନିର୍ମିତ ଦ୍ୱିତଳ ପ୍ରାସାଦ ନିର୍ମାଣ କରିଥିଲେ । ଏହି ଆକର୍ଷଣୀୟ ଦ୍ୱିତଳ ପ୍ରାସାଦଟି ଏକ ପାହାଡ଼ ଉପରେ ନିର୍ମାଣ ହୋଇଥିବାରୁ ଏହା ଭୁବନର ଆକର୍ଷଣୀୟ କେନ୍ଦ୍ରବିନ୍ଦୁ ପାଲଟିଛି । ଭୁବନ ବ୍ଲକ ସମସ୍ତ ପଞ୍ଚାୟତର ରାଜସ୍ୱ ଗ୍ରାମକୁ ନେଇ ବିଚାର ବିଭାଗୀୟ ପରିସୀମା ବୃଦ୍ଧି କରାଗଲେ କୋର୍ଟର ମକୋଦମା ସଂଖ୍ୟା ବୃଦ୍ଧି ପାଇବ ଏବଂ ଭୁବନ ସିଭିଲ କୋର୍ଟରେ ସର୍କିଟ୍ କୋର୍ଟର ବ୍ୟବସ୍ଥା କରାଗଲେ ବହୁ ଗୁରୁତ୍ୱପୂର୍ଣ୍ଣ ସେସନ୍ସ କେଶର ବିଚାର ଭୁବନ କୋର୍ଟରେ ହୋଇପାରନ୍ତା । ଏଥିପାଇଁ ରାଜ୍ୟ ସରକାର ପୂର୍ଣ୍ଣ ମାତ୍ରାରେ ସହଯୋଗ କରିବାକୁ ଦାବି ହେଉଛି । ଭୁବନରେ ବିଚାର ବିଭାଗୀୟ କୋର୍ଟ ପ୍ରତିଷ୍ଠା ଦ୍ୱାରା ଭୁବନ ଅଞ୍ଚଳର ଜନସାଧାରଣ ସୁବିଧାରେ ନିଜ ନିଜର କେଶ୍ ଫଏସଲା କରିପାରୁଛନ୍ତି । ❋

ବ୍ୟାଚ: ୧୯୮୧

ଫୋନ୍ : ୯୪୩୭୩୬୦୯୩୨, ୮୬୩୭୨୬୨୫୧୭

ଜାତୀୟ ମମତା ବିଶ୍ୱଜନ ପ୍ରୀତି, ଉତ୍କଳବାସୀର ହେଉ ଏହା ନୀତି ।

- ଉତ୍କଳମଣି ଗୋପବନ୍ଧୁ ଦାସ (ବନ୍ଦୀର ଆତ୍ମକଥା)

ଭୁବନର ଅନନ୍ୟ କାଠଶିଳ୍ପୀ

ଡକ୍ଟର ସୁବାଷ ନାୟକ

ଆମ ଉତ୍କଳ ଏକ କଳାର ରାଜ୍ୟ। ଏଠିକାର ଶିଳ୍ପୀମାନେ ନିହାଣ ମୂନର ଯାଦୁକରୀ ସ୍ପର୍ଶରେ ଗଢି ଯାଇଛନ୍ତି ବିଶ୍ୱର ଅଦ୍ୱିତୀୟ କୋଣାର୍କର ସୂର୍ଯ୍ୟ ମନ୍ଦିର, ଲିଙ୍ଗରାଜ ମନ୍ଦିର ଓ ପ୍ରସିଦ୍ଧ ଶ୍ରୀ ଜଗନ୍ନାଥ ମନ୍ଦିର। ଏହାହିଁ ଆମ ଶିଳ୍ପୀମାନଙ୍କ କଳା କୃତିର ନମୁନା।

ଆମ ଜନ୍ମମାଟି ଭୁବନ ଭାରତବର୍ଷର ବଡ଼ ଗାଁ ଭାବରେ ସୁବିଖ୍ୟାତ ଥିଲା। ଏବେ ଗୋଟିଏ ଛୋଟିଆ ସହର। ଏଠାରେ ଜନ୍ମିତ ଅନେକ ବ୍ୟକ୍ତି, ସାହିତ୍ୟ, କଳା, ବିଜ୍ଞାନ, କ୍ରୀଡ଼ା ଅଧ୍ୟାପନା, ବାଣିଜ୍ୟ, ଓକିଲାତି ଏବଂ ସମାଜସେବା କ୍ଷେତ୍ରରେ ସୁନାମ ଅର୍ଜ୍ଜନ କରି ନିଜ ଜନ୍ମମାଟିକୁ ତଥା ବିଦ୍ୟାଳୟକୁ ଗର୍ବିତ କରିଛନ୍ତି।

ଭୁବନ ଛତିଶ ପାଟକର ଗାଁ। ଅତୀତରେ ବ୍ୟବସାୟ, ବାଣିଜ୍ୟ ଓ କୃଷିକାର୍ଯ୍ୟ ଥିଲା ମୁଖ୍ୟ ଜୀବିକା। ଥୋରିଆ, ବଣିଆ ଓ କାଚରା ସମାଜର ବ୍ୟବସାୟୀମାନେ ମାଲ ପରିବହନ କରୁଥିଲେ ବଳଦ ପିଠିରେ ଏବଂ ପରେ ଶଗଡ଼ ଗାଡ଼ିରେ। ଅନେକ ନିପୂଣ ମହାରଣାମାନେ ଶଗଡ଼ ଓ ଅନ୍ୟାନ୍ୟ କାଠକାମ କରୁଥିଲେ। ଏମାନଙ୍କ ମଧ୍ୟରେ ପୁରୁଷୋତ୍ତମ ମହାରଣା ଦେବୋତ୍ତର ବିଭାଗରୁ ସଂଜ୍ଞା ପାଇ ଢେଙ୍କାନାଳରେ ରଥ ନିର୍ମାଣ କରୁଥିଲେ। ଗୋବିନ୍ଦ ମହାରଣା ଓ ପୁରୁଷୋତ୍ତମ ମହାରଣା କାଠର ଖୋଦେଇ ମୂର୍ତ୍ତି, ପଥର ଓ ମାଟିର ମୂର୍ତ୍ତି ମଧ୍ୟ ନିର୍ମାଣ କରୁଥିଲେ।

କାଠଶିଳ୍ପୀମାନଙ୍କ ମଧ୍ୟରେ ଭୁବନକୁ ଯେଉଁମାନେ ଗର୍ବିତ କରିଛନ୍ତି, ସେମାନଙ୍କ ମଧ୍ୟରୁ ଅନନ୍ୟ ବିଶ୍ୱକର୍ମା ସ୍ୱର୍ଗତ ଲକ୍ଷ୍ମଣ ଗୁରୁ, ସ୍ୱର୍ଗତ ନବ କିଶୋର ମହାରଣା ଓ ଶ୍ରୀ ରାମଚନ୍ଦ୍ର ନାୟକ।

ସ୍ୱର୍ଗତ ଲକ୍ଷ୍ମଣ ଗୁରୁ

ସ୍ୱର୍ଗତ ଲକ୍ଷ୍ମଣ ଗୁରୁଙ୍କ କାଠ ଖୋଦେଇ ଆଶୋକ ସ୍ତମ୍ଭ, ଅନନ୍ୟ ସାଧାରଣ । ସେ କାଠ ଖୋଦେଇ ଶିଳ୍ପୀଭାବରେ କେବଳ ଭୁବନ ନୁହେଁ ସମଗ୍ର ଜିଲ୍ଲାରେ ସୁପରିଚିତ ଥିଲେ। କପିଳାସର ଶୈବପୀଠ ବାବା ଚନ୍ଦ୍ରଶେଖର ଜୀଉଙ୍କର ପଲଙ୍କ ଓ ପାଲିଙ୍କି ନିର୍ମାଣ କରି ଜିଲ୍ଲା ପ୍ରଶାସନର ଦେବୋତ୍ତର ବିଭାଗରୁ ପ୍ରଶଂସିତ ହୋଇଥିଲେ। ଏତଦବ୍ୟତୀତ ତାଙ୍କର କଳାକୃତି ନିମିତ୍ତ ବିଭିନ୍ନ ସରକାରୀ ଓ ଅନ୍ୟାନ୍ୟ ଅନୁଷ୍ଠାମାନଙ୍କ ତରଫରୁ ସଂବର୍ଦ୍ଧିତ ହୋଇଥିଲେ।

ସ୍ୱର୍ଗତ ଗୁରୁ ମଧ୍ୟ ଜଣେ ଦକ୍ଷ କଳାକାର ଭାବେ ବିଭିନ୍ନ ନାଟକରେ ଅଭିନୟ କରି ଦର୍ଶକଙ୍କର ପ୍ରିୟପାତ୍ର ହୋଇଥିଲେ। ଜିଲ୍ଲାର ପ୍ରସିଦ୍ଧ ପାଲାଗାୟକ ସ୍ୱର୍ଗତ ନାରାୟଣ ପଣ୍ଡାଙ୍କ ଶ୍ରୀ ପାଳିଆ ଭାବେ ଜନପ୍ରିୟ ଥିଲେ। ସଂପ୍ରତି ତାଙ୍କର ସୁପୁତ୍ର ଶ୍ରୀ ଭଗବାନ ଗୁରୁ ଭୁବନର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ-ମିରାବାଇ କଳାବିକାଶ କେନ୍ଦ୍ରର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ। ତାଙ୍କର ବହୁ ନାଟକ, ସିନେମା, ସଂଗୀତ ଭିତ୍ତିକ କାର୍ଯ୍ୟକ୍ରମ ରେଡ଼ିଓ, ସିନେମା ଓ ଦୂରଦର୍ଶନରେ ପ୍ରସାରିତ ହୋଇଅଛି। ସେ ଏବେ ଓଡ଼ିଶା ସଂଗୀତ ନାଟକ ଏକାଡ଼େମୀର ଜଣେ ପ୍ରମୁଖ ସଦସ୍ୟ।

ସ୍ୱର୍ଗତ ନବକିଶୋର ମହାରଣା

ଭୁବନର ଅନ୍ୟତମ ବିଦ୍ୱାଣୀ ବିଶିଷ୍ଟ କାଠ ଶିଳ୍ପୀ ସ୍ୱର୍ଗତ ନବ କିଶୋର ମହାରଣା ଭୁବନ ବଡ଼ହାଟ ବାସିନ୍ଦା ଥିଲେ। କାଠ ଖୋଦେଇ ଶିଳ୍ପୀ ଭାବରେ ଭୁବନ ତଥା ଏ ଅଞ୍ଚଳରେ ତାଙ୍କ ନିର୍ମିତ ଗୃହ ଉପକରଣ ଓ କାରୁକାର୍ଯ୍ୟ ପାଇଁ ସେ ପ୍ରସିଦ୍ଧି ଲାଭ କରିଥିଲେ। ଏତଦ୍ ବ୍ୟତୀତ ଜଣେ ଦକ୍ଷ କଳାକାର ଭାବେ ଅଭିନୟ ସହିତ ବଂଶୀବାଦନ କରି ଲୋକପ୍ରିୟ ହୋଇଥିଲେ।

ଶ୍ରୀ ରାମଚନ୍ଦ୍ର ନାୟକ

ଶ୍ରୀ ରାମଚନ୍ଦ୍ର ନାୟକ - ସମାଜର ଜଣେ ଆଗଧାଡ଼ିର ବ୍ୟକ୍ତିତ୍ୱ। ଖୁବ୍ ଛୋଟ ବୟସରୁ ସେ ବଢେଇ ବୃତ୍ତିକୁ ଜୀବିକାଭାବେ ଗ୍ରହଣ କରିଥିଲେ। ବିଶିଷ୍ଟ କାଠଶିଳ୍ପୀ ସ୍ୱର୍ଗତ ନବ କିଶୋର ମହାରଣା ତାଙ୍କର ଗୁରୁ ଥିଲେ। ପରବର୍ତ୍ତୀ ସମୟରେ ରାମଚନ୍ଦ୍ର ନିଜେ ଏକ କାଠଶାଳା ପ୍ରତିଷ୍ଠା କରି ଅନେକଙ୍କୁ ତାଲିମ ଦେଉଥିଲେ। ସଂପ୍ରତି ରେଜିଷ୍ଟ୍ରିପ୍ରାପ୍ତ କାଠ ଶିଳ୍ପୀର ମାନ୍ୟତା ପାଇଛନ୍ତି ଏବଂ ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଶ୍ରୀ ରାମ ଫର୍ଣ୍ଣିଚର୍ ୱାର୍କସପ୍‌ରେ ଭୁବନର ଅନେକ ଶିଳ୍ପୀ କାର୍ଯ୍ୟ କରୁଛନ୍ତି। ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରାଣାଳୟର ଶିଳ୍ପ ପ୍ରଦର୍ଶନୀରେ ତାଙ୍କର ଭାରତୀୟ ନାରୀ (କାଠ ଖୋଦେଇ) ସ୍ଥାନିତ

ହୋଇଥିଲା। ଶିଳ୍ପୀ ରାମଚନ୍ଦ୍ର ଓଡ଼ିଶା ସରକାରଙ୍କ ଭୁବନ କାରିଗର ବହୁମୁଖୀ ଶିଳ୍ପ ସମବାୟ ସମିତିର ପରିଚାଳନା ସିମିତିର ସଭ୍ୟ ଭାବେ ଶିଳ୍ପୀ ସମାଜ ପାଇଁ ଅନେକ ଉନ୍ନତି କାରକ କାର୍ଯ୍ୟକ୍ରମ କରିଥିଲେ।

ସେ ଢେଙ୍କାନାଳ ଜିଲ୍ଲା ପ୍ରଶାସନ ଦ୍ୱାରା ୨୦୧୨ ମସିହାରେ ଆୟୋଜିତ ଜିଲ୍ଲା ମହୋତ୍ସବରେ "ମହିମା ହସ୍ତ କଳା ସମ୍ମାନ" ପ୍ରାପ୍ତ ହୋଇଛନ୍ତି। ତାଙ୍କର କାଠ ଶିଳ୍ପକୁ ଦେଇଥିବା କଳାକୃତି ପାଇଁ ବହୁ ସମ୍ମାନର ଅଧିକାରୀ ହୋଇ ଭୁବନର ଟେକ ରଖିଛନ୍ତି।

ଭୁବନର କାଠଶିଳ୍ପୀମାନଙ୍କର ଅନନ୍ୟ ପ୍ରତିଭା ସର୍ବଜନ ବିଦିତ। ଭୁବନର କାଠଶିଳ୍ପ ବ୍ୟତୀତ କଂସାବାସନ, ଶିଂଘକାମ, କାଠକୁନ୍ଦା କାମ, ସ୍ୱର୍ଣ୍ଣ ଅଳଙ୍କାରର ପ୍ରସିଦ୍ଧି ଥିଲା। ସେସବୁ ଆଜି ପ୍ରକାରାନ୍ତରେ ଲୋପ ପାଇଯାଇଛି। ଏହି କଳାକୃତି ଓ ଦିଗ୍‌ଦର୍ଶନକୁ ପାଥେୟ କରି ନୂଆ ପିଢ଼ିର ଯୁବକମାନେ ଅନୁପ୍ରାଣିତ ହେଲେ ହଜିଯାଉଥିବା କଳାକୃତିର ପୁନରୁଦ୍ଧାର ହୋଇ ପାରିବ। ❋

ବ୍ୟାଚ: ୧୯୯୩
ଫୋନ୍ : ୯୪୩୮୧୦୯୮୭୨

ଭାରତୀୟ ସମ୍ବିଧାନର ଧାରା 'ୟ୧' ଏରେ ଦଶଟି ନାଗରିକଙ୍କ ମୌଳିକ କର୍ତ୍ତବ୍ୟ ଦିଆଯାଇଛି। ସେଥିରୁ ପାଞ୍ଚଟି ହେଲା -

(କ) ଧାର୍ମିକ, ଭାଷାଗତ ଓ ଆଞ୍ଚଳିକ ବିବିଧତା ଉର୍ଦ୍ଧ୍ୱକୁ ଯାଇ ଦେଶର ସମସ୍ତ ଜନଗଣଙ୍କ ମଧ୍ୟରେ ମୈତ୍ରୀ ଭାବ ଓ ରାଷ୍ଟ୍ରୀୟ ସଂହତି ବୃଦ୍ଧି କରିବା। ମହିଳାମାନଙ୍କ ଆତ୍ମସମ୍ମାନର ପରିପନ୍ଥୀ ବିଷୟକୁ ପରିତ୍ୟାଗ କରିବା।

(ଖ) ଦେଶର ସାଂସ୍କୃତିକ ବିବିଧତା ଓ ଐତିହ୍ୟକୁ ସମ୍ମାନ ଓ ସୁରକ୍ଷା ଦେବା।

(ଗ) ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ, ମାନବବାଦ, ଅନୁସନ୍ଧିତ୍ସୁ ମନୋଭାବ ଓ ସଂସ୍କାରିତ ମନୋଭାବର ବିକାଶ ସାଧନ କରିବା।

(ଘ) ଜାତୀୟ ସମ୍ପତ୍ତିର ସୁରକ୍ଷା କରିବା ଓ ହିଂସା ପରିତ୍ୟାଗ କରିବା

(ଙ) ବ୍ୟକ୍ତିଗତ ତଥା ସାମୂହିକ ଜୀବନ ଧାରାରେ ଉତ୍କର୍ଷ ସାଧନ ପାଇଁ ଲକ୍ଷ୍ୟ ରଖିବା, ଫଳରେ ଦେଶ ଉନ୍ନତରୁ ଉନ୍ନତତର ସ୍ଥିତିକୁ ଯାଇପାରିବ।

ଗଡଜାତର ସୂର୍ଯ୍ୟ

ପ୍ରେମାନନ୍ଦ ପାଣିଗ୍ରାହୀ

ପରାଧୀନ ଭାରତରେ ୫୬୨ଟି ଗଡଜାତ ବା ଦେଶୀୟ ରାଜ୍ୟ ମଧ୍ୟରେ ଢେଙ୍କାନାଳ ଅନ୍ୟତମ। ପଲିଟିକାଲ ଏଜେଣ୍ଟଙ୍କ ସାହାଯ୍ୟରେ ଏଠାକାର ଗଡଜାତ ରାଜା ଶାସନ କରୁଥିଲେ। ଉଭୟ ଇଂରେଜ ସରକାର ଓ ଗଡଜାତ ରାଜାଙ୍କର ଅତ୍ୟାଚାରରେ ପ୍ରଜାମାନେ ଅତିଷ୍ଠ ହୋଇ ଉଠିଥିଲେ। ରାଜାଙ୍କ ଇଚ୍ଛା, ମର୍ଜି ଅନୁସାରେ ମାଜିଷ୍ଟ୍ରେଟ୍, ପୋଲିସ୍, ହାକିମ ଓ ରାଜ କର୍ମଚାରୀ ପରିଚାଳିତ ହେଉଥଲେ। ଗଡଜାତର ରାଜା ପ୍ରଜାମାନଙ୍କର ସ୍ୱାର୍ଥ, ସୁଖ, ସୁବିଧାକୁ ଦୃଷ୍ଟି ଦେଉନଥଲେ। ବରଂ ପ୍ରଜାମାନଙ୍କୁ ଶୋଷଣ କରୁଥିଲେ। ରାଜାଙ୍କୁ ଅତ୍ୟଧିକ କର, ସେସ୍ ସାଙ୍ଗକୁ ଭେଟି, ବେଠି, ମାଗଣ, ରସଦ ପ୍ରଭୃତି ଦେଇ ପ୍ରଜାମାନେ ନିଃସ୍ୱ ହୋଇଯାଉଥିଲେ। ଶାସକଙ୍କର ଏତାଦୃଶ ଅତ୍ୟାଚାରକୁ ବିରୋଧ କରିବାପାଇଁ କିଛି ପ୍ରଜା ଅଣ୍ଟା ଭିଡିଲେ। ୧୯୩୧ ମସିହା ବେଳକୁ ଓଡିଶାର ଗଡଜାତ ଅଞ୍ଚଳରେ ପ୍ରଜାମଣ୍ଡଳ ଆନ୍ଦୋଳନର ସୂତ୍ରପାତ ହୋଇଥିଲା। ୧୯୩୮ ମସିହାବେଳକୁ ଏହା ତୀବ୍ର ରୂପ ନେଲା। ଏହାର ପ୍ରଭାବରେ ଢେଙ୍କାନାଳ ଗଡ଼ଜାତର ପ୍ରଜାମାନଙ୍କ ହୃଦୟରେ ଏକ ବିଦ୍ରୋହାତ୍ମକ ମନୋଭାବ ଉଦ୍ରେକ ହୋଇଥିଲା। ନୀଳଗିରି ପରେ ଢେଙ୍କାନାଳରେ ଆରମ୍ଭ ହେଲା ପ୍ରଜାମଣ୍ଡଳ ଆନ୍ଦୋଳନ। ସେପ୍ଟେମ୍ବର ୧ ତାରିଖରେ ଅବିଭକ୍ତ ଢେଙ୍କାନାଳ ଜିଲ୍ଲା ବୃନ୍ଦାଦେଇପୁର(ଜେନାପୁର)ରେ ଅନୁଷ୍ଠିତ କୃଷକ ସଭାରେ ପାଖାପାଖି ୫୦ ହଜାର ଲୋକ ଯୋଗ ଦେଇଥିଲେ। ସେଥିମଧ୍ୟରୁ ୩୦ ହଜାର ଲୋକ କେବଳ ଢେଙ୍କାନାଳ ଜିଲ୍ଲାର। ବାଜି ରାଉତଙ୍କୁ ସେତେବେଳେ ୧୨ ବର୍ଷ ବୟସ। ପିଲାଟି ଦିନରୁ ବାପ ଛେଉଣ୍ଡ। ଗାଁରେ ସେତେବେଳେ ବିଦ୍ୟାଳୟ ନଥିବାରୁ ଚାଟଶାଳୀ ଶିକ୍ଷା ପରେ ତାଙ୍କ ପାଠ ପଢାରେ ଡୋରୀ ବନ୍ଧା ହୋଇଥିଲା। ଘର ଠାରୁ ଅନତି ଦୂରରେ ବ୍ରାହ୍ମଣୀ ନଦୀ ଘାଟ। ରାଜ କର୍ମଚାରୀଙ୍କ ଠାରୁ ଆରମ୍ଭ କରି ସାଧାରଣ ଲୋକେ ଏହି ଘାଟ ଦେଇ ନିଜନିଜ କାମରେ ଯାଆସ କରୁଥିଲେ। ରାଜାଙ୍କର ହୁଙ୍କାପିଟା ଶାସନ ବିଷୟରେ ବାଜି ଏହି ଘାଟରେ ଶୁଣୁଥିଲେ। ଦିନକୁ ଦିନ ରାଜାଙ୍କର ଅମାନୁଷିକ ନିର୍ଯ୍ୟାତନାର ଖବର ଶୁଣିଶୁଣି ବାଜିଙ୍କ ମନରେ ବିଦ୍ରୋହ ଉଙ୍କି ମାରିଥିଲା। ରାଜାଙ୍କର ଅତ୍ୟାଚାର ଓ ପ୍ରଜାମଣ୍ଡଳର ଆହ୍ୱାନରେ ପ୍ରଭାବିତ ହୋଇ ସେ ନିଜକୁ ଜଣେ ସ୍ୱେଚ୍ଛାସେବୀ ଭାବେ ସଂଗ୍ରାମ ଆରମ୍ଭ କଲେ। ସେତେବେଳେ ଢେଙ୍କାନାଳରେ ମହେଶଚନ୍ଦ୍ର ସୁବାହୁ ସିଂ, ସାରଙ୍ଗଧର ଦାସ, ବୈଷ୍ଣବ ଚରଣ ପଟ୍ଟନାୟକ, ହରମୋହନ ପଟ୍ଟନାୟକ, ବ୍ରଜକିଶୋର ଧଳ, ଭଜମନ ସାହୁ, ଲକ୍ଷ୍ମୀଧର ସାହୁ, ମୃଷା ମଲ୍ଲିକ ପ୍ରମୁଖଙ୍କ ନେତୃତ୍ୱରେ ପ୍ରଜାମଣ୍ଡଳ ଗଠନ କରାଯାଇଥିଲା। ଢେଙ୍କାନାଳର ବିଭିନ୍ନ ଅଞ୍ଚଳରେ ପ୍ରଜାମଣ୍ଡଳର ଶାଖା ଗଠନ କରାଗଲା। ପ୍ରଜାମଣ୍ଡଳ ଗଠନର ଅଳ୍ପଦିନ ପରେ ଢେଙ୍କାନାଳର ଜନସାଧାରଣଙ୍କ ମଧ୍ୟରେ ଜାଗରଣ ଦେଖାଦେଲା। ଇଂରେଜ ସରକାର ଓ ଗଡଜାତ ଶାସକଙ୍କ ବିରୋଧରେ ଲଢିବାପାଇଁ ପ୍ରତ୍ୟେକ ଗ୍ରାମର ଲୋକମାନେ ପ୍ରଜାମଣ୍ଡଳର ସଭ୍ୟ ହେଲେ। ଭୁବନ, ମଢି, ପରଜଙ୍ଗ, ହିନ୍ଦୋଳ ଅଞ୍ଚଳରେ ପ୍ରଜାମଣ୍ଡଳର କର୍ମୀମାନେ ଗାଁ ଗାଁ ବୁଲି ପ୍ରଜାମଣ୍ଡଳ ଗୀତ ଗାଇ ଲୋକମାନଙ୍କୁ ଜାଗ୍ରତ କରୁଥିଲେ। "ରାଜା, ମାର ତୁ ଯେତେ ଗୁଳି...ହୁଙ୍କାପିଟା ଶାସନ ଆମେ ଗୋଡରେ ଦେବୁ ଦଳି" କବିତାଟି ସେତେବେଳେ ଲୋକଙ୍କ ମୁହଁରୁ ମୁହଁକୁ ବ୍ୟାପୀ ଚାରିଆଡେ ଅଦ୍ଭୁତ ପ୍ରେରଣା ଆଣି ଦେଇଥିଲା।

ଢେଙ୍କାନାଳ ଜିଲ୍ଲାର ପ୍ରଜାମଣ୍ଡଳ ଆନ୍ଦୋଳନର ମୁଖ୍ୟପୀଠ ଭାବେ ଭୁବନର ସୁଖ୍ୟାତି ଥିଲା। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ଭୁବନର ବଡହାଟ ଠାରେ ପ୍ରଜାମଣ୍ଡଳର ସଭା ବସେ। ଭୁବନ ଅଞ୍ଚଳରେ ଗଙ୍ଗାଧର ମିଶ୍ର, ବେଣୁଧର ପରିଡା, ମହନ୍ତ ପ୍ରଧାନ, ନଟ ସାହୁ, ରଘୁ ନାୟକ, ହୁରୁଷି ପ୍ରଧାନ, ଗୁରି ନାୟକ ପ୍ରମୁଖ କର୍ମୀମାନେ ପ୍ରଜାମଣ୍ଡଳରେ ସକ୍ରିୟ ଅଂଶଗ୍ରହଣ କରୁଥାନ୍ତି। ୧୯୩୮ ମସିହା ଅକ୍ଟୋବର ମାସ ୧୦ ତାରିଖ। ହାଇଦ୍ରାବାଦୀ ସୈନ୍ୟ, ଗୁର୍ଖା ସୈନ୍ୟ ସହ ଦେଶୀୟ ଫୌଜଙ୍କୁ ନେଇ ଗଠିତ ଗୋରାବାହିନୀ ଗୋଡିଡିହି, ତୁମୁସିଂହା, ପରଜଙ୍ଗ, କନ୍ଦରସିଂହାରେ ନାରକୀୟ ସଂହାର ଲୀଳା ଶେଷ କରି ବ୍ରାହ୍ମଣୀ ନଦୀର ଚଷାପଡା ଘାଟରୁ ଡଙ୍ଗାରେ ଆସି ସନ୍ଧ୍ୟାରେ ଭୁବନ ଗ୍ରାମରେ ପ୍ରବେଶ କଲେ। ବୀର ବୈଷ୍ଣବ ପଟ୍ଟନାୟକ ଭୁବନରେ ଆମ୍ ଗୋପନ କରିଥିବା ସନ୍ଦେହରେ ପ୍ରଜାମଣ୍ଡଳ କର୍ମୀଙ୍କ ଘରକୁ ଖାନତଲାସ କଲେ। ଆଠ ଜଣ ପ୍ରଜାମଣ୍ଡଳ କର୍ମୀଙ୍କୁ ବେଆଇନ୍ ଗିରଫଦାରି କରି ଭୁବନ ଥାନାକୁ ଆଣିଲେ ! ଏ ଖବର ଭୁବନ ଓ ଏହାର ଆଖପାଖ ଅଞ୍ଚଳରେ ନିମିଷକେ ବ୍ୟାପିଗଲା। କର୍ମୀମାନେ ଥାନା ଘେରାଉ କଲେ। ଗିରଫ

ପ୍ରଜାମଣ୍ଡଳର କର୍ମୀମାନଙ୍କୁ ଛାଡି ଦେବାପାଇଁ ସ୍ଲୋଗାନ ଦେଲେ। ବ୍ୟତିବ୍ୟସ୍ତ ହୋଇ ଥାନା ଉପରକୁ ଟେକା ପଥର ଫିଙ୍ଗିଲେ। ସୃଷ୍ଟି ହେଲା ପୋଲିସ୍‌ର ଦମନ ଲୀଳା। ଥାନା ଭିତରୁ ବର୍ଷିଲା ଅବିଶ୍ରାନ୍ତ ଗୁଳି। ପୋଲିସ ଗୁଳିରେ ଶହୀଦ ହେଲେ ଗୁରି ନାୟକ ଓ ଗୁରୁତର ଆହତ ହେଲେ ରଘୁ ନାୟକ। ଅନେକ କର୍ମୀ ଖଣ୍ଡିଆ ଖାବରା ହେଲେ। ତଥାପି ଲୋକେ ପଛଘୁଞ୍ଚା ଦେଉନଥାନ୍ତି; ପାହାନ୍ତା ପ୍ରହର ବେଳକୁ ଫୌଜମାନେ ଲୁଚି ଡେଙ୍କାନାଳ ଗଡ଼କୁ ଚାଲିଯିବାକୁ ବସିଥିଲେ। ସେମାନଙ୍କଠାରୁ ଅସ୍ତ୍ରଶସ୍ତ୍ର ଛଡାଇ ପ୍ରତିଶୋଧ ନେବା ପାଇଁ ପ୍ରଜାମଣ୍ଡଳ କର୍ମୀମାନେ ଗୋଡାଇଲେ। ଫୌଜମାନେ ନୀଳକଣ୍ଠପୁର ବ୍ରାହ୍ମଣୀ ଘାଟରେ ପହଞ୍ଚି ଡଙ୍ଗାରେ ଆର ପଟକୁ ଯିବାକୁ ଦୌଡୁଥାନ୍ତି। ସେମାନଙ୍କୁ ଶହ ଶହ ସଂଖ୍ୟାରେ ଲୋକ ଭୁବନ ଗ୍ରାମରୁ ଗୋଡାଇଥାନ୍ତି। ଜୀବନ ସେମାନଙ୍କର ବିପନ୍ନ। ସେତେବେଳେ ଘାଟରେ ଦୁଇଟି ଡଙ୍ଗା ଥିଲା। ଗୋଟିଏ ରାଜ କର୍ମଚାରୀମାନେ ନଦୀ ପାର ହେବାପାଇଁ ଓ ଅନ୍ୟଟି ସାଧାରଣ ଲୋକଙ୍କ ପାଇଁ। ପୂର୍ବରୁ ଫୌଜମାନେ ନୀଳକଣ୍ଠପୁର ଘାଟକୁ ଆସୁଥିବାର ଖବର ପାଇ କର୍ମୀମାନେ ରାଜାଙ୍କ ଡଙ୍ଗାକୁ ନଦୀରେ ବୁଡାଇ ଦେଇଥିଲେ। ଅନେକ କର୍ମୀ ସାଧାରଣ ଲୋକଙ୍କ ଡଙ୍ଗାକୁ ଜଗି ରହିଥିଲେ। ଫୌଜମାନେ ଘାଟରେ ପହଞ୍ଚି ନଦୀପାର କରିଦେବାପାଇଁ ସେମାନଙ୍କୁ ଚିତ୍କାର କରି କହିଲେ। କର୍ମୀମାନଙ୍କ ଗହଣରେ ଥିବା ଦେଶଭକ୍ତ ବାଜି ଓ ଅନ୍ୟମାନେ ଫୌଜଙ୍କ ନାଲି ଆଖି ଓ ଧମକକୁ ଭୟ ନକରି ଜବାବ ଦେଲେ "ପ୍ରଜାମଣ୍ଡଳର ହୁକୁମ ନାହିଁ, ଆମେ ନଦୀ ପାର କରିବୁ ନାହିଁ। ତମେ ରାଜାର ଲୋକ। ଆମ ମା ମାଟିକୁ ତମେମାନେ କଳୁଷିତ କରିଛ। ଆମ ଜାତିଭାଇଙ୍କୁ ନିର୍ଯ୍ୟାତନା ଦେଇଛ। ଡଙ୍ଗାରେ ନଦୀ ପାର କରିଦେବା ପାଇଁ ଫୌଜମାନେ ଯେତେ ଧମକାଇଲେ ମଧ୍ୟ ଲୋକମାନେ ଜିଦ୍‌ରୁ ଓହରି ନଥିଲେ। ଲୋକଙ୍କ କଣ୍ଠରୁ ପ୍ରଜାମଣ୍ଡଳର ନାଁ ଶୁଣି ଫୌଜମାନେ ରାଗ ଜରଜର ହୋଇ ଡଙ୍ଗା ଉପରକୁ କୁଦି ପଡିଲେ। ଫୌଜମାନେ ଡଙ୍ଗା ବାହି ପଳାଇ ଯିବାକୁ ଉଦ୍ୟମ କରୁଥିବା ବେଳେ ଡଙ୍ଗା ଦଉଡିକୁ କର୍ମୀମାନେ ଭିଡି ଧରିଲେ। ଜୀବନ ବଞ୍ଚାଇବାପାଇଁ ନଦୀ ପାର ହୋଇ ନିଜିଗଡକୁ ପଳାଇ ଯିବାକୁ ଉଦ୍ୟମ କରୁଥିବା ଫୌଜମାନେ କର୍ମୀଙ୍କ ଉପରକୁ ଗୁଳି ଚାଳନା କଲେ। ଏଥିରେ କିଶୋର ବାଳକ ବାଜିରାଉତଙ୍କ ସମେତ ଲକ୍ଷ୍ମଣ ମଲିକ, ନଟ ମଲିକ, ହୁରୁଷି ପ୍ରଧାନ ଶହୀଦ ହେଲେ। ନୀଳକଣ୍ଠପୁର ଗ୍ରାମର ଫଗୁ ସାହୁ, ପାଣୁ ଲେଙ୍କା, ଭାବ ସାହୁ, ଗୁରୁବାରି ସାହୁ, ଭାସ୍କର ସାହୁ, ଘନ ସାହୁ, ଗଙ୍ଗାଧର ସାହୁ, ଧନୀ ସାହୁ, ନରହରି ସାହୁ କ୍ଷତ ବିକ୍ଷତ ହେଲେ। ଏହାପରେ ସିପାହୀମାନେ ନିଜେ ଡଙ୍ଗା ବାହି ନେଇ ବ୍ରାହ୍ମଣୀ ନଦୀ ପାରି ହୋଇ ଆରପଟକୁ ଚାଲିଯାଇଥିଲେ। ସେତେବେଳକୁ ଭୁବନ ଗ୍ରାମର ଗୁରି ନାୟକଙ୍କର ମୃତଦେହ ଓ ଗୁରୁତର ଆହତ ରଘୁ ନାୟକ ନୀଳକଣ୍ଠପୁର ଘାଟରେ ପହଞ୍ଚି ସାରିଥିଲେ। ନୀଳକଣ୍ଠପୁର ଗ୍ରାମର ଶହୀଦ ବାଜିରାଉତଙ୍କ ସମେତ ପାଞ୍ଚଟି ମୃତ ଦେହ ଓ ଅନ୍ୟାନ୍ୟ ଆହତ ବ୍ୟକ୍ତିଙ୍କୁ ସ୍ଥାନୀୟ କଂଗ୍ରେସ ନେତା ବଳଦେବ ଲାଲା ଓ ଚାଷୀନେତା ଡାକ୍ତର ଫନିପାଲ୍ ଡଙ୍ଗାରେ ଜେନାପୁର ଆଣିବାପରେ ସେଠାରେ ବୈଷ୍ଣବ ପଟ୍ଟନାୟକ ଓ ରବିଘୋଷଙ୍କ ସହାୟତାରେ ଟ୍ରେନ୍ ୱାଗନରେ କଟକ ଅଣାଯାଇଥିଲା। ଡଙ୍ଗାରେ ଆସୁଥିବା ବେଳେ ଚଷାପଡା ଘାଟ ନିକଟରେ ଭୁବନ ଗୁଳିକାଣ୍ଡରେ ଆହତ ରଘୁ ନାୟକଙ୍କର ମୃତ୍ୟୁ ହୋଇଯାଇଥିଲା। କଟକ ଡାକ୍ତରଖାନାରେ ଶହୀଦମାନଙ୍କର ଛଅଟି ଶବକୁ ଛଅଟି ଶଗଡଗାଡିରେ ରଖାଯାଇ ଖାନ୍‌ନଗର ଶ୍ମଶାନକୁ ଶୋଭାଯାତ୍ରାରେ ନିଆଯାଇଥିଲା। କୁହାଯାଏ ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଶବ ଶୋଭାଯାତ୍ରା ପରେ ଏହା ଥିଲା ଦ୍ୱିତୀୟ ବୃହତ୍ତମ ଶବ ଶୋଭାଯାତ୍ରା। ଶହୀଦମାନଙ୍କର ଫଟୋ କୃଷକ ପତ୍ରିକାରେ ପ୍ରକାଶ ପାଇଥିଲା। ଶ୍ମଶାନ ଘାଟରୁ ଫେରି କବି ସଚ୍ଚି ରାଉତରାୟ ଲେଖିଥିଲେ ଖଣ୍ଡକାବ୍ୟ ବାଜି ରାଉତ। ସରୋଜିନୀ ନାଇଡୁଙ୍କ ସାନଭାଇ ହରୀନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ଏହାର ଇଂରାଜୀ ଅନୁବାଦ କରି ଦି ବୋଟମ୍ୟାନ ବୟ ଆଣ୍ଡ ଅଦର ପୋଏମ ପୁସ୍ତକ ପ୍ରକାଶ କରିଥିଲେ। ଏହି ପୁସ୍ତକ ପ୍ରକାଶନ ପରେ ବାଜି ରାଉତଙ୍କ ସାହସ, ଦେଶ ଭକ୍ତି, ଶୌର୍ଯ୍ୟ ସମ୍ପର୍କରେ ବିଶ୍ୱବାସୀ ଅବଗତ ହେଲେ।

ଏହି ବୀର ବାଳକଙ୍କର ମହାନ ତ୍ୟାଗର ବାର୍ତ୍ତାକୁ ଭବିଷ୍ୟତ ବଂଶଧରମାନଙ୍କ ପାଖରେ ପହଞ୍ଚାଇବା ଲକ୍ଷ୍ୟରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ, ଗାନ୍ଧିବାଦୀ ନବକୃଷ୍ଣ ଚୌଧୁରୀ ଓ ମାଳତୀ ଚୌଧୁରୀଙ୍କ ଦ୍ୱାରା ୧୯୪୬ ମସିହା ମେ ୧୧ ତାରିଖରେ ଅନୁଗୁଳଠାରେ ବାଜି ରାଉତ ଛାତ୍ରାବାସ ସ୍ଥାପନ କରାଯାଇଥିଲା। ସ୍ୱାଧୀନତା ସଂଗ୍ରାମର ତତ୍କାଳୀନ ଅବହେଳିତ ସନ୍ତାନସନ୍ତତିଙ୍କୁ ପ୍ରଥମେ ଏହି ଛାତ୍ରାବାସରେ ଆବାସିକ ଶିକ୍ଷାଦାନର ବ୍ୟବସ୍ଥା କରାଯିବା ପରେ ସମଗ୍ର ଓଡିଶାର ଅବହେଳିତ, ଆଦିବାସୀ, ହରିଜନ ଓ ଆର୍ଥିକ ଅନଗ୍ରସର ଶ୍ରେଣୀର ଲୋକଙ୍କର ପିଲାମାନଙ୍କୁ ଛାତ୍ରାବାସରେ ରହି ପଢିବାର ସୁଯୋଗ ଦିଆଗଲା। ଭୁବନ ଅଞ୍ଚଳର ଛାତ୍ରଛାତ୍ରୀଙ୍କର ଉଚ୍ଚ ଶିକ୍ଷା ପାଇଁ ୧୯୭୬ମସିହାରେ ଭୁବନରେ ସ୍ଥାପନ କରାଗଲା ବାଜି ରାଉତ ସ୍ମୃତି ମହାବିଦ୍ୟାଳୟ। ଶହୀଦ ବାଜି ରାଉତଙ୍କର ସ୍ମୃତି ରକ୍ଷା ପାଇଁ ୧୯୮୦ ମସିହାରେ ଗଠନ କରାଗଲା ବାଜି ରାଉତ ସ୍ମୃତି ପରିଷଦ। ୧୯୮୫ ମସିହାରେ ରାଜ୍ୟ ସରକାରଙ୍କ ପକ୍ଷରୁ ନୀଳକଣ୍ଠପୁରରେ ନିର୍ମାଣ କରାଗଲା ଶହୀଦ ସ୍ମୃତି ସ୍ତମ୍ଭ। ୨୦୦୯ ମସିହାରେ ଏହି ସ୍ମୃତି ସ୍ତମ୍ଭ ଚତୁଃପାର୍ଶ୍ୱରେ ପ୍ରାଚୀର ନିର୍ମାଣ କରାଯିବା ସହ ଆମ୍ଭ ଉଦ୍ୟାନ ଓ

ଏକ ଜଳାଶୟ ଖୋଳା ଯାଇଥିଲା। ୨୦୦୭ ମସିହାରେ ଭୁବନ କାଳି ବଜାର ଠାରେ ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦ ଦ୍ୱାରା ନିର୍ମିତ ବାଜି ରାଉତଙ୍କ ଆବକ୍ଷ ପ୍ରତିମୂର୍ତ୍ତୀକୁ ସାଧୀନତା ସଂଗ୍ରାମୀ ବୈଷ୍ଣବ ପଟ୍ଟନାୟକଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୨୦୧୬ ମସିହାରେ ୪୦ ଲକ୍ଷ ଟଙ୍କା ଅର୍ଥ ବିନିଯୋଗରେ ଫାଟକ, ଫୁଲ ବଗିଚା ନିର୍ମାଣ କରାଯାଇଥିଲା। ଏଥି ପୂର୍ବରୁ ୧୯୮୫-୮୬ ମସିହାରେ ଢେଙ୍କାନାଳ ସହର ବାଜି ଚୌକଠାରେ ଶହୀଦ ମିନାର ନିର୍ମାଣ କରାଯାଇଥିଲା ଯାହାକି ୨୦୧୫ ମସିହାରେ ନବୀକରଣ ଓ ସୁସଜ୍ଜିତ କରାଯାଇ ସ୍ତମ୍ଭର ଚତୁଃପାର୍ଶ୍ୱରେ ସ୍ଥାୟୀ ଆଲୋକ ସଜ୍ଜା, ଜଳ ଫୁଆରା ଓ ସ୍ତମ୍ଭର ସମ୍ମୁଖ ଭାଗରେ ସଂଗ୍ରାମୀମାନଙ୍କ ଫଟୋଚିତ୍ର ସ୍ଥାନୀତ କରାଯାଇଥିଲା। ଭୁବନ-ଢେଙ୍କାନାଳ ପୂର୍ତ୍ତ ରାସ୍ତାର ନୀଳକଣ୍ଠପୁର ଠାରେ ବ୍ରାହ୍ମଣୀ ନଦୀ ଉପରେ ୨୦୧୬ ମସିହା ମାର୍ଚ୍ଚ ୧୬ ତାରିଖରେ ବାଜି ରାଉତ ସେତୁ ଓ ଏହାର ସନ୍ନିକଟରେ ୨୦୧୮ ମସିହା ଅଗଷ୍ଟ ୫ ତାରିଖରେ ବାଜି ରାଉତଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଥିଲା। ରାଜଧାନୀରେ ଶହୀଦ ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ୨୦୧୮ ମସିହାରେ ଏଠାରୁ ପବିତ୍ର ମାଟି ସଂଗ୍ରହ କରାଯାଇଥିଲା। ଗତ ୨୦୧୯ ମସିହା ଜାନୁଆରୀ ୨୩ ତାରିଖରେ ଦିଲ୍ଲୀ ଲାଲକିଲ୍ଲା ଠାରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆଜାଦୀ କେ ଦିବାନେ ମ୍ୟୁଜିୟମ ଉଦ୍‌ଘାଟିତ ହୋଇ ବାଜି ରାଉତଙ୍କ ଉଦ୍ଦେଶ୍ୟରେ ଏକ ସ୍ୱତନ୍ତ୍ର ଗ୍ୟାଲେରୀ ଖୋଲାଯାଇ ବ୍ରିଟିଶ୍ ଗୁଳିରେ ଶହୀଦ ହୋଇଥିବା ବାଜି ରାଉତଙ୍କ ବୀରତ୍ୱ ଉଲ୍ଲେଖ ରହିଛି। ସ୍ୱାଧୀନତାର ଅମୃତ ମହୋତ୍ସବ ଅବସରରେ ରାଜ୍ୟର ଛଅ ଜଣ ବୀର ସନ୍ତାନ ତଥା ମହାନ ସାଧୀନତା ସଂଗ୍ରାମୀ ବକ୍ସି ଜଗବନ୍ଧୁ, ଜୟୀ ରାଜଗୁରୁ, ଚାଖି ଖୁଣ୍ଟିଆ, ଚକରା ବିଷୋଇ, ପାର୍ବତୀ ଗିରି, ବାଜି ରାଉତଙ୍କୁ ନେଇ ସ୍ୱତନ୍ତ୍ର ଲଫାପା ୨୦୨୧ ମସିହା ଅକ୍ଟୋବର ୧୩ ତାରିଖରେ ଡାକ ବିଭାଗ ପକ୍ଷରୁ ଉନ୍ମୋଚିତ ହୋଇଥିଲା। ଶହୀଦ ବାଜି ରାଉତଙ୍କ ୯୭ ତମ ଜୟନ୍ତୀ ଅବସରରେ ଗତ ଅକ୍ଟୋବର ୫ ତାରିଖରେ ଭୁବନେଶ୍ୱର ୟୁନିଟ୍-୮ ଡିଏଭି ଛକରେ ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶହୀଦ ବାଜି ରାଉତଙ୍କ ବ୍ରୋଞ୍ଜ ନିର୍ମିତ ପୂର୍ଣ୍ଣାୟବ ପ୍ରତିମୂର୍ତ୍ତୀ ଅନାବରଣ ହୋଇଛି। ସ୍ୱାଧୀନତା ସଂଗ୍ରାମରେ ଦେଶର କନିଷ୍ଠତମ ଶହୀଦ ବାଜି ରାଉତଙ୍କ ବଳିଦାନ ସମ୍ପର୍କରେ କ୍ରିକେଟିୟର ବିରେନ୍ଦ୍ର ସେହ୍ୱାଗ ଟ୍ୱିଟ୍ କରି ଶ୍ରଦ୍ଧାଞ୍ଜଳି ଜଣାଇ ଓଡିଆ ଆତ୍ମ ସ୍ୱାଭିମାନକୁ ସମଗ୍ର ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୧୭ ମସିହା ଏପ୍ରିଲ ୧୭ ତାରିଖରେ ସ୍ୱାଧୀନତା ସଂଗ୍ରାମୀଙ୍କ ଦାୟାଦମାନଙ୍କୁ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଭାରତର ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ ଭବନରେ ବାଜି ରାଉତଙ୍କ ନାତି କୁଳମଣି ରାଉତ (ଭାଇଙ୍କ ନାତି)ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶହୀଦ ବାଜି ରାଉତଙ୍କ ଜୀବନୀକୁ ଅବିସ୍ମରଣୀୟ ରଖିବା ପାଇଁ ୨୦୧୮ ମସିହାରେ ମୁକ୍ତି ଲାଭ କରିଥିଲା ପ୍ରାମାଣିକ ଚଳଚ୍ଚିତ୍ର- ବାଜି-ଦି ଇମୋଟାଲ ବୋଟ୍ ବୟ। ଚିନ୍ମୟ ଦାସଙ୍କ ନିର୍ଦ୍ଦେଶନା ଓ ସତ୍ୟବ୍ରତ ରଥଙ୍କ ପ୍ରଯୋଜନାରେ ନିର୍ମିତ ଏହି ୨୫ ମିନିଟ ଅବଧିର ଚଳଚ୍ଚିତ୍ରରେ ବାଜି ରାଉତଙ୍କ ସାହସ ଓ ଦେଶଭକ୍ତିର ସଫଳ ଉପସ୍ଥାପନା କରାଯାଇଥିଲା। ମାନ୍ୟବର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଚ୍ଚିବାଳୟରେ ଏହି ପ୍ରାମାଣିକ ଚଳଚ୍ଚିତ୍ର ଦେଖି ଉତ୍ସାହିତ ହୋଇଥିଲେ। ଛାତ୍ରଛାତ୍ରୀଙ୍କ ମଧ୍ୟରେ ସ୍ୱାଧୀନତା ସଂଗ୍ରାମର ମୂଲ୍ୟବୋଧର ବିକାଶ ନିମନ୍ତେ ଏହି ଚଳଚ୍ଚିତ୍ରକୁ ବିଦ୍ୟାଳୟରେ ପ୍ରଦର୍ଶନ ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସେହିପରି ଭୁବନେଶ୍ୱର ଦୂରଦର୍ଶନ କେନ୍ଦ୍ର ପକ୍ଷରୁ ପ୍ରଯୋଜିତ ଓ ଦିନେଶ ଦାସଙ୍କ ନିର୍ଦ୍ଦେଶିତ ଅନ୍ୟ ଏକ ପ୍ରାମାଣିକ ଟେଲି ଚଳଚ୍ଚିତ୍ର ମୁକ୍ତି ସଳିତା ମଧ୍ୟ ୨୦୨୧ ମସିହାରେ ନିର୍ମିତ ହୋଇଥିଲା। ସାଧୀନତା ସଂଗ୍ରାମର ସର୍ବକନିଷ୍ଠ ଶହୀଦ ବାଜି ରାଉତଙ୍କ ବୀରତ୍ୱର କାହାଣୀକୁ ନେଇ ରିଆନ୍ ଫାରୁଖ୍ ୨୦୧୮ ମସିହାରେ ତିରିଶ ମିନିଟ ଅବଧିର ଏକ ବୃତ୍ତ ଚିତ୍ର ନିର୍ମାଣ କରିଥିଲେ ଯାହାକି ୟୁ-ଟ୍ୟୁବ୍‌ରେ ହଜାର ହଜାର ଦର୍ଶକଙ୍କ ଦ୍ୱାରା ଆଦୃତ ହୋଇଛି। ୨୦୧୮ ମସିହା ଅଗଷ୍ଟ ୯ କ୍ରାନ୍ତି ଦିବସରେ ଭୁବନେଶ୍ୱରରେ ସ୍ମୃତି ସ୍ତମ୍ଭ ନିର୍ମାଣ ପାଇଁ ରାଜ୍ୟର ବିଭିନ୍ନ ସ୍ଥାନରୁ ପବିତ୍ର ମାଟି ସଂଗ୍ରହ କାର୍ଯ୍ୟକ୍ରମରେ ବାଜି ରାଉତଙ୍କ ଷଠି ଘରୁ ମାଟି ନିଆଯାଇଥିଲା। ସେହିପରି ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଅମୃତ ବାଟିକା ନିର୍ମାଣ ପାଇଁ ଶହୀଦ ବାଜି ରାଉତଙ୍କ ଜନ୍ମ ପୀଠରୁ ପବିତ୍ର ମାଟି ସଂଗ୍ରହ କରାଯାଇ ନୂଆଦିଲ୍ଲୀକୁ ପଠାଯାଇଥିଲା। ଶହୀଦ ବାଜି ରାଉତଙ୍କ ସଂଘର୍ଷମୟ ଜୀବନୀ ଓ ଆତ୍ମ ବଳିଦାନ କବିର ଲେଖନୀ, ଚଳଚ୍ଚିତ୍ରର କାହାଣୀରେ ଯୁଗଯୁଗକୁ ଲିପିବଦ୍ଧ ହୋଇ ରହିଛି। ବାଜି ରାଉତଙ୍କ ବୀରତ୍ୱର ଗାଥା ଆଗାମୀ ପିଢି ପାଇଁ ପବିତ୍ର ଐତିହାସିକ ତଥ୍ୟ ହୋଇ ରହିବ। ନୌଯାତ୍ରା କରୁଥିବା ପର୍ଯ୍ୟଟକ ବା ଯାତ୍ରୀ, ମାଛ ଧରାଳି ଓ ଏଭଳି ସମାନ ବ୍ୟବସାୟରେ ସମ୍ପୃକ୍ତ ବ୍ୟକ୍ତି ବିଶେଷଙ୍କୁ ସୁରକ୍ଷା ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ପକ୍ଷରୁ ଶହୀଦ ବାଜି ରାଉତ ନୌସେନା ସୁରକ୍ଷା ଯୋଜନା ପ୍ରଣୟନ କରିଛନ୍ତି।

ମାତ୍ର ବାର ବର୍ଷ ବୟସରେ ଗଡଜାତ ଆନ୍ଦୋଳନର ବହ୍ନିକୁ ପ୍ରଜ୍ୱଳିତ କରି ଓ ଦେଶ ମାତୃକା ପାଇଁ ଜୀବନ ଦେଇ ବାଜିରାଉତ ଗଡଜାତର ସୂର୍ଯ୍ୟ ଭାବରେ ସ୍ମରଣୀୟ ହୋଇରହିଛନ୍ତି। ଧୂମକେତୁ ପରି କ୍ଷଣିକ ଆଲୋକ ପ୍ରଦାନ କରି ସେ କେବଳ ଭୁବନ ନୁହେଁ ସାରା ବିଶ୍ୱକୁ ଉଦ୍ଭାସିତ କରିଛନ୍ତି।

ବ୍ୟାଚ: ୧୯୮୯
ମୋ-୯୪୩୭୭୨୯୩୮୪

ସାରଙ୍ଗଧର ଦାସ ଓ ଫ୍ରିଡା ହାଉସ୍‌ରିଥ୍‌ଙ୍କ ସଂଘର୍ଷମୟ କାହାଣୀ

ଇଂ. ରମେଶ ଚନ୍ଦ୍ର ସାହୁ

ସାରଙ୍ଗଧର ଦାସ ଢେଙ୍କାନାଳର ଅନତି ଦୂରରେ ଥିବା ହରେକୃଷ୍ଣପୁର ଗ୍ରାମରେ ୧୮୮୬ ମସିହା ଅକ୍ଟୋବର ୧୭ ତାରିଖରେ ଜନ୍ମଗ୍ରହଣ କରିଥିଲେ। ପିତାଙ୍କ ନାମ ଥିଲା ହରେକୃଷ୍ଣ ଦାସ ଓ ମାତାଙ୍କ ନାମ ମାଣିକ ଦେବୀ। ୧୯୦୫ ମସିହାରେ ସେ ମାଟ୍ରିକ୍ ପାସ କରି ଉଚ୍ଚଶିକ୍ଷା ପାଇଁ ରେଭେନ୍‌ସା କଲେଜରେ ନାମ ଲେଖାଇଲେ। ସାରଙ୍ଗଧର ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ତାଙ୍କ ସଙ୍ଗେ ରହୁଥିଲେ ପଣ୍ଡିତ ନୀଳକଣ୍ଠ ଦାସ। ନୀଳକଣ୍ଠଙ୍କ ଜରିଆରେ ସେ ପଣ୍ଡିତ ଗୋପବନ୍ଧୁ ଦାସ ଏବଂ ଆଚାର୍ଯ୍ୟ ହରିହରଙ୍କ ସହିତ ଘନିଷ୍ଠ ହୋଇଥିଲେ।

ପ୍ରଯୁକ୍ତି ବିଦ୍ୟାରେ ଉଚ୍ଚଶିକ୍ଷା ଲାଗି ସେ ଜାପାନ ଯିବାକୁ ଭାବୁଥିଲେ। ସେତେବେଳେ ଏସିଆ ମହାଦେଶରେ ଜାପାନ ଥିଲା ଶିଳ୍ପ ସମୃଦ୍ଧ ଦେଶ। ଏହି ସମୟରେ ତାଙ୍କର ଜଣେ ଶୁଭେଚ୍ଛୁ ବନ୍ଧୁ ପ୍ୟାରିମୋହନ ଆଚାର୍ଯ୍ୟ ତାଙ୍କୁ ଖବର ଦେଲେ ଯେ କଲିକତାର ଏକ ଛାତ୍ର ସହାୟକ ସଂସ୍ଥା ମେଧାବୀ ଛାତ୍ରମାନଙ୍କୁ ବୈଷୟିକ ଶିକ୍ଷା ଲାଗି ବିଦେଶ ଯିବାକୁ ଆର୍ଥିକ ସହାୟତା ଦେଉଛି। ସାରଙ୍ଗଧର ସଙ୍ଗେ ସଙ୍ଗେ ଜାପାନରେ କୃଷି ବିଜ୍ଞାନରେ ଉଚ୍ଚଶିକ୍ଷା ପାଇଁ ସେହି ସଂସ୍ଥାକୁ ଆର୍ଥିକ ସହାୟତା ଦେବାକୁ ଆବେଦନ କରିଦେଲେ। କିଛିଦିନ ପରେ ସେହି ସଂସ୍ଥାରୁ ଏକ ପତ୍ର ପାଇଲେ ଯେ ସଂସ୍ଥା ତାଙ୍କୁ ମାସିକ ପଚିଶ ଟଙ୍କା ହାରରେ ଦୁଇ ବର୍ଷ ଜାପାନରେ ପଢିବା ଲାଗି ଛାତ୍ର ବୃତ୍ତି ଦେବ। ଏହା ବାଦ୍ ତାଙ୍କୁ ଢେଙ୍କାନାଳ ରାଜାଙ୍କ ଠାରୁ ମଧ୍ୟ ଏକ ମାସିକ ବୃତ୍ତି ଯୋଗାଡ କରିବାକୁ ପଡିବ।

ସାରଙ୍ଗଧରଙ୍କ ପରିବାରର ରାଜ ପରିବାର ସହ ସୁସମ୍ପର୍କ ଥିଲା। ସାରଙ୍ଗଧର ତାଙ୍କ ବଡ଼ ବାପା ବନମାଳି ବାବୁଙ୍କ ସହିତ ଯାଇ ରାଜାଙ୍କୁ ଦେଖାକଲେ। ରାଜା ମାସିକ ବୃତ୍ତି ଦେବାର ପ୍ରତିଶ୍ରୁତି ଦେବାପରେ ଗୋପବନ୍ଧୁ ଏବଂ ଆଚାର୍ଯ୍ୟ ହରିହର ମଧ୍ୟ କିଛି ଅର୍ଥ ଯୋଗାଡ କରିଦେଲେ।

ସାରଙ୍ଗଧର ଉଚ୍ଚଶିକ୍ଷା ପାଇଁ ୧୯୦୭ ମସିହାରେ ଜାପାନ ଯାତ୍ରା କଲେ । ସେଠାରେ ପହଞ୍ଚିବା ପରେ ପ୍ରଥମେ ଦିଆସିଲି ଶିଳ୍ପ ସମ୍ପର୍କରେ ଶିକ୍ଷାଲାଭ କରିଥିଲେ ଓ ଚିନି, ସିମେଣ୍ଟ କିମ୍ବା କାଗଜ ଶିଳ୍ପ ସମ୍ପର୍କରେ ଉଚ୍ଚଶିକ୍ଷା ଲାଗି ପ୍ରଥମେ ରସାୟନ ଶାସ୍ତ୍ରରେ ଜ୍ଞାନ ଅର୍ଜନ କରିବା ଆବଶ୍ୟକ। ତେଣୁ ଟୋକିଓରେ ପ୍ରଥମେ ରାସାୟନ ଶାସ୍ତ୍ରରେ ନାମ ଲେଖାଇଲେ। ସେ ଦେଖିଲେ ସେଠାରେ ସବୁ ବହି ଜାପାନୀ ଭାଷାରେ ମୁଦ୍ରିତ। ବୈଷୟିକ ଜ୍ଞାନ ନେବାକୁ ହେଲେ ତାଙ୍କୁ ପ୍ରଥମେ ଜାପାନୀ ଭାଷା ଶିକ୍ଷା କରିବାକୁ ପଡିବ। ୬ ମାସ ପରେ ତାଙ୍କର ହୃଦବୋଧ ହେଲା ଯେ ଜାପାନରେ ବିଜ୍ଞାନ ଶିକ୍ଷାର ମାନ ଉନ୍ନତ ନୁହେଁ। ସେ ସେଠାରେ ଅପେକ୍ଷା ନକରି ଆମେରିକା ଚାଲିଗଲେ। ଆମେରିକାରେ ପହଁଚି କ୍ୟାଲିଫୋର୍ଣ୍ଣିଆର ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟରେ ବିଜ୍ଞାନ ଶ୍ରେଣୀରେ ନାମ ଲେଖାଇଲେ।

ସେ ସମୟରେ କ୍ୟାଲିଫୋର୍ଣ୍ଣିଆ ବିଶ୍ୱବିଦ୍ୟାଳୟରେ ପ୍ରାୟ ତିରିଶରୁ ଅଧିକ ଭାରତୀୟ ହିନ୍ଦୁ ଛାତ୍ର ପଢୁଥିଲେ। ସବୁ ଭାରତୀୟ ଛାତ୍ରମାନଙ୍କ ସହିତ ତାଙ୍କର ଆତ୍ମୀୟତା ବଢିଥିଲା। ଏହା ବାଦ୍ ଜଣେ ସୁଇଡେନ୍‌ର ଝିଅଙ୍କ ସହିତ ତାଙ୍କର ବନ୍ଧୁତ୍ୱ ହୋଇଥିଲା। ତାଙ୍କର ନାମ ଥିଲା ଫ୍ରିଡା ହାଉସରିଥ ସେ ସୁଇଡେନ୍‌ରୁ ଆମେରିକା ଆସିଥିଲେ ପଢିବା ପାଇଁ। ପାଠପଢା ବ୍ୟତୀତ ସେ ଥିଲେ ଜଣେ ଉଚ୍ଚକୋଟିର ଚିତ୍ର ଶିଳ୍ପୀ ଏବଂ ସୁଲେଖିକା। ବ୍ରିଟିସ୍ ଶାସିତ ଭାରତବର୍ଷ ପାଇଁ ତାଙ୍କର ଗଭୀର ମମତା ଥିଲା। ଆମେରିକାରେ ପଢୁଥିବା ଭାରତୀୟ ଛାତ୍ରମାନଙ୍କ ସହିତ ତାଙ୍କର ବନ୍ଧୁତ୍ୱ ଗଢି ଉଠିଥିଲା। ପ୍ରତିକୂଳ ପରିବେଶ ସହିତ ସଂଗ୍ରାମ କରି ସୁଦୂର ଆମେରିକା ଆସି ଶିଳ୍ପ ବିଜ୍ଞାନ ଅଧ୍ୟୟନ କରିଥିବା ସାରଙ୍ଗଧରଙ୍କ ପ୍ରତି ପ୍ରଥମେ ସହାନୁଭୂତି ଏବଂ ପରେ ଅନୁରାଗ ସୃଷ୍ଟି ହୋଇଥିଲା।

ଭାରତୀୟ ଛାତ୍ରମାନେ ଏକାଠି ହୋଇ ନିଜ ଦେଶର ସ୍ୱାଧୀନତା, ଜାତୀୟତାବୋଧ ଏବଂ ବର୍ଣ୍ଣବୈଷମ୍ୟ ବିରୁଦ୍ଧରେ ନାନା ତାତ୍ତ୍ୱିକ ଆଲୋଚନା କରୁଥିଲେ। ଜଣେ କହିଲେ ଇଂରେଜମାନଙ୍କୁ ଲକ୍ଷ୍ୟ କରି ବୋମା ପକାଇଲେ ସେମାନେ ଭାରତ ଛାଡି ପଳାଇବେ। ଇଂରେଜମାନେ ଯିବା ପରେ ଦେଶୀୟ ରାଜ୍ୟର ରାଜାମାନଙ୍କୁ ତଡି ସବୁରାଜ୍ୟକୁ ମିଶାଇ ଭାରତକୁ ଏକ ଯୁକ୍ତରାଷ୍ଟ୍ରରେ ପରିଣତ କରିବାକୁ ହେବ। ଆଇନ୍ ଦ୍ୱାରା ଜାତି ଭେଦ ଉଚ୍ଛେଦ କରିବାକୁ ପଡିବ। ନାରୀମାନଙ୍କୁ ପରଦାମୁକ୍ତ କରିବାକୁ ପଡିବ। ମନ୍ଦିର ମାନଙ୍କରେ ମହନ୍ତ ମାନେ ସୁନା, ରୂପା, ଧନ ସମ୍ପତ୍ତି ଠୁଳ କରି ରଖିଛନ୍ତି। ମଠର ସେ ସମ୍ପତ୍ତି ଲୁଣ୍ଠନ କରି ସ୍କୁଲ କଲେଜ ସ୍ଥାପନ କରିବାକୁ ପଡିବ। ଏହି

ଆଲୋଚନା ବେଳେ ଫ୍ରିଡା ଏବଂ ସାରଙ୍ଗଧର ଉପସ୍ଥିତ ଥିଲେ। ସାରଙ୍ଗଧର କହିଲେ "ତୁମ ପରିକଳ୍ପନା ସବୁ ଠିକ୍ ଅଛି। କିନ୍ତୁ ତମେ ମଠ ଓ ମନ୍ଦିର ଚିରକାଳ ଲୁଣ୍ଠନ କରିପାରିବ ନାହିଁ। ଏ ସବୁ କାର୍ଯ୍ୟ ପାଇଁ ତମର ଅର୍ଥନୈତିକ ମେରୁଦଣ୍ଡ ଦରକାର। ତେଣୁ ମୁଁ ଭାରତ ଫେରି ଚିନିକଳ ସ୍ଥାପନ କରିବି ଏବଂ ଚିନି ବିକି ମୁଁ ବହୁତ ପୁଞ୍ଜି ଠୁଳ କରିବି। ଶେଷରେ ତମେ ତମର ସ୍କୁଲ, କଲେଜ, ହସ୍ପିଟାଲ ଚାଲୁ ରଖିବା ଲାଗି ମୋ ପାଖକୁ ଟଙ୍କା ପାଇଁ ଆସିବ।"

ତାଙ୍କ କଥା ଶୁଣି ଅନ୍ୟ ବନ୍ଧୁମାନେ ପରିହାସ କଲେ - ତାହା ହେଲେ ତମେ ହେବ ଜଣେ ନବ୍ୟ ପୁଞ୍ଜିପତି, ଚିନି ସମ୍ରାଟ। ସାଙ୍ଗମାନେ ତାଙ୍କୁ ଲଘୁ ପରିହାସରେ ସୁଗାର କିଙ୍ଗ୍ କହିଥିଲେ ସୁଧା, ସାରଙ୍ଗଧରଙ୍କ ବାସ୍ତବବାଦୀ ପରିକଳ୍ପନା ଫ୍ରିଡାଙ୍କ ହୃଦୟ ସ୍ପର୍ଶ କରିଥିଲା। ଥରେ ସାର୍ ଜଗଦିଶ ଚନ୍ଦ୍ର ବୋଷ ଆମେରିକା ଯାଇଥିଲେ ତାଙ୍କର ଉଦ୍ଭିଦ ବିଜ୍ଞାନ ତତ୍ତ୍ୱ ସମ୍ପର୍କରେ ଭାଷଣ ଦେବା ପାଇଁ। ସେହି ସମୟରେ ତାଙ୍କ ପତ୍ନୀଙ୍କ ସହ ଫ୍ରିଡାଙ୍କର ବନ୍ଧୁତା ହୋଇଗଲା। ଶ୍ରୀମତୀ ବୋଷ ଫ୍ରିଡାଙ୍କୁ ଆମନ୍ତ୍ରଣ କଲେ କଲିକତା ଆସି ଏକ ବାଳିକା ବିଦ୍ୟାଳୟକୁ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବା ପାଇଁ। ଫ୍ରିଡା ରାଜି ମଧ୍ୟ ହେଲେ। କିନ୍ତୁ ବ୍ରିଟିସ୍ ଦୂତାବାସ ତାଙ୍କୁ ଭିସା ଦେବା ପାଇଁ ମନାକଲା। ସେତେବେଳେ ସାରଙ୍ଗଧର କାଲିଫର୍ଣ୍ଣିଆରେ ପାଠ ପଢା ଶେଷ କରି ହାୱାଇ ଦ୍ୱୀପରେ ଏକ ଚିନି କାରଖାନାରେ ଚିଫ୍ କେମିଷ୍ଟ ଭାବରେ କାମ କରୁଥାଆନ୍ତି। ଫ୍ରିଡା ତାଙ୍କୁ ଏକ ପତ୍ର ଲେଖି ଜଣାଇଲେ ଯେ କେଉଁ ଉପାୟରେ ଭାରତ ଯାଇହେବ। ସାରଙ୍ଗଧର ଉତ୍ତର ଲେଖିଥିଲେ, ତମେ ମୋତେ ବାହା ହୋଇପଡ। ଚିଠି ପାଇ ଫ୍ରିଡା ଚିନ୍ତାରେ ପଡି ଯାଇଥିଲେ।

ଯେତେବେଳେ ଫ୍ରିଡାଙ୍କର ଏକାକୀ ଭାରତ ଯାତ୍ରା ଯୋଜନା ବିଫଳ ହେଲା, ସେ ସାରଙ୍ଗ ଧରଙ୍କ ସହିତ ବିବାହ ପ୍ରସ୍ତାବକୁ ଗୁରୁତ୍ୱର ସହ ବିବେଚନା କରିବାକୁ ଲାଗିଲେ। ୧୯୧୭ ମସିହାରେ ଫ୍ରିଡା ହାୱାଇ ଦ୍ୱୀପକୁ ଯାଇ ସାରଙ୍ଗଙ୍କୁ ଭେଟିଲେ ଏବଂ ସେହି ବର୍ଷ ଦୁଇଜଣଙ୍କର ବିବାହ ହୋଇଗଲା। ବିବାହ ପରେ ସମୁଦ୍ର କୂଳରେ ଏକ ବଙ୍ଗଳା ନେଇ ଉଭୟ ବୈବାହିକ ଜୀବନ ଆରମ୍ଭ କଲେ। ବିବାହର ତିନି ବର୍ଷ ପରେ ଅର୍ଥାତ୍ ୧୯୨୦ ମସିହାରେ ସାରଙ୍ଗଧର ତାଙ୍କ ମାଙ୍କଠାରୁ ଏକ ପତ୍ର ପାଇଲେ, ତାଙ୍କ ବିଧବା ମା ଲେଖିଥିଲେ ଯେ ଆସନ୍ତା ଦୋଳ ପୂର୍ଣ୍ଣିମା ବେଳକୁ ସେ ବଞ୍ଚି ଥିବେ କି ନାହିଁ ଏବଂ ତାଙ୍କୁ ଦେଖିବା ପାଇଁ ତାଙ୍କ ମନ ବ୍ୟାକୁଳ ହେଉଛି। ଏହି ଚିଠି ପାଇବା ପରେ ସାରଙ୍ଗଧର ଫ୍ରିଡାଙ୍କୁ ନେଇ ଭାରତ ଆସିବା ପାଇଁ ପ୍ରସ୍ତୁତ ହେଲେ।

୧୯୨୦ ମସିହା ମେ ମାସରେ ସାରଙ୍ଗଧର ତାଙ୍କ ବିଦେଶିନୀ ପତ୍ନୀ ଫ୍ରିଡା ଦାସଙ୍କୁ ଧରି ବମ୍ବେରେ ପହଞ୍ଚିଲେ। ଫ୍ରିଡାଙ୍କର ବିଶ୍ୱାସ ଯେହେତୁ ଭାରତ ବର୍ଷକୁ ଭଲ ପାଇ ଜଣେ ଭାରତୀୟ ହିନ୍ଦୁ ଯୁବକଙ୍କୁ ବିବାହ କରିଛନ୍ତି ଭାରତ ତାଙ୍କୁ ଦୁଇ ହାତ ମେଲି ସ୍ୱାଗତ କରିବ। ତାଙ୍କର ଧାରଣା ଦୁଇ ଭିନ୍ନ ଦେଶ, ଦୁଇ ଭିନ୍ନ ଧର୍ମ, ଦୁଇ ଭିନ୍ନ ରଂଗ ଯୁବକ ଯୁବତୀଙ୍କ ମଧ୍ୟରେ ବିବାହ ବିଶ୍ୱର ଭୌଗୋଳିକ ଭିନ୍ନତା, ଜାତି, ଧର୍ମ ଓ ବର୍ଣ୍ଣର ବୈଷମ୍ୟ ଦୂର କରି ଏକ ଆଦର୍ଶ ଦାମ୍ପତ୍ୟ ଜୀବନ ପାଇଁ ନୂଆ ରାସ୍ତା ଖୋଲି ଦେବ। କିନ୍ତୁ ଜାହାଜରେ ଆସିଲାବେଳେ ଯେଉଁ ଗୋରା ଲୋକଙ୍କ ସହିତ ପରିଚୟ ହେଲା ସେମାନେ ଫ୍ରିଡାଙ୍କର ଧାରଣା ବଦଳାଇ ଦେଲେ। ଜଣେ ଇଂରେଜ ରାଜପୁରୁଷଙ୍କୁ ବିବାହ କରିଥିବା ଭାରତୀୟ ରାଜଜେମା ତାଙ୍କୁ ସାବଧାନ କରାଇ ଦେଇଥିଲେ, ଭାରତୀୟ ହିନ୍ଦୁମାନେ ଏତେ ରକ୍ଷଣଶୀଳ ଯେ ଜଣେ ଶ୍ୱେତାଙ୍ଗୀନୀ ପୁତ୍ରବଧୂକୁ ସହଜରେ ଗ୍ରହଣ କରିପାରିବେ ନାହିଁ। ଶ୍ୱେତାଙ୍ଗମାନେ ମଧ୍ୟ ତମେ ଜଣେ ବାଦାମୀ ରଙ୍ଗର ଭାରତୀୟକୁ ବିବାହ କରିଥିବା ହେତୁ ସହଜରେ ତମକୁ କ୍ଷମା କରିପାରିବେ ନାହିଁ। ତେଣୁ ତମ ମିଶ୍ର ବାହାଘରର ଭବିଷ୍ୟତ ଖୁବ୍ ଉଜ୍ଜ୍ୱଳ ନୁହେଁ। ତଥାପି ତୁମର ସୁଖଦ ଦାମ୍ପତ୍ୟ ଜୀବନ ପାଇଁ କାମନା କରୁଛି। ବମ୍ବେରେ ପହଁଚି ଫ୍ରିଡା ମିଶ୍ର ବିବାହ ଜନିତ ଆକ୍ରୋଶ ଅନୁଭବ କଲେ। ପ୍ରଥମେ ଭଲ ହୋଟେଲ୍‌ରେ ତାଙ୍କୁ ରୁମ୍ ମିଳି ନଥିଲା। ପ୍ରଥମ ବିଶ୍ୱ ଯୁଦ୍ଧ ପରେ ୟୁରୋପରୁ ବହୁ ଲୋକ ବମ୍ବେ ଚାଲି ଆସିଥିଲେ। ଯୁଦ୍ଧ ପରେ ବମ୍ବେ ସହର ଜନଗହଳିରେ ଫାଟି ପଡୁଥିଲା। ପ୍ରଥମେ ଦାସ ଦମ୍ପତି ତୃତୀୟ ଶ୍ରେଣୀ ହୋଟେଲ୍‌ରେ କିଛି ଦିନ (Hotel Watson) ରେ ରହିଲେ। ତା'ପରେ ସେମାନେ ଏକ ଆପାର୍ଟମେଣ୍ଟକୁ ଭଡାରେ ଯାଇ ରହିଲେ। ସାରଙ୍ଗଧର ମଧ୍ୟ ଗୋଟିଏ ଚାକିରି ପାଇଗଲେ ଯଦିଓ ଆମେରିକା ତୁଳନାରେ ଦରମା ବହୁତ କମ୍।

ଆରବ ସାଗର ବେଳାଭୂମି ସନ୍ନିକଟ ଆପାର୍ଟମେଣ୍ଟରେ କେତୋଟି ମାସ ଘର ସଂସାର କଲାପରେ ସାରଙ୍ଗ ଧର ଫ୍ରିଡାଙ୍କୁ କହିଲେ ଯେ ତାଙ୍କର ଜନ୍ମଭୂମି ଢେଙ୍କାନାଳ ଯାଇ ସେଠାରେ ଚିନି କାରଖାନା ସ୍ଥାପନ ପାଇଁ ଚେଷ୍ଟା କରିବେ। ଢେଙ୍କାନାଳ ଯିବା ପୂର୍ବରୁ କିଛି ଦିନ କଟକରେ ରହି ଅର୍ଥ ବ୍ୟବସ୍ଥା କରିବାକୁ ହେବ।

ଫ୍ରିଡା ସ୍ୱାମୀଙ୍କ ପ୍ରସ୍ତାବରେ ରାଜି ହୋଇଗଲେ। କିନ୍ତୁ କଟକ ଯିବା ପୂର୍ବରୁ ସେ କିଛିଦିନ କଲିକତା ଯାଇ ବୈଜ୍ଞାନିକ ସାର୍ ଜଗଦିଶ ଚନ୍ଦ୍ର ବୋସଙ୍କ ପତ୍ନୀଙ୍କୁ ଦେଖାକରି କଟକ ଫେରିବେ। କ୍ୟାଲିଫର୍ଣ୍ଣିଆରେ ଥିବାବେଳେ ବୈଜ୍ଞାନିକ ବୋସଙ୍କ ସହ ତାଙ୍କର

ପରିଚୟ ହୋଇଥିଲା। ବୋସଙ୍କ ପତ୍ନୀ ମଧ୍ୟ ତାଙ୍କୁ କଲିକତା ଯିବାକୁ ଆମନ୍ତ୍ରଣ କରିଥିଲେ। ଫେବ୍ରୁୟାରୀ ମାସରେ ସାରଙ୍ଗଧର ବମ୍ବେ ଛାଡି କଟକ ଆସିଲେ ଏବଂ ଫ୍ରିଡା ଗଲେ କଲିକତା। ଫ୍ରିଡା କିଛି ସପ୍ତାହ କଲିକତାରେ ରହି ସ୍ୱାମୀଙ୍କ ପାଖକୁ କଟକ ଫେରି ଆସିଲେ।

କଟକରେ ପହଞ୍ଚିବା ପରେ ଓଡ଼ିଆ ଭାଷା ନ ଶିଖିଥିବା ହେତୁ ତାଙ୍କୁ ବହୁତ ଅସୁବିଧା ହେଲା। ତାଙ୍କୁ ଦେଖା କରିବାକୁ ଆସୁଥିବା ନାରୀମାନେ ଇଂରଜୀ ଜାଣି ନଥିଲେ। ସେତେବେଳେ କଟକରେ ନାରୀ ଶିକ୍ଷାର ପ୍ରସାର ସେତେ ହୋଇନଥିଲା। ଚାରିଆଡ଼େ ପରଦା ପ୍ରଥା।ଏପରିକି ବିବାହିତ ମହିଳାମାନେ ହାତେ ଓଢ଼ଣା ଟାଣି ତାଙ୍କ ପାଖକୁ ଆସୁଥିଲେ। କଲିକତାରେ ସ୍ୱଳ୍ପ ରହଣି ମଧ୍ୟରେ ସେ ଲକ୍ଷ୍ୟ କରିଥିଲେ ବ୍ରାହ୍ମଧର୍ମ ଓ ବ୍ରାହ୍ମସମାଜର ପ୍ରଭାବରେ ସେଠାକାର ନାରୀମାନଙ୍କ ମଧ୍ୟରେ ନବ ଜାଗରଣ ସୃଷ୍ଟି ହୋଇଛି। ଫଳରେ ସମ୍ଭ୍ରାନ୍ତ ପରିବାର ଝିଅମାନେ ସ୍କୁଲ କଲେଜରେ ଶିକ୍ଷାଗ୍ରହଣ କରି ପାଶ୍ଚାତ୍ୟ ଭାବଧାରା ଦ୍ୱାରା ପ୍ରଭାବିତ ହେଉଥିଲେ। ଜାତି, ବର୍ଣ୍ଣଭେଦ, ଯୌତୁକ ଓ ପରଦା ପ୍ରଥା ବିରୁଦ୍ଧରେ ନାରୀମାନେ ସ୍ୱର ଉତ୍ତୋଳନ କରୁଥିଲେ। କିନ୍ତୁ କଟକ ଆସି ଫ୍ରିଡା ଅନୁଭବ କଲେ ଯେ ଅନ୍ଧବିଶ୍ୱାସ, କୁସଂସ୍କାର ଓ ରକ୍ଷଣଶୀଳତା ଓଡିଶାର ହିନ୍ଦୁ ସମାଜରେ ଏଭଳି ବ୍ୟାପକ ହୋଇଛି ଯେ, ଘରୁ ଗୋଡକାଢି କୌଣସି ଓଡିଆ ଝିଅ ପଦାକୁ ବାହାରିବା ଅସମ୍ଭବ।

କଟକରେ ଫ୍ରିଡାଙ୍କର ଗୋଟିଏ ଭଲ ବ୍ୟକ୍ତିଗତ ଘରୋଇ ପାଠାଗାର ଥିଲା। ରେଭେନ୍ସା କଲେଜର କେତେକ ଛାତ୍ର, ଅଧ୍ୟାପକ ସେ ପାଠାଗାରକୁ ବହି ପଢିବା ପାଇଁ ଛୁଟିଦିନ ମାନଙ୍କରେ ତାଙ୍କ ଘରକୁ ଆସନ୍ତି। ସ୍ୱାଧୀନତା ଆନ୍ଦୋଳନଠାରୁ ଓଡିଶାର ଶିକ୍ଷା ସମସ୍ୟା ପ୍ରଭୃତି ଭିନ୍ନ ବିଷୟରେ ଛାତ୍ର ଓ ଅଧ୍ୟାପକମାନଙ୍କ ସହ ଫ୍ରିଡା ଆଲୋଚନା କରନ୍ତି। କଟକରେ ଆସି ଘର ସଂସାର ଆରମ୍ଭ କଲାପରେ ସାରଙ୍ଗଧର ପ୍ରଥମେ ଆର୍ଥିକ ସଙ୍କଟର ସମ୍ମୁଖୀନ ହେଲେ। ଦୁଇ ବର୍ଷ ତଳେ ଆମେରିକାରୁ ଆସିଲାବେଳେ ସାଙ୍ଗରେ ଯେଉଁ ଅର୍ଥ ସଞ୍ଚୟ କରି ଆଣିଥିଲେ ତାହା ଦୁଇବର୍ଷରେ ଖର୍ଚ୍ଚ ହୋଇଗଲା। ତେଣୁ ଦୁଇଜଣ ଚାକିରି ଅନ୍ୱେଷଣରେ କଟକରୁ ବାହାରିଲେ। ସାରଙ୍ଗଧର ଟାଟା ସୁଗାର କର୍ପୋରେସନ୍‌ରେ ଅପେକ୍ଷାକୃତ ସ୍ୱଳ୍ପ ବେତନରେ ଏକ ଚାକିରି ଆରମ୍ଭ କଲେ। କିନ୍ତୁ ଟାଟା ଚିନି ନିଗମର ମୁଖ୍ୟ ପରିଚାଳକ ଥିଲେ ଜଣେ ବ୍ରିଟିସ୍ ଲୋକ। ତାଙ୍କର ମନେହେଲା ସାରଙ୍ଗଧରଙ୍କ ଶିକ୍ଷା ଅଭିଜ୍ଞତା ତାଙ୍କଠାରୁ ଢେର ଅଧିକ। ତେଣୁ ତାଙ୍କୁ ତଡିବା ପାଇଁ ସେ ଲାଗିପଡିଲେ। ବ୍ରିଟିସ୍ ମ୍ୟାନେଜରଙ୍କ ସହିତ ମତାନ୍ତର ଯୋଗୁଁ ସେ ଇସ୍ତଫା ଦେଲେ। ସେପଟେ ଫ୍ରିଡା ବମ୍ବେର ନେସ୍‌ନାଲ କଲେଜରେ ମାସିକ ଦେଢଶହ ଟଙ୍କାରେ ଏକ ଅଧ୍ୟାପକ ଚାକିରି ପାଇଥିଲେ। କିଛି ଦିନ ରହିଲା ପରେ ସେ ଦେଖିଲେ କଲେଜର ଆର୍ଥିକ ଅବସ୍ଥା ଶୋଚନୀୟ। କଲେଜ କମିଟି ଚାହିଁଲା ବିନା ପାରିଶ୍ରମିକରେ ଫ୍ରିଡା ଛାତ୍ରଛାତ୍ରୀ ମାନଙ୍କୁ ଶିକ୍ଷା ଦିଅନ୍ତୁ। ଏ ପରିସ୍ଥିତି ତାଙ୍କୁ ଅଡୁଆ ଲାଗିଲା ସେ ମଧ୍ୟ ସେଠାରୁ ଚାକିରି ଛାଡି ଦେଲେ। ଏତିକି ବେଳେ କୋଚିନ ଚିନି କାରଖାନାରେ ସାରଙ୍ଗଧରଙ୍କୁ ପୁଣି ଏକ ଚାକିରି ମିଳିଗଲା। ୧୯୨୨ ମସିହା ସେପ୍ଟେମ୍ବର ମାସରେ ଉଭୟ ଘରସଂସାର କରିବାକୁ କୋଚିନ୍ ଅଭିମୁଖେ ଯାତ୍ରା କଲେ। ଋଣ ପରିଶୋଧ ନ ସରିବା ପର୍ଯ୍ୟନ୍ତ ଫ୍ରିଡା ୟୁରୋପୀୟ ଶୈଳୀରେ ଜୀବନଯାପନ ନ କରି ଅନ୍ୟ ଭାରତୀୟ ନାରୀଙ୍କ ଭଳି ଅଳ୍ପ ଖର୍ଚ୍ଚରେ ଘର ଚଳାଇବା ଆରମ୍ଭ କଲେ। ନିଜ ହାତରେ ରୋଷେଇ ଘର ସଫା କାମ ଚଳାଇନେଲେ।

ଫ୍ରିଡା ବାହାରିଲେ ପ୍ୟାରିସ ଅଭିମୁଖେ। ଏହା ଥିଲା ୧୯୨୫ ମସିହା। ଭାରତରେ ସ୍ୱାମୀଙ୍କ ସହିତ ପାଞ୍ଚ ବର୍ଷ ରହିବା ପରେ ପ୍ରଥମଥର ପାଇଁ ପ୍ୟାରିସ୍ ଯାଉଛନ୍ତି।୧୯୧୭ ମସିହାରେ ସାରଙ୍ଗଧରଙ୍କୁ ବିବାହ କଲା ବେଳେ ସେ ଭଲ ଭାବେ ସାରଙ୍ଗଧରଙ୍କୁ ବୁଝିଥିଲେ। କିନ୍ତୁ ଅବୁଝା ରହିଯାଇଥିଲା ସାମୀଙ୍କ ହିନ୍ଦୁ ଭାରତ ବର୍ଷ, ଏପରିକି ୟୁରୋପୀୟ ଖ୍ରୀଷ୍ଟିୟାନମାନେ ତାଙ୍କ ସ୍ୱାମୀ ଭାବରେ ସାରଙ୍ଗଧରଙ୍କୁ ଗ୍ରହଣ କରିନେବାକୁ କୁଣ୍ଠା ପ୍ରକାଶ କରିଛନ୍ତି। ତାଙ୍କ ଭଳି ଜଣେ ଖ୍ରୀଷ୍ଟୀୟ ମହିଳାଙ୍କୁ ବିବାହ କରିଥିବା ହେତୁ ହିନ୍ଦୁ ସମାଜରେ ସେ ଯେତିକି ଅବହେଳିତ, ଚାକିରି ପାଇବା କ୍ଷେତ୍ରରେ ସାହେବ ନିୟନ୍ତ୍ରିତ ଶିଳ୍ପ କାରଖାନାରେ ସେହିପରି ଉପେକ୍ଷିତ। ସେଥିପାଇଁ ସ୍ୱାମୀଙ୍କ ସାଙ୍ଗରେ ଗଲେ ଢେଙ୍କାନାଳର ସ୍ଥାନୀୟ ହିନ୍ଦୁ ଅଧିବାସୀ ଏବଂ ଢେଙ୍କାନାଳ ଗଡ଼ଜାତର ପଲିଟିକାଲ ଏଜେଣ୍ଟ୍ ଚିନି କାରଖାନା ସ୍ଥାପନରେ ଅନ୍ତରାୟ ସୃଷ୍ଟି କରିପାରନ୍ତି ବୋଲି ସ୍ୱଇଚ୍ଛାରେ ସେ ଛବି ଅଙ୍କାକାମରେ ପ୍ୟାରିସ୍ ଯାଉଛନ୍ତି।

ପ୍ୟାରିସ୍‌ରେ ପହଞ୍ଚିଲାପରେ ଫ୍ରିଡା ଯାଇଥିଲେ ପ୍ରଥମେ ଆମେରିକାର ଆର୍ଟସ ସ୍କୁଲକୁ। ଏଠାରେ ଦେଓ୍ୱାଲ ଚିତ୍ର ଆଙ୍କିବା ତାଙ୍କର ମୂଳ ଲକ୍ଷ୍ୟ। କାନ୍ଥର ପ୍ଲାଷ୍ଟର ଉପରେ ଜଳଛବି ଆଙ୍କିବା ବେଳେ ତାଙ୍କର ମନେ ହେଉଥିଲା ଅନେକଦିନ ପରେ ସେ ନିଜ ଘରକୁ ଫେରି ଆସିଛନ୍ତି। ଏକାଗ୍ରତାର ସହିତ ଛବି ଅଙ୍କନ କଲା ପରେ ପ୍ୟାରିସ୍‌ର ବିଶିଷ୍ଟ କଳା ଅନୁଷ୍ଠାନ ତରଫରୁ କମିସନ୍ ଭିତ୍ତିରେ ଦେଓ୍ୱାଲ ସାଜ ସଜ୍ଜା କାମ ତାଙ୍କୁ ମିଳିଥିଲା। ଦେଓ୍ୱାଲ ଚିତ୍ର ଆଙ୍କିବା କାମରେ ଆମେରିକା ଯିବା ପାଇଁ ତାଙ୍କ ମନ ଛଟପଟ ହେଉଥିଲା। ଏଥିପାଇଁ ଅନୁମତି ମାଗି ପ୍ୟାରିସରୁ ଫ୍ରିଡା ଖଣ୍ଡେ ଚିଠି ଲେଖିଲେ ସ୍ୱାମୀଙ୍କୁ। ସାରଙ୍ଗଧର ଉତ୍ତର ଦେଲେ, ଆମେରିକା ଗଲେ ଏଠାକୁ

ଫେରୁ ଫେରୁ ଦୁଇବର୍ଷ ଲାଗିଯିବ। ଢେଙ୍କାନାଳରୁ ଅନତି ଦୂରରେ ଚିନି କାରଖାନା କାମ ଖୁବ୍ ଜୋର ସୋରରେ ଆଗେଇ ଚାଲିଛି। ଆସନ୍ତା ଅକ୍ଟୋବରରେ ଚିନି କାରଖାନା କାମ ଶେଷ କରି ଆମେ ରହିବା ପାଇଁ ଗୋଟିଏ ଘର ନିର୍ମାଣ କାର୍ଯ୍ୟ ଶେଷ କରିଥିବି। ସାରଙ୍ଗଧରଙ୍କ ଚିଠି ପଢି ସେ ପୁଣି ଭାରତ ମାୟାରେ ପଡିଗଲେ। ସେ ପୁନର୍ବାର ପ୍ୟାରିସରୁ କଟକ ଫେରିଲେ।

ଦାସ ଦମ୍ପତି କଟକରୁ ଢେଙ୍କାନାଳ ବାହାରିଲେ। କଟକରୁ ରେଳରେ ଚଢି ଢେଙ୍କାନାଳ ଷ୍ଟେସନରେ ପହଞ୍ଚିଲେ। କାର ନେଇ ଆସିଥିବା ରାଜ କର୍ମଚାରୀ ଜଣକ କହିଲେ – ଆପଣଙ୍କ ଟେଲିଗ୍ରାଫ ମିଳିଛି। ଆପଣ ବୋହୂମାଆଙ୍କୁ ନେଇ ରାଜାଙ୍କ ଅତିଥ୍ୟ ଭବନକୁ ଆସନ୍ତୁ।

ରମଣୀୟ ପାହାଡ ଉପରେ ରାଜ ଅତିଥିଭବନ। ଅତିଥି ଶାଳାର ପ୍ରକୋଷ୍ଠ ଗୁଡିକ ୟୁରୋପୀୟ ଶୈଳୀରେ ସୁସଜ୍ଜିତ। ସହରକୁ ଘେରି ଦିଗନ୍ତ ବ୍ୟାପୀ ସବୁଜ ବନାନୀ, ନୀଳ ପାହାଡ ମାଳା। ପ୍ରଥମ ଦେଖାରେ ଫ୍ରିଡା ଢେଙ୍କାନାଳର ପ୍ରକୃତି ପ୍ରେମରେ ପଡିଗଲେ। ଅପଲକ ଆଖିରେ ଅନେଇ ରହିଥିଲେ ସେହିସବୁ ନୀଳ ପାହାଡ ସବୁଜ ଘଞ୍ଚ ଅରଣ୍ୟକୁ। ଏହି ସମୟରେ ସାରଙ୍ଗଧରଙ୍କ ଗ୍ରାମରୁ ବହୁ ସମ୍ପର୍କୀୟ ଫୁଲ ତୋଡା, ମିଠା ନେଇ ଫ୍ରିଡାଙ୍କୁ ଭେଟିବାକୁ ଆସିଥିଲେ। ସାରଙ୍ଗଙ୍କର ବ୍ୟକ୍ତିଗତ ଭୃତ୍ୟ ବାଜିଆ ତିନୋଟି ଫୁଲମାଳ ଆଣିଥିଲା। ବିଶେଷ କରି ମଲ୍ଲି ଫୁଲର ହାର, ଯାହା ମଝିରେ ଗୋଟିଏ ଗୋଟିଏ ଗୋଲାପ କଢି ଖଞ୍ଜା ଯାଇଥିଲା। ତାହା ଫ୍ରିଡାଙ୍କ ଶିଳ୍ପୀ ହୃଦୟକୁ ନିବିଡ ଭାବରେ ସ୍ପର୍ଶ କଲା। ସ୍ୱାମୀଙ୍କ ପରିବାର ଲୋକେ ନିଜ ହାତରେ ଏସବୁ ଫୁଲହାର ଗୁନ୍ଥି ତାଙ୍କ ପାଇ ପଠାଇଛନ୍ତି ଏକଥା ଭାବି ତାଙ୍କ ହୃଦୟ ଆବେଗରେ ଆଲୋଡିତ ହୋଇଯାଇଥିଲା। ସାରଙ୍ଗଙ୍କ ପରିବାର ଲୋକେ ତାଙ୍କୁ ଗଭୀର ଭାବେ ସ୍ନେହ କରୁଥିଲେ ମଧ୍ୟ ତାଙ୍କୁ ପୂର୍ଣ୍ଣ ଭାବେ ଗ୍ରହଣ କରିପାରିବେ ନାହିଁ ଏକଥା ସେ ଜାଣିଥିଲେ। ସାରଙ୍ଗଙ୍କ ମଝିଆଁ ଭାଇ ପ୍ରଥମେ ମିଷ୍ଟାନ ନେଇ କଟକ ଆସିଥିଲେ ତାଙ୍କୁ ସଙ୍ଗୋଳିବାକୁ। କିନ୍ତୁ ସେ ନିଜ ହାତରେ ତିଆରି କରିଥିବା ଚା କପ୍ ମଧ୍ୟ ସ୍ପର୍ଶ କଲେ ନାହିଁ। ତାଙ୍କ ଜାତି ଚାଲିଯିବ ? ସ୍ୱାମୀଙ୍କ ପରିବାରରେ ଏକାଠି ରହିବା ପାଇଁ ଫ୍ରିଡାଙ୍କ ଇଚ୍ଛା ଥିଲେ ମଧ୍ୟ ସେ ରହି ପାରିବେ ନାହିଁ। କାରଣ କେହି ତାଙ୍କ ହାତରୁ ପାଣି ଛୁଇଁବେ ନାହିଁ।

ତହିଁ ଆରଦିନ ସାରଙ୍ଗଧର ଫ୍ରିଡାଙ୍କୁ ନେଇ ତାଙ୍କ ଗ୍ରାମ ହରେକୃଷ୍ଣପୁର ଗଲେ। ଗ୍ରାମରେ ପହଞ୍ଚି ତାଙ୍କ ଭାଉଜ, ଝିଆରି, ପୁତୁରା, ଭାଇ ଇତ୍ୟାଦିମାନଙ୍କ ସହିତ ପରିଚୟ କରାଇଦେଲେ। ଗୋଟିଏ ଓଳି ରହି ଉଭୟ ଢେଙ୍କାନାଳ ଫେରିଲେ। ଉପରଓଳି ଢେଙ୍କାନାଳର ଯୁବ ରାଜା ଶଙ୍କର ପ୍ରତାପ ସିଂହଦେଓ ଏବଂ ତାଙ୍କର ରାଣୀଙ୍କ ସହିତ ଦେଖା ହେଲା। ରାଣୀ ଫ୍ରିଡାଙ୍କୁ କହିଲେ ସେ ଗୋଟିଏ ବର୍ଷହେଲା ଇଂରାଜୀ ଶିଖୁଛନ୍ତି। ରାଜା ତାଙ୍କୁ ଉପହାର ଦେଇଥିବା ଅନେକ ଇଂରାଜୀ କ୍ଲାସିକ ଦେଖାଇଲେ।

ରାଜାଙ୍କ ସହିତ ସାରଙ୍ଗଧର ତାଙ୍କର ଚିନି କାରଖାନା ନେଇ ଆଲୋଚନା ରତ। ରାଜା ଫ୍ରିଡାଙ୍କୁ ଦେଖି ପଚାରିଲେ ଅତିଥି ଭବନରେ ତାଙ୍କର କିଛି ଅସୁବିଧା ହୋଇ ନାହିଁ ତ। କିଛି ସମୟ ପରେ ରାଜା ଏବଂ ରାଣୀଙ୍କ ଠାରୁ ବିଦାୟ ନେଇ ଦାସ ଦମ୍ପତି ନିଜ କକ୍ଷକୁ ଫେରିଲେ।

ତା'ପର ଦିନ ସାରଙ୍ଗଧର ଏବଂ ଫ୍ରିଡା ବାହାରିଲେ ବ୍ରହ୍ମକୁଣ୍ଡ ଯେଉଁଠାରେ ତାଙ୍କର ଥିଲା ପ୍ରସ୍ତାବିତ ଚିନିକାରଖାନା। ଢେଙ୍କାନାଳରୁ ବ୍ରହ୍ମକୁଣ୍ଡ ଛପନ କିଲୋମିଟର। ଢେଙ୍କାନାଳରୁ ଚଣ୍ଡିପାଳ ଘାଟ (ଭୁବନ ନିକଟରେ) ଚାଳିସ କି.ମି.। ଅରଣ୍ୟ ନିବାସକୁ ଯିବା ପାଇଁ ଫ୍ରିଡା, ଖୁବ୍ ଉଚ୍ଛନ୍ନ। ରାତି ନ ପାହୁଣୁ ସବୁ ଜିନିଷ ପତ୍ର ସଜାଡି ଦେଇଥିଲେ। ରାଜାଙ୍କ କାର ଆସି ପହଞ୍ଚିଲା ସକାଳ ସାତଟାରେ। କାରରେ ଉଭୟ ଆସିଲେ ବ୍ରାହ୍ମଣୀ ନଦୀର ଚଣ୍ଡିପାଳ ଘାଟକୁ। ଘାଟ ପାର ହେଲା ପରେ ବ୍ରହ୍ମକୁଣ୍ଡକୁ ଯିବା ପାଇଁ ତଟୁ ଘୋଡା ଏକ ମାତ୍ର ସାହା। ବର୍ତ୍ତମାନ ବ୍ରହ୍ମକୁଣ୍ଡକୁ ଯିବା ପାଇଁ ହେଲେ ଭୁବନରୁ କାମାକ୍ଷାନଗର ରାସ୍ତାରେ ବାଲି ଝାଟିଠାରୁ ଡାହାଣ ରାସ୍ତାରେ ଗଲେ ଓଡିଶ ଗ୍ରାମ ଦେଇ ଯିବାକୁ ପଡିବ। ଏକ ଶହ ବର୍ଷତଳେ ତାହା ଥିଲା ଅତ୍ୟନ୍ତ ଦୁର୍ଗମ, ପାହାଡି ରାସ୍ତା ତାଳଚେର – ଯାଜପୁର ରୋଡ ରେଳ ଲାଇନ୍ ବ୍ରହ୍ମକୁଣ୍ଡ ଦେଇ ଯିବାର ସମ୍ଭାବନା ଥିବାରୁ ସେହିଠାରେ ସାରଙ୍ଗଧର ନିଜର ଚିନି କାରଖାନା ବସାଇଥିଲେ। ଦୁଃଖର ବିଷୟ ଏକ ଶହ ବର୍ଷ ପରେ ମଧ୍ୟ ସେହି ପଟେ ରେଳ ଯାଇନାହିଁ ଏ ପର୍ଯ୍ୟନ୍ତ। ଘୋଡାରେ ବସି ଦାସ ଦମ୍ପତି ବାହାରିଲେ ଚଣ୍ଡୀପାଳ ଘାଟରୁ ବ୍ରହ୍ମକୁଣ୍ଡ। ଦୁଇ ଶହ ଗଜ ଦୂରରୁ ଘୋଡା ଉପରେ ବସି ଚାଳଘର ଗୁଡିକ ଦେଖିବା ମାତ୍ରେ ଫ୍ରିଡା ଆନନ୍ଦରେ ଚିତ୍କାର କରି ଉଠିଲେ – ୟୁରେକ୍କା, କଲମ୍ବସ ଦୂର ସମୁଦ୍ରରୁ ଆମେରିକାର ଭୂଭାଗ ଦର୍ଶନ କରି ଯେପରି ଆନନ୍ଦରେ ବିହ୍ୱଳିତ ହୋଇ ଉଠିଥିଲେ, ସ୍ୱାମୀଙ୍କ କୃଷି ଫାର୍ମରେ ଚାଳଘରଗୁଡିକ ଦେଖି ଫ୍ରିଡା ସେହିପରି ଉତ୍‌ଫୁଲ ହୋଇଥିଲେ ସାମ୍ନାରେ ତିଆରି କରାଯାଇଥିଲା ଏକ ସୁସଜ୍ଜିତ ତୋରଣ ସେଠାରୁ ଚାଷଘର ଯାଏ ବାଉଁଶରେ ଦୁଇପଟେ ଦଉଡି ଟଣା ହୋଇଥିଲା ଯେଉଁଥିରେ ଝୁଲୁ ଥିଲା ମୟୂରଚନ୍ଦ୍ରିକା ଏବଂ ଆମ୍ବଡାଳ। ଗ୍ରାମବାସୀମାନେ ଗାଁ ମୁଣ୍ଡରେ ଜମା ହୋଇଥିଲେ। ଗ୍ରାମର ନାରୀମାନେ ହୁଳ ହୁଳି ପକାଇ ସ୍ୱାଗତ କରିଥିଲେ। ଅରଣ୍ୟ ନିବାସରୁ ଆରମ୍ଭହୁଏ ଦୁହିଁଙ୍କର କର୍ମମୟ ଜୀବନ।

ଶେଷରେ ସେ ଦୁହିଁଙ୍କ ରହିବା ଘର ହେଲା ଅରଣ୍ୟ ନିବାସ। ଆଖୁଚାଷ ପାଇଁ ସେ ଏକ ମାଇଲ ଲମ୍ବ ଜଙ୍ଗଲ କାଟି ସଫା କରିଛନ୍ତି। ପ୍ରଥମ ବର୍ଷ ଆଖୁ ବଦଳରେ ଧାନ, ନଳିତା ଆଉ ମୁଗ ଚାଷ କରାଯାଇଛି। ନଳିତା ଚାଷ ଝୋଟ ପାଇଁ କରାଯାଇଛି ଯାହା କଲିକତାର ଚଟକଳମାନଙ୍କୁ ବିକ୍ରି କରାଯିବ। କିନ୍ତୁ ବଣୁଆ ହାତୀ, ଭାଲୁ, ବାରହା, ମାଙ୍କଡ ଓ ହରିଣପଲ ଫସଲ କ୍ଷେତ ଧ୍ୱଂସ କରୁଥିବାରୁ ରାତିରେ ମଞ୍ଚା ବାନ୍ଧି ଲୋକ ଜଗାଇବାକୁ ପଡୁଛି। ରାତି ଜଗୁଆଳି ମାନେ ଟିଣ ବାଡେଇ ହୋ ହଲ୍ଲା କଲେ ସେମାନେ ପଳାଇ ଯାଆନ୍ତି। ଦିନବେଳା ମଧ୍ୟ କେତେବେଳେ ବାଘ, ହେଟା କୃଷି ଫାର୍ମ ଭିତରକୁ ପସି ଆସନ୍ତି। ସାରଙ୍ଗଧର ଆତ୍ମରକ୍ଷା ପାଇଁ ବ୍ରିଟିସ ସରକାରଙ୍କ ଠାରୁ ବନ୍ଧୁକ ଲାଇସେନସ୍ ନେଇଥିଲେ। ବେଳେ ବେଳେ ବନ୍ଧୁକରୁ ବ୍ଲାଙ୍କ୍ ଫାଇରିଙ୍ଗ କଲେ ବନ୍ୟ ପଶୁମାନେ ପଳାଇ ଯାଆନ୍ତି।

ବ୍ରହ୍ମକୁଣ୍ଡ କୃଷି ଫାର୍ମର ଅନତି ଦୂରରେ ଡମଶାଳ ନଦୀ କୂଳରେ ଥିଲା ତାଙ୍କର ଏକ ବଗିଚା। ବଗିଚାରେ ପରିବା ଚାଷ ହୁଏ। ତହିଁ ଆରଦିନ ଘୋଡାରେ ବସି ଦୁହେଁ ବାହାରିଲେ ମୋଚିପାଳ ବଗିଚା, ସେଠାରେ ଫଳିଥାଏ ବାଇଗଣ, ଭେଣ୍ଡି, କାକୁଡି, କନ୍ଦମୂଳ ବଗିଚାରେ ଧନିଆ ଏବଂ ଲାଲ ରଙ୍ଗର କୋତୋଟି ଫୁଲ ଫୁଟିଥିଲା। ଜଣେ କର୍ମଚାରୀ ଗୋଟିଏ ଲାଲ ଫୁଲଟି ଛିଡାଇ ଆଣି ଫ୍ରିଡାଙ୍କ ହାତକୁ ବଢାଇଦେଇ କହିଲା - ସ୍ୱାଗତଂ ମେମସାହେବ।

ବ୍ରହ୍ମକୁଣ୍ଡରେ ଚାଷ କାମ, ମୋଚାପାଳରେ ଥିବା ଫୁଲ ବଗିଚା, ପରିବା ଚାଷ ସବୁ ବୁଝା ବୁଝି କରେ ସାରଙ୍ଗଧରଙ୍କ ଭଣଜା ନରୋତ୍ତମ। ନରୋତ୍ତମକୁ ଏହି ଭିତରେ ଜ୍ୱର ହେବା ଯୋଗୁଁ ସେ ଘରକୁ ପଳାଇଲେ। ଫ୍ରିଡା ଏନେଇ ବିରକ୍ତି ଭାବ ପ୍ରକାଶ କଲେ। ନରୋତ୍ତମ ମାମୁଁ ମାଇଁଙ୍କ ପାଖରେ ଖାଏ ନାହିଁ, ନିଜେ ରୋଷେଇ କରି ଖାଏ। ମାମୁଁ ହିନ୍ଦୁ, ମାଇଁ ଖ୍ରୀଷ୍ଟିଆନ୍ ଓ ତାଙ୍କ ଖାନସାମା ମୁସଲମାନ। ମୁସଲମାନ ହାତରୁ ଭାତ ଖାଇଲେ ତାର ଜାତି ଯିବ ଏବଂ ଗାଁରେ ବାସନ୍ଦ ହେବ। ଜ୍ୱର ଯୋଗୁଁ ନିଜେ ରୋଷେଇକରି ପାରିଲା ନାହିଁ ବୋଲି ଘରକୁ ଚାଲିଗଲା। ନରୋତ୍ତମର ଘରକୁ ଯିବାର କାରଣ ଜାଣିବା ପରେ ଫ୍ରିଡା ହତବାକ ହୋଇପଡିଲେ। ପ୍ରକୃତରେ ହିନ୍ଦୁ ସମାଜର ଭେଦଭାବର ରହସ୍ୟ କିଛି ବୁଝି ପାରନ୍ତି ନାହିଁ। ହଳିଆ ମାନେ ନୀଚ ଜାତିର ଲୋକ ତେଣୁ ତାଙ୍କର ହାତ ରନ୍ଧା ବ୍ରାହ୍ମଣ କରଣ ମାନେ ଖାଇଲେ ତାଙ୍କର ଜାତି ଯିବ। ଉଚ୍ଚ ବର୍ଣ୍ଣର ମୁସଲମାନ ବା ଖ୍ରୀଷ୍ଟିଆନମାନଙ୍କ ହାତରୁ ଖାଇଲେ ନୀଚ ହିନ୍ଦୁବର୍ଣ୍ଣ ମାନଙ୍କର ଜାତି ଯିବ ସେ ବିରକ୍ତ ହୋଇ କହିଲେ। Saranga, What is this type of belief and customs in Hindu society? Why don't you change it? ସାରଙ୍ଗଧର କହିଲେ ମୁଁ ଏଠାରେ ଚିନି ଶିଳ୍ପ ପ୍ରତିଷ୍ଠା କରିବାକୁ ଆସିଛି। ସମାଜ ସଂସ୍କାର ପାଇଁ ନୁହେଁ।

ସେଦିନ ନଦୀ କୂଳରୁ ଫେରି ସେ ସିଧା ସ୍ୱାମୀଙ୍କ ପାଖରେ ନିଜର ମନ କଥା ଖୋଲି କହିଲେ। ସାରଙ୍ଗ ତମେ ତମ ନିଜ ଜାତିର ଜଣେ ଓଡିଆ ହିନ୍ଦୁ ଝିଅକୁ ଆଉଥରେ ବାହା ହୁଅ। ମୁଁ ତମର ଯୋଗ୍ୟ ପତ୍ନୀ ନୁହେଁ। ଏ ବିସ୍ତୃତ ଯୋଜନାରେ ମୁଁ ତମର ଯୋଗ୍ୟ ପତ୍ନୀ ହେଲେ ସେ ହଳିଆ ମୂଲିଆମାନଙ୍କୁ ତାଙ୍କ ଭାଷାରେ ବୁଝାଇ ପାରିବେ, ତାଗିଦ୍ କରିପାରିବେ। ସାରଙ୍ଗଧର କହିଲେ ବଣ ଜଙ୍ଗଲରେ ରହି ତମେ ଯେତିକି କାମ କରୁଛ କୌଣସି ହିନ୍ଦୁ ସ୍ତ୍ରୀ ତାର ଦଶ ଭାଗରୁ ଏକ ଭାଗ କରି ପାରିବ ନାହିଁ। କୌଣସି ହିନ୍ଦୁ ନାରୀ ଗ୍ରାମ କିମ୍ବା ସହର ଛାଡି ଏ ଅରଣ୍ୟ ଭୂମିରେ ସ୍ୱାମୀ ସହିତ ରହିବା ଲାଗି ଆସିବ ନାହିଁ। ସମ୍ଭବତଃ ଏ ଅରଣ୍ୟ ଜୀବନ ତମକୁ ଭଲ ଲାଗୁ ନାହିଁ। ତମେ ମୋତେ ଛାଡି ଚାଲି ଯିବାକୁ କହୁଛ। ତେଣୁ ମୋତେ ଆଉଥରେ ବାହାହେବାକୁ କହୁଛ। ଶୁଣ ଫ୍ରିଡା ତମେ ଚାଲିଗଲେ ମଧ୍ୟ ମୁଁ ଆଉଥରେ ବିବାହ କରିବି ନାହିଁ। ସାରଙ୍ଗଙ୍କ କଣ୍ଠରେ ଅଭିମାନର ସ୍ୱର୍ଶ ଜାଣିପାରି ଫ୍ରିଡା ହସିଦେଇ କହିଲେ, ନାଁ ନାଁ ମୁଁ ତମକୁ ଛାଡି ଯିବାକୁ କହୁନାହିଁ। ମୁଁ ଚାହେଁ ତମର କର୍ମମୟ ଜୀବନର ଦୈନନ୍ଦିନ ସହଚରୀ ହେବା ଲାଗି ଜଣେ ଦେଶୀ ପତ୍ନୀ ଆବଶ୍ୟକ। ମୁଁ ତମର ଛୁଟିଦିନ ଆଉ ଶିକାର ଅଭିସାରର ବିଦେଶିନୀ ବାନ୍ଧବୀ ହୋଇ ରହିଛି ଓ ରହିବ ମଧ୍ୟ।

ଏହି ସମୟରେ ସାରଙ୍ଗଧର ଖାନସମାର କାର୍ଯ୍ୟରେ ଅବହେଳା ଦେଖିଲେ ଏବଂ କିଛି କହିଲେ ମୁହଁରେ ସେ ଜବାବ ଦେବା ଆରମ୍ଭ କଲା। ତେଣୁ ସାରଙ୍ଗଧର ତାକୁ ଛୁଟି ଦେଇ ଦେଲେ। ଖାନସମା ଯିବା ପରେ ବାଜିଆ, ଯିଏ କି ତାଙ୍କର ଭୃତ୍ୟ, ସେ କେବଳ ପନିପରିବା କଟା ଏବଂ ମସଲା ବଟା କଲା ଏବଂ ଚୁଲୀ ଧାସରେ ଫ୍ରିଡାଙ୍କୁ ରୋଷେଇ କରିବାକୁ ପଡିଲା। ଦିନେ ସାରଙ୍ଗଧରଙ୍କ ବଡଭାଇ ଗୋଟିଏ ଚାକର ପିଲାକୁ ନେଇ ପହଞ୍ଚିଲେ। ସେମାନେ କଟକରେ ଥିବା ବେଳେ ଏହି ମଝିଆ ବଡ ଭାଇ ପହଞ୍ଚିଥିଲେ। କିନ୍ତୁ ତାଙ୍କ ହାତରୁ ପାଣି ମଧ୍ୟ ସ୍ପର୍ଶ କରିନଥିଲେ। ଫ୍ରିଡା ପଚାରିଲେ ତମ ଭାଇ ଆଜି ମୋ ହାତ ରନ୍ଧା ଖାଇବେ ତ ? ସାରଙ୍ଗଧର ବୁଝି ଆସି କହିଲେ - ତମ ହାତରନ୍ଧା ଖାଇବାରେ ତାଙ୍କର କୌଣସି ଆପତ୍ତି ନାହିଁ। ଦେଢ଼ଶୂରଙ୍କ ମନ ବୃତ୍ତି ବଦଳି ଯାଇଛି ଶୁଣି ସେ ଖୁସି ହେଲେ। ତେଣୁ ଚୁଲୀ ଧାସରେ ଅଭ୍ୟାସ ନଥିଲେ ମଧ୍ୟ ସବୁ ରୋଷେଇ କରିବାକୁ ଲାଗିଲେ। ରୋଷେଇ ପରେ ବାଜିଆକୁ କହିଲେ ଟେବୁଲ ଉପରେ

ସବୁ ବଡା ସରିଗଲାଣି ଦୁଇ ବାବୁଙ୍କୁ ଖବର ଦେ ଆସିବେ ଖାଇବା ପାଇଁ। କିଛି ସମୟ ପରେ ସାରଙ୍ଗଧର ଏକା ଆସିଲେ। ଫ୍ରିଡା ପଚାରିଲେ, ଭାଇ କାହିଁକି ଆସିଲେ ନାହିଁ? ସାରଙ୍ଗଧର କହିଲେ ସେ ଭିତର ଘରେ ଖାଇଦେବେ, ଟେବୁଲକୁ ଆସିବେ ନାହିଁ ବୋଲି ମନା କଲେ।

ସ୍ୱାମୀଙ୍କ କଥା ଶୁଣି ଫ୍ରିଡାଙ୍କ ମୁହଁ ଅନ୍ଧକାର ହୋଇଗଲା। ସେ ନିଜକୁ ଅପମାନିତ ମନେ କଲେ। ନିଜକୁ ସମ୍ଭାଳି ପାରିଲେ ନାହିଁ। ତାଙ୍କର ଚାପା ଅସନ୍ତୋଷ ବି ସ୍ଫୋରିତ ହୋଇଗଲା ସେ କହିଲେ – Sarang what does your brother think of himself. Am I a Pariah, social outcaste? He will loose his caste after dining with me. It is enough Sarang. ତା'ର ଅର୍ଥ ମୁଁ କ'ଣ ମ୍ଲେଚ୍ଛ ? ତମ ଭାଇ ମୋ ସହିତ ବସି ଖାଇବେ ନାହିଁ। ଖାଇଲେ ତାଙ୍କର ଜାତି ଚାଲିଯିବ। ସେ ଭାଇ ବୋହୂ ସହିତ ଖାଇଲେ ଗୋବର ପାଣି ପିଇ ଶୁଦ୍ଧି ହେବେ। ଫ୍ରିଡା ଏକ ଶହ ବର୍ଷ ତଳେ ଦେଢ଼ଶୂର ଭାଇ ବୋହୂ ଛୁଆଁ ଅଛୁଆଁ ପାଇଁ ଯେଉଁ ବିସ୍ଫୋରଣ କରିଥିଲେ ତାହା ଏବେ ମଧ୍ୟ ସମାଜରୁ ଯାଇନାହିଁ।

ଓଡିଆ ଘରେ ହିନ୍ଦୁ ପରିବାରରେ ଦେଢଶୂର ଭାଇ ବୋହୂ ଏକାଠି ବସି ଖାଆନ୍ତି ନାହିଁ ବୋଲି ବୁଝାଇ ଦେଲା ପରେ ଫ୍ରିଡା ବୁଝିଯାଇଥିଲେ।

ଫ୍ରିଡା କିଛି ଦିନ ପରେ ଦେଖିଲେ ବାଜିଆ ସାରଙ୍ଗଧରଙ୍କ କପଡା ଧୋଉଛି, ବାସନ ଧୋଉଛି। ଖାନ ସମା ଯିବା ପରେ ତାଙ୍କ କପଡା, ବାସନ ବାଜିଆ ଧୋଉ ନାହିଁ। ସେ ତାକୁ ଆଦେଶ ଦେଲେ ଆଜି ଠାରୁ ମୋର କପଡା ଏବଂ ବାସନ ଧୋଇବୁ। ଏବେ ବାଜିଆ ଅଡୁଆରେ ପଡିଲା। ମେମ ସାହେବଙ୍କ ବାସନ ଧୋଉଛି ଜାଣିଲେ ତା ଗାଁରେ ତାକୁ ବାସନ୍ଦ କରିବେ। ତେଣୁ ସାରଙ୍ଗଧରଙ୍କୁ ଯାଇ କହିଲା, ସେ ଘରକୁ ପଳାଇ ଯିବାକୁ ଚାହୁଁଛି। ସାରଙ୍ଗଧର ଚିନ୍ତାରେ ପଡିଗଲେ। ମୁଁହରେ ହାତଧରି ବସି ରହିଲେ। ରାତିରେ କୌଣସି ଖାଦ୍ୟ ସ୍ପର୍ଶ କଲେ ନାହିଁ। ଫ୍ରିଡା ମଧ୍ୟ କିଛି ଖାଇଲେ ନାହିଁ। ସକାଳ ହେଲା ସାରଙ୍ଗଧର କ୍ଷେତକୁ ପଳାଇଲେ। ଦ୍ୱିପହରେ ସାରଙ୍ଗ ଘରକୁ ଫେରିଲେ ସାରଙ୍ଗଧର ପତ୍ନୀଙ୍କ ସମୀପବର୍ତ୍ତୀ ହୋଇ କହିଲେ – ବାଜିଆ ଆଉ ଏଠାରେ ରହିବ ନାହିଁ। ଏହା ତାର ଆମଘରେ ଶେଷ ଦିନ। ଫ୍ରିଡା ସ୍ୱାମୀଙ୍କ ହାତଧରି ଖାଇବା ଟେବୁଲ ପାଖକୁ ଟାଣି ଆଣି କହିଲେ ତମେ ଖାଅ, ବାଜିଆ କଥା ପଛେ।

ସାରଙ୍ଗଧର ତାଙ୍କ ହାତ ଖସାଇ ନେଇ କହିଲେ – ଫ୍ରିଡା ତମେ ଘଟଣାର ଗୁରୁତ୍ୱ କଥା ଟିକେ ଭାବ। ତମ ଯୋଗୁ ମୋର ଭଣଜା, ପୁତୁରା, ମିସ୍ତୀ, ମୂଲିଆ ସମସ୍ତେ ଛାଡି ଚାଲି ଯାଉଛନ୍ତି। ତମ ଯୋଗୁ ଶେଷରେ ବାଜିଆ ମଧ୍ୟ ଚାଲିଯିବାକୁ ବସିଛି।

ସ୍ୱାମୀଙ୍କ କଥା ତାଙ୍କୁ କରେଣ୍ଟ୍ ପରି ଆଘାତ ଲାଗିଲା। ଫ୍ରିଡା ପଚାରିଲେ ତମେ କ'ଣ କହିବାକୁ ଚାହୁଁଛ। ସାରଙ୍ଗଧର କହିଲେ – It is imposible for me to manage without Bajia I can live in this jungle without you but not without Bajia. ଏତିକ କହି ସେ ଖାଇବା ଟେବୁଲ ଉପରେ ଛୋଟ ପିଲାପରି କାନ୍ଦିବାକୁ ଲାଗିଲେ।

ତହିଁ ଆରଦିନ ବ୍ରହ୍ମକୁଣ୍ଡରୁ ବିଦାୟ ନେଇ ଫ୍ରିଡା ବାହାରିଲେ ଢେଙ୍କାନାଳ। ଯିବାବେଳେ ପଛକୁ ଚାହିଁ ଦେଖିଲେ ଆଖୁ କିଆରିରେ ସେ ଲଗାଇଥିବା ଚାରା ବଡ ହୋଇଗଲାଣି। ଗଛ ପାକଳ ହେବାର ଦୃଶ୍ୟ ସେ ଆଉ ଦେଖିପାରିବେ ନାହିଁ। ଆଖୁ ଗଛର ମଧୁର ରସ ଅଧିକ ହେଉ, ସାରଙ୍ଗଧର ହୁଅନ୍ତୁ ଜଣେ ଚିନି ସମ୍ରାଟ, ଏହାହିଁ ମନେ ମନେ କାମନା କରି ଫ୍ରିଡା ସାରଙ୍ଗଧରଙ୍କଠାରୁ ବିଦାୟ ନେଇ ଚାଲିଗଲେ ଆମେରିକା। ଫେରିଯିବା ପରେ ତାଙ୍କର ଭାରତ ରହଣି ଅଭିଜ୍ଞତାକୁ ନେଇ "A Marriage to India" ଶୀର୍ଷକ ଏକ ବହି ଲେଖିଥିଲେ ତାହା ୧୯୩୦ ମସିହାରେ ଆମେରିକାରୁ ପ୍ରକାଶ ପାଇଥିଲା। ବହିର ଲେଖିକା ଭାବେ ତାଙ୍କ ନାମ ତଳକୁ ମିସେସ୍ ସାରଙ୍ଗଧର ଦାସ ବୋଲି ଲେଖିଥିଲେ। ଅବଶିଷ୍ଟ ଜୀବନ ଆମେରିକାରେ ଜଣେ ଚିତ୍ରଶିଳ୍ପୀ ଏବଂ ଲେଖିକା ଭାବେ ନିଜର ଜୀବନ ବିତାଇଥିଲେ। ଫ୍ରିଡା ଛାଡି ଚାଲିଯିବାପରେ ସାରଙ୍ଗଧରଙ୍କ ଜୀବନ ଭିନ୍ନ ମୋଡ ନେଲା। ସେ ମନଧ୍ୟାନ ଦେଇ ଚିନି କାରଖାନା କାମ ଶେଷ କରିବାରେ ଲାଗି ପଡ଼ିଲେ। କିନ୍ତୁ ଢେଙ୍କାନଳର ରାଜା ଶଙ୍କର ପ୍ରତାପ ସିଂହଦେଓ ତାଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ। ଢେଙ୍କାନାଳରେ ହେଉଥିବା ଅତ୍ୟାଚାର ସେତେବେଳେ ଭାରତ ଶାସନ ବିଧାୟକ ସଭାରେ ତୁମୁଳ ଆଲୋଡନ ସୃଷ୍ଟି କରିଥିଲା। ରାଜାଙ୍କର ସନ୍ଦେହ ହେଲା ଯେ ସାରଙ୍ଗଧର ଦାସ ଭିତିରିଆ ଖବର ତାଙ୍କର ବନ୍ଧୁ ଭୁବନାନନ୍ଦ ଦାସଙ୍କୁ ଦେଉଛନ୍ତି ଯିଏ କି ଶାସନ ବିଧାୟକ ସଭାର ସଭ୍ୟ ଥିଲେ। ମ୍ୟାଲେରିଆରେ ଆକ୍ରାନ୍ତ ହୋଇ ସାରଙ୍ଗଧର କଲିକତା ଯାଇଥିବା ବେଳେ ରାଜା ଲୋକ ଲଗାଇ ବ୍ରହ୍ମକୁଣ୍ଡ ଚାଷ ଘରେ ନିଆଁ ଲଗାଇ ଦେଲେ। କାରଖାନା ପାଇଁ ଥିବା ଯନ୍ତ୍ରପାତିକୁ ଲୁଟ୍ କରି ନେଲେ। ରାଜାଙ୍କ ଠାରୁ ନ ଶତାଂଶ ଚକ୍ର ବୃଦ୍ଧି ହାରରେ ଯେଉଁ ଟଙ୍କା ଧାର ନେଇଥିଲେ ସେ ଋଣ ସୁଝିବା ପାଇଁ ତାଙ୍କ ନାଁରେ

ମକଦ୍ଦମା ଦାଏର କଲେ। ସେ କଲିକତାରୁ ଫେରି ବୁଝିପାରିଲେ ଢେଙ୍କାନାଳ ଅଞ୍ଚଳରେ ଶିଳ୍ପାୟନର ପ୍ରଧାନ ପ୍ରତିବନ୍ଧକ ହେଉଛନ୍ତି ରାଜା। ରାଜତନ୍ତ୍ର ଲୋପ ନହେଲେ ରାଜ୍ୟରେ କୃଷି କିମ୍ବା ଶିଳ୍ପର ଉନ୍ନତି ହେବ ନାହିଁ।

ଆଖୁଚାଷ ଓ ଚିନି କାରଖାନା ପାଇଁ ଆଣିଥିବା ଋଣ ପରିଶୋଧ ପାଇଁ ସେ ରେଙ୍ଗୁନ୍ ପରେ କଲିକତା ଓ ବିହାରର ଚମ୍ପାରନ ଚିନି କାରଖାନାରେ ମ୍ୟାନେଜର ଭାବେ କିଛିଦିନ କାମ କଲେ। ଚମ୍ପାରନରେ ତାଙ୍କର ସାକ୍ଷାତ ହୋଇଛି ଗାନ୍ଧିଜୀଙ୍କ ସହିତ ଏଥର ସେ ସ୍ୱାଧୀନତା ସଂଗ୍ରାମ କ୍ଷେତ୍ରକୁ ଓହ୍ଲାଇଛନ୍ତି। ସ୍ୱାଧୀନତା ସଂଗ୍ରାମ, ସମାଜବାଦୀ ଆନ୍ଦୋଳନ, ଗଡଜାତ ଆନ୍ଦୋଳନ ଇତ୍ୟାଦିରେ ସାମିଲ ହୋଇଛନ୍ତି। ରାଜାଙ୍କ ବେଠୀ, ବାଗାରି, ଗୃହଦାହ ଅନ୍ୟାୟ ଟିକସ ବିରୋଧରେ ସ୍ୱର ଉଠେଇଛନ୍ତି। ପ୍ରଜାଙ୍କ ଉପରେ ତାଙ୍କ ଆହ୍ୱାନର ପ୍ରଭାବ ପଡିଛି। ନବକୃଷ୍ଣ ଚୌଧୁରୀ, ମାଳତୀ ଚୌଧୁରୀ, ଭଗବତୀ ଚରଣ ପାଣିଗ୍ରାହୀ, ସୁରେନ୍ଦ୍ରନାଥ ଦ୍ୱିବେଦୀ, ଅନନ୍ତ ଚରଣ ପଟ୍ଟନାୟକ, ସଚି ରାଉତରାୟ ପ୍ରମୁଖ ବିପ୍ଳବୀ ନେତୃବୃନ୍ଦଙ୍କ ସହିତ ଯୋଗ ଦେଇ ଗଡଜାତ ଆନ୍ଦୋଳନକୁ ଅଧିକ ତୀବ୍ର କରିଛନ୍ତି। ସୁପରିଚିତ ହୋଇଛନ୍ତି ଗଡଜାତ ଗାନ୍ଧୀ ଭାବରେ। ଜଣେ ସ୍ୱାଧୀନ ଚିନ୍ତକ ଓ ସଂଗ୍ରାମୀ ଭାବେ ନିଜର ପରିଚୟ ସୃଷ୍ଟି କରିଛନ୍ତି। ଗଠନ କରିଛନ୍ତି ଓଡିଶା ପ୍ରଜାମଣ୍ଡଳ। ଏହାର ସଭାପତି ହୋଇଛନ୍ତି ପଟାଭି ସିତାରାମାୟା ଏବଂ ସାଧାରଣ ସମ୍ପାଦକ ହୋଇଛନ୍ତି ସାରଙ୍ଗଧର ଦାସ।

ରାଜତନ୍ତ୍ର ବିରୋଧରେ ୧୯୩୮ ମସିହା ସେପ୍ଟେମ୍ବର ୧ ତାରିଖରେ ଜେନାପୁର ଠାରେ ହୋଇଥିବା ବିରାଟ ଚାଷୀମେଳାରେ ଯୋଗ ଦେଇଥିବା ୫୦ ହଜାର ଚାଷୀଙ୍କ ମଧ୍ୟରେ ଢେଙ୍କାନାଳ ଜିଲ୍ଲାରୁ ଥିଲେ ୨୦ ହଜାର ଚାଷୀ। ଏହି ସଭାରେ ଗଠନ କରାଯାଇଛି ଢେଙ୍କାନାଳ ପ୍ରଜାମଣ୍ଡଳ ଅନ୍ୟ ନେତୃବୃନ୍ଦଙ୍କ ସହ ସାରଙ୍ଗଧର ହୋଇଛନ୍ତି ଏହାର ଉପଦେଷ୍ଟା।

୧୯୪୬ ମସିହାରେ ସେ ପୂର୍ବ କଟକ ସଦର ଆସନରୁ କଂଗ୍ରେସ ଦଳ ଟିକଟରୁ ଓଡିଶା ବିଧାନସଭାକୁ ଏବଂ ୧୯୫୨ରେ ପଶ୍ଚିମ କଟକ ନିର୍ବାଚନ ମଣ୍ଡଳୀରୁ ପ୍ରଜା ସୋସାଲିଷ୍ଟ ପାର୍ଟି ଟିକଟରେ ଲୋକସଭାକୁ ନିର୍ବାଚିତ ହୋଇଛନ୍ତି।

ଲୋକସଭାରେ ସେ ଥିଲେ ଜନସ୍ୱାର୍ଥର ଜାଗ୍ରତ ପ୍ରହରୀ। ସରକାରଙ୍କ ଦୋଷତ୍ରୁଟିକୁ ସଂସଦ ମଧ୍ୟରେ ପଦାରେ ପକାଇ ସରକାରଙ୍କୁ କାଠଗଡାରେ ଠିଆ କରି ଦେଉଥିଲେ। ନେହେରୁ ଏବଂ ଅନ୍ୟ କେନ୍ଦ୍ରମନ୍ତ୍ରୀମାନେ ତାଙ୍କ ଭାଷଣକୁ ମନଧ୍ୟାନ ଦେଇ ଶୁଣୁଥିଲେ।

ହୀରାକୁଦ ବନ୍ଧ ଯୋଜନାଠାରୁ ଆରମ୍ଭ କରି ରାଉରକେଲାରେ ଇସ୍ପାତ କାରଖାନା ପ୍ରତିଷ୍ଠା ପର୍ଯ୍ୟନ୍ତ ଓଡିଶାରେ ସବୁ ସମସ୍ୟା ସମ୍ପର୍କରେ ତାଙ୍କ ଦାବୀକୁ ସରକାର ଗ୍ରହଣ କରିନେଉଥିଲେ। ସେ ପାର୍ଲିଆମେଣ୍ଟରେ ଏଷ୍ଟିମେଟ୍ କମିଟିର ଚାରିବର୍ଷ ଧରି ସଭ୍ୟଥିଲେ। ତା' ବ୍ୟତୀତ ପ୍ରିଭିଲେଜସ କମିଟି ଭାରତ ସରକାରଙ୍କର ଜାପାନୀ କେବୁଲସ୍ ଇନକ୍ୱାରୀ କମିଟି ଏବଂ ରେଳବାଇ ତଦନ୍ତ କମିଟିର ସଭ୍ୟ ଭାବେ ଦକ୍ଷତାର ସହ କାମ କରିଥିଲେ। ଓଡିଶାରେ କୃଷି ବିଶ୍ୱ ବିଦ୍ୟାଳୟ ଏବଂ ଇଞ୍ଜିନିୟରିଂ କଲେଜ ପ୍ରତିଷ୍ଠାରେ ତାଙ୍କର ମହତ୍ତ୍ୱପୂର୍ଣ୍ଣ ଭୂମିକା ଥିଲା। ସେ ଉତ୍କଳ ବିଶ୍ୱ ବିଦ୍ୟାଳୟ ସିନେଟ୍, କୃଷି ଫ୍ୟାକଲଟି, କୃଷି ମହାବିଦ୍ୟାଳୟ ଏବଂ ବୁର୍ଲା ଇଞ୍ଜିନିଅରିଂ କଲେଜ ପରିଚାଳନା କମିଟିର ସଭ୍ୟ ଥିଲେ।

୧୯୫୭ ମସିହାରେ କର୍କଟ ରୋଗରେ ଆକ୍ରାନ୍ତ ହୋଇ କଟକରେ ଚିକିତ୍ସିତ ହେଉଥିବାବେଳେ ଆମେରିକାନ ସମ୍ବାଦପତ୍ରରୁ ତାଙ୍କର ଅସୁସ୍ଥତା ଖବର ପାଇଥିଲେ ଫ୍ରିଡା ଏବଂ ବିଚଳିତ ହୋଇଥିଲେ। ଏୟାର ପ୍ୟାକ ପ୍ୟାକେଟ୍‌ରେ ଏକ ଗୁଚ୍ଛ ଗୋଲାପ ସହିତ ତାଙ୍କର ଦ୍ରୁତ ଆରୋଗ୍ୟ କାମନା କରି ସେ ଏକ ଛୋଟ ଚିଠି ପଠାଇ ଥିଲେ। ସେ ଚିଠିରେ ତାଙ୍କୁ ଦେଖାକରିବାର ବ୍ୟାକୁଳତା ଥିଲା। ସାରଙ୍ଗଧର ତାଙ୍କ ଚିଠିର କିଛି ଉତ୍ତର ଦେଇନଥିଲେ। ତିରିଶ ବର୍ଷ ଧରି ଫ୍ରିଡାଙ୍କଠାରୁ ଅଲଗା ରହିବା ପରେ ତାଙ୍କ ପ୍ରତି କୌଣସି ଆସକ୍ତି ନଥିଲା। ଗୋଲାପ ଗୁଚ୍ଛକୁ ଖଟ ତଳେ ରଖି ଦେଇ ସିଗାରେଟ୍‌ରେ ନିଆଁ ଧରାଇଲେ। ଫ୍ରିଡାଙ୍କୁ ସେ ହୁଏତ ଭୁଲି ପାରିନଥିଲେ କିମ୍ବା ତାଙ୍କୁ ଏକାକୀ ଛାଡିଦେଇ ସବୁଦିନ ଲାଗି ଆମେରିକା ଚାଲିଯାଇଥିବାରୁ ଫ୍ରିଡାଙ୍କୁ ସେ ମନେ ମନେ କ୍ଷମା କରିପାରି ନଥିଲେ।

ଶେଷରେ ୧୯୫୭ ମସିହା ସେପ୍ଟେମ୍ବର ୧୮ ତାରିଖ ଦିନ ତାଙ୍କର ପରଲୋକ ହୋଇଗଲା। ତାଙ୍କ ମୃତ୍ୟୁରେ ଜାତୀୟ କବି ବୀର କିଶୋର ଦାସ ଲେଖିଥିଲେ –

ଦେବଦୂତ ତୁମେ ସରଗବାସୀ
କି ଶୁଭ ଲଗନେ ଥିଲ ହେ ଆସି
ପଲ୍ଲୀକୁଟୀରକୁ କରି ପୁଲକିତ
ଅନ୍ଧାରିମୂଲକ କରି ଆଲୋକିତ
ନିମ୍ବକାଠେ ଭରି ଚନ୍ଦନ ସୁବାସ
ନନ୍ଦନ କାନନେ ଯାଇଛ ଭାସି। ❁

ବ୍ୟାର୍ : ୧୯୮୦
ମୋ : ୮୯୧୭୨୪୩୪୭୫

ଭୁବନ ଉଚ୍ଚ ବିଦ୍ୟାଳୟ- ଅନ୍ତରଙ୍ଗ ଅନୁଭୂତିରୁ କେତେ ଖିଅ

ଇଂ. ଶୁଭ୍ରାଂଶୁ ଶେଖର ମିଶ୍ର

୧୯୭୮ରୁ ୧୯୮୨ ଚାରି ଶିକ୍ଷାବର୍ଷ ବିତାଇଛି ଭୁବନ ଉଚ୍ଚ ବିଦ୍ୟାଳୟ କୋଳରେ, ତାର ପଣତ ତଳେ। ସେଇ ଅନୁଭୂତିପୂର୍ଣ୍ଣ ଚାରିବର୍ଷ ମୋ ଜୀବନ ଯାତ୍ରାର ଅବିସ୍ମରଣୀୟ ଅଧ୍ୟାୟ। ଏବେ ବି ଜୀବନ୍ତ ହୋଇରହିଛି ସେସବୁ ପ୍ରାଣର କୋଣ ଅନୁକୋଣେ। ଲାଗେ ଯେମିତି ଏଇ ନିକଟ ଅତୀତର କଥା ଇଏ।

୧୯୭୮ରେ ଭୁବନ ଉଚ୍ଚ ବିଦ୍ୟାଳୟରେ ମୁଁ ପ୍ରବେଶ କରେ ଅଷ୍ଟମ ଶ୍ରେଣୀରେ। ମୋର ଥାଏ ସେକ୍ସନ-ଏ। ସେତେବେଳେ ଅଷ୍ଟମରୁ ଦଶମ ଦୁଇଟି ସେକ୍ସନ ଥିଲା। କିଛି ସାଙ୍ଗଥାଆନ୍ତି ପୁରୁଣା ସପ୍ତମ ଶ୍ରେଣୀରୁ, ଆଉ କିଛି ନୂଆ। ଭୁବନ ଅଞ୍ଚଳର ସବୁଠାରୁ ବଡ ଓ ଏକାକୀ ସରକାରୀ ଉଚ୍ଚ ବିଦ୍ୟାଳୟ ହୋଇଥିବାରୁ ପାଖାପାଖି ଅଞ୍ଚଳର ଅନେକ ପିଲା ଏଠାକୁ ଆସିଥାଆନ୍ତି ଅଷ୍ଟମ ଶ୍ରେଣୀରେ। ଅଷ୍ଟମ ଶ୍ରେଣୀରେ ଆମକୁ ପଢ଼ିବାକୁ ପଡିଥିଲା ଦୁଇଥର। ଥରେ ଅଷ୍ଟମ ଓ ଆଉଥରେ ଅଷ୍ଟମ ସିନିୟର। ସେବେଠାରୁ ଓଡିଶାରେ ୧୦+୨ ପ୍ରବର୍ତ୍ତନ ହେବା ଯୋଗୁ। ଅଷ୍ଟମ ସେକ୍ସନରେ ଭିନ୍ନ ପାଠ୍ୟକ୍ରମ ହେଲେ ବି ଖରାପ ଲାଗିଥିଲା ସେତେବେଳେ ଆମର ଗୋଟିଏ ବର୍ଷ ନଷ୍ଟ ହୋଇଗଲା ଭାବି।

ମନେପଡେ ସକାଳ ପ୍ରାର୍ଥନା ପରେ ରଘୁନାଥ ସାର୍ (ଵ ରଘୁନାଥ ମିଶ୍ର)ଙ୍କ ଦ୍ୱାରା "ପିଲାମାନେ ଶୁଣ" ସୂତ୍ରରେ ନୀତିଶିକ୍ଷା ଦେବା ଅନେକ ସମୟରେ ସଂକ୍ଷିପ୍ତ ଗଳ୍ପଛଳରେ। ତା ପରେ ସମ୍ବାଦ ପତ୍ରର ମୁଖ୍ୟ ସମ୍ବାଦ ସମ୍ବନ୍ଧରେ ସୂଚନା ଦେଇ ପିଲାମାନଙ୍କୁ ସେ ପ୍ରେରିତ କରିଥାଆନ୍ତି ବାହ୍ୟ ଦୁନିଆଁ ସଂପର୍କରେ ସଚେତନ ହେବାକୁ। ସେ ମଧ୍ୟ ଲେଖୁଥିଲେ 'ଆଜିର ଅନୁଚିନ୍ତା' ପ୍ରତିଦିନ ଏକ କୃଷ୍ଣପଟଳ (ବ୍ଲାକବୋର୍ଡ)ରେ। ମୁଁ ପ୍ରାୟ ପଢୁଥିଲି ସବୁଦିନ ସେଇ କୃଷ୍ଣପଟଳ ନିକଟକୁ ଯାଇ।

ନବମ ଓ ଦଶମ ଶ୍ରେଣୀରେ ଆମର ବିଜ୍ଞାନ ଓ ଗଣିତ ଶିକ୍ଷକ ରାଧାଶ୍ୟାମ ସାର୍ (ରାଧାବାବୁ ବୋଲି ଡାକୁଥିଲେ ସମସ୍ତେ)ଙ୍କର ପଢ଼ାଇବା ଭଙ୍ଗୀ ଓ ପିଲାମାନଙ୍କୁ ଶୃଙ୍ଖଳିତ କରିବା ଭଙ୍ଗୀ ଥିଲା ସ୍ୱତନ୍ତ୍ର। ନୂଆ ନୂଆ ଜିନିଷ କିଛି କରିବାକୁ ସେ ପିଲାମାନଙ୍କୁ ଅନୁପ୍ରାଣିତ କରୁଥିଲେ। ତାଙ୍କରି ପ୍ରୋତ୍ସାହନରେ ଜାତୀୟ ବିଜ୍ଞାନ ମେଳାରେ ଭାଗନେଇ ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ହୋଇଥିଲେ ମୋର ସାଙ୍ଗ ଗଣେଶ୍ୱର ଦାସ। ରାଧାଶ୍ୟାମ ସାର୍ ଙ୍କ ପ୍ରେରଣା ଓ ଉଦ୍ୟମ ବଳରେ ଗଢ଼ି ଉଠିଥିଲା ଆମର "ବିଜ୍ଞାନ କ୍ଲବ'। ମୁଁ ଥିଲି ତାର ପ୍ରଥମ ସଚିବ। ନିଆରାଥିଲା ବରିଷ୍ଠ ଶିକ୍ଷକ ଧନେଶ୍ୱର ସାହୁଙ୍କର ଇଂରାଜୀ ଓ ଇତିହାସ ପଢ଼ାଇବା। ବ୍ୟାବହାରିକ ଉଦାହରଣ ଦେଇ ମଜା କଥା କହି ପଢ଼ାଇବାରେ ସେ ଥିଲେ ବିଚକ୍ଷଣ। ପଢ଼ାଇବା ସମୟରେ ସେ ଅନେକ ସମୟ ବସିଯାଉଥିଲେ ଟେବୁଲ ଉପରେ। ଇଂରାଜୀର ପ୍ରତିଟି ଶବ୍ଦକୁ, ପ୍ରତିଟି ବାକ୍ୟକୁ ଗୁରୁତ୍ୱ ଦେଇ ପଢ଼ାଉଥିଲେ ପ୍ରଧାନଶିକ୍ଷକ ଲକ୍ଷ୍ମୀଧର ସାର୍।

ଆମ ସମୟରେ ପିଲାମାନଙ୍କର ଓଡିଆ ଜ୍ଞାନ ବିକାଶ ପାଇଁ ଚୈତନ୍ୟ ସାର୍ (ଶ୍ରୀ ଚୈତନ୍ୟ ମିଶ୍ର) ଓ ରଘୁନାଥ ସାର୍ (ଉପର ବର୍ଣ୍ଣିତ)ଙ୍କର ଅବଦାନ ଅନନ୍ୟ। ଚୈତନ୍ୟ ସାର୍ ଆମକୁ ଦ୍ୱିପାକ୍ଷିକ ପ୍ରବନ୍ଧ ଲିଖନ କରାଉଥିଲେ ଶ୍ରେଣୀ ଗୃହରେ 'ପୂରା ପରୀକ୍ଷା ଭଳି'। ମୂଲ୍ୟାଙ୍କନ କରି ସମସ୍ତଙ୍କର ପ୍ରବନ୍ଧରେ ଗ୍ରେଡିଂ କରୁଥିଲେ ସେ। କେତେଥର ବି+, କେବେ କେବେ "ବି' ଗ୍ରେଡବି ମିଳିଛି ମୋତେ। ସାମୟିକ ଖରାପ ଲାଗିଲେ ବି ମୋତେ ତାହା ପ୍ରେରିତ କରୁଥିଲା ଭଲ କରିବା ପାଇଁ। ପ୍ରତି କବିତାର ପୁଙ୍ଖାନୁପୁଙ୍ଖ ବ୍ୟାଖ୍ୟାକରି କବିମାନଙ୍କ ସମ୍ବନ୍ଧରେ ପୂର୍ଣ୍ଣ ବିବରଣୀ ଦେଇ କବିତାକୁ ବୁଝାଉଥିଲେ ସେ।

ବେଳେ ବେଳେ ସୂଚୀ ନିର୍ଦ୍ଦିଷ୍ଟ ଶିକ୍ଷକଙ୍କର ଅନୁପସ୍ଥିତି ବେଳେ ଶ୍ରେଣୀକୁ ଆସୁଥିଲେ ରଘୁନାଥ ସାର୍। ହାତରେ ଥାଏ କେଉଁ ବିଶିଷ୍ଟ ଗ୍ରନ୍ଥ ବା କାବ୍ୟକୃତି। ରଘୁନାଥ ସାର୍ଙ୍କୁ ମୁଁ କେବେ ଖାଲି ବସିଥିବା ଦେଖିନାହିଁ। ପାଠ ପଢ଼ାଉ ନଥିଲେ ସେ ସର୍ବଦା ଥାଆନ୍ତି ଅଧ୍ୟୟନରତ। ଗଡନାୟକ ଗ୍ରନ୍ଥାବଳୀ, ସଚ୍ଚିଦାନନ୍ଦ ଗ୍ରନ୍ଥାବଳୀ, ରାଧାମୋହନ ଗ୍ରନ୍ଥାବଳୀରୁ ଅନେକ ଥର କେତେ କବିତା ଶୁଣାଇଛନ୍ତି ଆମକୁ ସେ ହୃଦୟ ସ୍ପର୍ଶ କଲାଭଳି 'ପିଲାମାନେ କାଣ୍ଡିଏ ପଢ଼ିବା କହି'। ଅଦ୍ୟାବଧି ମୋର ମନେ ବି ଅଛି ସେହିସବୁ କବିତାର କେତେ ପଂକ୍ତି ଯେମିତିକି ଯନ୍ତ୍ର ତୋତେ କି ମନ୍ତ୍ର ଦେଇଛି, ଜ୍ୱଳନ୍ତ ଏ ଲେଲୀହାନ ସ୍ୱାହାହୀନ।

ଅନ୍ୟ ସାର୍‌ମାନଙ୍କ ମଧ୍ୟରୁ ଯେଉଁସାର୍ ମାନେ ମୋତେ ବିଶେଷ ଆକର୍ଷିତ କରିଛନ୍ତି ସେମାନଙ୍କ ମଧ୍ୟରୁ କାଶିନାଥ ସାର୍, ବୃନ୍ଦାବନ ସାର୍, ହରିହର ସାର୍ (ସଂସ୍କୃତ) ଅନ୍ୟତମ। ଯେଉଁ ସାର୍ ମାନେ

ଆନୁଷଙ୍ଗିକ ତଥ୍ୟ ଦେଇ ପାଠ୍ୟ ବିଷୟ ବସ୍ତୁକୁ ଉପସ୍ଥାପନା କରୁଥିଲେ, ସେମାନେ ସହଜରେ ଶ୍ରେଣୀ ଗୃହରେ ପିଲାମାନଙ୍କର ଧ୍ୟାନ ଆକର୍ଷଣ କରୁଥିଲେ। ମୋତେ ତ ବିଶେଷ ଭଲ ଲାଗୁଥିଲା ତାଙ୍କୁ ଶୁଣିବା ପାଇଁ।

ମଧ୍ୟାହ୍ନ ବିରତି ସମୟରେ ମୁଁ ରହୁଥିଲି ବିଦ୍ୟାଳୟରେ ପ୍ରାୟତଃ ଶ୍ରେଣୀ ପ୍ରକୋଷରେ, କାରଣ ଘର ଥିଲା ଆମର ପାଞ୍ଚ କିଲୋମିଟର ଦୂର। ଏ ସମୟଟି ଥିଲା ମୋର ମୁଖ୍ୟତଃ ଗୃହକାର୍ଯ୍ୟ କରିବାର ସମୟ। ବିଦ୍ୟାଳୟରେ ଥିବା ସମୟରେ ପାଣି ପିଇବାରୁ ପ୍ରାୟ ବିରତ ରହୁଥିଲି ମୁଁ। କାରଣ ଶୌଚାଳୟର ଅବସ୍ଥା ଓ ପରିଚ୍ଛନ୍ନତା ସେତେ ଭଲ ନଥିଲା ସେତେବେଳେ। ମୁଁ ପ୍ରାୟ ବସୁଥିଲି ଦ୍ୱିତୀୟ ଧାଡି ଦକ୍ଷିଣ କଡକୁ। କାହିଁକି କେଜାଣି ସେଇ ଜାଗାଟି ମୋତେ ଭଲ ଲାଗୁଥିଲା।

ଶ୍ରେଣୀ ଶିକ୍ଷକମାନେ ମୋତେ ବେଳେ ବେଳେ ମନିଟର କରି ଦେଉଥିଲେ। ସାର୍ ନ ଥିବା ସମୟରେ ଶ୍ରେଣୀ ଗୃହରେ ଶୃଙ୍ଖଳା ରକ୍ଷା କରିବା ଥିଲା ମନିଟରଙ୍କର ମୁଖ୍ୟ କାର୍ଯ୍ୟ। ମୁଁ ଦେଖିଛି ମୋତେ ବିଶେଷ କିଛି କଷ୍ଟ କରିବାକୁ ପଡୁ ନଥିଲା ସେଥିପାଇଁ। ପ୍ରାୟତଃ ସାଙ୍ଗମାନେ ସହଯୋଗ କରୁଥିଲେ ମୋତେ ଏହି କାମରେ। ଯେଉଁ କେତେଜଣ ଟିକେ ବିଶୃଙ୍ଖଳିତ ହେଉଥିଲେ ଥରେ ଦୁଇଥର କହିଦେଲେ ପ୍ରାୟତଃ ଶୃଙ୍ଖଳିତ ହୋଇଯାଉଥିଲେ। କାହା ନାଁରେ କେବେ ଆପତ୍ତି କରିବାର ଆବଶ୍ୟକତା ପଡିନି ମୋତେ।

ମୋର ମନେଅଛି ଅଷ୍ଟମ ଶ୍ରେଣୀ ଷାଣ୍ମାସିକ ପରୀକ୍ଷା ପୂର୍ବରୁ ମୋତେ ଟାଇଫଏଡ୍ ହୋଇ ଯାଇଥିଲା। ପରୀକ୍ଷାର ଅଳ୍ପ କେତେଟା ଦିନ ପୂର୍ବରୁ ଜ୍ୱର ଭଲ ହୋଇଥିଲା। ପ୍ରାୟ କୋଡିଏ ଦିନ ପାଖାପାଖି ଅନୁପସ୍ଥିତ ରହିବାକୁ ପଡିଥିଲା ମୋତେ ସ୍କୁଲରେ। ବହୁତ ଖରାପ ଲାଗୁଥିଲା ଏତେ ଦିନ ସ୍କୁଲ ନ ଯାଇପାରିଥିବା ହେତୁ। ଷାଣ୍ମାସିକ ପରୀକ୍ଷା ବେଳକୁ ଦୁର୍ବଳ ଲଗୁଥିଲା ବହୁତ। କେତେ ସାର୍ ବାରଣ କରିଥିଲେ ପରୀକ୍ଷା ନ ଦେବା ପାଇଁ। କିନ୍ତୁ ମୁଁ ଜିଦ୍ କଲି ପରୀକ୍ଷା ଦେବା ପାଇଁ। ପରୀକ୍ଷା ଦେଇଥିଲି। ବେଞ୍ଚ ଡେସ୍କରେ ବସି ଲେଖିବା ସମ୍ଭବ ନ ଥିବାରୁ ତଳେ ସପ ଉପରେ ବସି ସବୁ ପରୀକ୍ଷା ଦେଇଥିଲି ସେଥର ପରୀକ୍ଷା ଶ୍ରେଣୀ ଗୃହରେ। ସାର୍ କେଉଁଠୁ ଗୋଟିଏ ସପ ଯୋଗାଡ କରି ଦେଇଥିଲେ ଜାଣିନି ମୁଁ। କିନ୍ତୁ ସେଥର ପରୀକ୍ଷାରେ ଖୁବ୍ ଭଲ ହୋଇଥିଲା ମୋର।

ସ୍କୁଲରେ ଆମର ଖାଲି ପାଠପଢ଼ା ହେଉନଥିଲା। ଏନ୍.ସି.ସି., ସ୍କାଉଟ୍, ସ୍ପୋଟସ୍ ମିଟ୍, ବିଦ୍ୟାଳୟର ବାର୍ଷିକୋତ୍ସବ ଆଦି ବହୁତ ଭଲ ହେଉଥିଲା। ଯେଉଁ କିଛି ବି କାର୍ଯ୍ୟକ୍ରମ ହେଉ, ଆମେ ସବୁ ଲାଗି ପଡୁଥିଲୁ ତାକୁ ସୁଚାରୁ ରୂପେ ସଂପାଦନ କରିବା ପାଇଁ। ସାର୍‌ମାନେ ବି ହୃଦୟ ଭରି ସହଯୋଗ ଓ ଅନୁପ୍ରାଣିତ କରୁଥିଲେ ସେଥିପାଇଁ। ବେଶି ଭଲ ଲାଗୁଥିଲା ବିଦ୍ୟାଳୟକୁ କେହି ବିଶିଷ୍ଟ ବ୍ୟକ୍ତି ଆସିଲେ। ତାଙ୍କୁ ସ୍ୱାଗତ କରିବା, ତାଙ୍କର ଅନୁଭୂତି, ଅଭିଭାଷଣ ଶୁଣିବା ପାଇଁ ଉତ୍ସୁକ ରହୁଥିଲୁ ଆମେ। ଆମ ସମୟରେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ର ସମ୍ମାନିତ ହୋଇଥିଲେ ରାଜ୍ୟପାଳ ପୁରସ୍କାର ପ୍ରାପ୍ତ ହୋଇ। ତାଙ୍କର ସମ୍ବର୍ଦ୍ଧନା ଏକ ବିରାଟ ଶୋଭାଯାତ୍ରା ସହ ହୋଇଥିଲା ଭୁବନରେ। ଅତି ଆନନ୍ଦରେ ସ୍ଲୋଗାନ ଗାଇ ଯାଇଥିଲୁ ଆମେ ଶୋଭାଯାତ୍ରାରେ ସାର୍‌ଙ୍କ ସାଙ୍ଗରେ। ଶୋଭାଯାତ୍ରା ଶେଷ ବେଳକୁ ମୋର ତଣ୍ଟି ବସି ଯାଇଥିଲା ସେଥର।

ବିଦ୍ୟାଳୟ କେବଳ ପୁସ୍ତକ ସୀମିତ ଶିକ୍ଷାଦାନ ସଂସ୍ଥାନ ନୁହେଁ, ଏହା ମନୁଷ୍ୟ ଚରିତ୍ର ଗଠନର, ସଂପୂର୍ଣ୍ଣ ନାଗରିକ ନିର୍ମାଣର ପବିତ୍ର ଭିତ୍ତିଭୂମି, ପ୍ରମୁଖ କାର୍ଯ୍ୟଶାଳା। ଏ ଦିଗରେ ଉଚ୍ଚବିଦ୍ୟାଳୟର ରହିଛି ବିଶେଷ ଭୂମିକା, କାରଣ ଏହି ସ୍ତରରେ ସ୍ୱପ୍ନିଳ କିଶୋର ପ୍ରାଣର ନବ ଉନ୍ମାଦନାକୁ , ଉତ୍ତାଳ ତରଙ୍ଗକୁ ଉଚିତ୍ ଦିଗ୍ ଦର୍ଶନ ଦେବାର ଗୁରୁ ଦାୟିତ୍ୱ ଏଇ ବିଦ୍ୟାଳୟର। ଏଇ ଦାୟିତ୍ୱକୁ ଯେ ଭୁବନ ଉଚ୍ଚ ବିଦ୍ୟାଳୟ ଖୁବ୍ ଉତ୍ତମ ଭାବେ ସଂପାଦନ କରିଛି, ତାର ନିଛକ ପ୍ରମାଣ ବିଗତ ସପ୍ତାଦଶାଧିକ ବର୍ଷ ଧରି ଏଇ ବିଦ୍ୟାଳୟ କୋଳରେ ବଢ଼ି, ଗଢ଼ି ହୋଇ, ମାର୍ଜିତ ରୂପରେଖ ନେଇ ଦେଶ ଦୁନିଆଁକୁ ଆଲୋକିତ କରିଥିବା ସହସ୍ରାଧିକ ବ୍ୟକ୍ତିତ୍ୱ, ଶତାଧିକ ଅନନ୍ୟ ଆଦର୍ଶ। ଆଜିର ଏଇ ପୁଣ୍ୟ ଅବସରରେ ଏଇ ପବିତ୍ର ଅନୁଷ୍ଠାନ ସହିତ ସଂଶ୍ଳିଷ୍ଟ ଥିବା ସମସ୍ତ ବ୍ୟକ୍ତି ବିଶେଷଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ କୃତଜ୍ଞତା, ଜ୍ଞାନାମୃତ ବିତରକ, ଛାତ୍ର ଜୀବନ ମାର୍ଗଦର୍ଶକ ଅତୀତ ଓ ସାଂପ୍ରତିକ ସମଗ୍ର ଗୁରୁମଣ୍ଡଳୀଙ୍କୁ ସଶ୍ରଦ୍ଧ ପ୍ରଣାମ ଏବଂ ସର୍ବୋପରି ମୋର ଏଇ ଅତିପ୍ରିୟ ମାତୃସମ ଶିକ୍ଷାନୁଷ୍ଠାନ ଓ ଏହାର ପ୍ରତିଷ୍ଠା ଏବଂ ବିକାଶ ନିମନ୍ତେ ଉତ୍ସର୍ଗୀକୃତ ସମସ୍ତ ମହୀୟାନ୍ ଆତ୍ମାମାନଙ୍କ ଉଦ୍ଦେଶ୍ୟରେ ବିନମ୍ର ପ୍ରଣତି ଓ ଶ୍ରଦ୍ଧାଞ୍ଜଳି। ଏଇ ଅନୁଷ୍ଠାନ ଚିରଞ୍ଜିବୀ ହେଉ, ଶତ ସହସ୍ର ଆଦର୍ଶ ଚରିତ୍ର, ତେଜୋଦୀପ୍ତ ଶତ ମହାମନୀଷୀ ଗଢ଼ି ଉଠନ୍ତୁ ଏହାରି କୋଳରୁ, ଜ୍ୟୋତିରଞ୍ଜିତ କରନ୍ତୁ ବିଶ୍ୱର କୋଣ ଅନୁକୋଣ, ଇତିହାସ ପୃଷ ୍ଠାରେ ଅମର ଅକ୍ଷରରେ ଲିପିବଦ୍ଧ ହୋଇ ରହୁ ଏହାର ଯଶ କୀର୍ତ୍ତିରାଜି, ଏହାହିଁ କାମନା ଏବଂ ବିଶ୍ୱ ନିୟନ୍ତାଙ୍କ ନିକଟରେ ପ୍ରାର୍ଥନା। ❋

ବ୍ୟାଚ: ୧୯୮୨

ଫୋନ୍ : ୮୨୪୯୯୫୭୨୮୪

ମୋ ସ୍ମୃତିରେ ଭୁବନ ଉଚ୍ଚ ବିଦ୍ୟାଳୟ

ଜୟଦେବ ଗୁରୁ

ପ୍ରଥମେ ଆନ୍ତରିକ ପ୍ରଣାମ ଆମ ହାଇସ୍କୁଲ୍‌ର ସମସ୍ତ ସାର୍‌ମାନଙ୍କୁ। ବଡ଼ଭାଇମାନଙ୍କୁ ନମସ୍କାର ଏବଂ ସାନଭାଇମାନଙ୍କୁ ସ୍ନେହ ଓ ଆଦର। ସେତେବେଳର ୩ଟି କଥା କେବେ ବି ଭୁଲି ହେବ ନାହିଁ। ସେତେବେଳର ସାର୍‌ମାନଙ୍କର କଥା ମନରେ ଅମଳିନ ରହିବ। ସାର୍‌ମାନେ ଯେ କେବଳ ପାଠ ପଢାଉଥିଲେ ତାହା ନୁହେଁ ଅନେକ ସମୟରେ କେମିତି ଭଲ ମଣିଷଟିଏ ହେବ ସେ ବିଷୟରେ ବାଟ ବତାଉଥିଲେ। କ୍ଲାସ୍‌ରୁମରେ ସାର୍‌ଙ୍କ ପ୍ରତି ଭୟ ଥିଲେ ବି କ୍ଲାସରୁମ୍ ବାହାରେ ସେମାନଙ୍କ ସ୍ନେହ, ଆଦର ଆଉ ଭଲପାଇବା ଆମକୁ ଭଲ ମଣିଷଟିଏ କରିଛି। ଆମ ସମୟର ପ୍ରାୟତଃ ସବୁ ସାର୍ ବହୁତ ଭଲ। ଜଣ ଜଣ କରି ସବୁ ସାର୍‌ଙ୍କ କଥା ଆଜି ବି ମନେଅଛି। ମୁକୁନ୍ଦ ସାର୍, ପୁରୁଷୋତ୍ତମ ସାର୍, କରୁଣାକର ସାର୍, ନନ୍ଦ ସାର୍, ରଘୁ ମିଶ୍ର ସାର୍, ହରି ସାର୍, ରଘୁ ସେଠୀ ସାର୍, ଚୈତନ୍ୟ ସାର୍, ପଣ୍ଡିତ ସାର୍, କାଶି ସାର୍, ରାଧା ସାର୍ ଓ ବାଳକୃଷ୍ଣ ସାର୍। ଏବେ ତ ପିଲାମାନେ ସାର୍‌ଙ୍କୁ ସମ୍ମାନ ଦେବା ଭୁଲିଗଲେଣି। ସେଇ ସାର୍‌ମାନେ ପାଠପଢା ସହ ବଡ଼ଙ୍କୁ ସମ୍ମାନ ଏବଂ ସାନଙ୍କୁ କେମିତି ଆଦର କରାଯାଏ, ସେକଥା ଶିଖାଇଛନ୍ତି ଯାହା ଆଜି ବି ଭୁଲି ହେବନି।

ଦ୍ୱିତୀୟ କଥା ହେଲା, କଥାରେ ଅଛି ପାଠ ଥିଲେ କଣ ହେବ ଶାଠ ଜମାରୁ ନାହିଁ। ଆମ ସମୟରେ ପାଠ ସହ ସାଠ ମଧ୍ୟ ସମାନ ଭାବରେ ଥିଲା। ପାଠପଢା ସମୟ ଆମର ସକାଳ ୧୦ଟାରୁ ଅପରାହ୍ନ ୪ଟା ଥିଲା। ପାଠପଢା ପିରିୟଡ୍ ମଝିରେ ବିଭିନ୍ନ ପ୍ରକାର ପ୍ରତିଯୋଗିତା କରାଯାଉଥିଲା। ବକ୍ତୃତା, ଚିତ୍ରାଙ୍କନ, ଅନ୍ତାକ୍ଷରୀ ଇତ୍ୟାଦି ସହ ସ୍କୁଲର ସଫେଇ, ଖେଳ ପଡ଼ିଆକୁ ସବୁଜ ସୁନ୍ଦର କେମିତି କରାଯିବ ସେକଥା ଶିଖାଯାଉଥିଲା। ତା'ସହିତ ବିଜ୍ଞାନ, ସଂଗୀତ ଇତ୍ୟାଦି ମଧ୍ୟ ଶିଖୁଥିଲୁ। ସ୍କୁଲ୍‌ର ସବୁ ପିଲା ରମା ସାର୍ ଏବଂ ଗୋଲକ ସାର୍‌ଙ୍କୁ ଭଲ ଭାବରେ ଜାଣିଥିଲେ। ଏନ୍‌ସିସି ଓ ସ୍କାଉଟ୍ କହିଲେ ରମା ସାର୍ ଓ ଖେଳ ସାର୍ କହିଲେ ଗୋଲକ ସାର୍‌ଙ୍କୁ ସମସ୍ତେ ଜାଣନ୍ତି। ଅଗଷ୍ଟ ୧୫ ଓ ଜାନୁଆରୀ ୨୬ ପ୍ୟାରେଡ୍ ଛବି ଆଖି ଆଗକୁ ଆସିଲେ ରମା ସାର୍। ବିଭିନ୍ନ ଖେଳ ପ୍ରତିଯୋଗିତା ଛବି ଆଖି ଆଗକୁ ଆସିଲେ ଗୋଲକ୍ ସାର୍। ଏ ଦୁଇ ଜଣ ସାର୍‌ଙ୍କୁ କେବେ ବି ଭୁଲିହେବନି। ସବୁଠୁ ବଡ କଥା ହେଲା ସେତେବେଳେ ସାର୍‌ମାନେ ପରିବେଶକୁ ଏତେ ଯେ ଭଲ ପାଉଥିଲେ, ଯାହା ଆମେ ଏବେ ଜାଣିବାକୁ ପାଉଛୁ, ଆଉ ଭୁଲି ପାରୁନୁ। ଆମ ସମୟରେ ସ୍କୁଲ୍ ଖେଳପଡିଆରେ ଆମକୁ କୁହାଗଲା ପଡ଼ିଆ ଚାରିପଟେ ଗଛ ଲଗାଯିବ। ଅଷ୍ଟମରୁ ଦଶମ ପର୍ଯ୍ୟନ୍ତ ପିଲା ପଡ଼ିଆର କେଉଁ ପଟେ କିଏ ଗଛ ଲଗାଇବଏରିଆ ବଣ୍ଟାଗଲା। ଆମର ଅନିଚ୍ଛା ସତ୍ତ୍ୱେ ଆମେ ବହୁ କଷ୍ଟରେ ଗାତ ଖୋଳି ଗଛ ଲଗାଇଲୁ। ପାଣି ଦେଇ ଛୋଟ ବାଡ଼ ବାନ୍ଧିଲୁ। ସେତେବେଳେ କାଳେ ଗୋଟେ ଗଛ ମରିଯିବ ମୁଁ ଦୁଇଟି ଗଛ ପୋତିଦେଇଥିଲି। ପଡ଼ିଆରେ ପ୍ରାୟ ୨୦୦ରୁ ଅଧିକ ଗଛ ବଡ଼ ହେଲା। ମୁଁ ଗାଁକୁ ଗଲେ ଯେତେବେଳେ ସ୍କୁଲ୍ ପଡ଼ିଆ ପାଖ ରାସ୍ତା ଦେଇ ଯାଏ, ଆଉ ମୋର ସେଇ ଯୋଡ଼ି ଗଛକୁ ଦେଖେ, ମୋ ଭିତରେ କେତେ ଯେ ଆନନ୍ଦ ଆସେ ତାହା ଭାଷାରେ ବର୍ଣ୍ଣନା କରିହେବ ନାହିଁ। ତେଣୁ ସାର୍‌ମାନଙ୍କ ପାଠ ସହ ଶାଠ ଆଜି ବି ଭୁଲି ହେବନି।

ତୃତୀୟ କଥାଟି ଯେତିକି ହୃଦୟବିଦାରକ ସେତିକି ଅବିସ୍ମରଣୀୟ। ଭୁବନ ହାଇସ୍କୁଲ୍‌ରେ ପଢୁଥିବା ସମସ୍ତ ଛାତ୍ର ପ୍ରାୟତଃ ଭୁବନର ଭଲମନ୍ଦ ସହ ଓତଃପ୍ରୋତଃ ଭାବେ ଜଡ଼ିତ। ସ୍କୁଲର କଥା ଆଖି ଆଗକୁ ଆସିଲେ ଭୁବନ ଗାଁ କଥା ଆପେ ଆପେ ଆଖି ଆଗରେ ନାଚିଯାଏ। ସେତେବେଳେ ମାଟ୍ରିକ୍ ପରୀକ୍ଷା ସେଣ୍ଟର ଘରଠାରୁ ୨୦ରୁ ୪୦ କି.ମି. ଦୂରରେ ପଡିଥିଲା। ଆମେ ପରୀକ୍ଷା ଦେବାକୁ ଯାଇଥାଉ, ପରୀକ୍ଷାର ଦୁଇ ତିନି ଦିନ ପରେ ସନ୍ଧ୍ୟା ରେଡ଼ିଓ ନ୍ୟୁଜ୍‌ରେ ଶୁଣିବାକୁ ପାଇଲୁ ଭୁବନରେ ଭୟାବହ ଅଗ୍ନିକାଣ୍ଡ ଘଟିଯାଇଛି। ଅନେକ ଧନଜୀବନ କ୍ଷତି ହୋଇଛି। ତାକୁ ସେତେବେଳେ ଆମେ ଗୁରୁତ୍ୱ ଦେଇ ନ ଥିଲୁ। କାହିଁକି ନା ଭୁବନ ଘରପୋଡି ବହୁବାର ଆମେ ଅଙ୍ଗେ ନିଭାଇ ସାରିଥିଲୁ। ଘର ପୋଡ଼ି ମୋ ପାଇଁ ଦେହଶୁଆ ହୋଇଯାଇଥିଲା। ତା'ପରେ ରେଡ଼ିଓର ପରବର୍ତ୍ତୀ ନ୍ୟୁଜ୍‌ରେ ପୁଣି ଶୁଣିଲୁ ଘର ପୋଡ଼ିରେ ଗୋଟିଏ ପରିବାରର କେବଳ ଜଣେ ଶିଶୁ ବଞ୍ଚିଥିବା ବେଳେ ଅନ୍ୟ ୪

ଜଣ ସଦସ୍ୟଙ୍କର ମୃତ୍ୟୁ ଘଟିଛି। ଅନେକ ଧନଜୀବନ, ଶତାଧିକ ଗାଈଗୋରୁ ମରିବା ସହ ଲକ୍ଷ ଲକ୍ଷ ଟଙ୍କାର ସମ୍ପତ୍ତି ପୋଡ଼ି ପାଉଁଶ ହୋଇଯାଇଛି। ଆମ ମନରେ ବହୁତ ଭୟ ଓ ଆଶଙ୍କା ଥିଲେ ବି, ଆମ ସହ ଯାଇଥିବା ସାର୍‌ମାନଙ୍କ ଆଶ୍ୱାସନା ଆମ ମନରେ ଧୈର୍ଯ୍ୟ ଏବଂ ସାହାସ ବଢାଇ ଦେଇଥିଲା। ସାର୍ କହିଥିଲେ ପରୀକ୍ଷା ଦବାକୁ ଆସିଥିବା ସମସ୍ତ ପିଲାମାନଙ୍କର କେବଳ ଚାଳଛପର ପୋଡ଼ିଯାଇଛି। ଆଉ କାହାର କିଛି ଅଧିକ କ୍ଷୟକ୍ଷତି ହୋଇନାହିଁ। ତା'ପରେ ଆମେ ଯେମିତି ପରୀକ୍ଷା ଦେବା କଥା ପରୀକ୍ଷା ଦେଇ ଫେରିଥିଲୁ। ଘରେ ପହଞ୍ଚିବା ପରେ ମୁଁ ଦେଖିଲି ଆମ ଘର ସହ ଅନେକ ସାଙ୍ଗମାନଙ୍କ ଘର ବି ପୋଡି ପାଉଁଶ ହେଇଯାଇଥିଲା। ଗାଁସାରା ସବୁ ଘର ପୋଡ଼ି ଛାରଖାର ହୋଇଯାଇଥିଲା, ସେତେବେଳେ ସେକଥା ଦେଖିଲେ ହୁଏତ ମୁଁ ପରୀକ୍ଷା ଦେଇପାରି ନଥାନ୍ତି। ୧୫ ଦିନ ପର୍ଯ୍ୟନ୍ତ ଗାଁରେ ରିଲିଫ୍ ଦିଆଯାଉଥିଲା। ବିପର୍ଯ୍ୟୟ ସମୟରେ ରିଲିଫ୍ ଦବା କଥା ବହିରେ ପଢିଥିଲି କିନ୍ତୁ ସେତେବେଳେ ମୁଁ ଆଖିରେ ଦେଖିଲି ଏବଂ ଅଙ୍ଗେ ନିଭେଇଲି। ସେଦିନର କଥା କେବେ ବି ଭୁଲି ହବନି। ଶେଷରେ ଗୋଟିଏ କଥା କହିବି ଭୁବନ ହାଇସ୍କୁଲର ସମସ୍ତ ଛାତ୍ରମାନଙ୍କ ମଧ୍ୟରେ ଭାଇଚାରା ସବୁଦିନ ପାଇଁ ରହିଥାଉ। ସମସ୍ତଙ୍କର ବଡ଼ମାନଙ୍କ ପ୍ରତି ସମ୍ମାନ ଏବଂ ସାନମାନଙ୍କ ପ୍ରତି ସ୍ନେହ ଆଦର ଭରି ରହୁ। ତାହା ସହ ସମସ୍ତେ ପରିବେଶକୁ ଭଲ ପାଆନ୍ତୁ। ତା'ହେଲେ ଯାଇ ଆମେ ଗର୍ବ କରିବା ଆଉ କହିପାରିବା "ହଁ, ମୁଁ ଭୁବନ ହାଇସ୍କୁଲ୍‌ର ଛାତ୍ର"। ❋

ବ୍ୟାଚ: ୧୯୮୭
ଫୋନ୍ : ୮୨୪୯୭୯୪୬୦୯

ବିଶ୍ୱ ଦେଖ ମଧୁମୟରେ ଜୀବନ !
ବିଶ୍ୱ ଦେଖ ମଧୁମୟ
ମଧୁର ଝରଣ କରିବ ହରଣ
ତୋ ପାପ ମରଣ ଭୟରେ ଜୀବନ !
ଜନନୀର ସ୍ନେହ ଜାୟାର ପ୍ରଣୟ
ବୁଧ-ବନ୍ଧୁ ସଦାଳାପ
ଜନକ ଆଦର ଏକ ଏକ ଝର
ତଡି ଦେଉଛନ୍ତି ତାପରେ ଜୀବନ !
ନମ ନବ କର୍ମ ନମ ନବ ମର୍ମ
ନବ ନବ ଜ୍ଞାନପଥ
ନବୀନ ଆଲୋକେ ଦେଖାନ୍ତି ଏ ଲୋକେ
ମଧୁଝର ଶତ ଶତରେ ଜୀବନ !
ମଧୁମୟ ବନେ ମଧୁମୟ ସ୍ୱନେ
ଗାଇ ମଧୁମୟ ଗୀତି
ବିହଙ୍ଗମ ଗଣ ପୂରାନ୍ତି ଶ୍ରବଣ
ମଧୁ ଢାଳି ନିତି ନିତିରେ ଜୀବନ !

– ସ୍ୱଭାବ କବି ଗଙ୍ଗାଧର ମେହେର

ମନ ଯହିଁ ଭୟଶୂନ୍ୟ ଉଚ୍ଚ ଯହି ମଥା
ଜ୍ଞାନ ଯହିଁ ମୁକ୍ତ, ମୁକ୍ତ ଯହିଁ ବିଦ୍ୟା;
କରେ ନାହିଁ ଧରିତ୍ରୀକୁ ଭାଗ ଭାଗ
ପ୍ରାଚୀରର ସଂକୀର୍ଣ୍ଣତା, ସାମ୍ପ୍ରଦାୟିକତା;
ବିବେକରୁ, ହୃଦୟରୁ ଝରିଆସେ ଆଲୋକ ସତ୍ୟର
ନିରନ୍ତର ପ୍ରୟାସ ଓ ସାଧନାରୁ ଉଦ୍‌ଭାଷିତ ହୁଏ
ପୂର୍ଣ୍ଣତାର;
ଅଜ୍ଞତା, ଅନ୍ଧକାରର ମରୁବାଲି ଦୂର ହେଉ
ବିବେକ ଓ ବିଚ୍ଛରର ଆଲୋକ ଶିଖାରେ
ଶୁଭ୍ର, ସ୍ୱଚ୍ଛ ବିଚ୍ଛରର ଧାରା ଆସୁ ତୁମ ନିର୍ଦ୍ଦେଶରେ;
ନୂଆ ଜ୍ଞାନ, ନୂଆ କର୍ମ ପ୍ରେରଣାର ସ୍ରୋତ
ଝରି ଆସୁ ତୁମ ଆଶିଷରେ,
ମାନବ ଜାତିର ମୁକ୍ତି ହେଉ, ଉତ୍ତରଣ ଘଟୁ
ଜ୍ଞାନର ଉଦ୍‌ଭାସରେ, ତୁମ କରୁଣାରେ।

– ରବୀନ୍ଦ୍ର ନାଥ ଟାଗୋର

ଭୁବନ ହାଇସ୍କୁଲ - ଏକ ଅଭୁଲା ସ୍ମୃତି

ଗନ୍ଧର୍ବ ବେହେରା

୧୯୬୮ ମସିହା। ସେଦିନ ଏକ ପବିତ୍ର ଦିନ, କାର୍ତ୍ତିକ ପୂର୍ଣ୍ଣିମା। ମୁଁ ଥିଲି ହଷ୍ଟେଲ ଅନ୍ତେବାସୀମାନଙ୍କ ମଧ୍ୟରେ ଜଣେ ଦଶମ ଶ୍ରେଣୀର ଛାତ୍ର। ହଷ୍ଟେଲର ତତ୍ତ୍ୱବଧାରକ ମତେ 'Prefect' ବନାଇ ଥିଲେ।

ହଷ୍ଟେଲରେ ଷଷ୍ଠ ଶ୍ରେଣୀଠାରୁ ଆରମ୍ଭ କରି ଏକାଦଶ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ର ରହୁଥିଲେ। ସମସ୍ତଙ୍କର ରହିବା ଖାଇବାର ବ୍ୟବସ୍ଥା ଥିଲା, ପିଲାମାନଙ୍କ ମଧ୍ୟରେ ଶୃଙ୍ଖଳା ଓ ସହଯୋଗ ଦୃଢ଼ ରଖିବା ମୋର ଦାୟିତ୍ୱ।

ସେଦିନ ଆମେ ପ୍ରାୟ ସମସ୍ତ ଅନ୍ତେବାସୀ ଛାତ୍ର ଭୁବନର ପ୍ରସିଦ୍ଧ ବୁଦ୍ଧେଶ୍ୱର ମନ୍ଦିରକୁ ଯାଇଥିଲୁ। ସେଠାରେ ପ୍ରତିବର୍ଷ ପରି ସେ ବର୍ଷ ମଧ୍ୟ ଯାନିଯାତ୍ରାର ପାର୍ବଣରେ ପ୍ରକମ୍ପିତ ହେଉଥାଏ। ଭଜନ କୀର୍ତ୍ତନ ଗାୟନରେ ମନ୍ଦିରର ପରିବେଶ ମୁଖରିତ ହୋଇଉଠୁଥିଲା। ଆମେ ସବୁ ପିଲା ସେଠାରେ ଖୁବ ଖୁସି ଆନନ୍ଦରେ ଉପଭୋଗ କରୁଥିଲୁ। ଉତ୍ସବ ମାଧ୍ୟମରେ ଆମକୁ ଆଉଏକ ଗୁରୁ ଦାୟିତ୍ୱ ମଧ୍ୟ ଦିଆଯାଇଥିଲା। ସେ ଦିନ "Red Cross Society" ଆନୁକୂଲ୍ୟରେ ଆମେ "Red Cross"ର ମାହାତ୍ମ୍ୟ ଲୋକମାନଙ୍କୁ ବୁଝାଉଥିଲୁ। "Red Cross"ର "Flag" ଲୋକମାନଙ୍କୁ ଦେଉଥିଲୁ। ଯେଉଁ ଇଚ୍ଛୁକ ବ୍ୟକ୍ତି "Red Cross"କୁ ସାହାଯ୍ୟ ପ୍ରଦାନ କରୁଥିଲେ ତାହା ଗ୍ରହଣ କରିଥିଲୁ। ପୁରାଦିନ ଆମେ ଖୁସି ଆନନ୍ଦରେ ବିତାଇଲୁ। ଯେଉଁ ସାହାଯ୍ୟ ଆମେ ବ୍ୟକ୍ତି ବିଶେଷଙ୍କ ଠାରୁ ଗ୍ରହଣ କରିଥିଲୁ ତାକୁ 'Society'କୁ ପ୍ରଦାନ କରି ସନ୍ଧ୍ୟା ବେଳକୁ ହଷ୍ଟେଲକୁ ଫେରିଲୁ।

ଦିନ ତମାମ ମନ୍ଦିର ପ୍ରାଙ୍ଗଣରେ ରହି 'Red cross' ତରଫରୁ କାର୍ଯ୍ୟକରି ଥକି ଯାଇଥିଲୁ। ହଷ୍ଟେଲରେ ପହଂଚି କିଛି ବିଶ୍ରାମ ନେଲୁ। ଧୀରେ ଧୀରେ ରାତ୍ରି ମାଡି ଆସିଲା। ପ୍ରାୟ ୮ ଟା ୮.୩୦ ବେଳକୁ ଉଠିପଡିଲୁ। ରାତ୍ରି ଭୋଜନର ଅପେକ୍ଷା। ମାତ୍ର କିଛି ସମୟ ମଧ୍ୟରେ ସବୁ ଓଲଟ ପାଲଟ ହୋଇଗଲା। ଶୁଣିବାକୁ ପାଇଲୁ ଯେ ଆଜି ରାତ୍ରି ଭୋଜନ ପ୍ରାୟ ସମସ୍ତଙ୍କ ପାଇଁ ବନ୍ଦ କରାହୋଇଛି କାରଣ ପିଲାମାନେ ମାସିକ ମେସ ପାଉଣା ଦେଇନାହାନ୍ତି। କେବଳ ଜଣେ ବା ଦୁଇ ଜଣଛାତ୍ରଙ୍କର ରାତ୍ରି ଭୋଜନ ବ୍ୟବସ୍ଥା ହୋଇଥିଲା। ସେମାନଙ୍କ ମଧ୍ୟରେ ମୋ ନାମଟି ମଧ୍ୟ ଥିଲା। କୁନି କୁନି ପିଲା ଦିନ ସାରା ବୁଦ୍ଧେଶ୍ୱର ମନ୍ଦିରରେ 'Red Cross Society' ତରଫରୁ କାମ କରି ଡେଇଁ,କୁଦି ସମସ୍ତେ ଥକି ଯାଇଥିଲେ। ରାତ୍ର ଭୋଜନ କଟିଯାଇଥିବା ଶୁଣି ସମସ୍ତଙ୍କର ହୋସ ଉଡ଼ିଗଲା। ବିଶ୍ୱାସ କରି ହେଉନଥାଏ କିନ୍ତୁ ସତ୍ୟ। ରୋଷେୟା ଭାଇ କହିଲେ ତତ୍ତ୍ୱାବଧାରକ Sir, ମେସ ପାଉଣା ଦେଇ ନ ଥିବାରୁ ଏ ପଦକ୍ଷେପ ନେଇଛନ୍ତି। ମୁଣ୍ଡ କାନ ଆଉଁସି ନିଜ ନିଜର ଯାହା ଚୁଡା କଦଳୀ ଥିଲା ଖାଇଲୁ। ମୋର ଭୋଜନ ବ୍ୟବସ୍ଥା ଥିଲେ ମଧ୍ୟ, ମୁଁ ପିଲାଙ୍କ ସାଙ୍ଗରେ ରହିଲି। ବହୁତ ଦୁଃଖ ଲାଗିଲା କିନ୍ତୁ ନିରୁପାୟ। ଯେଉଁମାନଙ୍କର କିଛି ଖାଦ୍ୟ ସାମଗ୍ରୀ ନଥିଲା ସେମାନେ ଅନ୍ୟ ସାଥିଠାରୁ ଭାଗ କରି କୌଣସି ଉପାୟରେ ଚଳାଇ ନେଲେ। ଆଉ ତା' ପରଦିନ ସକାଳୁ ମୁଁ ଗାଁକୁ ଚାଲିଗଲି। ମନସ୍ଥ କଲି ଆଉ ହଷ୍ଟେଲରେ ରହିବି ନାହିଁ। ଏକ ସରଳ ପ୍ରତିବାଦ। ମାଉସୀ ଘରେ ରହି ପଢ଼ିବି। ବାପା, ମାଙ୍କ ଅନୁମତି ନେଇ ପୁଣି ଭୁବନଙ୍କୁ ଫେରିଲା ବେଳକୁ ସନ୍ଧ୍ୟା ହୋଇଯାଇଥିଲା। ସ୍କୁଲ ପ୍ରାଙ୍ଗଣକୁ ଆସିବାକୁ ଇଚ୍ଛା ହେଉନଥାଏ। ହଠାତ ଜଣେ ସହପାଠୀ ବସଷ୍ଟାଣ୍ଡରେ ମିଳିଲେ। ସେ କହିଲେ ସାର୍ ତୁମକୁ ଖୋଜୁଛନ୍ତି। ଆଜି ହଷ୍ଟେଲରେ ଏକ ବଡ ଧରଣର ଭୋଜିର ଆୟୋଜନ ହେଉଛି। ସହାୟକ ତତ୍ତ୍ୱବଧାରକ ତୁମକୁ ଅପେକ୍ଷା କରିଛନ୍ତି। ବିଶ୍ୱାସ କରିପାରିଲି ନାହିଁ। ଗତକାଲି ଭୋଜନ ବନ୍ଦ ଥିଲା, ପିଲା ଉପବାସରେ ରହିଲେ ଆଉ ଆଜି ଭୋଜି।

କିଛି ସମୟ ବନ୍ଧୁଙ୍କ ସହିତ କଥା ହେଉ ହେଉ ସମୟରେ ସ୍କୁଲ ପ୍ରାଙ୍ଗଣ ଭିତରକୁ ଆସିଯାଇଥିଲୁ। ହଠାତ୍ ସହାୟକ ତତ୍ତ୍ୱାବଧାରକଙ୍କ ସହିତ ଦେଖା ହୋଇଗଲା, ସାର୍ ଅତି ନମ୍ର ଆଦର ସହିତ ଭୋଜିରେ ଯୋଗଦେବାକୁ କହିଲେ, କିଛି ସମୟ ସ୍ତବ୍ଧ ହୋଇ ରହିଗଲି। ସାର୍‌ଙ୍କ ଆଜ୍ଞାକୁ ଅବଜ୍ଞା କରିବାର ସତ ସାହସ ମୋର ନ ଥିଲା। ହଷ୍ଟେଲକୁ ଆସିଲି। ସବୁ ଗୁରୁଜୀ ତଥା, ପିଲାମାନେ ଅପେକ୍ଷା କରିଛନ୍ତି। ତତ୍ତ୍ୱାବଧାରକ ମହାଶୟ ଏ ପର୍ଯ୍ୟନ୍ତ ଆସିନାହାନ୍ତି। ତାଙ୍କୁ ଡାକିବାକୁ ଯିବାକୁ ହେବ। ତାଙ୍କ ବାସ ଭବନକୁ ଗଲୁ। ଯାହା ଦେଖିଲୁ ଆମକୁ ଆହୁରି ଆଚମ୍ବିତ କରିଦେଲା। ସାର୍ ବହୁତ ଆହତ। ପିଲାଙ୍କ ସହିତ ସେ ମଧ୍ୟ ପୂର୍ବ ରାତି ଉପବାସରେ କାଟିଛନ୍ତି। ଚକ୍ଷୁ ତାଙ୍କର ରକ୍ତବର୍ଣ୍ଣ। ଦୁଃଖରେ ମ୍ରିୟମାଣ ଏବଂ ଶବ୍ଦହୀନ। ଆମକୁ ଦେଖି ଚକ୍ଷୁରୁ ତାଙ୍କର ଦୁଇଧାର ଅଶ୍ରୁ ଝରିପଡିଲା। ସମସ୍ତେ ନିଶବ୍ଦ। ବହୁ ଅନୁନୟ ପରେ ଶେଷରେ ଆସିବାକୁ ରାଜିହେଲେ। ତତ୍ତ୍ୱାବଧାରଙ୍କ ଆଗମନରେ ଅପେକ୍ଷାରତ ଗୁରୁଜୀମାନେ ପିଲାମାନଙ୍କ ସହ ଆଶ୍ୱସ୍ତି ଅନୁଭବ କଲେ। କିଛି କ୍ଷଣ ପରିବେଶ ଗମ୍ଭୀର ହୋଇଗଲା। ପରିଶେଷରେ ଭୋଜିର କାର୍ଯ୍ୟକ୍ରମ ସୁଚାରୁ ରୂପେ ସମ୍ପର୍ଣ୍ଣ ହେଲା।

ଆଜି ଏ କଥା ମନେ ପଡିଲେ ମନରେ ସ୍କୁଲ ଦିନର ସେହି କାହାଣୀ ଭରା ଅତୀତକୁ ଫେରି ଆସୁଛି। ଗୁରୁଜୀମାନଙ୍କ ଆଦର୍ଶ, ନୈତିକତା, ଛାତ୍ର ବତ୍ସଳତା ତଥା କର୍ତ୍ତବ୍ୟ ପରାୟଣତା ଆଖି ଆଗରେ ନାଚି ଉଠୁଛି। ଏଇ ପ୍ଲାଟିନମ୍ ଜୁବୁଲି ଉତ୍ସବରେ ସେହି ପୂଜ୍ୟପାଦ ଗୁରୁଜୀମାନଙ୍କୁ ଶତ ଶତ ପ୍ରଣାମ କରୁଛି। ❋

ବ୍ୟାଚ: ୧୯୬୯
ଫୋନ୍ : ୭୩୮୧୯୪୭୮୪୮

"ଗୋଟିଏ ପିଲା, ଜଣେ ଶିକ୍ଷକ, ଗୋଟିଏ ବହି ଏବଂ ଗୋଟିଏ କଲମ ବିଶ୍ୱରେ ପରିବର୍ତ୍ତନ ଆଣିପାରିବ।"
– ମଲାଲା ୟୁସୁଫଜାଇ୍

"One child, one teacher, one book, and one pen can change the world"
– Malala Yousafzi

"ଏକ ପୁସ୍ତକ ହେଉଛି ଏକ ଉପହାର ଯାହାକୁ ଆପଣ ବାରମ୍ବାର ଖୋଲି ପାରିବେ।"
– ଗ୍ୟାରିସନ୍ କେଲର୍

"A book is a gift you can open again and again."
– Garrison Keller

"କହିବାକୁ ଗଲେ ପୁସ୍ତକ ହେଉଛି ତାହା, ଯାହା ଆପଣଙ୍କୁ ପାଦ ନ ଚଳାଇ, ଯାତ୍ରାରେ ନେଇଥାନ୍ତି।"
– ଝୁମ୍ପା ଲାହିରି

"That's the thing about books. They let you travel without moving your feet."
– Jhumpa Lahiri

ସ୍ମୃତି ଆଇନାରେ ମୋ ବିଦ୍ୟାଳୟ

ଖିରୋଦ ଚନ୍ଦ୍ର ନାୟକ

ମଣିଷ ଏ ଧରାପୃଷ୍ଠରେ ଜନ୍ମ ନେବା କ୍ଷଣି ପରିଚୟ ଖୋଜି ବସେ ଏବଂ ତାକୁ ତାହାର ଜନ୍ମଦାତା / ଜନ୍ମଦାତ୍ରୀ ପରିଚୟ ଦେଇ ଜନ ମଙ୍ଗଳ କାର୍ଯ୍ୟ ପାଇଁ ଲାଳନପାଳନ କରିଥାନ୍ତି। ଏଥିପାଇଁ ଯେ ସେ ଭବିଷ୍ୟତରେ ବଢ଼ି ନିଜକୁ ସୁବିକଶିତ କରାଇବା ସହ ସମାଜର ମଙ୍ଗଳ ସାଧନରେ ସାହାଯ୍ୟ କରିପାରିବ। ଭୁବନ ମାତୃକାର ସେବା ପାଇଁ ତଥା ଏହାର ଉନ୍ନତି ପାଇଁ ଆଜକୁ ଠିକ ପଞ୍ଚସ୍ତରି ବର୍ଷ ପୂର୍ବେ କେତେଜଣ ଭବିଷ୍ୟ ଦ୍ରଷ୍ଟାଙ୍କ ଅଦମ୍ୟ ଇଚ୍ଛାଶକ୍ତି ବଳରେ ଗଢି ଉଠିଥିଲା ପ୍ରଥମ ଶିକ୍ଷା ମନ୍ଦିର "ଭୁବନ ଉଚ୍ଚ ବିଦ୍ୟାଳୟ।"

ଯାହାର ଅଗଣାରେ ଅବୋଧ ଶିଶୁଟିଏ ପରି ଦିନେ ମୁଁ ବି କରିଥିଲି ପ୍ରବେଶ। ଚଳନ୍ତି ଦେବତୁଲ୍ୟ ଗୁରୁ / ଗୁରୁମାଆମାନଙ୍କର ଆଶିଷ ଲଭି ସମାଜରେ ଉତ୍ତମ ମଣିଷ ହୋଇ ବଞ୍ଚିବା ସହିତ ଅନ୍ୟକୁ ସୁଖସମୃଦ୍ଧି ସହ ବଞ୍ଚିବାକୁ ରାହା ଦେଖାଇବାର ଆଶୀର୍ବାଦ ପ୍ରାପ୍ତ ହେବାକୁ। ଅନ୍ଧକାରର ଅଜ୍ଞାନତା ଦୂର କରି ଜ୍ଞାନର ଆଲୋକରେ ଦୀର୍ଘମୟ ଜୀବନକୁ ଆଲୋକିତ କରିନେବାର ପୁଣ୍ୟ ଜ୍ୟୋତି ପ୍ରାପ୍ତ ହେବାପାଇଁ। ଭୁବନ ହାଇସ୍କୁଲ ସଂଲଗ୍ନ ବ୍ଲକ କଲୋନୀ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମ ଶ୍ରେଣୀ ନାମଲେଖା ପରଠାରୁ ହାଇସ୍କୁଲ ହତା ଡେଇଁ ଦୀର୍ଘ ପାଞ୍ଚ ବର୍ଷ ଧରି ବ୍ଲକ କଲୋନୀ ପାଠ ପଢିବାକୁ ଯିବାବେଳେ ବଡ଼ଭାଇ ଓ ବଡ଼ ନାନୀମାନଙ୍କ ଧଳା ମାଟିଆ, ସାହିଆ ରଙ୍ଗର ଏକକ ପୋଷାକ ଦେଖି ମନରେ ଉତ୍ସାହ ଖେଳିଯାଏ। ଆମେ ବି ଏମିତି ବଡ ହୋଇ ଅଧିକ ପାଠ ପଢି ହାଇସ୍କୁଲରେ ନାମ ଲେଖାଇବାକୁ ନେଇ ସାଙ୍ଗ ସାଥିଙ୍କ ସହ ଆଲୋଚନା ହୁଏ।

ବାର୍ଷିକ କ୍ରୀଡ଼ା ଉତ୍ସବ, ସ୍ୱାଧୀନତା ଦିବସ, ସାଧାରଣତନ୍ତ୍ର ଦିବସ, ଗଣେଶ ପୂଜା, ସରସ୍ୱତୀ ପୂଜା ସବୁକୁ ଅତି ନିକଟରୁ ପ୍ରତିବର୍ଷ ଦେଖି ଦେଖି ବଡ଼ ହୋଇଥିଲୁ ସେ ସମୟରେ। ୧୯୯୪ ରୁ ୧୯୯୭ ମସିହା ସମୟରେ ଏନସିସି ପ୍ୟାରେଡରେ ଗୋର୍ଖା ଜବାନଙ୍କୁ ଦେଖି ଭୟଭୀତ ଅବସ୍ଥାରେ ଘରକୁ ଯିବା ଆଜି ବି ମନେପଡ଼େ।

ତେବେ ଷଷ୍ଠ ଶ୍ରେଣୀରେ ଭୁବନ ହାଇସ୍କଲରେ ନାମ ଲେଖାଇବା ସମୟରେ ବାରିକ ସାର୍ ଥିଲେ ଆମର ଶ୍ରେଣୀ ଶିକ୍ଷକ। ମୋର ଯାହା ମନେ ଅଛି, ଥରେ ଶ୍ରେଣୀରେ ନାଟ୍ୟାଭିନୟ ପାଇଁ ସାର୍ ମୋ ସହିତ ଆଉ କେତେଜଣ ସାଙ୍ଗମାନଙ୍କୁ ଆଗକୁ ଡାକିଲେ। ନାଟକର ବିଷୟବସ୍ତୁ ଥିଲା ଶିକ୍ଷା ବା ସ୍ୱାକ୍ଷରତା ଓ ସମାଜ।

ଉକ୍ତ ନାଟକରେ ପୁଅ ମିଲିଟାରୀ ଚାକିରି କରିଥାଏ ଏବଂ ସେ ଗୋଟିଏ ଚିଠି ପଠାଇଥାଏ ବାପାମାଆଙ୍କ ପାଖକୁ କି ସେ ପୁରସ୍କାର ବା ପ୍ରମୋସନ ପାଇଛି ନେଇ ଲେଖାଥାଏ। କିନ୍ତୁ ଚିଠିର ଲେଖା ପଢି ବୁଝି ନ ଜାଣିଥିବାରୁ ଚିଠିକୁ ଧରି ବାପାମାଆ ଅଶୁଭ ଆଶଙ୍କା କରି କ୍ରନ୍ଦନରତ। ଏତିକି ବେଳେ ମୁଁ ସେହି ବାଟେ ଯିବା ସମୟରେ ମୋତେ ସେମାନେ ଚିଠି ଦେଖାଇ ପଚାରିଛନ୍ତି କ'ଣ ଲେଖା ଯାଇଛି ପଢି ଜଣାଇବାକୁ। ହେଲେ ଏହା ପରେ ସାର୍ କିଛି କହିବା ଆଗରୁ ମୁଁ ନିଜକୁ ନିଜେ ଅଭିନୟର ମୂଳ ଲକ୍ଷ୍ୟରୁ ବିଚ୍ୟୁତ ହୋଇ ଚିଠି ପଢ଼ିବା ଭଙ୍ଗୀରେ- ଆରେ ହଁ ତ, ଏଥିରେ ତ ଲେଖା ହୋଇଛି କି ତୁମ ପୁଅ ଆଉ ନାହିଁ।

ତେବେ ବାରିକ ସାର୍ ଏତିକି ଶୁଣି ମୋତେ ଚିଡିଥିଲେ ଓ ନାଟକର ଲକ୍ଷ୍ୟ ଆମମାନଙ୍କୁ ବୁଝାଇଥିଲେ। ଭୁବନ ହାଇସ୍କୁଲରେ ବାର୍ଷିକ କ୍ରୀଡା ପ୍ରତିଯୋଗିତା ଦେଖିବା ସମୟରେ ସ୍ଥାନୀୟ ଅଭିଭାବକ ଓ ଗୁରୁଜନମାନଙ୍କ ଦ୍ୱାରା ଉତ୍ସାହର ପରିବେଶ ପିଲାମାନଙ୍କ ମନରେ ଉନ୍ମାଦନା ଭରିଦେଉଥିଲା। ଆଜି ଭୁବନରେ ତବଲା ବାଦକ ଭାବେ ପରିଚିତ ଡମ୍ବରୁଧର ପୋଥାଳ (ଚା ଦୋକାନୀ) ଏକଦା ଏହି କ୍ରୀଡା କ୍ଷେତ୍ରରେ ଚାମ୍ପିଅନ ହୋଇଥିବା ବେଳେ ବଡଭାଇ ସମରସେନ ନାୟକ

ତାଙ୍କ ପଛକୁ ରହିଯାଇଥିଲେ। ତେବେ ସେ ସମୟରେ ଆଜିକାଲିକା ଟ୍ରଫି ନଥିଲା, ତା'ର ବଦଳରେ ସେତେବେଳେ ଷ୍ଟିଲ ଟିଫିନ୍, ଥାଳିଆ, ଗିନା, ଗ୍ଲାସ୍ ଆଦି ଦିଆଯାଉଥିଲା।

ଆମେ ଛୋଟ ଥିବା ସମୟରେ ହାଇସ୍କୁଲ ହତା ଭିତରେ ଥିବା ଗୋଲ ବଗିଚା ଓ ବଗିଚା ଭିତରେ ଥିବା ବର ଗଛ ପତ୍ରରେ ନିଜ ନାମ ଲେଖିବାର ସ୍ମୃତି ସବୁଠୁ ନିଆରା। ବିଜ୍ଞାନଗାରର ହାଡ଼କଙ୍କାଳକୁ ଭଙ୍ଗା ଝରକା ଫାଙ୍କରୁ ଦେଖିବାର ଉଦ୍ଦୀପନା ଓ ତା ସହିତ ମନର ଭୟକୁ ଦୂର କରି ସାହସିକତା ପ୍ରଦର୍ଶନ କରିବା ନିଆରା।

ପଣ୍ଡିତ ସାର୍‌ଙ୍କ ବାସଭବନ ଆଗରୁ ବରକୋଳି ଝଡାଇ ଖାଇବା, ଆମ୍ବ ଝଡାଇ ଖାଇବା, ଛୁଟି ପରେ ଜାମୁକୋଳି ଝଡାଇ ଖାଇବାର ମଜା ମୋ ସ୍ମୃତିରେ ରହିଛି। ହାଇସ୍କୁଲରେ ପାଠ ପଢା ଛ ମାସ ହେଲେ ସୁଦ୍ଧା ହାଇସ୍କୁଲକୁ ବର୍ଷ ବର୍ଷ ଧରି ନିଜର କରି ରଖିଛି ମୋର ଏ ଛୋଟ ହୃଦୟ। ସ୍ମୃତିର ଗନ୍ତାଘର ଖୋଲି ଲେଖିବାକୁ ଶବ୍ଦର ଅଭାବ ନାହିଁ କିନ୍ତୁ ସ୍ମରଣିକାରେ ଯେ ତାହା ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ହେବ ମନେ ହେଉନାହିଁ। ଅଳ୍ପରେ ହେଲେ ବି ଭୁବନ ହାଇସ୍କୁଲ ଓ ଏହା ସହ ଜଡିତ ସ୍ମୃତି ଦୁର୍ଲଭ ଏ କଥା କହେ ମୋ ସ୍ମୃତିର ସିନ୍ଧୁକ। ❁

ବ୍ୟାଚ: ୧୯୯୭
ଫୋନ୍ : ୮୬୫୮୭୪୩୨୯୬

ବେଦାନ୍ତ ବିଦ୍ୟାର୍ଥୀ ତଥା ଯେଉଁମାନେ ବେଦାନ୍ତ ପଦ୍ଧତିରେ ସାଧନା କରନ୍ତି, ସେହି ସାଧନାର ତିନୋଟି ସ୍ତର - ଶ୍ରବଣ, ମନନ ଓ ନିଦିଧ୍ୟାସନ। ଯାହା କାନରେ ଶୁଣାଯାଏ, ମନରେ ଚିନ୍ତା କରାଯାଏ ବା ଧ୍ୟାନ କରାଯାଏ, ତାହାକୁ ଶ୍ରବଣ, ମନନ, ନିଦିଧ୍ୟାସନ କୁହାଯାଏ ନାହିଁ। ଜ୍ଞାନ ସାଧନ ହୋଇଥିବାରୁ ଏହି ଶବ୍ଦ ଗୁଡ଼ିକ ପାରିଭାଷିକ ଅଟନ୍ତି। ଏଗୁଡ଼ିକ ବେଦାନ୍ତର ପାରମ୍ପାରିକ ପଦ୍ଧତି ଏବଂ ବେଦାନ୍ତ ସାଧକଙ୍କର ସାଧନାରେ କ୍ରମବିକାଶ, ନିଷ୍ଠା ତଥା ସ୍ଥିରତାର ଉପାୟ ରୂପେ ସ୍ୱୀକୃତ। ତେଣୁ ଏହା ସମ୍ବନ୍ଧରେ ବିଶେଷ ଭାବରେ ଜାଣିବାର ଆବଶ୍ୟକତା ଅଛି।

ଅଭୁଲା ସ୍ମୃତି

ନିରାକାର ସାହୁ

୧୯୮୧ ମସିହାରେ ମୁଁ ନବମ ଶ୍ରେଣୀରେ ଅଧ୍ୟୟନ କରୁଥିଲି। ସେତେବେଳର ପ୍ରଧାନ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ଲକ୍ଷ୍ମୀଧର ମହାପାତ୍ର। ସରସ୍ୱତୀ ପୂଜା ନିମନ୍ତେ ନବମ ଶ୍ରେଣୀର ଦୁଇ ସେକ୍ସନର ଛାତ୍ରମାନେ ଡ୍ରାମା କରିବା ନିମନ୍ତେ ଆଗ୍ରହ ପ୍ରକାଶ କଲେ। ଆମ୍ଭେମାନେ ସେତେବେଳର ପୂଜ୍ୟ ଶିକ୍ଷକ ଶ୍ରୀଯୁକ୍ତ ଚୈତନ୍ୟ ମିଶ୍ର ଏବଂ ଶ୍ରୀଯୁକ୍ତ ହରିହର ମିଶ୍ରଙ୍କ ସହିତ ପରାମର୍ଶ କଲୁ। ତତ୍‌ପରେ ପ୍ରଧାନ ଶିକ୍ଷକଙ୍କୁ ଆମର ଆଗ୍ରହକୁ ଜଣାଇଲୁ। ଯାହା ହେଉ ମହାନ ପୌରାଣିକ ନାଟକ 'ବବୃ ବାହାନ' ମଞ୍ଚସ୍ଥ ହେବବୋଲି ନିଷ୍ପତ୍ତି ହେଲା। ଶ୍ରୀଯୁକ୍ତ ଚୈତନ୍ୟ ମିଶ୍ର ଏବଂ ଶ୍ରୀଯୁକ୍ତ ହରିହର ମିଶ୍ର ପିଲାଙ୍କ ମଧ୍ୟରେ ଡ୍ରାମାର ଭୂମିକା(ଚରିତ୍ର) ବଣ୍ଟନ କରିଥିଲେ। ସମସ୍ତ ଚରିତ୍ରଗୁଡିକ ବଣ୍ଟନ ପରେ ରକ୍ଷୀ ଭୂମିକାଟି କାହାକୁ ଦିଆ ଯାଇ ପାରିଲା ନାହିଁ କାରଣ ଏହି ଚରିତ୍ରଟି ପାଇଁ କେହି ରାଜି ହୋଇ ନ ଥିଲେ। ଏହା ଏକ ଛୋଟ ଓ ନିମ୍ନ ଧରଣର ଚରିତ୍ର ବୋଲି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଧାରଣା ଥିଲା।

ଉକ୍ତ ଡ୍ରାମାର ନିର୍ଦ୍ଦେଶକ ଥିଲେ ସୁନାମଧନ୍ୟ ସ୍ୱର୍ଗତ ପିତାମ୍ବର ମିଶ୍ର ମହୋଦୟ। ଡ୍ରାମାର ଅଭ୍ୟାସ ଆରମ୍ଭ ହେଲା, ମୁଁ ସେଥିରେ ମନ୍ତ୍ରୀ ଭୂମିକାରେ ଅଭିନୟ କରୁଥିଲି ଓ ଯୁଧିଷ୍ଠିର ନାୟକ ବ୍ୟାସଦେବ ଭୂମିକାରେ ଅଭିନୟ କରୁଥିଲା। ରିହଲସେଲ ଚାଲୁଥିବା ସମୟରେ ଆମର ଡ୍ରାମାର ଚରିତ୍ର ବଣ୍ଟନ କରିଥିବା ଶିକ୍ଷକଦ୍ୱୟ ଉପସ୍ଥିତ ରହୁଥିଲେ। ନିର୍ଦ୍ଦେଶକ ମହାଶୟ ବ୍ୟାସଦେବଙ୍କୁ ତାଙ୍କର ସଂଳାପ ପ୍ରଦାନ କରିବା ପାଇଁ କହିଲେ। ବନ୍ଧୁ ଯୁଧିଷ୍ଠିର ସଂଳାପକୁ ଅତି ତରବରିଆ ଭାବରେ ବ୍ୟକ୍ତ କଲେ। ସଂଳାପର ପୃଷ୍ଠଭୂମି ଥିଲା, ବ୍ୟାସଦେବ ଧର୍ମରାଜ ଯୁଧିଷ୍ଠିରଙ୍କୁ କିଛି ଉପଦେଶ ଦେଉଥିଲେ।

ସଂଳାପଟି ହେଉଛି - ଶୁଣବତ୍ସ ବ୍ୟସ୍ତ ହେବାର କିଛିନାହିଁ ତୁମ୍ଭଙ୍କୁ ଧୈର୍ଯ୍ୟ ଧରିବାକୁ ପଡ଼ିବ। ନଚେତ୍ ତୁମ୍ଭର ସବୁ ଚେଷ୍ଟା ବିଫଳ ହୋଇଯିବ।

ନିର୍ଦ୍ଦେଶକ ମହାଶୟ ସଂଳାପକୁ ଧୀରେ ଧୀରେ ଓ ଗାମ୍ଭୀର୍ଯ୍ୟତା ସହ ବ୍ୟକ୍ତ କରିବାକୁ ନିର୍ଦ୍ଦେଶ ଦେଲେ। କାରଣ ବ୍ୟାସଦେବ ହେଉଛନ୍ତି ପାଣ୍ଡବ ମାନଙ୍କର ଗୁରୁ। ଏହାପରେ ମହର୍ଷି ବ୍ୟାସଦେବ ତାଙ୍କର ସଂଳାପ ପ୍ରଦାନ କଲେ। 'ଶୁ-----ଣ-----ବ-----ତ୍ସ----' ଏହା ଶୁଣି ନିର୍ଦ୍ଦେଶକ ମହାଶୟ ଖୁବ୍ ରାଗିଗଲେ ଓ କହିଲେ ଧୀରେ କହିବା ଅର୍ଥ କ'ଣ ଶବ୍ଦକୁ ଭାଙ୍ଗି ଭାଙ୍ଗି କହିବା ? ତତ୍‌ପରେ ନିର୍ଦ୍ଦେଶକ ମହାଶୟ ଉପସ୍ଥିତ ସାର୍ ଦୁଇଜଣଙ୍କ ଉପରେ ମଧ୍ୟ ବିରକ୍ତ ହେଲେ ଓ କହିଲେ 'ଆରେ ଏଥର କ'ଣ ବେଡ଼ା ଧେଡ଼ା, କାଲା ପିଲା ସବୁ ଚୟନ କରିଛ ? ଏପରି ପିଲାଙ୍କୁ ମୁଁ କେମିତି ଡ୍ରାମା ଶିଖାଇବି ?

ପରବର୍ତ୍ତୀ ସମୟରେ ଯୁଧିଷ୍ଠିର (ବ୍ୟାସ ଭୂମିକା) ସଠିକ ଭାବରେ ତାଙ୍କର ସଂଳାପ ବ୍ୟକ୍ତ କଲେ। ତତ୍ ପରେ ରକ୍ଷୀ ଭୂମିକାରେ କେଉଁ ଛାତ୍ର ଅଭିନୟ କରିବ ତାହା ଥିଲା ଏକ ସମସ୍ୟା। ମୁଁ ଅଭିନୟ ବ୍ୟତୀତ ରିହଲସେଲର ଦାୟିତ୍ୱରେ ମଧ୍ୟ ଥିଲି। ତେଣୁ ହରିସାର୍ ମତେ କହିଲେ ରକ୍ଷୀ ଭୂମିକାଟି କାହାକୁ ଦେବା। 'ମୁଁ କହିଲି ଯେଉଁ ଦିନ ଚରିତ୍ର ଚୟନ ହେଉଥିଲା ସେ ଦିନ ଜଣେ ଛାତ୍ର ଅନୁପସ୍ଥିତ ଥିଲେ। ତା'ର ନାମ କୁଞ୍ଜ ବିହାରୀ ସାହୁ। ଯଦି ଆପଣ ତାକୁ ମନେଇ ପାରିବେ ତାହେଲେ ସେ ରକ୍ଷୀ ଭୂମିକାରେ ଅଭିନୟ କରିବ'। ତତ୍‌କ୍ଷଣାତ୍ ସାର୍ ମୋତେ ତାକୁ ଡ଼ାକି ଆଣିବାକୁ ନିର୍ଦ୍ଦେଶ ଦେଲେ। ମୁଁ କୁଞ୍ଜକୁ ଧରି ସାର୍‌ଙ୍କ ପାଖରେ ପହଞ୍ଚାଇଲି। ସାର୍ କହିଲେ ଆରେ କୁଞ୍ଜ ! ସରସ୍ୱତୀ ପୂଜା ଉପଲକ୍ଷେ ଆମ ସ୍କୁଲରେ ଡ୍ରାମା ହେବ ତୁ ତୋ ସାଙ୍ଗ ମାନଙ୍କଠାରୁ ଶୁଣିଥିବୁ। ଦୁଇଦିନ ତଳେ ଚରିତ୍ର ଗୁଡ଼ିକୁ ବଣ୍ଟା ଗଲା, ତୁ ସେଦିନ ଅନୁପସ୍ଥିତ ଥିଲୁ। ସବୁ ଚରିତ୍ର ଗୁଡ଼ିକ ବଣ୍ଟା ସରିଛି କେବଳ ଗୋଟିଏ ଭୂମିକା ବାକି ଅଛି, କାରଣ ସେହି ଭୂମିକାଟି କେହି କରି ପାରିଲେ ନାହିଁ, ତେଣୁ ମୁଁ ଚିନ୍ତା କଲି ଏହି ଭୂମିକାଟିକୁ କୁଞ୍ଜ କେବଳ କରିପାରିବ। କୁଞ୍ଜ ପଚାରିଲା'ସାର୍ ସେ ଭୂମିକାଟା କ'ଣ ? ସାର୍ କହିଲେ 'ଭୂମିକାଟି ହେଲା ମହାରକ୍ଷୀ'।

ଏହା ଶୁଣି କୁଞ୍ଜ ଅଶ୍ଚର୍ଯ୍ୟ ହୋଇ ପଚାରିଲା, 'ସାର୍ ରକ୍ଷୀ ଥାଆନ୍ତି ବୋଲି ମୁଁ ଜାଣିଛି, ମହାରକ୍ଷୀ କ'ଣ ?' ସାର୍ କହିଲେ, ତୁ ବ୍ୟସ୍ତହୁଅନା ତୋର ଅଭିନୟ ବହୁତ କମ୍, ତତେ ବେଶୀ ପରିଶ୍ରମ

କରିବାକୁ ପଡ଼ିବ ନାହିଁ। ତୋର ସବୁଦିନ ରିହରସେଲକୁ ଆସିବା ଦରକାର ନାହିଁ। ତୋର ଯେଉଁଦିନ ଚରିତ୍ରଟି ଦରକାର ପଡ଼ିବ, ମୁଁ ନିରାକାର ହାତରେ ଖବର ଦେବି, ତା'ପରେ ତୁ ଆସିବୁ"।

ସେ ଯାହା ହେଉ ସାର୍‌ଙ୍କ କଥାରେ କୁଞ୍ଜ ଏକମତ ହେଲା। 'ସଭାସଦ ବର୍ଗ' ଭୂମିକାରେ ଅଭିନୟ କଲେ ଟଙ୍କଧର ମହାପାତ୍ର। ତାଙ୍କର କମ୍ ଭୂମିକା ଥିଲେ ମଧ୍ୟ ସେ ସବୁଦିନ ରିହରସେଲ ପାଇଁ ଆସୁଥିଲେ। ସରସ୍ୱତୀ ପୂଜା ପରଦିନ ଡ୍ରାମା ମଞ୍ଚସ୍ଥ ହେବ ବୋଲି ସ୍ଥିର ହେଲା। ଟଙ୍କଧରର ଦୁଇଟି ଦୃଶ୍ୟରେ ମୋ ସହିତ ଭୂମିକା ଥିଲା। ସେ makeup ହୋଇଥିଲେ ମଧ୍ୟ ଅନ୍ୟମନସ୍କତା କାରଣରୁ ଡ୍ରାମାର ପ୍ରଥମ ଦୃଶ୍ୟରେ ଉପସ୍ଥିତ ହୋଇପାରିନଥିଲେ। ସେ ଅତି ଖୁସିରେ ସଭାସଦର ପୋଷାକ ପିନ୍ଧି ନିଶ ଲଗାଇ ଗ୍ରୀନରୁମ୍ ଭିତରେ ବୁଲୁଥାନ୍ତି, ଏହା ଦେଖି ହରି ସାର୍ ତାଙ୍କ ଉପରେ ଭୀଷଣ ବିରକ୍ତ ହେଲେ। ଦ୍ୱିତୀୟ ଦୃଶ୍ୟରେ ମଧ୍ୟ ଟଙ୍କ ସହ ମୋର ଦୃଶ୍ୟଟି ଥିଲା।

ଦୃଶ୍ୟଟିର ସମୟ ହେଲେ ତାଙ୍କୁ ଡ଼ାକି ଦେବାକୁ ଟଙ୍କଧର ମତେ କହିଥିଲେ ମଧ୍ୟ ଠିକ୍ ସମୟରେ ମୁଁ ଡ଼ାକିବାକୁ ଭୁଲିଗଲି, ତେଣୁ ସେ ଆଉ ରଙ୍ଗମଞ୍ଚକୁ ଆସିପାରିଲେ ନାହିଁ। କେବଳ ପୋଷାକ ପିନ୍ଧି ନିଶ ଲଗାଇବା ସାର ହେଲା। ଆମର ନବମ ଶ୍ରେଣୀର ଶ୍ରେଣୀ ଶିକ୍ଷକ ଥିଲେ ଶ୍ରୀଯୁକ୍ତ ନାରାୟଣ ମିଶ୍ର। ତା' ପରଦିନ ଶ୍ରେଣୀରେ ସାର୍ ଟଙ୍କକୁ କହିଲେ, "ଆରେ ତୁ ନିଶ ହଳେ ଲଗେଇବୁ ବୋଲି ମାସେ ହେଲା ରିହରସେଲକୁ ଧାଇଁ ଥିଲୁ ?" ଏହି ପରି ଭାବରେ ଆମର ଡ୍ରାମା ସରିଗଲା।

ଭୁବନ ହାଇସ୍କୁଲରେ ପଢିବା ସମୟରୁ ଅନେକ ଅନୁଭୂତି ମଧ୍ୟରୁ ଏହା ଗୋଟିଏ ଅନୁଭୂତି। ସମସ୍ତ ଅନୁଭୂତି ଉପସ୍ଥାପନ କରିବାକୁ ଇଚ୍ଛାଥିଲେ ମଧ୍ୟ ସମ୍ଭବ ନୁହେଁ। ବିଦ୍ୟାଳୟର ଏହି ୭୫ତମ ଜୟନ୍ତୀ ପାଳନ ଅବସରରେ ମୋର ଭଗବାନଙ୍କ ନିକଟରେ ପ୍ରାର୍ଥନା ଏହି କି ଯେ, ଏହି ଜୟନ୍ତୀ ଉତ୍ସବଟି ସଫଳ ହେବା ସହ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ହେଉ। ❋

ବ୍ୟାଚ: ୧୯୮୨
ଫୋନ୍ : ୭୭୩୫୯୩୯୫୧୭

ଶାସ୍ତ୍ର - ଶାସନାତ୍ ଶାସ୍ତ୍ରଃ, ଯାହା ଆମର ବୁଦ୍ଧିକୁ ଶାସିତ କରିବାରେ ସମର୍ଥ ତାହାକୁ ହିଁ ଆମେ ଶାସ୍ତ୍ର ବୋଲି ବୁଝୁ। ଶାସ୍ତ୍ରର ବାଣୀ ଶ୍ରବଣ ହେଉଛି ଶ୍ରୁତି। ଯଦିଓ ଶ୍ରୁତି ଶବ୍ଦର ପାରମ୍ପରିକ ଅର୍ଥ 'ବେଦ', କିନ୍ତୁ ସାଧାରଣ ଭାବରେ ବୈଦିକ ଅଧ୍ୟାତ୍ମ ଜ୍ଞାନ ସମ୍ବନ୍ଧୀୟ ତଥ୍ୟ ଶ୍ରବଣକୁ ମଧ୍ୟ ଶ୍ରୁତି ବୋଲି କୁହାଯାଏ। ସାଧନା ଦୃଷ୍ଟିରୁ ବେଦାନ୍ତର ଅଦ୍ୱିତୀୟ ବ୍ରହ୍ମରେ ତାତ୍ପର୍ଯ୍ୟ ନିଶ୍ଚୟ କରୁଥିବା ଅନୁକୂଳ ମାନସିକ ବ୍ୟାପାର ବା କ୍ରିୟାକୁ 'ଶ୍ରବଣ' କୁହାଯାଏ। ଯେହେତୁ 'ଶ୍ରୁତି' ଏବ ପ୍ରମାଣମ୍' ଏବଂ ଏହା ଶବ୍ଦ ପ୍ରମାଣ ହୋଇଥିବାରୁ ଶ୍ରବଣଯୋଗ୍ୟ, ତେଣୁ ସାଧନାର ପ୍ରଥମ ପର୍ଯ୍ୟାୟରେ ଶ୍ରୀ ଗୁରୁମୁଖ ନିସୃତ ଶ୍ରୁତି, ଯୁକ୍ତି ଓ ସ୍ୱାନୁଭୂତି ସମ୍ପନ୍ନ ବାଣୀ ଶ୍ରବଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଏହି ଶ୍ରବଣ ହେଉଛି ସାଧନାର ପ୍ରଥମ ସୋପାନ।

ଅରିକ୍ଷିତକୁ ଦଇବ ସାହା

ସୁରେନ୍ଦ୍ର କୁମାର ପୃଷ୍ଟି

ମାଆ ! ମାଆ ! ମୋତେ ଭୋକ ଲାଗିଲାଣି। କୁଆଡ଼େ ଯାଇଛୁ ମାଆ। କାଲି ରାତିରେ ଆମେ ଭାଇଭଉଣୀ କିଛି ଖାଇ ନାହୁଁ। ତୁ ତ ରାତି ସାରା ଖାଲି କାନ୍ଦୁଛୁ। ବାପା ଯେଉଁ ରାଇଜକୁ ଯାଇଛନ୍ତି ଆଉ ସେ ଫେରିବେନି। ସେଇଟା ଅଫେରା ରାଇଜ। ତୁ ଆମ ମୁହଁକୁ ଚାହିଁ ରହ। ଦେଖିବୁ ମୁଁ ନିଶ୍ଚେ ବଡ଼ ହେବି, ପାଠ ପଢ଼ିବି ! ମୋ ସ୍କୁଲର ନାଆଁ ରଖିବି। ମୋ ଗାଁର ଟେକ ରଖିବି। ଅଭାବ ସବୁବେଳେ ରହିବ ନାହିଁ। ମହାପୁରୁଷଙ୍କ ଜୀବନରେ ଦୁଃଖ ଆସିଛି। ସେମାନେ ମଧ୍ୟ ଦୁଃଖର ସାମ୍ନା କରିଥାନ୍ତି। ଭାଙ୍ଗି ପଡ଼ନ୍ତି ନାହିଁ। ଯିଏ ପ୍ରାଣ ଦେଇଛି ସେ ନିଶ୍ଚୟ ପିଣ୍ଡ ଦେବ। ତୁ ଚିନ୍ତା କରନି ମାଆ। ମାନୀ ପରା ଛୋଟ ପିଲାଟା। ସିଏ ତୋର କ୍ଷୀର ପିଇ ରହିଯିବ। ହେଲେ ତୁ ତ କାଲି ଦିନସାରା ଖାଇନାହୁଁ। ହାଣ୍ଡିରେ ଥିବା ବାସୀ ପଖାଳ ମୁଠାକ ଛାଣି ମୋତେ ଖାଇବାକୁ ଦେଲୁ। ତୋରାଣୀ ମୁନ୍ଦାକ ତୁ ପିଇଦେଲୁ। ମୁଁ ପିଇ ସ୍କୁଲକୁ ଯିବି। ସ୍କୁଲକୁ ନ ଗଲେ ଗୁରୁଜୀ ପାଟି କରିବେ। ପାଠ ପଢ଼ା ଆଗେଇ ଯିବ। ମୁଁ ତାହା ବୁଝିପାରିବି ନାହିଁ। ସହଜେ ତ ଖାଇବାକୁ ପଇସା ନାହିଁ। ଟିଉସନ ହେବା ପାଇଁ ପଇସା କେଉଁଠୁ ପାଇବି। ତୁ ଶିଘ୍ର ପାଣି ଟୋପେ ଦେ, ମୁଁ ସ୍କୁଲକୁ ଯିବି। ସ୍କୁଲରେ ପାଠ ପଢ଼ିବି। ମଧ୍ୟାହ୍ନ ଭୋଜନ ଅଧା ଖାଇ ତୋ ପାଇଁ ଅଧା ଆଣିବି। ତୁ କାନ୍ଦେନା। ଦୁଃଖ ପରେ ସୁଖ ନିଶ୍ଚୟ ଆସିବ। ମହାପୁରୁଷମାନେ କହିଛନ୍ତି– ଧୈର୍ଯ୍ୟ ପିତା ଲାଗେ ସତ, କିନ୍ତୁ ତା'ର ଫଳ ମଧୁର। ଆମେ ଭାଙ୍ଗି ପଡିବା ନାହିଁ। ପୁଅର କଥା ଶୁଣି ମାଆ କୋହ ସମ୍ଭରଣ କରିପାରିଲା ନାହିଁ। ଚକ୍ଷୁ କୋଣରୁ ଲୋତକ ଝରି ଆସିଲା। ନିଜ ମନକୁ ବୁଝାଇଲା। ଆଖିର ଲୁହକୁ ଲୁଗା କାନିରେ ପୋଛିଲା। ହେ ଭଗବାନ ତୁମେ କେତେ ନିଷ୍ଠୁର। ପିଲାମାନେ କେତେ ଭୋକ ଉପାସରେ ରହିବେ। ମୋତେ ସାହା ହୁଅ ପ୍ରଭୁ। ମୋତେ ଶକ୍ତି ଦିଅ। ମୋତେ ବୁଦ୍ଧି ଦିଅ। ମୋତେ ସାହସ ଦିଅ। ଏ ବାପ ଛେଉଣ୍ଡ ପିଲା ଦୁଇଟାକୁ କିପରି ବଞ୍ଚାଇବି। ପୁଅ ମନୁ ସିନା ବଡ଼ ହୋଇ ଗଲାଣି। ଝିଅ ମାନୀ କ୍ଷୀରଖିଆ ଛୁଆ। ପଇସା କେଉଁଠୁ ପାଇବି। ରାସନ କାର୍ଡରେ ମାସକୁ ୧୫କେଜି ଚାଉଳ ମିଳୁଛି। ସେଇ ଚାଉଳରୁ ଗଣ୍ଡେ ନେଇ କିରୋସିନି ଓ ସଉଦାପତ୍ର ଆଣେ। ବିଧବା ଭତ୍ତା ଏ ପର୍ଯ୍ୟନ୍ତ ହେଲା ନାହିଁ। ସରକାରୀ ଅଫିସକୁ ଧାଇଁଧାଇଁ ଚପଲ ଛିଣ୍ଡିଲାଣି। ବଡ଼ବାବୁଙ୍କୁ ନେହୁରା ହୋଇ କହିଛି। ସରକାରୀ କଳ କଥା। ଏ ଦୁନିଆରେ କିଏ କାହାର। ଗରିବ ଗୁରୁବା କଥା ଶୁଣୁଛି କିଏ ? ଓଳିଏ ଖାଇଲେ ଓଳିଏ ଉପାସ। ଦୁଇ ଓଳା ଖାଇଲେ ଆସିବ କେଉଁଠୁ ? ଭୂମିହୀନ ଲୋକ ଆମେ। ଘରେ ଯେଉଁ କଂସାବାସନ ଥିଲା, ତାହାବିକ୍ରି ହୋଇ ଯାଇଛି। ତା' ବାପାଙ୍କୁ ତଥାପି ବଞ୍ଚାଇ ପାରିଲି ନାହିଁ। ଚାରିଆଡେ ନେଇ ଦେଖାଇଲି। ଯିଏ ଯାହା ଲେଖିଲା ଔଷଧ କିଣି ଦେଲି। ମୁଁ ବାରମ୍ବାର ମନା କରୁଛି ତାଙ୍କୁ। ତୁମେ ଗୁଟୁକା ସଫଳ ଖାଅ ନାହିଁ। ସେ କ'ଣ ମୋ କଥା ମାନିଲେ ! ଶେଷରେ ମୁଖଗହ୍ୱର କର୍କଟ ରୋଗରେ ପୀଡିତ ହୋଇ ଆମକୁ ଛାଡି ଚାଲିଗଲେ। ମନୁ ସ୍କୁଲରେ ଭଲ ପଢ଼େ। ଶିକ୍ଷକମାନେ ତାକୁ ହିଁ ଭଲ ପାଆନ୍ତି। 'ଅରିକ୍ଷିତକୁ ଦଇବ ସାହା'। ପିଲାଟି ବୃତ୍ତି ପରୀକ୍ଷା ପାଇଁ ଯୋଗ୍ୟ ବିବେଚିତ ହେଲା। ବୃତ୍ତି ପରୀକ୍ଷା ଦେଲା। ଭାଗ୍ୟକୁ ବୃତ୍ତି ପାଇଲା। ବୃତ୍ତି ଟଙ୍କାରେ ତା'ର ଅଭାବ ଦୂର ହେଲା। ସ୍କୁଲଶିକ୍ଷା ପାସ୍ କରି ମହାବିଦ୍ୟାଳୟରେ ନାମ ଲେଖାଇଲା। ବିଏସ୍‌ସି ପାସ୍ କରି ବିଇଡି ଟ୍ରେନିଂ ଗଲା। ବିଇଡି ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ପାସ୍ କରି ନିଜ ଗାଁ ହାଇସ୍କୁଲରେ ଶିକ୍ଷକ ଭାବେ ନିଯୁକ୍ତି ପାଇଲା। ଯେଉଁ ଗାଁ ସ୍କୁଲରେ ସୁଖ ଦୁଃଖରେ ପାଠ ପଢୁଥିଲା। ଆଜି ସେହି ସ୍କୁଲର ଗରିବ ପିଲାମାନଙ୍କୁ ଆର୍ଥିକ ସାହାଯ୍ୟ ସହଯୋଗ କରି ମନୁ ସାରେ ପଢ଼ାଉଛନ୍ତି। ମନୁ ସାର୍‌ଙ୍କ ପ୍ରତି ଗାଁ ଲୋକଙ୍କର ଭଲ ପାଇବା ଅତ୍ୟନ୍ତ ହୃଦୟସ୍ପର୍ଶୀ ଅଟେ। କଠୋର ପରିଶ୍ରମ କରି ପିଲାଙ୍କୁ ପାଠ ପଢ଼ାନ୍ତି। ଶିକ୍ଷା ବିଭାଗଦ୍ୱାରା ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି। ଏପରି କି ରାଷ୍ଟ୍ରପତି ଓ ରାଜ୍ୟପାଳ ପୁରସ୍କାର ପାଇ ସ୍କୁଲ ତଥା ଗାଁର ଟେକ ରଖିଛନ୍ତି। ମନୁ ସାରେ ମଣିଷ ପରି ମଣିଷଟିଏ। ନିଜ ସ୍ୱାର୍ଥକୁ ଜଳାଞ୍ଜଳି ଦେଇ ସ୍କୁଲର ସ୍ୱାର୍ଥକୁ ଅଗ୍ରାଧିକାର ଦେଇଥାନ୍ତି। ସ୍କୁଲର ପରିବେଶ ସଫାସୁତୁରା ତାଙ୍କର ପରମ କର୍ତ୍ତବ୍ୟ। ସ୍ୱଚ୍ଛ ଓ ସୁସ୍ଥ ପରିବେଶରେ ରହି ସ୍କୁଲର ଛାତ୍ରମାନେ

ବଡ଼ ମଣିଷ ହୋଇଛନ୍ତି। ମନୁ ସାରଙ୍କ ବୟସ ବଢିବା ସଙ୍ଗେ ସଙ୍ଗେ ଉଚ୍ଚ ବିଦ୍ୟାଳୟର ବି ବଢିଚ୍ଛଲିଛି। ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ରମାନେ ଉତ୍‌କଣ୍ଠାର ସହିତ ରୌପ୍ୟ ଜୟନ୍ତୀ, ସୁବର୍ଣ୍ଣ ଜୟନ୍ତୀ ପାଳନ କରିସାରିଛନ୍ତି। ଚଳିତ ବର୍ଷ ପ୍ଲାଟିନମ୍ ଜୁବୁଲି ପାଳନ କରିବା ପାଇଁ ମନରେ ଦୃଢ ଆଶା ପୋଷଣ କରିଛନ୍ତି। ଜନ, ମନ, ଧନ୍ ସର୍ମପଣ କରି ଏ ଉତ୍ସବକୁ ସମାପନ କରନ୍ତୁ। ଭଗବାନଙ୍କ ନିକଟରେ ମନୁସାରଙ୍କୁ କୋଟି କୋଟି ପ୍ରଣାମ। ଆଜି ଦୁନିଆଁ ବଡ଼ ବିଚିତ୍ର। ଦେଲା-ମଲାକୁ କିଏ ଭଲ ପାଆନ୍ତି ନାହିଁ। ଯେଉଁମାନେ ନିଜ ନିଜ ବ୍ୟାଚର ଦାୟିତ୍ୱ ନେଇଛନ୍ତି ସେମାନେ ଲୋକ ହସା ହେଉଛନ୍ତି। ବହୁତ ପୁରାତନ ଛାତ୍ର ରସିଦ୍ କାଟି ସାହାଯ୍ୟ କଲେଣି। କେହି କେହି ସମାଲୋଚନା କରୁଛନ୍ତି। ଅତିଥିମାନେ ନିମନ୍ତ୍ରିତ ହେଲେଣି। ଉତ୍ସବ ଦିନ ପାଖେଇ ଆସିଲାଣି। ସ୍ମରଣିକା ଏଯାଏ ଛପା ହୋଇ ନାହିଁ। ବଜେଟ ଅଧିକ। ଆୟକମ୍। ନିଅଣ୍ଟିଆ ବଜେଟ ହେଲେ ଅସୁବିଧା ହେବ। କାର୍ଯ୍ୟ ସରିଗଲେ ଯେଝା ଘରକୁ ଯେଝା ଚ୍ଛଲିଯିବେ। ଡ଼େଙ୍ଗା ମୁଣ୍ଡରେ ଠେଙ୍ଗା। ସେମାନଙ୍କ ପକ୍ଷେ ଏତେ ଗୁଡ଼ାଏ ଟଙ୍କା ଭରଣା କରିବା ସମ୍ଭବ ନୁହେଁ। ଦୁଇ ଦିନର କାର୍ଯ୍ୟ। ଲୋକମାନଙ୍କ ପାଇଁ ଖାଇବା ପିଇବାର ବ୍ୟବସ୍ଥା ଅଛି। ଆଗକୁ କଣ ହେବ ଏବେତ କହି ହେଉନାହିଁ। ଆଶା ଭଲରେ ଭଲରେ ଉତ୍ସବଟି ସମାପନ ହେବ। ପୁରାତନ ଛାତ୍ରମାନେ ଅକୁଣ୍ଠିତ ଚିତ୍ତରେ ସାହାଯ୍ୟ କରିବେ। ଦାୟିତ୍ୱ ବହନ କରିଥିବା ପୁରାତନ ଛାତ୍ରଙ୍କ ଚିନ୍ତା ଦୂରହେବ। ପ୍ଲାଟିନମ୍ ଜୁବୁଲି ଉତ୍ସବ ସଫଳ ହେବ। ସମୟ ବଡ଼ ବଳବାନ। ❋

ବ୍ୟାଚ: ୧୯୮୨
ଫୋନ୍ : ୯୫୫୬୨୧୪୫୧୩

ଯେ କୌଣସି ଜିଜ୍ଞାସୁ ସାଧକଙ୍କ ପାଇଁ ପ୍ରାରମ୍ଭିକ ସହାୟତା ହେଉଛି ଶ୍ରବଣ ପାଇଁ ଉପଯୁକ୍ତ ବକ୍ତା (ଶ୍ରୁତି, ଯୁକ୍ତି, ସ୍ୱାନୁଭୂତି ସମ୍ପନ୍ନ ଗୁରୁ), ବାତାବରଣ (ଅନ୍ତଃ ଓ ବାହ୍ୟ) ଇତ୍ୟାଦି। ଶ୍ରୀ ଗୁରୁଙ୍କର ଶରଣାଗତ ହୋଇ ନିଷ୍କପଟ ଭାବରେ ପ୍ରଶ୍ନ ଉପସ୍ଥାପିତ କରି ତାଙ୍କର ଯଥାଯୋଗ୍ୟ ସେବା କରିବା ଦ୍ୱାରା ସେ ଜ୍ଞାନ ଉପଦେଶ କରନ୍ତି ଏବଂ ସେହି ଉପଦେଶ ଶ୍ରବଣ ହିଁ ଜିଜ୍ଞାସୁ ସାଧକଙ୍କର କାର୍ଯ୍ୟ ସିଦ୍ଧି କରିବାରେ ସମର୍ଥ।

ଆଳୁଚପ୍

ପ୍ରମୋଦ ଗୁରୁ

ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ୭ମ ଶ୍ରେଣୀ ଉନ୍ନୀତ ହୋଇ ୮ମ ଶ୍ରେଣୀ ପାଇଁ ନାମ ଲେଖା ହେଲା। ବଡ ସ୍କୁଲ ସହିତ ବହୁତ ପିଲା, ମୋର ପାଠ ସେତେଟା ଭଲ ହେଉ ନ ଥିବା କାରଣରୁ ଶେଷ ଧାଡି ଆଡକୁ ମୁଁ ବସେ। କିଛି ଦିନ ଭିତରେ ବହୁତ ସାଙ୍ଗ ମିଳିଗଲେ। ସେମାନଙ୍କ ସହିତ ମିଶି ବହୁତ ମଜାକରୁ। ସ୍କୁଲରେ ପାଠ ପଢା ହେଉଥିବା ସମୟରେ ଅଧାରୁ ଲୁଚିକରି ଅନେକ ଜାଗାରୁ ବାଡି ଫଳ ଚୋରି କରି ମଧ୍ୟାହ୍ନ ଛୁଟି ସମୟରେ ଫେରିଆସି ଘରକୁ ଖାଇବାକୁ ଯାଉ। ଖାଇଛୁଟି ପରେ ଯେଉଁଦିନ ପାଠ ଦେବାର ଥାଏ ଆମେ ସ୍କୁଲକୁ ଆସିନଥାଉ। ଏଥିପାଇଁ ଆମକୁ ବହୁବାର ଜୋରିମାନା ଦେବାକୁ ପଡିଥାଏ। ମାସକୁ ଏମିତି ଅତିକମରେ ୫ରୁ ୬ଟି ଜୋରିମାନା ସାଙ୍ଗକୁ ଅନୁପସ୍ଥିତ ଫାଇନ୍‌କୁ ମିଶାଇଲେ କୋଡିଏରୁ ପଚିଶ ଟଙ୍କା ଫାଇନ୍ ଦେଇଥାଉ। ପାଠରେ ଆମେ ପଛଘୁଞ୍ଚା ଦେଇଥାଉ, ହେଲେ ଖେଳ କୁଦରେ ସବୁବେଳେ ଆଗରେ ଥାଉ। ସ୍କୁଲର ଯେ କୌଣସି କାର୍ଯ୍ୟକ୍ରମ ହେଲେ ଆମ ସ୍କୁଲ କିପରି ଏକ ନମ୍ବର ସ୍ଥାନ ଦଖଲ କରିବ ସେଥିପ୍ରତି ଆମେମାନେ ଯଥା ସମ୍ଭବ ଚେଷ୍ଟା କରୁ। ଆଉ ଯେବେ ସଫଳତା ମିଳେ, ଆମ୍ଭମାନଙ୍କୁ ବହୁତ ଖୁସି ଲାଗିବା ସହିତ ନିଜ ସ୍କୁଲକୁ ନେଇ ବହୁତ ଗର୍ବ ଅନୁଭବ କରୁ। ସ୍କୁଲର ବାର୍ଷିକ ଉତ୍ସବଠାରୁ ଆରମ୍ଭ କରି ଗଣେଶ ପୂଜା, ସରସ୍ୱତୀ ପୂଜା, ଗଣତନ୍ତ୍ର ଦିବସ, ସ୍ୱାଧୀନତା ଦିବସ ଏବଂ ଶିଶୁ ଦିବସରେ ଆମ୍ଭମାନଙ୍କୁ ଲଡୁ ଖାଇବାକୁ ଦିଆଯାଏ। ସ୍ୱତନ୍ତ୍ର ନିମନ୍ତ୍ରିତ ଅତିଥିମାନଙ୍କୁ ଟିଫିନ୍ ଦିଆଯାଏ। ଯଦି କେତେବେଳେ ଟିଫିନ୍ ପୁଡିଆଟିଏ ଆମକୁ ମିଳିଯାଏ, ଆମ୍ଭମାନଙ୍କର ଖୁସି କହିଲେ ନ ସରେ। କିନ୍ତୁ.....ଆମ ସ୍କୁଲରେ ଏନ୍.ସି.ସି.ରେ ଭାଗ ନେଇଥିବା ପିଲାମାନଙ୍କୁ ସପ୍ତାହରେ ଦୁଇଥର ଟିଫିନ୍ ଦିଆଯାଏ ଏବଂ ସେହି ଟିଫିନ୍‌ରେ ଥାଏ ଗରମ ଗରମ ଆଳୁଚପ୍।

ଆଳୁଚପ୍ ଖାଇବା ପାଇଁ ମୋର ବହୁତ ଇଚ୍ଛା ଥାଏ, ହେଲେ କୌଣସି ମତେ ମୁଁ ସ୍କୁଲରୁ ଆଳୁଚପ୍ ଖାଇବାକୁ ସଫଳ ହୋଇପାରିଲି ନାହିଁ। କାରଣ ମୋର ଉଚ୍ଚତା କମ୍ ଥିବାରୁ ଅଷ୍ଟମ ଶ୍ରେଣୀରେ ଏନ୍.ସି.ସି.ରେ ମୁଁ ଭାଗ ନେଇ ପାରିଲି ନାହିଁ। ଅଷ୍ଟମ ଶ୍ରେଣୀ ପାଶ କରିବା ପରେ ନବମ ଶ୍ରେଣୀର ପାଠପଢ଼ା ଆରମ୍ଭ ଦିନ ଏନ୍.ସି.ସି. ସାର୍‌ଙ୍କ ପାଖକୁ ଯାଇ ଏନ୍.ସି.ସି.ରେ ଭାଗ ନେବା ପାଇଁ କହିଲି। ଏହା ପରେ ମୋତେ ଏନ୍.ସି.ସି.ରେ ସ୍ଥାନ ମିଳିଲା ସତ ହେଲେ ମୋର ଲକ୍ଷ୍ୟ ଥିଲା ଗରମ ଗରମ ଆଳୁଚପ୍। କାରଣ ସ୍କାଉଟ୍ ଏବଂ ଗାଇଡ୍‌ରେ ଏସବୁ କିଛି ମିଳୁ ନ ଥିଲା। ତେଣୁ ଆଳୁଚପ୍ ଖାଇବା ନିଶାରେ ମୁଁ ଏନ୍. ସି.ସି.ରେ ଭାଗ ନେଲି। ସପ୍ତାହକୁ ଦୁଇଥର ମଙ୍ଗଳବାର ଏବଂ ଶୁକ୍ରବାର ୬ଷ୍ଠ ଏବଂ ୭ମ ପିରିୟଡରେ ଏନ୍.ସି.ସି. ଶିକ୍ଷାଦାନ କରାଯାଏ। ଆମ୍ଭେମାନେ ଦୁଇଥର ଟିଫିନ୍ ଭିତରେ ଗରମ ଗରମ ଆଳୁଚପ୍ ଖାଇବାକୁ ପାଇଥାଉ। ଏହା ସହିତ ଯେତେବେଳେ ଏନ୍.ସି. ସି. ଡ୍ରେସ ପିନ୍ଧୁ ନିଜକୁ ଗର୍ବରେ କେତେବେଳେ ପୋଲିସ ଭାବୁ ତ ଆଉ କେତେ ବେଳ ଭାରତ ମାତାକୁ ସୁରକ୍ଷା ଦେଉଥିବା ଯବାନ ଭାବରେ ନିଜକୁ ଭାବିଥାଉ। ଯେତେବେଳେ ଆମ୍ଭମାନଙ୍କର ଏନ୍.ସି.ସି. କ୍ୟାମ୍ପ ପଡିଥାଏ ସେତେବେଳେ ଆମ୍ଭମାନଙ୍କୁ ଶାରୀରିକ ଶିକ୍ଷା ଠାରୁ ଆରମ୍ଭ କରି ଏନ୍.ସି.ସି. ବିଷୟରେ ସବୁ ଶିକ୍ଷାଦାନ ଦିଆଯାଏ। ଆମ ଜିଲ୍ଲାର ବିଭିନ୍ନ ହାଇସ୍କୁଲରୁ ହଜାର ହଜାର ପିଲାମାନେ ଯେତେବେଳେ ଏକତ୍ରିତ ହୋଇଥାଉ ସେତେବେଳେ ଦେଶ ଭକ୍ତିରେ ବିଭୋର ହୋଇ ନିଜକୁ ଭାରତ ମାତାର ଯୋଗ୍ୟ ସନ୍ତାନ ଭାବରେ ଭାବି ନେଇଥାଉ। ଭାରତ ମାତାର ଯବାନମାନେ ଯେତେବେଳେ ତାଙ୍କର ବନ୍ଧୁକ ଆମକୁ ଧରାଇ ଦେଇ ଲକ୍ଷ୍ୟ ଭେଦ କରାଇବା ଶିକ୍ଷା ଦେଇଥାନ୍ତି, ଆମକୁ ଜଣାପଡେ ସତେ ଯେପରି ଆମ ଦେଶର ଶତ୍ରୁକୁ ଆମ୍ଭେମାନେ ମାରି ପକାଉଛୁ। ଦେଶପ୍ରେମ ଭାବଧାରାରେ ଗରମ ଗରମ ଆଳୁଚପ୍‌କୁ ଆମେ ଭୁଲିଯାଉ।

ବାସ୍ତବରେ କହିବାକୁ ଗଲେ ଏନ୍.ସି.ସି. ଶିକ୍ଷାଦାନ ସମୟରେ ମିଳୁଥିବା ଆଳୁଚପ୍ ପାଇଁ ଆମ ପରି ଯେଉଁ ପିଲାମାନେ ଏନ୍.ସି.ସି.ରେ ଭାଗ ନେଇଥିଲେ ସେମାନଙ୍କ ମଧ୍ୟରୁ କେତେକ ପିଲା ଆଜି ଭାରତୀୟ ସେନା ବାହିନୀରେ ଯୋଗଦାନ କରି ଦେଶ ମାତୃକାର ସେବା କରିବା ସହିତ ସୀମାନ୍ତକୁ ଶତ୍ରୁ କବଳରୁ ରକ୍ଷା କରୁଛନ୍ତି। ତତ୍ ସହିତ ସେହି ପିଲାମାନେ ମଧ୍ୟ ବରଫାବୃତ୍ତ ଅଞ୍ଚଳରେ ରହି ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରି ଶହୀଦ ହେବାପାଇଁ ପଛଘୁଞ୍ଚା ଦେଉନାହାଁନ୍ତି। ଏନ.ସି.ସି. ଶିକ୍ଷା ଦାନ ସମୟର ଆଳୁଚପ୍ ପାଉଣାକୁ ଏହିପରି ଭାବେ ପରିଶୋଧ କରି ପାରିଛନ୍ତି।

ମହାମହିମ ପୂର୍ବତନ ରାଷ୍ଟ୍ରପତି ଆବୁଲ କଲାମଙ୍କ ଭାଷାରେ :- 'ଜୟ ଜବାନ୍, ଜୟ କିଷାନ, ଜୟ ବିଜ୍ଞାନ' ନାରାକୁ ସେହିମାନେ ଅକ୍ଷରେ ଅକ୍ଷରେ ପ୍ରତିପାଦନ କରିଛନ୍ତି ଏହି ଆଳୁଚପ୍ ଲୋଭରେ ଯୋଗ ଦେଇଥିବା ଏନ୍.ସି.ସି.ର ଶିକ୍ଷାର୍ଥୀମାନେ। ❋

ବ୍ୟାଚ: ୧୯୯୯

ଫୋନ୍ : ୯୮୬୧୩୪୯୧୨୧

ମୋ ସ୍ମୃତିରେ ଭୁବନ ଉଚ୍ଚ ବିଦ୍ୟାଳୟ

କୈଳାଶ ଚନ୍ଦ୍ର ବେହେରା

ଜୀବନରେ ଅନେକ ବାଟ ଚାଲି ଆସିଲା ପରେ, ପଛକୁ ଫେରି ଚାହିଁଲେ, ସମୟର ବେଳାଭୂମିରେ ଅନେକ ପାଦ ଚିହ୍ନ, ଅନେକ ସ୍ମୃତି, ଯାହା ଏବେବି ଉଜ୍ଜୀବିତ ମାନସପଟରେ, ଆଉ ସେଇ ବେଳାଭୂମିରେ ମୁଣ୍ଡଟେକି ଠିଆ ହୋଇଥିବା ବତୀଘର, ମୋ ଭୁବନ ଉଚ୍ଚ ବିଦ୍ୟାଳୟ। ଆଉ ତା ଭିତରେ ମନେପଡ଼େ ମୋ କୈଶୋର, ଶୈଶବର ଶେଷ ଆଉ ଯୌବନର ପ୍ରାରମ୍ଭ। ମୋ ସ୍ମୃତିରେ ଏବେବି ସତେଜ ଭୁବନ ଉଚ୍ଚ ବିଦ୍ୟାଳୟ। ହଁ, ମୁଁ ସେହି ମଣିଷ ତିଆରି କାରଖାନାର କଥା କହୁଛି, କହୁଛି ସେହି କାରିଗରମାନଙ୍କ କଥା, ଯେଉଁମାନଙ୍କ କୁଶଳ ହାତରେ ଗଢ଼ା ହୋଇଛି କେତେ ଯେ ଭାଗ୍ୟ, ତିଆରି ହୋଇଛନ୍ତି କେତେ ଯେ ମଣିଷ, ତାହାର ପ୍ରମାଣ ଦେଉଛି ସମୟ, ସମ୍ଭାବନା ଆଉ ସମାଜ। ଏହି ବିଦ୍ୟାଳୟ ବତୀଘର ସାଜି ବାଟଦେଖାଇଛି, କେତେ ଯେ ଦିଗହରା ନାବିକଙ୍କୁ, ଆଉ ମୋ ଜୀବନର ଭିତ୍ତିଭୂମି ବି ଗଢ଼ି ଉଠିଛି ତା ଉପରେ। ଶିକ୍ଷକତା ନ କରିଥିଲେ ମଧ୍ୟ, ମୁଁ ଯୋଡ଼ି ହୋଇ ରହିଛି ଏକ ଶିକ୍ଷା ଅନୁଷ୍ଠାନ ସହିତ, ଆଉ ଯତ୍‌କିଞ୍ଚିତ ଅବଦାନ ବି ଦେଉଛି।

ଏହା ଭିତରେ ମନେ ପଡନ୍ତି ମୋ ଭୁବନ ଉଚ୍ଚ ବିଦ୍ୟାଳୟର ସେହି ଶିକ୍ଷକମାନେ ଯେଉଁମାନଙ୍କର ହାତ ଓ ବେତ ମୁଁ ତିଆରି ହବାରେ ବେଶ୍ ଅବଦାନ ରହିଛି। ଜୀବନର ଗଣିତରେ ମୁଁ ଜାଣିନି କେତେ ଅଙ୍କ କଷିଛି, କେତେ ଭୁଲ କେତେ ଠିକ ତାହାର ହିସାବ ମୁଁ ବି ରଖିନି, ହେଲେ ଆଜି ବି ମନେ ଅଛି ନନ୍ଦ ସାର୍‌ଙ୍କର $(a + b)$ ର ସୂତ୍ର, ରାଧା ସାର୍‌ଙ୍କର ସହଜ ଭାବେ ଗଣିତକୁ ସମାଧାନ କରିବାର ବାଟ। ଯଦି ମୋ ଜୀବନରେ ସାହିତ୍ୟରେ ରୁଚି ବଢ଼ିଥାଏ, ତାହାକେବଳ କରୁଣାକର ସାର୍‌ଙ୍କ କାନମୋଡ଼ା ଆଉ ଧନେଶ୍ୱର ସାର୍‌ଙ୍କ ବେତ ମାଡ଼। ଯଦି ଆଜି ଆମ ଘରେ ଭାଗବତ କି ଗୀତା ପଢାଯାଏ, ମନେପଡନ୍ତି ରଘୁ ସାର୍, ହରି ସାର୍ ଓ ଚୈତନ୍ୟ ସାର୍, ପଣ୍ଡିତ ସାର୍, ଯାହାଙ୍କ ଅବଦାନ ମୋ ଜୀବନରେ ଆଧ୍ୟାତ୍ମିକତା ଭରି ଦେଇଛି। ଆଜି ବି ମନେ ଅଛି ଗୋଲେଖ ସାର୍‌ଙ୍କ କଥା ଯିଏ ଶିଖାଇ ଦେଇଥିଲେ ପାଠ ସାଙ୍ଗକୁ ଜୀବନରେ ଶାଠର ଗୁରୁତ୍ୱ। ସେ ଶିଖାଇ ଦେଇଥିଲେ ଜୀବନରେ ଶୃଙ୍ଖଳାର ଆବଶ୍ୟକତା।

ମୋ ଭୁବନ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆର ମାଟି ଆଜି ମୋ ପରିଚୟ ସାଜିଛି। ଶ୍ରେଣୀ ଗୃହରେ ବସି ଥିଲା ବେଳେ ମୋ ଦେହ ସିନା ଥାଏ ହେଲେ ମନ ଥାଏ ଖେଳ ପଡିଆରେ। ଯେଉଁଠି କ୍ରିକେଟ, ଫୁଟବଲ ପରି ଅନେକ ଖେଳ ଯାହା ମତେ ଶିଖେଇ ଦେଇଛି ଜୀବନ ରାସ୍ତାରେ ଚାଲିବାକୁ ଆଉ ପ୍ରିୟଭାଜନ ହେବାକୁ ହେଲେ "ମୁଁ ନୁହେଁ ଆମେ ମାନେ"ର ନିଷ୍ଠା ଜୀବନରେ ଆଣିବାକୁ ହୁଏ, ହାରଜିତ ମାନେ ରଖେ ନାହିଁ, ଖେଳୁଆଡ଼ ମନୋବୃତ୍ତି ସର୍ବଶ୍ରେଷ୍ଠ, ଏକଥାର ଉପଲବଧି ମୁଁ ଆଜି ବି କରି ପାରୁଛି ମୋ ଜୀବନରେ।

ସନାତନ ସାର୍ (ପ୍ରଧାନ ଶିକ୍ଷକ) ଙ୍କ ସମୟାନୁବର୍ତ୍ତିତା ଏବଂ ଶୃଙ୍ଖଳିତ ଜୀବନ ନିଶ୍ଚିତ ଭାବରେ ସଫଳତାର ଚାବିକାଠିର ସୂତ୍ର, ଏ କଥା ମୁଁ କ'ଣ, ଏ ମଣିଷ ତିଆରି କାରଖାନାର ସମସ୍ତେ କହିବେ।

କହି ବସିଲେ ତ ବହିଟିଏ ହେଇଯିବ, ଭାବପ୍ରବଣତାର ଆଖି ଓଦା ଓ ମନ ଭିତରେ କୋହ ଉଛୁଳି ଆସେ, ଇଚ୍ଛା ହୁଏ ଲେଉଟନ୍ତା କି ସମୟର ଉଜାଣି ଯମୁନା, ଫେରିଆସନ୍ତା କି ସେ ପିଲାବେଳ, କିନ୍ତୁ ହାଏ.....

ଆଜି ଚଷମାର କାଚ ମୋଟା ହେଇଯାଇଛି, ଆଜି ମୁ ଦେଖୁଛି ମୋ ପରି ମୋ ଭୁବନ ଉଚ୍ଚ ବିଦ୍ୟାଳୟ ବି ଢେର ବାଟ ଆଗକୁ ଚାଲି ଆସିଲାଣି, ଯାହା କେବଳ ପଛରେ ରହିଯାଇଛି ସ୍ମୃତି ଆଉ ଅସରନ୍ତି ସ୍ମୃତିର କୁହୁଡି .....

ବ୍ୟାଚ: ୧୯୮୫

ଫୋନ୍ : ୯୪୩୭୪୨୬୫୫୫

ହୀରକ ଜୟନ୍ତୀରେ ମୋ ଅନୁଭୂତିରୁ କିଛି...

ତୁଳସୀ ରାଣୀ ବେହେରା

ସମୟ ଦ୍ରୁତ ବେଗରେ ଧାଇଁ ଚାଲିଛି । ପଛକୁ ଅନେଇବାର ସତ୍‌ସାହସ ହରେଇ ବସିଛି ଏ ଜଟିଳ ସମସ୍ୟା ବହୁଳ ସଂସାର ମଧ୍ୟରେ । ଆଜି ଏ ଆଡ଼ମ୍ବରପୂର୍ଣ୍ଣ ହୀରକ ଜୟନ୍ତୀ ସମାରୋହ କଥା ଶୁଣି ମୋର ସେ ପିଲା ବେଳର ସ୍ମୃତି ମନେ ପଡ଼ି ଯାଉଛି । କିଶୋରୀ ଅବସ୍ଥାରେ କିଭଳି ସେ ବିଦ୍ୟାଳୟରେ ପାଠ ପଢ଼ିଲି । କିଏ ସବୁ ଶିକ୍ଷକମାନେ ଥିଲେ କିଏ କେତେ ମୋର ସହପାଠୀ, ପାଠିନୀ ଥିଲେ ସବୁ ଗୋଟିଗୋଟି ଆଖିରେ ନାଚି ଯାଉଛି । ଆଜି ଏ ବିଦ୍ୟାଳୟକୁ ୭୫ ବର୍ଷ ହେଲେ ବି ସେ ବୃଦ୍ଧ ନୁହେଁ ସଦା ତା'ର ଯୌବନ ଅବସ୍ଥା ରହିଛି, ରହିବ ମଧ୍ୟ ।

ସରକାରଙ୍କର ଅଦମ୍ୟ ଚେଷ୍ଟା, ସହାନୁଭୂତି ଏ ବିଦ୍ୟାଳୟ ପ୍ରତି ରହିଛି । ସମସ୍ତ ଶିକ୍ଷାବିତ୍‌ମାନଙ୍କର କର୍ତ୍ତବ୍ୟନିଷ୍ଠା ମଧ୍ୟ ଏ ବିଦ୍ୟାଳୟର ଅଗ୍ରଗତି ପାଇଁ ଉଦ୍ୟମ ଜାରି ରଖିଛନ୍ତି । ତାଙ୍କୁ ମୋର ଶତ ଧନ୍ୟବାଦ ଦେବା ସହ ଦୀର୍ଘ ଜୀବନ ଓ ସଦ୍‌ବୁଦ୍ଧି ପ୍ରଦାନ ନିମନ୍ତେ ଭଗବାନଙ୍କଠାରେ କାମନା କରୁଛି ।

ମୁଁ ପଢୁଥିଲାବେଳେ ପ୍ରଧାନ ଶିକ୍ଷକ ଉମେଶ ଚନ୍ଦ୍ର ମିଶ୍ରଙ୍କର ଅବଦାନ ଯଥେଷ୍ଟ ଥିଲା । ସେ ଜ୍ଞାନୀ, ଗୁଣୀ ମହାନ ଆତ୍ମା ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇ ଶତ ନମସ୍କାର କରୁଛି । ବିଜ୍ଞାନ ଶିକ୍ଷକ ବନମାଳୀ ବିଶ୍ୱାଳ, ଗଣିତ ଶିକ୍ଷକ ଗଙ୍ଗାଧର ସାହୁ, ଇଂରାଜୀ ଶିକ୍ଷକ ଧନେଶ୍ୱର ସାହୁ ଏମାନେ ମତେ ବହୁତ ଭଲ ପାଆନ୍ତି । ସେମାନଙ୍କ ଚରଣ ତଳେ ଶତ ନମସ୍କାର କରି ସେମାନଙ୍କ ଆତ୍ମାର ସଦ୍‌ଗତି କାମନା କରୁଛି । ଅନ୍ୟ ସହକାରୀ ଶିକ୍ଷକବୃନ୍ଦ ଅଛନ୍ତି କି ନାହିଁ ତାଙ୍କ ଖବର ମୁଁ ରଖିପାରିନି । ଅବଶ୍ୟ ସମସ୍ତଙ୍କର ଅବଦାନ ସେତେବେଳେ ବହୁତ ସୁଖକର ଥିଲା । ବହୁ ଛାତ୍ର ଏ ବିଦ୍ୟାଳୟ ଗଢ଼ିଛି । କିଏ ବୈଜ୍ଞାନିକ, କିଏ ଚିକିତ୍ସକ, କିଏ ଦେଶ ରକ୍ଷକ, କିଏ ଓ.ଏ.ଏସ୍ ତ କିଏ ଅଇ.ଏ.ଏସ୍, କିଏ ଶିକ୍ଷାବିତ୍, କିଏ ଜ୍ଞାନୀଗୁଣୀ ପଣ୍ଡିତ ଓ କିଏ କୁଶଳୀ କଳାକାର, ବୁଦ୍ଧିଜୀବୀ, କବି, ଲେଖକ କହି ହେବନି । ସମସ୍ତଙ୍କର ଅବଦାନରେ ଆଜି ସମାରୋହ ସରସସୁନ୍ଦର ହେବାକୁ ଯାଉଛି । ମୁଁ ବୟୋଜ୍ୟେଷ୍ଠ ହିସାବରେ ସେମାନଙ୍କୁ ଆଶୀର୍ବାଦ ଦେବା ସହ ଦୀର୍ଘ ଜୀବନ କାମନା କରୁଛି । ❁

ବ୍ୟାଚ: ୧୯୬୨
ଫୋନ୍ : ୭୬୦୯୮୦୯୫୧୨

ବେଦାନ୍ତ ଶାସ୍ତ୍ର ଅଦ୍ୱୈତ ବ୍ରହ୍ମର ପ୍ରତିପାଦନ କରୁଥିବାରୁ ଶ୍ରବଣ ଦ୍ୱାରା ନିଶ୍ଚିତ ଅର୍ଥ ବିଷୟରେ ପ୍ରମାଣାନ୍ତର ବିରୋଧି ଶଙ୍କାରେ ସେହି ବିରୋଧକୁ ନିରାକରଣ କରୁଥିବା ଓ ଅନୁକୂଳ ତର୍କ ରୂପ ଜ୍ଞାନ ଉତ୍ପନ୍ନ କରୁଥିବା ମାନସ ବ୍ୟାପାର 'ମନନ' । ଏହିପରି ମନନ ଦ୍ୱାରା ଜୀବବ୍ରହ୍ମର ଐକ୍ୟରୂପ ବିଷୟର ଅସମ୍ଭାବନା ଦୂର ହୁଏ । ଶ୍ରୁତିବାଣୀର ଅନୁକୂଳ ଅନୁଚିନ୍ତନ, ବାରମ୍ବାର ଅନୁଶୀଳନ, କର୍ଣ୍ଣ ମାଧ୍ୟମରେ ସତ୍ୟ ସ୍ୱରୂପର ଦର୍ଶନକୁ ସ୍ୱତନ୍ତ୍ର ଭାବରେ ଯୁକ୍ତି ଦ୍ୱାରା ପ୍ରତିପାଦିତ କରି ଅବଧାରଣା ରୂପ ଦୃଢ଼ୀଭୂତ କରିବା ଦ୍ୱାରା ସାଧକର ବହିର୍ମୁଖ ଚିତ୍ତ ଅନ୍ତର୍ମୁଖୀ ହୋଇ ସ୍ଥିରତା ଲାଭ କରେ ଏବଂ ସ୍ୱାଭାବିକ ଭାବରେ ନିଦିଧ୍ୟାସନ ପ୍ରାରମ୍ଭ ହୋଇଯାଏ । ଯଦି ସ୍ୱାଭାବିକ ଭାବରେ ନିଦିଧ୍ୟାସନ ହେଉ ନାହିଁ, ତେବେ ମନନ ସମ୍ପୂର୍ଣ୍ଣ ହୋଇନାହିଁ ବୋଲି ବୁଝିବାକୁ ପଡ଼ିବ ।

ଅନୁଭବର ଅନୁଭୂତି

ଶୈଳେଶ ନନ୍ଦିନୀ ମିଶ୍ର

ଦେଶର ସର୍ବବୃହତ ଗ୍ରାମ ଭାବେ ଖ୍ୟାତିପ୍ରାପ୍ତ ଭୁବନରେ ସ୍ଥାପନା ହୋଇଥିବା ଭୁବନ ଉଚ୍ଚ ବିଦ୍ୟାଳୟ ଆଖପାଖ ଅଞ୍ଚଳର ଅନ୍ୟତମ ପୁରାତନ ଉଚ୍ଚ ବିଦ୍ୟାଳୟ ଭାବରେ ପ୍ରତିଷ୍ଠା ଲାଭ କରି, ଢେଙ୍କାନାଳ ଜିଲ୍ଲାର ଅଗ୍ରଣୀ ବିଦ୍ୟାଳୟ ଭାବେ ବେଶ୍ ପରିଚିତ। ଏହି ବିଦ୍ୟାଳୟ ତା'ର ପ୍ଲାଟିନମ ଜୁବୁଲୀ ପାଳନ କରୁଥିବା ଅବସରରେ, ମୁଁ ଏହି ବିଦ୍ୟାଳୟର ଛାତ୍ରୀଭାବେ ଏହା ଜାଣି ଅତ୍ୟନ୍ତ ଆନନ୍ଦିତ। ଏହି ଅବସରରେ ମୁଁ ଆମ ବିଦ୍ୟାଳୟର ଉତ୍ତରୋତ୍ତର ଉନ୍ନତି ଓ ବହୁଳ ପ୍ରଗତି ଆଶା କରୁଛି।

ଏହି ବିଦ୍ୟାଳୟ ଓ ଏହାର ପରିବେଶ ମୋ ପାଇଁ ସ୍ୱତନ୍ତ୍ରଭାବେ ଗୁରୁତ୍ୱପୂର୍ଣ୍ଣ କାରଣ ମୋ ଜୀବନ ଚର୍ଯ୍ୟା ଓ ଜୀବନ ବିକାଶରେ ଏହା ନିଶ୍ଚିତରୂପେ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲା। ମୋର ପିତା ଶ୍ରୀଯୁକ୍ତ ନାରାୟଣ ମିଶ୍ର ଏହି ବିଦ୍ୟାଳୟରେ ଅନେକ ଦିନ ଧରି ଶିକ୍ଷକତା କରିଥିଲେ। ଆମେ ସେହି କାରଣରୁ ବିଦ୍ୟାଳୟର ପରିସରରେ ଅବାସିକ ଗୃହରେ ଅନ୍ୟମାନଙ୍କ ସହିତ ସପରିବାର ରହି ଆସିଥିଲୁ। ପ୍ରାଥମିକ ଅବସ୍ଥାରେ ଜୀବନ ଜିଇଁବାର କଳାର ଯେଉଁ ମୌଳିକ ଉପାଦାନ ଗୁରୁତ୍ୱପୂର୍ଣ୍ଣ ତାହା ଶୃଙ୍ଖଳା ଓ ଶିଷ୍ଟାଚାର, ତାହା ମୁଁ ଏହି ବିଦ୍ୟାଳୟ ପରିସରରୁ ଶିଖିଥିଲି। ମନୁଷ୍ୟ ଜୀବନରେ ଶୃଙ୍ଖଳା ଓ ଶିଷ୍ଟାଚାର ସ୍ଥାନ ଉଚ୍ଚତର। ଏହା ମଣିଷର ଅନ୍ୟାନ୍ୟ ବିଭବଠାରୁ ଶ୍ରେଷ୍ଠ ଭାବେ ପରିଗଣିତ।

ଏହାର ସ୍ୱସ୍ତିକର ପରିବେଶ ଆମମାନଙ୍କ ଦୃଷ୍ଟିକୁ ସମ୍ପ୍ରସାରିତ କରି ବିବିଧତାରେ ସୌନ୍ଦର୍ଯ୍ୟ ଓ ଏକତାର ମାଧୁର୍ଯ୍ୟକୁ ଉନ୍ମୋଚିତ କରାଇ ଭିନ୍ନ ଭିନ୍ନ ସମୟଖଣ୍ଡର ହର୍ଷ ବିଷାଦ ବିଜଡିତ ଜୀବନାନୁଭୂତିକୁ ମାର୍ମିକତାରେ ସୁପୁଷ୍ଟ କରାଇଛି। ଶିକ୍ଷକମାନଙ୍କ ପାଇଁ ନିର୍ମିତ ଅବାସ ସ୍ଥଳୀରେ ଆମେ ରହି ସମସ୍ତଙ୍କ ମଧ୍ୟରେ ପାରିବେଶିକ ବନ୍ଧୁତ୍ୱ ସହଯୋଗିତା ଓ ସନ୍ତୁଳନ କ'ଣ ଆମେ ତାହା ଏଇ ବିଦ୍ୟାଳୟର ଭୂମିରୁ ଶିକ୍ଷା ଲାଭ କରିଥିଲୁ। ଏହା ଆମକୁ ପ୍ରଶିକ୍ଷଣ ଦେଇ ଆମ ଜୀବନଧାରାକୁ ସବୁବେଳେ ପ୍ରଭାବିତ କରି ରହିଆସିଛି। ସମସ୍ତଙ୍କୁ ନେଇ, ସମନ୍ୱୟ ରଖି ଆଗକୁ ଚାଲିବାର ପ୍ରେରଣା ମଧ୍ୟ ଆମେ ଏହି ବିଦ୍ୟାଳୟର ପରିସରରୁ ପାଇଛୁ। ଖୁବ୍ ପ୍ରଭାବିତ କରୁଥିବା ଭୁବନ ଉଚ୍ଚ ବିଦ୍ୟାଳୟର ମଧୁର ସ୍ମୃତିସବୁ କେତେବେଳେ କେତେବେଳେ ବିଜୁଳି କନ୍ୟା ଭଳି ଏକ ଝଲକରେ ଆସିଯା'ନ୍ତି ଯାହା ବାସ୍ତବ ଆନନ୍ଦର ଅନୁଭବ ହୁଏ। ଅନୁଭବର ବର୍ଣ୍ଣବିଭାରେ ଯେଉଁ ଅନ୍ତରଙ୍ଗ ମହକ ଭୁବନ ଉଚ୍ଚ ବିଦ୍ୟାଳୟରୁ ପାଇଥିଲୁ ତାହା ସ୍ୱତନ୍ତ୍ର ଏବଂ ଅସାଧାରଣ।

ଏହି ବିଦ୍ୟାଳୟର ଶିକ୍ଷା, ପରମ୍ପରା ଏବଂ ରୀତିନୀତି ସଦାସର୍ବଦା ମତେ ପ୍ରଭାବିତ କରି ଆସିଛି। ମୋ ଜୀବନର ବିକାଶ ଓ ପ୍ରଗତିରେ ଏହି ବିଦ୍ୟାଳୟ ମୋ ଲାଗି ଏକ ସ୍ମରଣୀୟ ବୃତ୍ତାନ୍ତ ହୋଇ ରହିଥିବ। ଏହାର ମହାଆକର୍ଷଣୀୟତାରେ ଯେଉଁ ଭାବ ରହିଥିଲା ତାହାର ପ୍ରତିଫଳନ ମୋ ଜୀବନର ପ୍ରତ୍ୟେକ ସ୍ତରରେ ଉପଲବ୍ଧ ହୋଇ ରହିଆସିଛି। ମୋ ବାପା ଏହି ବିଦ୍ୟାଳୟରେ ଶିକ୍ଷା ଲାଭ କରିବା ପାଇଁ ମତେ ଅନୁପ୍ରାଣିତ କରିଥିଲେ। ପରବର୍ତ୍ତୀ ସମୟରେ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟରୁ ପ୍ରଥମ ଛାତ୍ରୀଭାବେ ମୁଁ ପ୍ରଥମଶ୍ରେଣୀରେ ଉତ୍ତୀର୍ଣ୍ଣ ହେବାର ସୌଭାଗ୍ୟ ଲାଭ କରିଥିଲି। ଖେଳ ଓ ଅନ୍ୟାନ୍ୟ ତର୍କ ପ୍ରତିଯୋଗିତାରେ ମଧ୍ୟ ବହୁ ପୁରସ୍କାର ପାଇଥିଲି।

ଏହି ବିଦ୍ୟାଳୟର ଶୈକ୍ଷିକ ବାତାବରଣ ସଙ୍ଗେ ଦୈନନ୍ଦିନ ଜୀବନଚର୍ଯ୍ୟାର ଯେଉଁ ସଂସ୍କାର ଜୀବନ ପାଇଁ ଅଧିକ ଜରୁରୀ, ତାହାର ସମ୍ମୋହନ ପ୍ରତିଶ୍ରୁତି ଆମକୁ ଏହି ବିଦ୍ୟାଳୟ ପରିସର ଅପୂର୍ବ ଓ ମନୋରମ ଢଙ୍ଗରେ ଶିଖାଇଥିଲା। ଜୀବନର ଏଇ ବିସ୍ମୃତିରେ ପଥ ପ୍ରେରଣା ସାଜିଥିବା ଏଇ ବିଦ୍ୟାଳୟ ସବୁବେଳେ ଭାବ ଆକାଶରେ ତାରକିତ ହୋଇ ରହିଥିବ।

ଆଜିର ଏହି ମହାନ ଅବସରରେ ଚିର ନମସ୍ୟ ସେହି ବରେଣ୍ୟ ଶିକ୍ଷକବୃନ୍ଦ ସେମାନଙ୍କ ଶିକ୍ଷାଦାନ, ଛାତ୍ର ବତ୍ସଳତା ଏବଂ ଆଦର୍ଶବୋଧ ଲାଗି ପ୍ରଶଂସିତ ହୋଇ ବିଦ୍ୟାଳୟର ମାନ ବଢାଇଥିଲେ ସେହିମାନଙ୍କୁ ମୋର ନମ୍ର କୃତଜ୍ଞତା ଏବଂ ବିନୀତ ପ୍ରଣାମ। ମୋର ସହପାଠୀ ଏବଂ ସହପାଠିନୀମାନଙ୍କୁ ସହୃଦୟତା ସହ ଧନ୍ୟବାଦ ଜଣାଇବାକୁ ଏ ଅବସର ମତେ ସୁଯୋଗ ଦେଇଛି, ଯାହାକୁ ମୁଁ ଭୁଲିବି ନାହିଁ। ସେଇମାନଙ୍କ ଉପସ୍ଥିତି ମୋର ସ୍କୁଲ ଜୀବନକୁ ସରସ, ସୁନ୍ଦର ଏବଂ ସ୍ମରଣୀୟ କରିଛି।

ବ୍ୟାଚ: ୧୯୮୭

ଫୋନ୍ : ୮୨୪୯୫୮୩୬୧୧

ପ୍ରଲମ୍ବିତ ପଥ... କେତେ କଥା କେତେ ବ୍ୟଥା

ଡ଼କ୍ଟର କୃଷ୍ଣଚନ୍ଦ୍ର ଆଇଚ୍

ଦୀର୍ଘବର୍ଷପରେ ସ୍କୁଲ ଗେଟ୍ ପାରହୋଇ ପାଦ ଥାପୁଥାପୁ କାହିଁକି କେଜାଣି ଅନୁଭବରେ ଆସିଲା ଏ ଶିକ୍ଷାୟତନ ମୋ'ରି ସାଙ୍ଗରେ ଚଲିଛି ସାଢ଼େ ସାତ ଦଶନ୍ଧି ଧରି....

କିନ୍ତୁ ମୁଁ ହାତ ଛାଡ଼ିଦେଇ କେତେ ଯେ ଭିନ୍ନଭିନ୍ନ ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟରେ ପଢ଼ି ଜୀବନ ଓ ଜୀବିକା ଭିତରେ ବୁଡ଼ି ରହି ଦୂରେଇ ରହିଥିଲି ଅନେକ କାଳ। ପୁଣି ଏ ଉତ୍ତର ବୟସରେ ଲେଉଟାଣି ପର୍ବ!

ବିଦ୍ୟାଳୟର କେତେ ଶିକ୍ଷକ ଏ ମଧ୍ୟରେ ଛାଡ଼ି ଚଲିଗଲେଣି, କେତେଜଣ ଯିବାପାଇଁ ଅପେକ୍ଷାରତ ଥିବେ ଜାଣେନି। କେତେ ସହପାଠୀ ବିଦାୟନେଲେଣି ଓ ଆଉ କେତେ ଜଣ ଜୀବନ ମୃତ୍ୟୁର ଯୁଦ୍ଧରେ ... ଖବର ମିଳୁନି। ଏ ବିଦ୍ୟାଳୟ ଛାଡ଼ି ଯିବାର ୫୮ ବର୍ଷ ହେଲାଣି। ତା'ର ବୟସ ଏବେ ୭୫ ବର୍ଷ।

ଲାଗୁଥିଲା ଗୋଟେ ବୁଢା ବରଗଛ ମୂଳରେ ଠିଆ ହୋଇ ମୁଁ ତା'ର ମଜଭୂତ ଚେର ଦେଖୁଛି... ସତରେ "Our Strength Lies in our Roots."

ଆଜି ମନେପଡୁଛି ଆମ ଗାଁ ଯଦୁମାଷ୍ଟ୍ରଙ୍କ ଚଟଶାଳି କଥା। ମୋ'ର ମାତ୍ର ଦୁଇ ତିନିମାସର ପଢ଼ା। ସିଲଟରେ ମୁଣ୍ଡା ଖଡ଼ିରେ ଆଙ୍କିଥିଲି ତିନୋଟି 'ଠ' - ବ୍ରହ୍ମା, ବିଷ୍ଣୁ ଓ ମହେଶ୍ୱର। ବାସ୍ 'ଠ' ଲେଖା ପରେ ପାଠରେ ଡୋରି ବାନ୍ଧି ମା' ସାଙ୍ଗରେ ଚଲିଗଲି ବାଲେଶ୍ୱର। ମାଇଁଙ୍କ କ୍ୱାର୍ଟରରେ ପାଠ ପଢାଇଲେ ଘରୋଇ ଟିଉଟର। ମଗଜରେ ପ୍ରଥମେ ପାଠ ପଶିଲା। ବର୍ଷକ ପରେ ଫେରି ନିହଲ ପ୍ରସାଦ ପ୍ରାଇମେରୀ ସ୍କୁଲରେ ବିନା ଆଡ଼ମିଶନରେ ଦୁଇବର୍ଷ। ଗାଁ ସ୍କୁଲରେ ଆଡ୍‌ମିଶନ ହେଲା ତୃତୀୟ ଶ୍ରେଣୀର ଶେଷ ଆଡକୁ। ଚତୁର୍ଥ ଓ ପଞ୍ଚମ ଶ୍ରେଣୀ ପାଠ ଖୁବ୍ ଭଲ ଲାଗିଲା। କିନ୍ତୁ ପାଠ ସହିତ ଗାଁରେ ଦାସକାଠିଆ, ପାଲା, ଡ୍ରାମା ଓ ଗୀତ ବୋଲିବାରେ ଅଧିକ ପ୍ରୋତ୍ସାହନ ମିଳୁଥିଲା। ଗାଁରୁ ପ୍ରାୟ ୧୫ କିମି ଦୂର ଗଁଦିଆ ମଧ୍ୟ ଇଂରାଜୀ ବିଦ୍ୟାଳୟରେ ଷଷ୍ଠ ଓ ସପ୍ତମ। ଫେରିଆସି ଗାଁ ପାଖ ହାଇସ୍କୁଲରେ ପଢ଼ିବା ପାଇଁ କଥାଚଲିଲା। ମାତ୍ର ବାପା କହିଲେ ମୁଁ ଭୁବନ ଯାଇ ଉମେଶ ସାର୍‌ଙ୍କ ସହ ପରାମର୍ଶ କଲାପରେ ନିଷ୍ପତ୍ତି।

କ'ଣ ହେଲା କେଜାଣି - ଧରି ଆଣିଲେ ଭୁବନ। ୧୯୬୧ ଜୁଲାଇ ମାସରେ ତିନି ତିନିଟା ବଡ଼ ବଡ଼ ନାଳ ଉପରେ ଡଙ୍ଗାରେ ନେଇ ଆସିଲେ। ଗୋଟିଏ ନିଷ୍ପତ୍ତି "ଭୁବନ ହାଇସ୍କୁଲରେ ପଢ଼ିବାକୁ ହେବ - ହଷ୍ଟେଲରେ ରହବାକୁ ହେବ।"

ସତେ ଯେମିତି ନିୟତି ମୋତେ ବାଟ କଢ଼େଇ ଆଣିଲେ... ସବୁ ପ୍ରତିବନ୍ଧକ ସତ୍ତ୍ୱେ। ଶିକ୍ଷାନୁଷ୍ଠାନ, ଶିକ୍ଷକ, ଗାମ୍ଭିର୍ଯ୍ୟ ଭରା ପରିବେଶ ଏବଂ ନୂଆ ସାଙ୍ଗସାଥୀ ମାନଙ୍କୁ ପାଇ ମନରେ ପ୍ରବଳ ଉଚ୍ଚାଟତା ଆସିଗଲା। ବାପା କହିଗଲେ "ମନେ ରଖିଥିବୁ - ଏହା ଗୋଟିଏ ଶିକ୍ଷାୟତନ"।

ଅଷ୍ଟମ ଶ୍ରେଣୀରୁ ପାଠ ଲଦି ହୋଇଗଲା। ସ୍କୁଲର ପ୍ରଥମ ସାଂସ୍କୃତିକ ଉତ୍ସବରେ ମୋତେ କୁହାଗଲା ଗୀତ ଗାଇବାପାଇଁ। ଭକ୍ତ କବି ମଧୁସୂଦନ ରାଓଙ୍କ ଲିଖିତ 'ଜୀବନଚିନ୍ତା' ରୁ ଷ୍ଟେଜ୍ ଉପରେ ଠିଆ ହୋଇ ପ୍ରଥମେ ଗାଇଥିଲି -

"ରେ ଆତ୍ମନ୍! ନିଦ୍ରା ପରିହରି, ଫେଡ଼ି ଚିନ୍ତାର ଲୋଚନ,
କର କର ନିରୀକ୍ଷଣ,
ନିଶବ୍ଦେ ଜୀବନ ସ୍ରୋତ ଧାଉଁଛି କିପରି
ଭେଟିବାକୁ ମୃତ୍ୟୁ ସିନ୍ଧୁ କରାଳ ଲହରୀ..."

ଭୁବନ ବାସିନ୍ଦା କିନ୍ତୁ କଟକରେ ରହୁଥିବା ଜଣେ ମାରୁଆଡ଼ି ଭଦ୍ରଲୋକ ଷ୍ଟେଜ ଉପରକୁ ଧସେଇ ପଶି ଗୋଟିଏ ହାତବନ୍ଧା ଘଣ୍ଟା ଉପହାର ଦେଇ ଚଲିଗଲେ। ଶୁଣିଲି ତା'ପରଦିନ ସକାଳେ ସେ କଟକ ଫେରିଯାଇଛନ୍ତି। ତାଙ୍କୁ କୃତଜ୍ଞତା ଜଣାଇବାର ସୁଯୋଗ ମିଳିଲା ନାହିଁ। ନବମ ଓ ଦଶମ ଶ୍ରେଣୀ ପାଠ ମୂଳଦୁଆ ଟାଣ୍ କରେ। ପଢାରେ ମନ ରହିଲା। କିନ୍ତୁ ଏ ମଧ୍ୟରେ ସନ୍ଥ ବିନୋବା ଭାବେ ତାଙ୍କର ଅନେକ ଅନୁଗାମୀ ଓ ଆମ ରାଜ୍ୟର ବହୁ ରାଜନେତାଙ୍କୁ ସାଙ୍ଗରେ ନେଇ ଆମ ଅଂଚଳରେ ଭୂଦାନ

ଆନ୍ଦୋଳନ ଓ ପଦଯାତ୍ରା କରୁଥା'ନ୍ତି। ସୌଭାଗ୍ୟକୁ ଆମ ବିଦ୍ୟାଳୟରେ ରହିବା ପାଇଁ ସ୍ଥିର କରାଗଲା। ତାଙ୍କୁ ଫଳରସ ଦେବା ଓ ଆବଶ୍ୟକୀୟ ବସ୍ତୁ ପହଞ୍ଚାଇବା ପାଇଁ ପ୍ରଧାନ ଶିକ୍ଷକଙ୍କର ନିର୍ଦ୍ଦେଶ ଥିଲା। ଜଣେ ସନ୍ଥ ମହାତ୍ମାଙ୍କର ସେବା କରିବାର ମୋତେ ସୁଯୋଗ ମିଳିଥିଲା। ଆମ ସ୍କୁଲ ଛାଡ଼ି ଚଲିଗଲାବେଳେ ବିନୋବାଜୀ ମୋତେ ଡାକି ତାଙ୍କ ପ୍ରଣୀତ 'ଗୀତା ପ୍ରବଚନ' ଉପହାର ଦେଇଥିଲେ। ଏ ଯାଏ ମୋର ଅମୂଲ୍ୟ ସଂପଦ ହୋଇରହିଛି।

ଏକାଦଶ ଶ୍ରେଣୀ-ମାଟ୍ରିକ୍ ପରୀକ୍ଷା ଦେବାର ବର୍ଷ। ପ୍ରସ୍ତୁତି ଠିକ୍ ଚଲିଥିଲା। ହଠାତ୍ କଟକରେ ଗୋଟିଏ ରେଡ଼ିଓ ଦୋକାନ ସହ ରେଭେନ୍‌ସାର ଜଣେ ଛାତ୍ରର ବଚସା ହେବା ଏବଂ ପରେ କେତେକ ଛାତ୍ର ଦଳବଳ ଧରି ଦୋକାନ ଭାଙ୍ଗିବା ଓ ଆନ୍ଦୋଳନ କରିବା ଫଳରେ ସାରା କଟକ ସହରର ସବୁ ଛାତ୍ରଛାତ୍ରୀ ସ୍କୁଲ କଲେଜ ସବୁ ବନ୍ଦ କରିଦେଲେ। ଏ ଖବର ସାରା ଓଡ଼ିଶାର ସବୁ କଲେଜ ଓ ସ୍କୁଲକୁ ବ୍ୟାପିଗଲା। ଆମ ଅଂଚଳର ଦୁଇ ତିନିଜଣ କଲେଜ ଛାତ୍ର କଟକରୁ ଆସି ସ୍କୁଲରେ ସଭା କଲେ। ଆମେ ମଧ୍ୟ ସମର୍ଥନ କଲୁ। ଶୋଭାଯାତ୍ରା ବାହାରିଲା, ଭୁବନ ଓ ଆଖପାଖ ସ୍କୁଲ ବନ୍ଦ ହୋଇଗଲା।

ମୋତେ ପଠାଗଲା କଟକରେ ନିଖିଳ ଉତ୍କଳ ସ୍କୁଲ ଛାତ୍ର ସଂଗଠନରେ ପ୍ରତିନିଧିତ୍ୱ କରିବାପାଇଁ। କାଳିଗଳିରେ ରହିଲି। ପାଖ ଚନ୍ଦନ ପୋଖରୀ ନିକଟରେ ସଭା ହେଲା। ନୂଆ ଉନ୍ମାଦନା। ସେତେବେଳର ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନଙ୍କ ନାମରେ ଖୁବ୍ କଡ଼ାଭାଷାରେ ଶ୍ଲୋଗାନ୍ ଦିଆଯାଉଥିଲା। ସଭାରେ All Orissa School Students' Union ଗଠନ କରାଯାଇ ଅନେକଙ୍କୁ ଦାୟିତ୍ୱ ଦିଆଗଲା। ମୋତେ ଯୁଗ୍ମ ଆବାହକ ନିଯୁକ୍ତ କରାଗଲା।

ପ୍ରତିବାଦ ସଭା ଚଲିଥିଲାବେଳେ ପୋଲିସ ଫୋର୍ସ ଆସି ଆମକୁ ନିର୍ଦ୍ଦୟ ବାଡ଼େଇଲେ। ଆତ୍ମରକ୍ଷାପାଇଁ ଚନ୍ଦନ ପୋଖରୀ ଭିତରକୁ ଆମେ କେତେଜଣ ଡେଇଁପଡ଼ିଲୁ। ହେଲେ ନିସ୍ତାର ମିଳିଲାନାହିଁ।

ସମସ୍ତଙ୍କୁ ଧରିନେଇ ପୋଲିସ୍ ବାରାକ୍‌ରେ ଚୂଡାଗୁଡ଼ ଦେଇ ନଜରବନ୍ଦୀ କରି ରଖିଲେ। ଖବର କାଗଜରେ ସବୁଦିନ ଆମକଥା ବାହାରୁଥାଏ। ଭୁବନ ହାଇସ୍କୁଲ କଥା ଉଲ୍ଲେଖଥାଏ। ଭୟ ମୋର ପ୍ରଧାନ ଶିକ୍ଷକ ଓ ବାପା କ'ଣ ଭାବୁଥିବେ! ମନକୁ ବୁଝାଇଲି "ଓଡ଼ିଶାର ସମଗ୍ର ଛାତ୍ରସମାଜର ସମ୍ମାନ ଓ ନିରାପତ୍ତା ପାଇଁ ମୁଁ ଏ ଲଢେଇରେ ସାମିଲ ହୋଇଛି। ଯାହାହେବ ଦେଖାଯିବ।" ୧୯୬୪ ଐତିହାସିକ ଛାତ୍ର ଆନ୍ଦୋଳନ ଓଡ଼ିଶାର ସରକାର, ପ୍ରଶାସନ ଓ ଜନସାଧାରଣଙ୍କୁ ଛାତ୍ର ଏକତାର ବାର୍ତ୍ତା ଦେଇ ରାଜ୍ୟ ସରକାରଙ୍କୁ ଥରାଇ ଦେଇଥିଲା।

ଅକ୍ଟୋବର ଶେଷ ଆଡକୁ ଆମକୁ ପୋଲିସ ଛାଡ଼ିଦେଲା। ସ୍କୁଲକୁ ଫେରିଲି। ପ୍ରଧାନଶିକ୍ଷକ ଉମେଶଚନ୍ଦ୍ର ମିଶ୍ର ମୋ ଆଡକୁ ଚାହିଁଲେ ନାହିଁ। ଘରେ ସମସ୍ତେ ନୀରବ ରହିଲେ। କିଛି ମନ୍ତବ୍ୟ ଦେଲେନାହିଁ, ହେଡ୍‌ସାର ଅନ୍ୟମାନଙ୍କୁ କହିଲେ "ତା'ଉପରେ ମୋର ଭରସା ଥିଲା - ପରୀକ୍ଷାରେ ଭଲକରିବ! ସବୁ ଓଲଟପାଲଟ କରିଦେଲା। ଖବରକାଗଜରେ ଆମସ୍କୁଲ ନାଁ କୁହାଗଲା। ଏଣେ ଉପରିସ୍ଥ ଅଧିକାରୀମାନେ ମୋତେ ପଚାରୁଛନ୍ତି।"

ସେ ବୟସରେ ଗୋଟିଏ ରାଜ୍ୟସ୍ତରୀୟ ଆନ୍ଦୋଳନ ସହ ସାମିଲ ହୋଇ ହୁଏତ ମୋର ବହୁ ମୂଲ୍ୟବାନ ସମୟ ନଷ୍ଟ ହେଲା। କିନ୍ତୁ ଛାତ୍ରବଂଧୁ ମାନେ ଦଳଦଳ ହୋଇ ବସି ଆନ୍ଦୋଳନ କଥା ଶୁଣୁଥିଲେ। ଆମ ସ୍କୁଲ ଓଡ଼ିଶାରେ ପ୍ରତିନିଧିତ୍ୱ କରି ନେତୃତ୍ୱ ନେବା ଜାଣି ଉତ୍‌ଫୁଲିତ ହୋଇଯାଉଥିଲେ।

କିନ୍ତୁ ଭିତରେ ଭିତରେ ମୁଁ ସଢ଼ି ଯାଉଥିଲି। କୂଳ କିନାରା ପାଉନଥିଲି। ସେଣ୍ଟଅପ ପରୀକ୍ଷା ଅଳ୍ପଦିନ ତା'ପରେ ମାଟ୍ରିକ ପରୀକ୍ଷା, କିଛି ପ୍ରସ୍ତୁତି ନାହିଁ। ଚାରି ଆଡ଼େ ଅନ୍ଧାର ଦିଶୁଛି।

ଠିକ୍ ଏଇ ଅନ୍ଧକାରଚ୍ଛନ୍ନ କାଳରେ ଜଣେ ମୋର ବଂଧୁ - ବଡ଼ଭାଇ ହଠାତ୍ ରୁମ୍ ଭିତରକୁ ପଶି ଆସି କହିଲେ "ଚିନ୍ତା କରନି, ସମୟ ବଡ଼ ବଳବାନ୍। ଅତୀତକୁ ପାଶୋରିଦେ। ଏ ଫଟୋଟି ଦେଉଛି। ତାଙ୍କ ନିକଟରେ ସବୁ ସମର୍ପଣ କରିଦେ।" ପଚାରିଲି "ଏ ଫଟୋରେ ଏମାନେ କିଏ?" କହିଲେ - ଶ୍ରୀମା ଶ୍ରୀଅରବିନ୍ଦ।।

ଧୀରେ ଧୀରେ ଅନ୍ଧକାର ଉଭେଇଗଲା। ଭୁବନ ହାଇସ୍କୁଲ ହଷ୍ଟେଲରେ ପ୍ରଥମେ ଶ୍ରୀ ଅରବିନ୍ଦ ପାଠଚକ୍ର ୧୯୬୪ ଡିସେମ୍ବର ୧୭ ତାରିଖରେ ପ୍ରତିଷ୍ଠା ହେଲା। ଅନେକ ଛାତ୍ର ବଂଧୁ ପାଠଚକ୍ରରେ ଯୋଗ ଦେଉଥିଲେ।

ମାଟ୍ରିକ୍ ପରୀକ୍ଷା ଦେଲି, ଆମ ବ୍ୟାଚ୍‌ର ୧୫ ଜଣଙ୍କ ମଧ୍ୟରୁ ମାତ୍ର ୮ ଜଣ ପାଶ୍ କରିଥିଲୁ। ଖବର କାଗଜରେ ନାଁ ବାହାରିଥିଲା। ସମସ୍ତଙ୍କ ମୁହଁରେ ଖୁସି ଦେଖିଲି। ଭଗବାନଙ୍କ ପ୍ରତି

ଓ ସ୍କୁଲ ଶିକ୍ଷକଙ୍କ ପ୍ରତି କେତେ ଯେ କୃତଜ୍ଞତା ଜଣାଇଥିଲି ! ସେଦିନ ବୁଝିଥିଲି "କାଳ କାଳସ୍ୟ କାରଣମ୍"।

ଏ ବିଦ୍ୟାଳୟ ମୋତେ ପାଠପଢିବା, ଶିକ୍ଷକ ମାନଙ୍କୁ ସମ୍ମାନ ଦେବା, ନେତୃତ୍ୱ ନେବା ଓ ଏକ ଆଧ୍ୟାତ୍ମିକ ଜୀବନ ଆଡକୁ ଅନୁପ୍ରେରିତ କରିବାର ଅଜସ୍ର ଆଶୀର୍ବାଦ ଦେଇଛି। ଆଉଥରେ କୃତଜ୍ଞତା ଓ ପ୍ରଣାମ ଜଣାଉଛି।

ସ୍କୁଲ ଛାଡ଼ିଲାପରେ ଉତ୍କଳ ବିଶ୍ୱବିଦ୍ୟାଳୟ ଅଧିନରେ ପ୍ରି ୟୁନିଭରସିଟି ଓ ପ୍ରି ପ୍ରଫେସନାଲ ଦୁଇବର୍ଷ ପଢିବାକୁ ମୁଁ ଝରିଗୋଟି କଲେଜର ଆଶ୍ରା ନେଇଛି। ଛାତ୍ର ନେତୃତ୍ୱ ଫଳରେ ଗୋଟିଏ କଲେଜରୁ ତଡ଼ାଖାଇ ଆଉ ଗୋଟିଏ କଲେଜରେ ପଢ଼ି ପାଶ୍ କରିଛି। ଛାତ୍ର ନେତା ହେବାର ପାଗଳାମି ଛାଡିଲା ନାହିଁ। ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟରେ ଝରିବର୍ଷ ପଢିବାବେଳେ ସେଇ ସମାନ୍ କଥା। ଛାତ୍ର ସଂସଦର ସଂପାଦକ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଅନୁଷ୍ଠାନର ନେତୃତ୍ୱ ଫଳରେ ଅନେକ କିଛି ହରେଇଛି। ମାତ୍ର ପାଇଛି ଶ୍ରୀମା ଶ୍ରୀଅରବିନ୍ଦଙ୍କ ଅଦୃଶ୍ୟ ଉପସ୍ଥିତି ଓ ଆଶୀର୍ବାଦ।

କଲିକତା ର ବିଧାନଚନ୍ଦ୍ର କୃଷି ବିଶ୍ୱବିଦ୍ୟାଳୟରେ ମୃତ୍ତିକା ଓ ଜଳସଂରକ୍ଷଣ ଇଂଜିନିୟରିଂ ଦୁଇବର୍ଷର ସ୍ନାତକୋତ୍ତର ପାଠପଢା ଜୀବନକୁ ଅନେକ କିଛି ଦେଇଛି। ଅବସର ପରେ ସେଇ ଶିକ୍ଷାକୁ ଆଧାରକରି ଅନେକ ପ୍ରଫେସ୍ନାଲ କନ୍ସଲଟାନ୍ସି ଓ ଟ୍ରେନିଂ କାର୍ଯ୍ୟରେ ଆଜି ପର୍ଯ୍ୟନ୍ତ ବ୍ୟସ୍ତ ରହିଛି।

